# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ମାର୍ଚ୍ଚ ୪/୨୦୨୧ (୧୬ ପୃଷ୍ଠା) | Berhampur, Thursday, March 4/2021 | ★★★

୧୬ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅନୁଭୂତି ଲାଭକଲେ ରଞ୍ଜିତା**

ଗୁଲମାର୍ଗରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ଅନୁଭୂତି ଲାଭକରିଛନ୍ତି ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା।

୧୬ ୦୨

**ବିଜ୍ଞାପନ ବିବାଦରେ ଦୀପିକା**

ବିବାଦରେ ଫସିଛନ୍ତି ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ। ଏକ ନୂଆ ବିଜ୍ଞାପନକୁ ନେଇ ତାଙ୍କ ଅଡୁଆ ବଢ଼ିଛି।





ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଲାଗିଥିବା ନିଆଁ।





ଗୁଡୁଗୁଡ଼ିଆ ରେଞ୍ଜ୍‌ରେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ନିଆଁ ଆଁରେ ଶିମିଳିପାଳ

## ଛାରଖାର ହେବାକୁ ବସିଛି ୮ ରେଞ୍ଜ୍ ଜଙ୍ଗଲ

**ଭୁବନେଶ୍ୱର,(ବ୍ୟୁରୋ)/ ବାରିପଦା ଅଫିସ,୩।୩**

■ ନିଆଁ ଲିଭାଇବାରେ ୧ହଜାରରୁ ଊର୍ଦ୍ଧ୍ୱ ନିୟୋଜିତ

■ ପିସିସିଏଫ୍‌ଙ୍କ ସ୍ଥିତି ଅନୁଧ୍ୟାନ, ଆଜି ରିପୋର୍ଟ

ଜଳୁଛି ଶିମିଳିପାଳ ଅଭୟାରଣ୍ୟ। ୮ ରେଞ୍ଜର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଏବେ ଚାରି ଦିଗକୁ ମାଡ଼ି ଚାଲିଛି। ନିଆଁ ନିୟନ୍ତ୍ରଣକୁ ଆସୁ ନ ଥିବାରୁ ବିପଦ ମୁହଁକୁ ଠେଲି ହୋଇଯାଉଛି ଶିମିଳିପାଳର ଜୈବମଣ୍ଡଳ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବୁଧବାର ସବୁଠି ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲାର ଏହି ଜାତୀୟ ଉଦ୍ୟାନକୁ ନେଇ ଚିନ୍ତା ଘାରିଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଉଦ୍‌ବେଗ ପ୍ରକାଶ କରିବା ପରେ ରାଜ୍ୟ ବନ ବିଭାଗ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ଶଶି ପଲ୍ ଶିମିଳିପାଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ସମୀକ୍ଷା କରିଛନ୍ତି। ପିସିସିଏଫ୍ ଗୁରୁବାର ସୁଦ୍ଧା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପାଇଁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି।

ବାରିପଦା, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ସମେତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ୨୧ ରେଞ୍ଜ୍ ☞ପୃଷ୍ଠା-୪

## 'ତୁରନ୍ତ ପଦକ୍ଷେପ ନିଅ'

**ଭୁବନେଶ୍ୱର, ୩।୩(ବ୍ୟୁରୋ)**



ନିଆଁ ନିୟନ୍ତ୍ରଣ ପାଇଁ ଜାରି ହେଲା ଏସ୍‌ଓପି

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିମିଳିପାଳ କେବଳ ଓଡ଼ିଶା ବା ଭାରତର ନୁହେଁ, ଏହା ସମଗ୍ର ବିଶ୍ୱର ଏକ ଅମୂଲ୍ୟ ସମ୍ପଦ। ତେଣୁ ଏହାର ସୁରକ୍ଷା ପାଇଁ ସତର୍କ ରହିବା ସହ ତୁରନ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଶିମିଳିପାଳର ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ☞ପୃଷ୍ଠା-୪

## ସେକ୍ସ ଫର୍ ଜବ୍

### କର୍ଣ୍ଣାଟକ ମନ୍ତ୍ରୀ ରମେଶଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୩।୩**



ରମେଶ ଜାର୍କିହୋଲି

କର୍ଣ୍ଣାଟକ ଜଳ ସମ୍ପଦ ମନ୍ତ୍ରୀ ରମେଶ ଜାର୍କିହୋଲି ଚାକିରି ଦେବା ନାଁରେ ଜଣେ ମହିଳାଙ୍କ ସହ ଯୌନ ସମ୍ପର୍କ ରଖିଥିବା ଭିଡିଓ ପ୍ରସାରିତ ହେବା ପରେ ସେ ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କ ଇସ୍ତଫାକୁ ଗ୍ରହଣ କରିନେବା ସହ ଅନୁମୋଦନ ପାଇଁ ରାଜ୍ୟପାଳଙ୍କ ପାଖକୁ ପଠାଇଦେଇଛନ୍ତି। ରମେଶ ଗୋକକ୍‌ରୁ ଭାଜପା ବିଧାୟକ ଥିବାବେଳେ ବେଲାଗାଭି ଜିଲାର ଜିଲା ପ୍ରଭାରୀ ମନ୍ତ୍ରୀ ଅଛନ୍ତି। ସେ ଜଣେ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବାର ଭିଡିଓ ମଙ୍ଗଳବାର ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହୋଇଥିଲା। ଭାଜପା ବିଧାୟକ ଏହାକୁ ଜାଲ୍ ବୋଲି କହିବା ସହ ଇସ୍ତଫା ଦେବାକୁ ମନା କରିଥିଲେ। କିନ୍ତୁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଇସ୍ତଫା ଦେବା ଲାଗି ପ୍ରବର୍ତ୍ତାଇବା ପରେ ସେ ରାଜି ହୋଇଥିଲେ। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ପାଇଁ ଭାଜପା ଜୋର୍‌ଦାର ପ୍ରଚାର ଚଳାଇଥିବାବେଳେ ମନ୍ତ୍ରୀଙ୍କ ସେକ୍ସ ସିଡୀ ପ୍ରଘଟ ☞ପୃଷ୍ଠା-୪

## ବିବନଙ୍କୁ ଚିହ୍ନିଲେ ଅଞ୍ଜନା

### ୧୧ଜଣଙ୍କ ଉପସ୍ଥିତିରେ ଟିଆଇ ପରେଡ

**ଭୁବନେଶ୍ୱର(ବ୍ୟୁରୋ),୩।୩**

ଦୀର୍ଘ ୨୨ବର୍ଷ ପରେ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିବନ ବିଶ୍ୱାଳଙ୍କ ବୁଧବାର ଟେଷ୍ଟ ଆଇଡେଣ୍ଟିଫିକେଶନ(ଟିଆଇ) ପରେଡ୍ ବା ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଝାରପଡ଼ା ଜେଲରେ ସିବିଆଇ ପକ୍ଷରୁ କରାଯାଇଥିବା ଟିଆଇ ପରେଡରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି) ଶୃଜାଲିନ୍ ମହାନ୍ତିଙ୍କ ଉପସ୍ଥିତିରେ ଅଞ୍ଜନା ଅଭିଯୁକ୍ତ ବିବନଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି। ଏପରି କି ଘଟଣା ଦିନ ଅଞ୍ଜନା ଯେଉଁ କାର୍‌ରେ ଯାଉଥିଲେ ତାର ଡ୍ରାଇଭର ନୀଳକଣ୍ଠ ମଧ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା କୁହାଯାଉଛି। ଅପରପକ୍ଷରେ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତି କ୍ରମେ ବିବନଙ୍କୁ ଗୁରୁବାରଠାରୁ ସିବିଆଇ ୭ଦିନିଆ ରିମାଣ୍ଡରେ ନେବ। ଟିଆଇ ପରେଡ ସମ୍ପର୍କରେ ସୂଚନା ଦେଇ ଅଞ୍ଜନା କହିଛନ୍ତି, ୧୧ଜଣଙ୍କ ମଧ୍ୟରେ ଅଭିଯୁକ୍ତ ଛିଡ଼ା ହୋଇଥିଲେ। ଦୀର୍ଘ ବର୍ଷ ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା କଷ୍ଟକର ଥିଲା। ଜେଏମ୍‌ଏଫ୍‌ସି ଶୃଜାଲିନ୍ ଏବଂ ଜେଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ☞ପୃଷ୍ଠା-୪





## ସହପାଠୀଙ୍କ ଛୁରାମାଡ଼ରେ ୧୦ମ ଶ୍ରେଣୀ ଛାତ୍ର ଗୁରୁତର

**ଆସିକା,୩।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ବୋରସିଙ୍ଗି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସହପାଠୀଙ୍କ ଛୁରା ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଅମିତ କୁମାର ନାୟକ। ଅମିତଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇ ଦିଆଯାଇଛି। ଶ୍ରେଣୀଗୃହରେ ଉଭୟ ଛାତ୍ରଙ୍କ ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗାଈଙ୍କ କୃତ୍ରିମ ଗର୍ଭାଧାନରେ ସମସ୍ୟା







## ଭିନ୍ନମତ ଦେଶଦ୍ରୋହ ନୁହେଁ



■ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

■ ଫାରୁକ୍‌ଙ୍କ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୩।୩(ପି.ଟି.)**

ସରକାରଙ୍କ ଆଭିମୁଖ୍ୟଠାରୁ ଭିନ୍ନମତ ପୋଷଣ କରିବା ଦେଶଦ୍ରୋହ ପଦବାଚ୍ୟ ହେବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ବିରୋଧରେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଖାରଜ କରି ସର୍ବୋଚ୍ଚ ଅଦାଲତ ଏହି ଐତିହାସିକ ରାୟ ଦେଇଛନ୍ତି। ଏହାସହ ଆବେଦନକାରୀମାନଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଦେଶରେ ଅଭିବ୍ୟକ୍ତି ☞ପୃଷ୍ଠା-୪

### କ'ଣ କହିଥିଲେ ଫାରୁକ୍

"ଭାରତରେ କଶ୍ମୀରୀମାନଙ୍କୁ ଦାସ ଓ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବ୍ୟବହାର କରାଯାଉଛି। ତେଣୁ ସେମାନେ ନିଜକୁ ଭାରତୀୟ ମଣୁନାହାନ୍ତି। କଶ୍ମୀରବାସୀ ଭାରତ ଅପେକ୍ଷା ଚାଇନା ଶାସନକୁ ପସନ୍ଦ କରନ୍ତି। ଧାରା ୩୭୦ ଓ ୩୫ଏକୁ ଫେରାଇ ଆଣି କଶ୍ମୀରୀଙ୍କ ମର୍ଯ୍ୟାଦାକୁ ପୁନଃ ଅବସ୍ଥାପିତ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ। ଏଥିସକାଶେ ଜୀବନ ଥିବା ଯାଏ ଶାନ୍ତିପୂର୍ଣ୍ଣ ଭାବେ ଲଢ଼େଇ ଜାରି ରଖିବି।

୨୦୨୦ ସେପ୍ଟେମ୍ବର ୨୩ରେ ଏକ ଘରୋଇ ୱେବ୍‌ସାଇଟ୍‌ରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଏହି ସାକ୍ଷାତ୍‌କାର ପ୍ରକାଶ ପାଇଥିଲା।

## ଅନୁରାଗ, ତାପସୀଙ୍କ ଘରେ ଆଇଟି





### ସମାଲୋଚକଙ୍କୁ ଟାର୍ଗେଟ

■ ସିଏଏ ବିରୋଧରେ ଟୁଇଟ୍ କରିଥିଲେ ଅନୁରାଗ

■ କୃଷକ ଆନ୍ଦୋଳନକୁ ସମର୍ଥନ କରିଥିଲେ ତାପସୀ

**ମୁମ୍ବାଇ, ୩।୩:** କେନ୍ଦ୍ର ସରକାର ବିରୋଧୀ ମତ ଦେଇ ଫସିଛନ୍ତି ବଲିଉଡ୍ ଫିଲ୍ମ ନିର୍ମାତା ଅନୁରାଗ କଶ୍ୟପ ଏବଂ ଅଭିନେତ୍ରୀ ତାପସୀ ପନ୍ନୁ। ଉଭୟଙ୍କ ଘର ଓ ଅଫିସ୍‌ରେ ବୁଧବାର ଚଢ଼ାଉ କରିଛି ଆୟକର (ଆଇଟି) ବିଭାଗ। ମୁମ୍ବାଇ ଓ ପୁଣେରେ ସେମାନଙ୍କ ମାଲିକାନାରେ ଥିବା ପ୍ରାୟ ୩୦ ସ୍ଥାନରେ ବିଭାଗୀୟ ☞ପୃଷ୍ଠା-୪

## ଆଇଫୋନ୍ ପ୍ୟାକେଟ୍‌ରେ ଆପଲ ଜୁସ୍

ଅନଲାଇନରେ ଆଇଫୋନ ଅର୍ଡର କରି ଠକାମୀରେ ପଡ଼ିଛନ୍ତି ଚାଇନାର ଜଣେ ମହିଳା। ଲିଉ ନାମ୍ନୀ ମହିଳା ଲକ୍ଷେ ଟଙ୍କା ଦେଇ ଆଇଫୋନ୍ ୧୨ ପ୍ରୋ ଅନଲାଇନରେ ମଗାଇଥିଲେ। ପ୍ୟାକେଟ ପହଞ୍ଚିବାପରେ ସେ ଏହାକୁ ଉତ୍ସାହର ସହ ଖୋଲିଥିଲେ। ହେଲେ ସେଥିରୁ ଫୋନ ବଦଳରେ ଆପଲ ଜୁସ୍ ଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ ମଧ କରିଥିଲେ ମଧ ଡେଲିଭରି କମ୍ପାନୀ ଏହି ଦାୟିତ୍ୱ ନେବାକୁ ମନା କରିଦେଇଛି। ଏଭଳି ପରିସ୍ଥିତିରେ ମହିଳାଙ୍କୁ ଏକ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

# ମୃତ୍ୟୁ ସୂଚନା ଦେବ 'ରାଡାର'

**ନୌବାଣିଜ୍ୟ, ବିମାନ ସେବା, ସୁରକ୍ଷା, ପାଣିପାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଗୁଆ ସୂଚନା ପାଇଁ ରାଡାର ଭୂମିକାକୁ ଅଣଦେଖା କରାଯାଇ ନ ପାରେ। ଏବେ ଏହି ଅତ୍ୟାଧୁନିକ କୌଶଳକୁ ସ୍ୱାସ୍ଥ୍ୟ ବିଜ୍ଞାନରେ ଉପଯୋଗ କରାଯିବାକୁ ଯୋଜନା ଚାଲିଛି। ଏହା ସଫଳ ହେଲେ ଗୁରୁତର ରୋଗରେ ପୀଡ଼ିତ ରୋଗୀଙ୍କ ମୃତ୍ୟୁ ଆଶଙ୍କା ବିଷୟରେ ଟିକିନିଖି ତଥ୍ୟ ହାରାହାରି ୪ଦିନ ପୂର୍ବରୁ ମିଳିପାରିବ। ଜର୍ମାନୀରେ ଏହି ଟେକ୍‌ନିକ ବିକାଶ ଉପରେ କାର୍ଯ୍ୟ ଚାଲିଛି।**



**ବନ୍:** ପ୍ରତିରକ୍ଷା ହେଉ କି ଗାଡ଼ି ଚାଳନା ଏବେ ସବୁ କ୍ଷେତ୍ରରେ ରାଡାରର ବହୁଳ ଉପଯୋଗ କରାଯାଉଛି। ଶତ୍ରୁପକ୍ଷର ମୁକାବିଲା କରିବା ପାଇଁ ସେନାରେ ରାଡାରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଜାତୀୟ ରାଜପଥରେ ଗାଡ଼ିଚାଳନା ବେଳେ ବେଗ ମାପିବାକୁ ମଧ ଏହାର ବ୍ୟବହାର କରାଯାଉଛି। ଏବେ ବୈଜ୍ଞାନିକମାନେ ଆଉ ଗୋଟିଏ ପାଦ ଆଗକୁ ଆସି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଡାରର ବ୍ୟବହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ଏଣିକି ରେଡିଓ ସେନ୍‌ସର ମାଧ୍ୟମରେ ହୃଦୟର ଗତି ଉପରେ ନଜର ରଖାଯାଇପାରିବ। ଫଳରେ ଗମ୍ଭୀର ରୋଗରେ ପୀଡ଼ିତ ରୋଗୀଙ୍କ ମୃତ୍ୟୁ କେବେ ହେବ, ତାହାର ସୂଚନା ବହୁ ପୂର୍ବରୁ ମିଳିପାରିବ ବୋଲି ଜର୍ମାନୀର ବୈଜ୍ଞାନିକମାନେ ଦାବି କରିଛନ୍ତି।

ଜର୍ମାନୀର ଟେକ୍ନିକାଲ ୟୁନିର୍ଭର୍ସିଟି ଅଫ୍ ହମ୍‌ବର୍ଗର ବୈଜ୍ଞାନିକମାନଙ୍କୁ ନେଇ ଏକ ଟିମ୍ 'ହାର୍ଟ ରାଡାର' ଉପରେ କାର୍ଯ୍ୟ ଜାରି ରଖିଛନ୍ତି। ସେମାନେ ରୋଗୀଙ୍କ ମେଡିକାଲ ମନିଟରିଂ ପାଇଁ ଏଭଳି ଏକ ସେନ୍‌ସର ନିର୍ମାଣ କରିଛନ୍ତି, ଯାହା କାମରେ ଆସୁଛି। ରାଡାର ଟେକ୍‌ନିକ ଉପରେ ପର୍ଯ୍ୟବସିତ ଏହି ସିଷ୍ଟମ ରୋଗୀଙ୍କ ହୃଦ୍‌ଗତି ଏବଂ ଶ୍ୱାସକ୍ରିୟା ଉପରେ ନଜର ରଖିପାରୁଛି। ଏହି ପ୍ରକ୍ରିୟା ପାଇଁ ରାଡାର ପୃଥକ୍ ଭାବେ କାମ କରୁଛି। ଏବେ ଏହି କାର୍ଯ୍ୟ ପାଇଁ ଇଲେକ୍ଟ୍ରୋକାର୍ଡିୟୋଗ୍ରାମର ବ୍ୟବହାର କରାଯାଉଛି। ଏଥିରେ ସଂଯୋଗ ହୋଇଥିବା ଇଲେକ୍ଟ୍ରୋଡ୍ ଏବଂ କେବୁଲ ମାଧ୍ୟମରେ ହୃଦ୍‌ଗତି ମପାଯାଉଛି। ଏହି ମେଶିନରେ କେବୁଲକୁ ରୋଗୀ ଶରୀରରେ ଲଗାଇବାକୁ ପଡ଼ିଥାଏ। ହେଲେ ରାଡାର ସିଷ୍ଟମରେ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାଦ୍ୱାରା ବିନା କେବୁଲରେ କେବଳ ରିମୋଟ ସହାୟତାରେ ଦୂରରୁ ରୋଗୀଙ୍କ ଉପରେ ନଜର ରଖାଯାଇପାରିବ।

'ହାର୍ଟ ରାଡାର' ଉପରେ ଗବେଷଣା କରୁଥିବା ଟିମ୍ ମୁଖ୍ୟ ପ୍ରଫେସର ଆଲେକ୍‌ଜାଣ୍ଡର କୋଏଲ୍ପିନ୍‌ଙ୍କ କହିବା କଥା, ବିକଶିତ କରାଯାଉଥିବା ସେନ୍‌ସର ବହୁତ ଶକ୍ତିଶାଳୀ। ରୋଗୀଙ୍କ ବେଡ୍, କପଡ଼ା, ଗଦିରୁ ମଧ ଏହା ହୃଦ୍‌ଗତି ଏବଂ ଶ୍ୱାସକ୍ରିୟା ବିଷୟରେ ଠିକ୍ ସୂଚନା ଦେଇପାରିବ। ଏଥିରେ ସଂଯୋଗ କରାଯାଇଥିବା ଇଲେକ୍ଟ୍ରୋମ୍ୟାଗ୍‌ନେଟିକ୍ ତରଙ୍ଗ ରୋଗୀ ଶରୀରର କୌଣସି କ୍ଷତି କରିବା ବ୍ୟତିରେକ ଆଭ୍ୟନ୍ତରୀଣ ଅଙ୍ଗର କାର୍ଯ୍ୟ ପ୍ରଣାଳୀ ବିଷୟରେ ସବିଶେଷ ସୂଚନା ଦେଇପାରିବ। ଏହି ସିଷ୍ଟମ ସହାୟତାରେ ରୋଗୀ ମୃତ୍ୟୁର ୪ଦିନ ପୂର୍ବରୁ ସୂଚନା ମିଳିପାରିବ। ଯଦିଓ ମୃତ୍ୟୁ ଏକ ଚିରନ୍ତନ ସତ୍ୟ, ତଥାପି ଆଗୁଆ ସୂଚନା ମିଳିବା ଦ୍ୱାରା ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିଥିବା ପରିବାର ଲୋକେ ମାନସିକସ୍ତରରେ ପ୍ରସ୍ତୁତ ହେବା ପାଇଁ ସମୟ ମିଳିପାରିବ ବୋଲି ପ୍ରଫେସର ଆଲେକ୍‌ଜାଣ୍ଡେର କହିଛନ୍ତି।

### ଅପସ୍ମାର ରୋଗୀଙ୍କୁ ମିଳିବ ସୁଫଳ

'ହାର୍ଟ ରାଡାର' ଭଳି ଅଭିନବ ସିଷ୍ଟମକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ନବଜାତକ ଏବଂ ଶିଶୁଙ୍କ ଉପରେ ଏହାର ପ୍ରୟୋଗ କରାଯାଉଛି। ବିଶେଷ କରି ଅପସ୍ମାର ରୋଗରେ ପୀଡ଼ିତଙ୍କୁ ରାଡାର ସହାୟତାରେ ନଜର ରଖାଯାଉଛି। ସୂଚନାଯୋଗ୍ୟ, ହୃଦ୍‌ଗତିରେ ଅନିୟମିତତା କାରଣରୁ ହେଉଥିବା ଅକସ୍ମାତ ମୃତ୍ୟୁର ୨୦ ପ୍ରତିଶତ ଅପସ୍ମାର ବା ମୂର୍ଚ୍ଛାରୋଗ ଯୋଗୁ ହୋଇଥାଏ। ଛୋଟ ପିଲାମାନଙ୍କ ନିକଟରେ ଏହାର ଲକ୍ଷଣ ଠାବ କରିବା ବେଳକୁ ରୋଗ ବଢ଼ିଯାଇଥାଏ, ଯାହା ଚିକିତ୍ସା ପ୍ରକ୍ରିୟାକୁ ମଧ ବିଳମ୍ବିତ କରିଥାଏ। ନୂତନ ଭାବେ ବିକଶିତ ଏହି ରାଡାର ମାଧ୍ୟମରେ ଅପସ୍ମାର ରୋଗୀଙ୍କୁ ସୁଫଳ ମିଳିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି।

# ହାତୀ ପିନ୍ଧିଛି ପ୍ୟାଣ୍ଟ-ଶାର୍ଟ




**ମୁମ୍ବାଇ:** କୌଣସି ହାତୀ ପ୍ୟାଣ୍ଟ ଶାର୍ଟ ପିନ୍ଧି ରାସ୍ତାରେ ଯିବା ଦେଖିଛନ୍ତି କି? ଦେଶର ପ୍ରତିଷ୍ଠିତ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ତାଙ୍କ ସୋସିଆଲ ମିଡିଆରେ ଏକ ହାତୀର ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଏକ ହାତୀ ମଣିଷଙ୍କ ପରି ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଛି। ଫଟୋ ପୋଷ୍ଟ କରିବା ପରେ ଏହାର କ୍ୟାପଶନରେ ମହିନ୍ଦ୍ରା ଲେଖିଛନ୍ତି, 'ଅତୁଲ୍ୟ ଭାରତ'। ପରେ ଏହି ଫଟୋ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଫଟୋରେ ହାତୀ ଏକ କଳା ରଙ୍ଗର ବେଲ୍ଟ ସହିତ ବାଇଗଣୀ ରଙ୍ଗର ଶାର୍ଟ ଏବଂ ଧଳା ପ୍ୟାଣ୍ଟ ପିନ୍ଧିଛି। ହାତୀ ତା' ମାହୁନ୍ତ ସହ ବୁଲୁଥିବା ନଜର ଆସିଛି। ଫଟୋଟି ଶେୟାର ହେବାର ମାତ୍ର କିଛି ସମୟ ମଧ୍ୟରେ ୩୦୦୦ରୁ ଅଧିକ ଲୋକ ପସନ୍ଦ କରିସାରିଲେଣି। ଜଣେ ୟୁଜର ଲେଖିଛନ୍ତି, ହାତୀଟି ଜିନ୍ସ ପିନ୍ଧି ପ୍ରଫେଶନାଲ ଲାଗୁଛି। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, ମାହୁନ୍ତ ଲୁଙ୍ଗି ପିନ୍ଧିଥିବା ବେଳେ ହାତୀ ପାଣ୍ଟ-ଶାର୍ଟ? ବହୁତ ବଢ଼ିଆ! ଫଟୋକେଉଁରାଜ୍ୟରଯଦିସ୍ପଷ୍ଟହୋଇନିତେବେ ବେଶଭୂଷାରୁ ଲାଗୁଛି ଏହା ଦକ୍ଷିଣ ଭାରତର।

# ସବୁଠୁ ଛୋଟ ଭାକ୍ୟୁମ କ୍ଲିନର



**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ୨୧ ବର୍ଷୀୟ ତପାଲା ନାଦମୁନି ଏକ ନିଆରା କାର୍ଯ୍ୟ କରି ଚର୍ଚ୍ଚାକୁ ଆସିଛନ୍ତି। ଚିତ୍ତୁର ଜିଲାର ଏକ ଛୋଟ ଗାଁର ଏହି ଯୁବକ ବିଶ୍ୱର ସବୁଠାରୁ ଛୋଟ ଭାକ୍ୟୁମ କ୍ଲିନର୍ ନିର୍ମାଣ କରିଛନ୍ତି ଏବଂ ଏହି କାରଣରୁ ତାଙ୍କ ନାମ ଗିନିଜ ୱାଲର୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି। ନାଦମୁନି ପିଲାଦିନରୁ ହିଁ ଅସାଧାରଣ କାର୍ଯ୍ୟ କରିବାକୁ ଇଚ୍ଛୁକ। ତାଙ୍କ ପ୍ରତିଭା ହେତୁ ସେ ଆନ୍ଧ୍ରପ୍ରଦେଶର ସମ୍ମାନଜନକ ନିଟ୍ (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି)ରେ ପଢିବାର ସୁଯୋଗ ପାଇଥିଲେ। ସେ ନିର୍ମାଣ କରିଥିବା ନୂତନ ଭାକ୍ୟୁମ୍ କ୍ଲିନର୍ ମାତ୍ର ୧.୭ ସେଣ୍ଟିମିଟର/୦.୭ ଇଞ୍ଚ। ତପାଲା ନାଦମୁନି କହିଛନ୍ତି, ମୁଁ ଲକଡାଉନ ସମୟରେ ଏହି ଭାକ୍ୟୁମ କ୍ଲିନର୍ ପ୍ରସ୍ତୁତ କରିଥିଲି ଏବଂ ସେବେଠାରୁ ମୁଁ ଆନୁଷ୍ଠାନିକ ଭାବରେ ଗିନିଜ ବୁକ୍‌ରେ ରହିବାକୁ ଚେଷ୍ଟା କରୁଥିଲି। ଶେଷରେ ମୁଁ ଏଥିରେ ସଫଳ ହୋଇଥିଲି। ଗିନିଜ ବୁକ୍ ରେକର୍ଡରେ ସ୍ଥାନ ପାଇ ମୁଁ ବହୁତ ଖୁସି। ଏହି ସଫଳତା ହାସଲ କରିବାରେ ଶିକ୍ଷକ ଏବଂ ଅଭିଭାବକମାନେ ତାଙ୍କୁ ସହାୟତା କରିଥିବା ସେ କହିଛନ୍ତି। ସେ ଏହାପୂର୍ବରୁ ୨.୨ ସେମି/୦.୯ ଇଞ୍ଚର ଭାକ୍ୟୁମ୍ କ୍ଲିନର୍ ପ୍ରସ୍ତୁତ କରିଥିଲେ।

# ବିଜ୍ଞାପନ ବିବାଦରେ ଦୀପିକା



ଦୀପିକା ପାଦୁକୋନ

**ମୁମ୍ବାଇ:** ବିବାଦରେ ଫସିଛନ୍ତି ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ। ଏକ ନୂଆ ବିଜ୍ଞାପନକୁ ନେଇ ତାଙ୍କ ଅଡୁଆ ବଢ଼ିଛି। ଜିନ୍ସ କମ୍ପାନୀର ଏହି ବିଜ୍ଞାପନରେ ବିଷୟବସ୍ତୁକୁ ଚୋରି କରାଯାଇଥିବା ଅଭିଯୋଗ ହୋଇଛି। ଜଣାଶୁଣା ହଲିଉଡ୍ ସ୍କ୍ରିନ ରାଇଟର ସୋନି ତାରପୋରେୱାଲା ଏହି ଅଭିଯୋଗ ଆଣିଛନ୍ତି। ଏଥିସହ ଦୀପିକାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଶୁଟିଂସେଟ୍‌ର ସମ୍ପୂର୍ଣ୍ଣ ଡିଜାଇନର ନକଲ କରାଯାଇଥିବା ତାରପୋରେୱାଲା କହିଛନ୍ତି। ;ବିଜ୍ଞାପନଟି ଅନ୍ତରାଷ୍ଟ୍ରୀୟ ବ୍ରାଣ୍ଡ ଲେଭିସ୍ ଜିନ୍ସର। ଏହାର ଶୁଟିଂରେ ବ୍ୟବହାର ହୋଇଥିବା ସେଟ୍ ଏବଂ ବ୍ୟାକ୍‌ଗ୍ରାଉଣ୍ଡ ସମାନ ରହିଥିବା ଅଭିଯୋଗ ଆସିଛି। ତାରପୋରେୱାଲା ଇନଷ୍ଟାଗ୍ରାମରେ ଦୀପିକା ପାଦୁକୋନଙ୍କ ଜିନ୍ସ ବିଜ୍ଞାପନ ଉପରେ ପ୍ରତିକ୍ରିୟା ରଖି ଏକ ପୋଷ୍ଟ ଶେୟାର କରିଥିଲେ। ଯେଉଁଥିରେ ସେ ତାଙ୍କ ଚଳଚ୍ଚିତ୍ର ପରି ସେଟ ବ୍ୟବହାର କରାଯାଇଥିବା କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ବିଜ୍ଞାପନର ଶୁଟିଂ ପୂର୍ବରୁ କ'ଣ ଏହାର ନିର୍ମାତା ଏଥିପାଇଁ ଅନୁମତି ଆଣି ନ ଥିବା ଏବଂ ବେଆଇନ ଭାବେ ନକଲ କରାଯାଉ ନ ଥିବା ବାବଦରେ କ'ଣ ଜାଣି ନ ଥିଲେ ବୋଲି ତାରପୋରେୱାଲା ପ୍ରଶ୍ନ କରିଛନ୍ତି। ଏଥିସହ ସେ ଏକ ସ୍କ୍ରିନଶଟ୍ ମଧ ଦୀପିକାଙ୍କ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ସୋନିଙ୍କ ଅଭିଯୋଗର ଉତ୍ତରରେ ବିଜ୍ଞାପନ ପ୍ରସ୍ତୁତକାରୀ ଡିଜାଇନର୍ ରୁପିନ କହିଛନ୍ତି ଯେ, ସେ ଏହି ଆଡ୍‌ଭର୍ଟାଇଜମେଣ୍ଟର ନିର୍ଦ୍ଦେଶକ ନାଡିଆ ମାର୍କାର୍ଡଙ୍କ କହିବା ଅନୁସାରେ ଏପରି କରାଯାଇଛି।

# ପ୍ରେମିକାଙ୍କ ପାଇଁ ଲଭ୍ ଆଇଲାଣ୍ଡ

**ବେଜିଂ:** ଚାଇନାର ଜଣେ ଯୁବକ ତାଙ୍କ ଏକ୍ସ ଗର୍ଲଫ୍ରେଣ୍ଡ ବା ପୂର୍ବତନ ପ୍ରେମିକାଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏକ ଲଭ୍ ଆଇଲାଣ୍ଡ ତିଆରି କରିଛନ୍ତି। ଏବେ ଏହି ସ୍ଥାନଟି ପର୍ଯ୍ୟଟକଙ୍କ ପାଇଁ ଦର୍ଶନୀୟ ସ୍ଥାନ ପାଲଟିଛି। ପ୍ରେମିକ ଜଣକ ଏବେ ବି ତାଙ୍କ ପ୍ରେମିକାଙ୍କ ଫେରିବା ଆଶାରେ ରହିଛନ୍ତି। ଯୁବକ ଜଣକ ଗାର୍ଡେନ ତିଆରି କରିବା ପାଇଁ ବହୁ ପରିଶ୍ରମ କରିଛନ୍ତି। ଜ୍ୟୁ ନାମକ ଏହି ଯୁବକ ୧୧ ହଜାର ପାଉଣ୍ଡ ଅର୍ଥାତ୍ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏଭଳି ଗାର୍ଡେନ ତିଆରି କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଭାବେ ଗୋଲାପ ଫୁଲରେ ସଜାଇଛନ୍ତି। ଆଇଲାଣ୍ଡର ଘାସ ବି ଗୋଲାପୀ ରଙ୍ଗର। ଏଠାରେ କେତେକ ଚେରି ଗଛ ଦେଖିବାକୁ ମିଳେ। ଏହା ବ୍ୟତୀତ ଜ୍ୟୁ ଏହି ଗାର୍ଡେନ ଭିତରକୁ ଯିବା ପାଇଁ ଏକ ବ୍ରିଜ ବି ତିଆରି କରିଛନ୍ତି। ବିବାହ ପରେ ତାଙ୍କ ପ୍ରେମିକା ଘରେ ରହି ମା'ବାପାଙ୍କ ସେବା କରନ୍ତୁ ବୋଲି ଜ୍ୟୁ ଚାହୁଁଥିଲେ। କିନ୍ତୁ ଏଥିରେ ତାଙ୍କ ପ୍ରେମିକା ରାଜି ହୋଇ ନ ଥିଲେ। ଏହି କଥାକୁ ନେଇ ଉଭୟଙ୍କର ସମ୍ପର୍କ ଛିନ୍ନ ହୋଇଥିଲା। ଏହା ପରେ ଜ୍ୟୁ ତାଙ୍କ ପ୍ରେମିକାଙ୍କୁ ମନାଇବା ପାଇଁ ଏହି ଗାର୍ଡେନ ତିଆରି କରିଥିଲେ। ପ୍ରେମିକା ଫେରି ନ ଥିଲେ ମଧ ଦିନେ ସେ ନିଶ୍ଚୟ ଫେରିଆସିବା ଆଶାରେ ଜ୍ୟୁ ଅପେକ୍ଷା କରିଛନ୍ତି।






**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୫୪,୯୬,୮୯୦ | ୨୫,୬୩,୮୩୫ | ୯,୧୨,୫୩,୭୫୮ |
| ଭାରତ | ୧,୧୧,୫୨,୧୨୭ | ୧,୫୭,୪୪୭ | ୧,୦୮,୮୮,୭୨୧ |
| ଓଡ଼ିଶା | ୩,୩୭,୪୪୮ | ୧୯୧୭(+୫୩) | ୩,୩୪,୭୬୬ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ବିଜ୍ଞାନ ଶିକ୍ଷାରେ ମନୋନିବେଶ କର’



ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ପ୍ଲାନେଟାରିୟମ୍ ଏବଂ ବିଜ୍ଞାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

## ରାୟଗଡ଼ା ପ୍ଲାନେଟାରିୟମ, ଜୟପୁର ବିଜ୍ଞାନ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର (ବ୍ୟୁରୋ)/ ରାୟଗଡ଼ା ଅଫିସ୍/ ଜୟପୁର (ନି.ପ୍ର.) ୩।୩**

ରାୟଗଡ଼ାରେ ଏକ ପ୍ଲାନେଟାରିୟମ ଓ କୋରାପୁଟ ଜିଲାର ଜୟପୁରଠାରେ ନିର୍ମାଣ ହେବ ଜିଲା ବିଜ୍ଞାନ କେନ୍ଦ୍ର(ସାଇନ୍ସ ପାର୍କ )। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଛାତ୍ରୀଛାତ୍ରମାନେ ବିଜ୍ଞାନ ଶିକ୍ଷାରେ ମନୋନିବେଶ କରିବା ସହିତ ବୈଜ୍ଞାନିକ ମନୋବୃତ୍ତି ନେଇ ଜୀବନରେ ଆଗକୁ ବଢ଼ିବା ଲାଗି ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ଦୁଇଟି ପ୍ଲାନେଟାରିୟମ ଅଛି। ଏଥିସହିତ ଆଉ ୬ଟି ପ୍ଲାନେଟାରିୟମ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୩୦ଟି ଜିଲାରେ ମଧ୍ୟ ୩୦ଟି ବିଜ୍ଞାନ କେନ୍ଦ୍ର ସ୍ଥାପନ କରାଯିବ। ଏଥିପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମକୁ ୩-ଡି ପ୍ଲାନେଟାରିୟମରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଣିଷ ସଭ୍ୟତାର ବିକାଶରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜ୍ଞାନ ବିନା ଜୀବନଯାପନ କରିବା ସମ୍ଭବ ନୁହେଁ। ଯଦି ଆଜି ମଣିଷ ସଭ୍ୟତାର ଶିଖରରେ ପହଞ୍ଚିପାରିଛି ତେବେ ଏହା ହେଉଛି ବିଜ୍ଞାନର ଅବଦାନ। ବିଜ୍ଞାନ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ବିକାଶ ପଥରେ ଅଗ୍ରଗତି କରି ବିଜ୍ଞାନ ଓ ବୈଷୟିକ ଶକ୍ତିର ପ୍ରୟୋଗରେ ଏକ ଜ୍ଞାନ ଅର୍ଥନୀତି ଦିଗରେ ଅଗ୍ରସର ହେଉଛି। ବିକାଶର ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ଭିତରେ ବୈଜ୍ଞାନିକ ମନୋବୃତ୍ତି, ଅନୁସନ୍ଧିତ୍ସୁ ମନୋଭାବ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରା ରହିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ବିଜ୍ଞାନ ଶିକ୍ଷା ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ସମାଜରେ ବୈଜ୍ଞାନିକ ମନୋଭାବ ବୃଦ୍ଧି ପାଇବା ସହ ପିଲାଙ୍କ ମଧ୍ୟରେ ତର୍କସଂଗତ ଚିନ୍ତାଧାରା ବୃଦ୍ଧିପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।


ଏହି କାର୍ଯ୍ୟକ୍ରମରେ ରାୟଗଡ଼ାଠାରେ ଏସ୍‌ସି,ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଥିଲେ, ବିକାଶର ଧାରାରେ ବିଜ୍ଞାନର ସହାୟତା ସବୁବେଳେ ଜରୁରୀ। ରାୟଗଡ଼ାରେ ପ୍ଲାନେଟାରିୟମ ସ୍ଥାପନ ଦ୍ୱାରା ସ୍ଥାନୀୟ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାର ବୃଦ୍ଧି ପାଇବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟରେ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ଲାନେଟାରିୟମ ଓ ଜିଲାଗୁଡ଼ିକରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଭୁବନେଶ୍ୱର ପ୍ଲାନେଟାରିୟମକୁ ଆହୁରି ବଡ଼ କରାଯିବାର ବ୍ୟବସ୍ଥା ହେଉଛି ବୋଲି ସେ କହିଛନ୍ତି। ସେହିପରି ଜୟପୁରଠାରେ ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି, ଜୟପୁରଠାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ସମଗ୍ର କୋରାପୁଟ ଜିଲା ପାଇଁ ଖୁସିର କଥା। ଆଧୁନିକ ସମାଜରେ ବିଜ୍ଞାନଭିତ୍ତିକ ଜୀବନଶୈଳୀ ବହୁତ ଜରୁରୀ। ଏହି ପଦକ୍ଷେପ ଦ୍ୱାରା ବିଜ୍ଞାନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଆଗ୍ରହ ବୃଦ୍ଧିପାଇବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ଲାନେଟାରିୟମ ଓ ଜିଲା ବିଜ୍ଞାନ କେନ୍ଦ୍ରର ଏକ ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓ ଏବଂ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ଥିଲେ।

# ‘ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବ ଓଡ଼ିଶା’

- ମାରିଟାଇମ୍ ଇଣ୍ଡିଆ ସମ୍ମିଳନୀରେ ଧର୍ମେନ୍ଦ୍ରଙ୍କ ଦୃଢ଼ୋକ୍ତି
- ରେଳ, ସଡ଼କ, ବିମାନ, ବନ୍ଦର ଭିତ୍ତିଭୂମି ଉପରେ ଗୁରୁତ୍ୱ
- ଗ୍ୟାସ୍ ଗ୍ରୀଡ୍ ନେଟ୍‌ୱାର୍କରେ ବ୍ୟାପକ ପୁଞ୍ଜିନିବେଶ ଯୋଜନା
- ମହାନଦୀରେ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ଦିଗରେ ପ୍ରାଥମିକତା

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ସାମୁଦ୍ରିକ ପଣ୍ୟ କାରବାରରେ ଓଡ଼ିଶାର ଅପାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକବିଂଶ ଶତାବ୍ଦୀରେ ସର୍ବଶ୍ରେଷ୍ଠ ସାମୁଦ୍ରିକ ଅର୍ଥନୀତି ସହ ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ଏହା ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର ମାରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନର ‘ଓଡ଼ିଶାରେ ପୁଞ୍ଜିନିବେଶର ସୁଯୋଗ’ ଶୀର୍ଷକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ଧର୍ମେନ୍ଦ୍ର କହିଲେ, ଓଡ଼ିଶାର ସାଧବ ପୁଅ ସମୁଦ୍ରପଥରେ ବାଣିଜ୍ୟ ବ୍ୟବସାୟ କରି ରାଜ୍ୟର ଗୌରବ ବଢ଼ାଉଥିଲେ। ଏବେ ଆମେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉପସ୍ଥିତ। ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ‘ଆତ୍ମନିର୍ଭର ଭାରତ’ର ଆହ୍ୱାନ ଦେଇଛନ୍ତି। ଆତ୍ମନିର୍ଭର ଭାରତ କେବଳ ଏକ ଚିନ୍ତାଧାରା ନୁହେଁ, ବରଂ ଦେଶକୁ ପ୍ରଗତି ପଥରେ ନେବା ପାଇଁ ଏକ ସୁଚିନ୍ତିତ ଯୋଜନା। ଓଡ଼ିଶାକୁ ବନ୍ଦରଭିତ୍ତିକ ଅର୍ଥନୀତିରେ ପରିଣତ କରିବା ଲାଗି ପାରାଦୀପ, ଧାମରା, ଗୋପାଳପୁର, ଅସ୍ତରଙ୍ଗ, ସୁବର୍ଣ୍ଣରେଖା ବନ୍ଦରର ବିକଶିତ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଶିଳ୍ପଭିତ୍ତିକ ବନ୍ଦର ସଂଖ୍ୟା ୫ରୁ ୨୫ ଯାଏ ବୃଦ୍ଧି ଲାଗି ପ୍ରଚେଷ୍ଟା ଲୋଡ଼ା। ଚଳିତ ବଜେଟରେ ପାରାଦୀପରେ ମାଛ ବନ୍ଦର ପ୍ରତିଷ୍ଠା କରିବାକୁ ଘୋଷଣା ହୋଇଛି। ମହାନଦୀରେ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ଲାଗି ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ପେଟ୍ରୋଲିୟମ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଗ୍ୟାସ ଗ୍ରୀଡରେ ଅଧିକ ପୁଞ୍ଜିନିବେଶ ପାଇଁ ଯୋଜନା କରାଯାଉଛି। ଏହାଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସହ ରୋଜଗାର ସୃଷ୍ଟି ହେବ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଯାଜପୁର କଳିଙ୍ଗନଗରକୁ ଇସ୍ପାତର ପେଣ୍ଠସ୍ଥଳୀ କରିବା ପାଇଁ ଉଦ୍ୟମ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର-ରାଜ୍ୟ ସରକାରଙ୍କ ସମନ୍ୱୟରେ ଓଡ଼ିଶାରେ ସର୍ବବୃହତ୍ ଇସ୍ପାତ୍ କାରଖାନା ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ‘ପୂର୍ବୋଦୟ ମିଶନ’ରେ ପୂର୍ବଭାରତର ଅଭିବୃଦ୍ଧି ନିମନ୍ତେ ନିରନ୍ତର ପ୍ରୟାସ ଚାଲିଛି। ଶକ୍ତିକ୍ଷେତ୍ରରେ ପାରାଦୀପ ମଧ୍ୟ ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବାକୁ ଯାଉଛି। ପ୍ରସ୍ତାବିତ ପାରାଦୀପ-ବଡବିଲ ଅର୍ଥନୈତିକ କରିଡର, କୋଷ୍ଟାଲ ହାଇୱେ, ପାରାଦୀପରେ ୱେଷ୍ଟର୍ଣ୍ଣ ଡକର ନିର୍ମାଣ, ପାରାଦୀପ-ହରିଦାସପୁର ରେଳଲାଇନ ବନ୍ଦରଭିତ୍ତିକ ଅର୍ଥନୀତିକୁ ମଜଭୁତ୍ କରିବାରେ ସାହାଯ୍ୟ କରିବ। ଓଡ଼ିଶାର ସୁଦୀର୍ଘ ବେଳାଭୂମି ବିକାଶରେ ଗେମ-ଚେଞ୍ଜର ହେବ ବୋଲି ସେ କହିଛନ୍ତି।

# ‘ବନ୍ଦର ବିକାଶ ଲାଗି ଉଦ୍ୟମ ଚାଲିଛି’


**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ବନ୍ଦର ବିକାଶ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ଉଦ୍ୟମ ଜାରିରହିଛି। ରାଜ୍ୟର ବନ୍ଦରଗୁଡ଼ିକର ବିକାଶ ସାଙ୍ଗକୁ ପଣ୍ୟ ପରିବହନ ପାଇଁ ସରକାରୀ-ଘରୋଇ ଭାଗୀଦାରିରେ କାର୍ଯ୍ୟ ଆଗେଇ ଚାଲିଛି। ୪୮୦ କି.ମି. ପରିବ୍ୟାପ୍ତ ଓଡ଼ିଶାର ଉପକୂଳରେ ବନ୍ଦର, ମାଛଧରା କେନ୍ଦ୍ର, ପ୍ରକ୍ରିୟାକରଣ କେନ୍ଦ୍ର, ପର୍ଯ୍ୟଟନ ପ୍ରକଳ୍ପ ପ୍ରତିଷ୍ଠା ସହ ପୁଞ୍ଜିନିବେଶ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିର ସମ୍ଭାବନା ରହିଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ‘ଭାରତର ସାମୁଦ୍ରିକ ବାଣିଜ୍ୟ-୨୦୨୧’ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ବକ୍ତବ୍ୟ ରଖି ମନ୍ତ୍ରୀ ବେହେରା କହିଲେ, ରାଜ୍ୟ ସରକାର ୨୦୦୪ରୁ ଅନୁକୂଳ ବନ୍ଦର ନୀତି ପ୍ରଣୟନ କରିଛନ୍ତି। ବିଭିନ୍ନ କମ୍ପାନୀ, ଉଦ୍ୟୋଗୀ ବନ୍ଦର ନିର୍ମାଣ, ମାଲିକାନାରେ ଅଂଶୀଦାର, ପରିଚାଳନା, ଅଂଶଗ୍ରହଣ, ହସ୍ତାନ୍ତରଣ ଇତ୍ୟାଦିରେ ସମ୍ପୃକ୍ତ ହୋଇପାରିବା ଭଳି ବ୍ୟବସ୍ଥା କରାଯାଇଛି । ରାଜ୍ୟର ୪ ସ୍ଥାନରେ ବନ୍ଦର ବିକାଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଅନ୍ୟ ୨ ସ୍ଥାନରେ ଖୁବଶୀଘ୍ର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ସୁବର୍ଣ୍ଣରେଖା ମୁହାଣ (ଚଉମୁଖ), ଅସ୍ତରଙ୍ଗ ବନ୍ଦର ପାଇଁ ମଧ୍ୟ ରାଜିନାମା ସ୍ୱାକ୍ଷର ହୋଇଥିବା ବେଳେ ଖୁବଶୀଘ୍ର ମହାନଦୀ ଓ ଜଟାଧାରୀ ମୁହାଣ ବନ୍ଦର ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ସୁବର୍ଣ୍ଣରେଖା ବନ୍ଦର ପାଇଁ ହଳଦିଆ ପେଟ୍ରୋକେମିକାଲ, ମହାନଦୀରେ ନଦୀଭିତ୍ତିକ ବନ୍ଦର ପାଇଁ ଏସ୍‌ଆର୍ ଷ୍ଟିଲ୍ କମ୍ପାନୀ ଆଗ୍ରହ ପ୍ରକାଶ କରିଛି। ଓଡ଼ିଶାରେ ବନ୍ଦର ନିକଟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜିନିବେଶ ସାଙ୍ଗକୁ ଭିତ୍ତିଭୂମି ବିକାଶ ପାଇଁ ନିବେଶକ ଆଗେଇ ଆସିବାକୁ ମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ବିଭାଗୀୟ ସଚିବ ମଧୁସୂଦନ ପାଢ଼ୀ କହିଲେ, ଓଡ଼ିଶାର ୫, ୧୪, ୨୨, ୨୩, ୬୪, ୯୬ ନମ୍ବର ଜଳପଥକୁ ଭାରତ ସରକାର ଜାତୀୟ ଜଳପଥ ଭାବେ ଘୋଷଣା କରିଛନ୍ତି। ୫୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୫ ନମ୍ବର ଜଳପଥ ଆର୍ଥିକ ଦୃଷ୍ଟିରୁ ଅଧିକ ଅନୁକୂଳ ହେଉଥିବାରୁ ପାରାଦୀପ, ଧାମରା ଓ ହଳଦିଆ ପୋର୍ଟକୁ ଓଡ଼ିଶାର ବିଭିନ୍ନ କୋଇଲା ଖଣି ଓ ଶିଳ୍ପାନୁଷ୍ଠାନରୁ ମାଲ ପରିବହନ ସମ୍ଭବ ହୋଇପାରିବ।

# ବେଦାନ୍ତ ସହ ଏମ୍‌ଓୟୁ ବାତିଲ କଲେ ରାଜ୍ୟ ସରକାର

## ଭବାନୀପାଟଣା ମେଡିକାଲ କଲେଜ ନିର୍ମାଣରେ ବିଳମ୍ବ

**ଭୁବନେଶ୍ୱର, ୩।୩(ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣାରେ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ନେଇ ବେଦାନ୍ତ ସହ ହୋଇଥିବା ବୁଝାମଣାପତ୍ର (ଏମ୍‌ଓୟୁ)କୁ ରାଜ୍ୟ ସରକାର ବାତିଲ କରିଛନ୍ତି। ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେବା କାରଣରୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ହସ୍ପିଟାଲର ଅବଶିଷ୍ଟ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି ଲେଖି ଅନୁରୋଧ କରାଯାଇଛି। ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ଗାଇଡ୍‌ଲାଇନ୍ ଆଧାରରେ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ କୁହାଯାଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଭବାନୀପାଟଣାଠାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପାଇଁ ବେଦାନ୍ତ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨୦୧୮ ମାର୍ଚ୍ଚ ୨୭ରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାଦ୍ୱାରା କଳାହାଣ୍ଡି ଓ ଆଖପାଖ ଅଞ୍ଚଳରେ ହଜାର ହଜାର ଆଶାୟୀ ଶିକ୍ଷାର୍ଥୀଙ୍କ ସ୍ୱପ୍ନ ସାକାର ହେବାସହିତ ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହୋଇପାରିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।



GOVERNMENT OF ODISHA
HEALTH & FAMILY WELFARE DEPARTMENT
*****
ORDER

No. HFW-MEII-MC-0002-2018 6275 /H&F.W. Dated 02.03.2021

The Government, after careful consideration, have been pleased to cancel the MoU signed on 27.03.2018 between Govt of Odisha and M/s. Vedanta Ltd. for construction of 500 Bedded Teaching Hospital for the Medical College at Bhawanipatna, Dist-Kalahandi, Odisha with immediate effect due to inordinate delay in execution of the project by M/s Vedanta Ltd.

By order of the Governor
Joint Secretary to Government

Memo. No. 6276 /H., Dated: 02.03.2021
Copy forwarded to the Private Secretary to Hon'ble Chief Minister, Odisha / P.S. to Hon'ble Minister, Health & Family Welfare, Odisha for kind information of Hon'ble Chief Minister and Hon'ble Minister respectively.

GOVERNMENT OF ODISHA
HEALTH & FAMILY WELFARE DEPARTMENT
*****

No. HFW-MEII-MC-0002-2018 6357 /H&F.W. Dated 02.03.2021
From
Prakash Chandra Mohanty, OAS
Joint Secretary to Government
To
The Commissioner-cum- Secretary to Government,
Works Department

Sub- Taking over of execution of teaching hospital of Kalahandi MCH at Bhawanipatna from M/s Vedanta Ltd.

Sir,
I am directed to request you to take over the execution of teaching hospital of Kalahandi MCH at Bhawanipatna from Vedanta Limited as the MoU with M/s Vedanta Ltd has been cancelled in the meantime vide this Department Order No. 6275 dtd 02.03.2021(copy enclosed) and the Works Department may execute the balance work for completion of 650 bedded teaching hospital as required under the guidelines of NMC (National Medical Commission) for establishment of Kalahandi Medical College and Hospital, Bhawanipatna. The estimate of the balance work be sent to this Department for administrative approval and allocation of fund for the purpose.

This may be treated as "Most Urgent".

Yours faithfully,
Joint Secretary to Government

Memo. No. 6358 /H., Dated: 02.03.2021
Copy forwarded to the Private Secretary to Hon'ble Chief Minister, Odisha / P.S. to Hon'ble Minister, Health & Family Welfare, Odisha for kind information of Hon'ble Chief Minister and Hon'ble Minister.

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ,୩।୩(ଡି.ଏନ.ଏ.)**

ଋଣଭାର ସହି ନ ପାରି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ବାଲିକୁଦା ଗ୍ରାମର ଚାଷୀ ସରୋଜ କାନ୍ତ ସ୍ୱାଇଁ (୫୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ସୋମବାର ବିଷ ପିଇଦେଇଥିବାବେଳେ ମଙ୍ଗଳବାର ରାତିରେ କଟକ ବଡ଼ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ସରୋଜ ବ୍ୟାଙ୍କ, ସେବା ସମବାୟ ସମିତି ଓ ଘରୋଇ ସୁଧରେ ଟଙ୍କା ଆଣି ଦୁଇ ଏକର ଜମିରେ ଚିନାବାଦାମ ଚାଷ କରିଥିଲେ। ଗତ ଦୁଇମାସ ତଳେ ଝିଅ ବାହାଘର ମଧ୍ୟ କରିଥିଲେ। କରଜ ଶୁଝିବା ନେଇ କିଛିଦିନ ହେବ ଚିନ୍ତାରେ ଥିଲେ। ସେଥିପାଇଁ ସେ ବିଷ ପିଇଦେଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ତାଙ୍କର ଦୁଇଟି ନାବାଳକ ପୁଅ ଅଛନ୍ତି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ କୁହନ୍ତି, ବର୍ତ୍ତମାନ ଚାଷ ସମ୍ପୂର୍ଣ୍ଣ କ୍ଷତିରେ ଚାଲୁଛି। ଚାଷୀ ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି ସେତିକି ଉଠାଇ ପାରୁନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ। ତେବେ ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ ବୋଲି ସେ ମତ ରଖିଛନ୍ତି।

# ଅଧିକ ସାଉଣ୍ଡ କଲେ ମିଳିବ ଦଣ୍ଡ

## ଶବ୍ଦ ପ୍ରଦୂଷଣ ଚିନ୍ତା

- ଅତି ଉଚ୍ଚ ଶବ୍ଦ କରୁଥିବା ଡିଜେ, ଲାଉଡ୍ ସ୍ପିକର ନିଷେଧ ହେବ
- ଜିଲାପାଳ, ଏସ୍‌ପିଙ୍କୁ ଚିଠି ଲେଖିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଆଉ ମନଇଚ୍ଛା ଶବ୍ଦ କରି ଶୋଭାଯାତ୍ରା କରିପାରିବେ ନାହିଁ। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ଉପରେ ଲାଗିବ କଟକଣା। ୬୫ ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଥାନାର ବିନାନୁମତିରେ କୌଣସି ବ୍ୟକ୍ତି ଉଚ୍ଚ ସ୍ୱରରେ ମାଇକ କିମ୍ବା ଡିଜେ ବଜାଇ ପାରିବେନାହିଁ।

ଗତ ମାସ ୧୯ ତାରିଖରେ ଅନୁଷ୍ଠିତ ପରିବେଶ ତଦାରଖ ସେଲ୍ ବୈଠକରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶବ୍ଦ ପ୍ରଦୂଷଣକୁ ରୋକିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ନେଇ ପଦକ୍ଷେପ ନେବାକୁ ଚିଠି ଲେଖିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ବିବାହ ପ୍ରୋସେସନ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଧାରଣ ବୈଠକଗୁଡ଼ିକରେ ଅତ୍ୟଧିକ ମାତ୍ରାରେ ଶବ୍ଦ ପ୍ରଦୂଷଣ ହେଉଛି। ଏଥିଯୋଗୁ ଦିନକୁ ଦିନ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଅତ୍ୟଧିକ ଶବ୍ଦ ବୟସ୍କ ବ୍ୟକ୍ତି, ରୋଗୀ ଓ ଶିଶୁମାନଙ୍କ ଉପରେ ଗଭୀର ପ୍ରଭାବ ପକାଉଛି। ଶବ୍ଦ ପ୍ରଦୂଷଣ ରୋକିବାକୁ ବିଭିନ୍ନ ସମୟରେ ପରାମର୍ଶ ଦିଆଯାଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନାହିଁ। ଏହାକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଦ୍‌ବେଗ ପ୍ରକାଶ କରିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏ ଦିଗରେ କି ପଦକ୍ଷେପ ନିଆଯାଇଛି ଆସନ୍ତା ୪ ସପ୍ତାହ ମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିବାକୁ କୁହାଯାଇଛି।



**ଆଜିର ମନ୍ତବ୍ୟ**

“ଅପରାଧ ସମ୍ପର୍କରେ ଉତ୍ତରପ୍ରଦେଶର ଭାଜପା ସରକାର ମିଥ୍ୟା ପ୍ରଚାର ଚଳାଇଛନ୍ତି। ପ୍ରତିଦିନ କିଛି ପରିବାର ନ୍ୟାୟ ପାଇଁ ଚିତ୍କାର କରୁଛନ୍ତି।

–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ପ୍ରଶାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ନିଆଁ ଆଁରେ...

ଓ ୨୦୯ ବିଟ୍ ହାଉସ୍ କାର୍ଯ୍ୟ କରୁଛି। ତେବେ ୮ଟି ରେଞ୍ଜର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ଶିମିଳିପାଳର ଆଭ୍ୟନ୍ତରୀଣ ଅଞ୍ଚଳ ଜଳିବାରେ ଲାଗିଛି। ୧୦ଦିନ ହେଲା ଲାଗିଥିବା ଏହି ନିଆଁ ଚାରିଆଡ଼କୁ ବ୍ୟାପି ଚାଲିଥିବାବେଳେ ଇତିମଧ୍ୟରେ ଅଭୟାରଣ୍ୟର ଭଞ୍ଜବସା, ବାଲିନାଳ, ବାରହାକାମୁଡ଼ା, ଜେନାବିଲ, ନଅଁଣା ରେଞ୍ଜର ଦକ୍ଷିଣ ଓ ଉତ୍ତର, ପିଠାବଟା ଓ ଡୁକୁରା ରେଞ୍ଜ ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷଲତା, ଫଳମୂଳ, ଅର୍କିଡ୍, ଗୁଳ୍ମ ଓ ଜଙ୍ଗଲଜାତ ଦ୍ରବ୍ୟ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ବନ୍ୟପ୍ରାଣୀମାନେ ସଙ୍କଟରେ ପଡ଼ିଥିବାବେଳେ ଅନେକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏପଟେ ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକ ପ୍ରତି ବିପଦ ଘନେଇବାରେ ଲାଗିଛି। ନିଆଁ ଲିଭାଇବା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୫୦ଜଣ ଫରେଷ୍ଟ ଗାର୍ଡ ରହିଥିବାବେଳେ ୪୦ ଗାଡ଼ି ସହିତ ୨୪୦ ବ୍ଲୋୟର ମେଶିନ ସହାୟତାରେ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରହିଥିଲେ ମଧ୍ୟ ସୁଫଳ ମିଳିନି। ତେବେ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି।

ଏହି ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି ଭୟଙ୍କର ପରିସ୍ଥିତିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣିବା ଜରୁରୀ ବୋଲି କହିଛନ୍ତି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯିବା ସହିତ ଷଡ଼ଯନ୍ତ୍ରକାରୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଆବଶ୍ୟକ ପଡ଼ିଲେ କେନ୍ଦ୍ର ସରକାରଙ୍କ ସହାୟତା ପାଇଁ ଚିଠି ଲେଖିବେ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ସେପଟେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ କହିଛନ୍ତି ଯେ, ଜଙ୍ଗଲ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର। ପରିବେଶ ନଷ୍ଟ ହେଲେ ପାଣିପାଗ ପ୍ରଭାବିତ ହେବ। ଦଣ୍ଡ ନୁହେଁ, ଏ ବାବଦରେ ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକ। ନିଆଁ ଲାଗିବା ଯୋଗୁ ପଶୁପକ୍ଷୀ ଓ ଆଖପାଖର ଲୋକ ପ୍ରଭାବିତ ହେବା ଆଶଙ୍କା ରହିଥିବା ମହାରାଣୀ କହିଛନ୍ତି। ସୂଚନାଯୋଗ୍ୟ, ମୟୂରଭଞ୍ଜର ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଟୁଇଟ୍ କରିବା ପରେ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଜାଭଡେକର ଟୁଇଟ୍ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ରିପୋର୍ଟ ଦେବା ପାଇଁ ଜାଭଡେକର ନିର୍ଦ୍ଦେଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘରୁଆ ପୁଅ ଜାଣିବ ଯେହୁ**
**କଥାକେ କହି ତୁକାର**
**ଡର ନାହିଁ ପର ଭୁଆସୁଣୀକୁ**
**ତାକୁ ଜାଣିବ ଛୋକାର।**

ଯେଉଁମାନେ ଘରର ଗୁରୁଜନଙ୍କୁ ବେଖାତିର କରନ୍ତି, ଅବଜ୍ଞା କରନ୍ତି ତଥା ତାଙ୍କ କଥାକୁ ଏ କାନରେ ପୂରେଇ ସେ କାନରେ ବାହାରକରନ୍ତି ସେଭଳି ବ୍ୟକ୍ତି ନିହାତି ଅପଦାର୍ଥ ବା କୁଳାଙ୍ଗାର ବୋଲାଇଥାନ୍ତି। ସେହିପରି ପର ନାରୀ ପ୍ରତି ଅଭଦ୍ରୋଚିତ ଆଚରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତି ଅଭଦ୍ର ଓ ଅସାମାଜିକ ଶ୍ରେଣୀର ଆଖ୍ୟା ପାଇଥାନ୍ତି। ଏପରି ବ୍ୟକ୍ତି ସମାଜରେ ନିନ୍ଦିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରନ୍ କରେ ବରନ୍**
**ତେଲ କରେ ଚିକ୍କଣ।**

ଅନ୍ନ ଦେହକୁ ପୁଷ୍ଟ କରେ। ତେଲ ମାଲିସ କରିବା ଦ୍ୱାରା ଦେହ ହାତ ଚିକ୍କଣ ରହିଥାଏ। ତେଲର ଦ୍ୱୈତ ଅର୍ଥ ମଧ୍ୟ ଅଛି। ତେଲ ମାରି ବା ତୋଷାମଦ କରି କାମ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :**


# classifieds

**Everyday 0674-2580101, 2549302**

real estate

**SALE**

5 BHK 2 Story building at Pokhariput main road side, BBSR for sell. Contact: 7438955414. D-20127

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Duplex sale ଘଙ୍ଗାପାଟଣା 1500sqft. land 2000sqft. construction 55,00,000/-, 4K.M. from Sum Hospital. 9437306208. D-69378

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

to-let

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

healthcare

Swarna SPA newly open positively health benefits with expert therapist. 9556978408. D-70545

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546

Ayurvedic full body massage by experienced (M/F) therapist. 7008773793, 8018656899. D-59982

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Refreshing your mind & body with best therapy at Lotus SPA. 8018234866. D-59981

business

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70540

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବିବନଙ୍କୁ ଚିହ୍ନିଲେ...



ଅଭିଯୁକ୍ତଙ୍କ ଚିହ୍ନଟ କରାଯାଇଛି। ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ବିବନଙ୍କୁ ଚିହ୍ନଟ ସମ୍ପର୍କରେ ଆଗାମୀ ଦିନରେ ଅଦାଲତରେ ନିଜର ମତ ରଖିବେ ବୋଲି କହିଛନ୍ତି। ଏଥିସହ ଗଣବଳାତ୍କାର ପରେ ମୁଖ୍ୟ ଅଭିଯୁକ୍ତ ଓଡ଼ିଶା ଛାଡିପଳାଇବାରେ କିଏ ସବୁ ସାହାଯ୍ୟ କରିଛନ୍ତି ଏବଂ କାହା ସହଯୋଗରେ ଏତେ ବର୍ଷ ଧରି ସେ ଗିରଫଦାରିରୁ ବର୍ତ୍ତିଲେ, ସେନେଇ ସିବିଆଇ ଅଭିଯୁକ୍ତଙ୍କୁ ପଚରାଉଚରା କରି ସତ୍ୟ ଉନ୍ମୋଚନ କରିବା ଜରୁରୀ ବୋଲି ଅଞ୍ଜନା କହିଛନ୍ତି।

### ଘଟଣା ଦିନରୁ ଆଜି ଯାଏ

୧୯୯୯ ଜାନୁୟାରୀ ୯ରେ ଭୁବନେଶ୍ୱରରୁ କାର୍ ଯୋଗେ କଟକ ଯାଉଥିବାବେଳେ ବାରଙ୍ଗ ବେଲଗାଛିଆ ନିକଟରେ ଅଞ୍ଜନା ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କ ଦୁଇ ସହଯୋଗୀ ପ୍ରଦୀପ ସାହୁ ଓରଫ ପଦିଆ ଓ ଧୀରେନ୍ଦ୍ର ମହାନ୍ତିଙ୍କୁ ଘଟଣାର ୨ସପ୍ତାହ ମଧ୍ୟରେ ଗିରଫ କରିଥିବାବେଳେ ବିବନ କିନ୍ତୁ ନିଜର ପରିଚୟ ବଦଳାଇ ୨୨ବର୍ଷ ଫେରାର ରହିଥିଲେ। ସେ ମହାରାଷ୍ଟ୍ର ଆମ୍ବିଭ୍ୟାଲିରେ ଆତ୍ମଗୋପନ କରିଥିବା ପୋଲିସକୁ ସୂଚନା ମିଳିଥିଲା। ୨୨ ବର୍ଷ ପରେ ଗତ ୨୧ତାରିଖରେ କମିଶନରେଟ୍ ପୋଲିସ ପକ୍ଷରୁ ଅପରେଶନ୍ ସାଇଲେଣ୍ଟ ଭାଇପର ମାଧ୍ୟମରେ ବିବନଙ୍କୁ ଆମ୍ବିଭ୍ୟାଲିରୁ ଗିରଫ କରାଯାଇ ଭୁବନେଶ୍ୱର ଅଣାଯାଇଥିଲା। ଘଟଣାର ତଦନ୍ତ ସିବିଆଇ କରୁଥିବାରୁ କମିଶନରେଟ ପୋଲିସ ବିବନଙ୍କୁ ସିବିଆଇକୁ ହସ୍ତାନ୍ତର କରିଥିଲା। ପରେ ସ୍ୱତନ୍ତ୍ର ସିବିଆଇ ସିଜେଏମ୍ କୋର୍ଟରେ ବିବନଙ୍କୁ ହାଜର କରାଯିବା ପରେ ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତ ବିବନଙ୍କୁ ୨ ଦିନିଆ ରିମାଣ୍ଡରେ ନେବା ସହ ଜେଲରେ ଟିଆଇ ପରେଡ ପାଇଁ କୋଲ୍‌କାତାର ଏକ ସିବିଆଇ ଟିମ୍ ମଙ୍ଗଳବାର ସ୍ୱତନ୍ତ୍ର ସିଜିଏମ୍ କୋର୍ଟରେ ଆବେଦନ କରିଥିଲା। ବୁଧବାର ଟିଆଇ ପରେଡ ସହ ଆସନ୍ତା ୪ ଓ ୫ ତାରିଖ ୨ଦିନ ପାଇଁ ବିବନଙ୍କୁ ସିବିଆଇ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ପ୍ରଦାନ କରିଥିଲେ।

### କେମିତି ଥିଲା ଏକ ଘଣ୍ଟାର ଟିଆଇ ପରେଡ

ବୁଧବାର ଅପରାହ୍ଣ ପ୍ରାୟ ୨ଟା ୧୫ ବେଳକୁ ଅଞ୍ଜନା ଝାରପଡ଼ା ଜେଲ ପରିସରରେ ପହଞ୍ଚିଥିଲେ। ୨୨ବର୍ଷ ପରେ ଟିଆଇ ପରେଡରେ ଅଭିଯୁକ୍ତ ବିବନଙ୍କୁ ଚିହ୍ନିବା କଷ୍ଟକର, ତଥାପି ଚିହ୍ନିବେ ବୋଲି ଅଞ୍ଜନା ଗଣମାଧ୍ୟମକୁ କହି ଜେଲ ଭିତରକୁ ଯାଇଥିଲେ। ସାଢେ ୨ଟା ବେଳେ ଜେଏମ୍‌ଏଫ୍‌ସି ଶୃଜାଳିନ ମହାନ୍ତି ଜେଲ ପରିସରରେ ପ୍ରବେଶ କରିଥିଲେ। ଏହା ପରେ ଟିଆଇ ପରେଡ ଆରମ୍ଭ ହୋଇଥିଲା। ଝାରପଡ଼ା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ର ନାଥଙ୍କ ସୂଚନା ମୁତାବକ ବିବନଙ୍କ ସମେତ ତାଙ୍କ ରଙ୍ଗ ଉଚ୍ଚତା ଓ ବୟସ ପାଖାପାଖି ଥିବା ୧୧ ଜଣ ବ୍ୟକ୍ତିଙ୍କୁ ଟିଆଇ ପରେଡରେ ଠିଆ କରାଯାଇଥିଲା। ମାଜିଷ୍ଟ୍ରେଟ ଓ ଜେଲ ଅଫିସରଙ୍କ ଉପସ୍ଥିତିରେ ଅଞ୍ଜନା ଓ ଡ୍ରାଇଭର ନୀଳକଣ୍ଠ ବିବନଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାୟ ଏକ ଘଣ୍ଟା ଭିତରେ ଚିହ୍ନଟ ପ୍ରକ୍ରିୟା ସରିବା ସହ ସମସ୍ତ ତଥ୍ୟ ପ୍ରମାଣକୁ ଜେଲ କର୍ତ୍ତୃପକ୍ଷ ଓ କୋର୍ଟଙ୍କ ପକ୍ଷରୁ ରେକର୍ଡ କରାଯାଇଥିଲା।

### ଆଜିଠୁ ୨ ଦିନିଆ ରିମାଣ୍ଡରେ ବିବନ

ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଗୁରୁବାରଠାରୁ ୨ ଦିନିଆ ରିମାଣ୍ଡରେ ନେବ ସିବିଆଇ। ରିମାଣ୍ଡରେ ନେଇ ମାରାଥନ ଜେରା କରାଯିବ। ସିବିଆଇ ନିକଟରେ ଅଭିଯୁକ୍ତ ୧୯୯୯ ଜାନୁୟାରୀ ୯ରାତିରେ ଘଟିଥିବା ଘଟଣାର ସତ ବଖାଣିବ। ବିବନ ନିଜେ ନା କାହାର ଇସାରାରେ ଏପରି କାର୍ଯ୍ୟ କରିଥିଲେ, ଓଡ଼ିଶା ଛାଡ଼ି ପଳାଇବାରେ କେଉଁମାନେ ତାଙ୍କୁ ସହଯୋଗ କରିଥିଲେ। ଏତେ ବର୍ଷ ଧରି ସେ କିପରି ଗିରଫଦାରିରୁ ବର୍ତ୍ତିଲେ ସେନେଇ ସିବିଆଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

## ‘ତୁରନ୍ତ ପଦକ୍ଷେପ...

ସଚିବ ମୋନା ଶର୍ମା କହିଛନ୍ତି, ଲାଗିଥିବା ନିଆଁ ନିୟନ୍ତ୍ରଣାଧୀନ ରହିଛି। ଏଥିରେ କୌଣସି ଜୀବନ ହାନି ଘଟି ନାହିଁ। ବଡ଼ ବଡ଼ ଗଛଗୁଡ଼ିକର କିଛି ବି କ୍ଷତି ହୋଇନାହିଁ। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଏସ୍‌ଓପି ଜାରି କରାଯାଇଛି। ଫାୟାର ଆଲର୍ଟ ସମ୍ପର୍କରେ ପ୍ରତି ସନ୍ଧ୍ୟାରେ ରାଜ୍ୟ ସରକାରଙ୍କୁ ଓ ଜିଲାପାଳଙ୍କୁ ଅବଗତ କରିବା ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶର୍ମା କହିଛନ୍ତି। ପିସିସିଏଫ୍(ବନ୍ୟପ୍ରାଣୀ) ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ପରିସ୍ଥିତି ଉପରେ ନଜର ରଖିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦିଆଯାଇଛି। ଏହି ବୈଠକରେ ୫-ଟି ସଚିବ ଭି. କେ. ପାଣ୍ଡିଆନ, ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ଜଙ୍ଗଲ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସେକ୍ସ ଫର୍...

ହେବା ଦଳକୁ ଅଡୁଆରେ ପକାଇଛି। ଗୁରୁବାରଠାରୁ କର୍ଣ୍ଣାଟକ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅନ୍ୟପକ୍ଷରେ ସେଠାର ବେଲାଗାଭି ଲୋକ ସଭା ଆସନ ଏବଂ ମାସ୍କି ଓ ସିନ୍ଦଗି ବିଧାନସଭା ଆସନ ଲାଗି ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ବିଧାନସଭାରେ ବିରୋଧୀଙ୍କ ଆକ୍ରମଣରୁ ବର୍ତ୍ତିବା ପାଇଁ ରମେଶଙ୍କୁ ମନ୍ତ୍ରୀପଦରୁ ହଟାଇ ଦିଆଯାଇଛି। ସାମାଜିକ କର୍ମୀ ଦିନେଶ କାଲ୍ଲାହାଲ୍ଲି ବେଙ୍ଗାଲୁରୁ ସିଟି ପୋଲିସ କମିଶନର କମଲା ପନ୍ତଙ୍କ ନିକଟରେ ଅଭିଯୋଗ କରିବା ପରେ ଉକ୍ତ ସିଡୀକୁ ପ୍ରଘଟ କରିଥିଲେ। ଏହା ପରେ ବେଙ୍ଗାଲୁରୁର କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହ ରମେଶଙ୍କ ବହିଷ୍କାର ଦାବି କରିଥିଲେ। ମନ୍ତ୍ରୀଙ୍କ ଭାଇ ତଥା ଭାଜପା ବିଧାୟକ ବାଲାଚନ୍ଦ୍ର ଜାର୍କିହୋଲି ଅଭିଯୋଗର ସିବିଆଇ ତଦନ୍ତ ଦାବି କରିବା ସହ ଜାଲ୍ ସିଡୀ ଛାଡ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମାମଲା ରୁଜୁ କରିବେ ବୋଲି ଧମକ ଦେଇଛନ୍ତି।

## ଅନୁରାଗ, ତାପସୀଙ୍କ...

ଅଧିକାରୀ ରେଡ୍ କରିଛନ୍ତି। ଏକ ଟ୍ୟାଲେଣ୍ଟ ଏଜେନ୍ସି ସମେତ ଅନୁରାଗଙ୍କ ଫାଣ୍ଟମ ଫିଲ୍ମସ୍, ପ୍ରଯୋଜକ ମଧୁ ମଣ୍ଟେନା ଓ ବିକାଶ ବାହଲଙ୍କ ଠିକଣାରେ ମଧ୍ୟ ଚଢ଼ାଉ ହୋଇଛି। କୃଷକ ଆନ୍ଦୋଳନ, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭକୁ ସମର୍ଥନ ଦେବାକୁ ଯାଇ ସରକାରଙ୍କୁ ସମାଲୋଚନା କରି ମତ ରଖିବା ଯୋଗୁ ବଲିଉଡ୍‌ର ଏହି ୨ ପ୍ରମୁଖ କଳାକାରଙ୍କୁ ଏବେ ଟାର୍ଗେଟ କରାଯାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ତେବେ ଆୟକର ବିଭାଗ କୌଣସି ସୂଚନା ଆଧାରରେ ଚଢ଼ାଉ କରି ତଦନ୍ତ କରୁଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି।

ଅନୁରାଗ ଓ ତାପସୀ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ। ସେହି କାରଣରୁ ଏହି ଚଢ଼ାଉ ପ୍ରାୟୋଜିତ ବୋଲି ବିରୋଧୀ କହିଛନ୍ତି। ନୂଆ କୃଷି ଆଇନ ବିରୋଧରେ କୃଷକ ଆନ୍ଦୋଳନ, ଅନ୍ତର୍ଜାତୀୟ ସ୍ତରରେ ଏହି ଆନ୍ଦୋଳନକୁ ସମର୍ଥନ ଆଦି ସମ୍ପର୍କରେ ତାପସୀ କେନ୍ଦ୍ର ସରକାରଙ୍କ ବିରୋଧରେ ମତ ରଖିଥିଲେ। ଆମେରିକୀୟ ପପ୍ ଷ୍ଟାର ରିହାନା କୃଷକଙ୍କ ସମର୍ଥନରେ କରିଥିବା ମାତ୍ର ଗୋଟିଏ ପୋଷ୍ଟକୁ ନେଇ ସରକାରଙ୍କ ପ୍ରତିକ୍ରିୟା ଉପରେ ତାପସୀ ପ୍ରଶ୍ନ କରିଥିଲେ। ଗତ ମାସରେ ତାପସୀ ଟୁଇଟ କରି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯଦି ଗୋଟିଏ ଟୁଇଟ୍ ଆପଣଙ୍କ ଏକତାକୁ ଦୋହଲାଇ ଦେଉଛି, ଏକ ଉପହାସ ଆପଣଙ୍କ ବିଶ୍ୱାସକୁ ଟଳମଳ କରୁଛି, ଏକ ଶୋ ଯଦି ଧାର୍ମିକ ବିଶ୍ୱାସକୁ ଖଣ୍ଡିଆଖାବରା କରିଦେଉଛି, ତେବେ ଆପଣ ଅନ୍ୟ ବିରୋଧରେ କୁପ୍ରଚାର କରିବା ବଦଳରେ ନିଜେ ନିଜର ଭାବନାକୁ ମଜଭୁତ କରିବା ଜରୁରୀ। ସେହିପରି ୨୦୧୯ରେ ଅନୁରାଗ କଶ୍ୟପ ନାଗରିକତ୍ୱ ଆଇନକୁ ବିରୋଧ କରୁଥିବା ଲୋକଙ୍କ ସମର୍ଥନରେ ବାହାରି ସେମାନଙ୍କ ବିରୋଧରେ ହିଂସାକାଣ୍ଡକୁ ନିନ୍ଦା କରିଥିଲେ।

### ‘କେନ୍ଦ୍ର ସରକାରଙ୍କ ଦମନଲୀଳା’

ଅନୁରାଗ ଓ ତାପସୀଙ୍କ ଘର, ଅଫିସ୍‌ରେ ଆୟକର ବିଭାଗ ଚଢ଼ାଉକୁ ମହାରାଷ୍ଟ୍ରର ଶିବସେନା ସରକାର ପକ୍ଷରୁ ନିନ୍ଦା କରାଯାଇଛି। ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ କହିଛନ୍ତି, ଉଭୟଙ୍କ ବିଚାର ଓ ମତକୁ କେନ୍ଦ୍ରକରି ସେମାନଙ୍କୁ ଟାର୍ଗେଟ କରାଯାଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉଠାଉଥିବା ଲୋକଙ୍କୁ ଦମନ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଆୟକର (ଆଇଟି) ବିଭାଗକୁ ଅସ୍ତ୍ର କରାଯାଇଛି। ସରକାର ବିରୋଧୀ ସ୍ୱର ଚପାଇଦେବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି।

### ନାଜି ସରକାର ଚାଲିଛି: ତେଜସ୍ୱୀ

ଦୁଇ ସିନେ ବ୍ୟକ୍ତିତ୍ୱଙ୍କ ଘରେ ଚଢ଼ାଉକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ନେତା ତେଜସ୍ୱୀ ଯାଦବ। ତେଜସ୍ୱୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମତ ରଖିଥିବା ଲୋକଙ୍କୁ ଟାର୍ଗେଟ କରାଯାଉଛି। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ରାସ୍ତାରୁ ହଟାଇବାକୁ ପ୍ରଥମେ ଆଇଟି, ସିବିଆଇ ଓ ଇଡିକୁ ଲଗାଯାଇଥିଲା। ଏବେ ‘ନାଜି ସରକାର’ ପକ୍ଷରୁ ସାମାଜିକ କର୍ମୀ, ଖବରଦାତା, କଳାକାରଙ୍କୁ ଧମକାଇ ଡରାଇ ରଖିବାକୁ ଚେଷ୍ଟା କରାଯାଉଛି। ଏହା ନିନ୍ଦନୀୟ ବୋଲି ତେଜସ୍ୱୀ ଟୁଇଟ୍ କରିଛନ୍ତି।

## ଭିନ୍ନମତ ଦେଶଦ୍ରୋହ...

ସ୍ୱାଧୀନତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଥିବାବେଳେ ଭିନ୍ନମତ ପୋଷଣ କରୁଥିବା ବୁଦ୍ଧିଜୀବୀ ଓ ଅଧିକାର କର୍ମୀମାନଙ୍କ ବିରୋଧରେ ନାନା ସଙ୍ଗିନ ଅଭିଯୋଗ ଅଣାଯାଇ ସେମାନଙ୍କୁ କେନ୍ଦ୍ରୀୟ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଜରିଆରେ ଆଇନର ଜାଲରେ ଛନ୍ଦାଯାଉଥିବା ଅଭିଯୋଗ ହେଉଛି। ଏଭଳି ସମୟରେ ଶୀର୍ଷ ଅଦାଲତଙ୍କ ଏହି ରାୟ କେନ୍ଦ୍ର ସରକାରଙ୍କୁ ଶକ୍ତ ଝଟ୍‌କା ଦେଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୫ରେ ହଟାଇଦେଇଥିଲେ। ୮୩ ବର୍ଷୀୟ ଶ୍ରୀନଗର ଏମ୍‌ପି ଫାରୁକ୍ ଅବ୍‌ଦୁଲ୍ଲା ଓ ତାଙ୍କ ପୁଅ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଫାରୁକ୍ ମୁକ୍ତ ହେବା ପରେ କେନ୍ଦ୍ରର ଏହି ପଦକ୍ଷେପ ବିରୋଧରେ ଚାଇନା ଓ ପାକିସ୍ତାନର ସହାୟତା ଲୋଡ଼ିଥିଲେ। ଫାରୁକ୍‌ଙ୍କ ମନ୍ତବ୍ୟକୁ ନେଇ ‘ବିଶ୍ୱ ଗୁରୁ ଇଣ୍ଡିଆ ଭିଜନ୍ ଅଫ୍ ସର୍ଦ୍ଦାର ପଟେଲ’ ସଙ୍ଗଠନ ସହ ଜଡ଼ିତ ରଜତ ଶର୍ମା ଓ ଡକ୍ଟର ନେହ ଶ୍ରୀବାସ୍ତବା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦ୍ୱୟ ନିଜ ଆବେଦନରେ ଉଲ୍ଲେଖ କରିଥିଲେ ଯେ ଫାରୁକ୍ ଜଣେ ଦେଶବିରୋଧୀ। ସେ କଶ୍ମୀରକୁ ଚାଇନା ହାତରେ ଟେକିଦେବା ପାଇଁ ଉଦ୍ୟମ କରୁଥିବାରୁ ଦେଶଦ୍ରୋହ ମାମଲା ରୁଜୁ କରି ଭାରତୀୟ ଦଣ୍ଡ ସଂହିତା ଦଫା ୧୨୪-ଏରେ ଦଣ୍ଡିତ କରାଯାଉ। ଫାରୁକ୍‌ଙ୍କୁ ଯଦି ଜଣେ ଏମ୍‌ପି ଭାବେ ରହିବାକୁ ଦିଆଯାଏ ତେବେ ଭାରତରେ ଯେକୌଣସି ଦେଶବିରୋଧୀଙ୍କୁ ସ୍ୱୀକୃତି ମିଳିବା ସହ ସମାନ। ଏପରି ହେଲେ ଦେଶର ଏକତା ପ୍ରତି ବିପଦ ସୃଷ୍ଟି ହେବ। ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଓ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ଶେଷ କରି ଆବେଦନକାରୀଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହାସହ ଅନାବଶ୍ୟକ ଦାବି କରିଥିବାରୁ ୫୦, ୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସହପାଠୀଙ୍କ ଛୁରାମାଡ଼ରେ...

ଟାହିଟାପରାକୁ ନେଇ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଖବରପାଇ ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଆହତ ଛାତ୍ରଙ୍କ ବାପା ସୁଜିତ କୁମାର ନାୟକ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ସାମାନ୍ୟ କଥାକୁ କେନ୍ଦ୍ର କରି ପୁଅକୁ ଛୁରାମାଡ଼ କରାଯାଇଥିବା ଦର୍ଶାଇଛନ୍ତି। ଏ ନେଇ ନଂ.୭୯/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ଦିଲ୍ଲୀ ସରକାରଙ୍କ ପରୀକ୍ଷା ବାତିଲ ନିଷ୍ପତ୍ତିକୁ କାଏମ

**ନୂଆଦିଲ୍ଲୀ, ୩।୩:** ସରକାରୀ ସେବାରେ ନିଯୁକ୍ତି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିବା ସହ ଦିଲ୍ଲୀ ସରକାରଙ୍କ ପରୀକ୍ଷା ବାତିଲ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ସରକାରୀ ପଦବୀରେ ନିଯୁକ୍ତି ପାଇଁ ମନୋନୀତ ବ୍ୟକ୍ତି ସରକାରୀ କାର୍ଯ୍ୟ ସହ ଜନସାଧାରଣଙ୍କ କାର୍ଯ୍ୟ କରିବା ଲାଗି ଆଗ୍ରହ ରଖୁଥିବା ଆବଶ୍ୟକ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଏଥି ସହିତ ୨୦୦୯ରେ ମୁଖ୍ୟ କିରାଣି ପଦବୀ ପାଇଁ ହୋଇଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ବାତିଲ ପାଇଁ ଦିଲ୍ଲୀ ସବ୍‌ଅର୍ଡିନେଟ ସର୍ଭିସେସ୍ ସିଲେକ୍ସନ ବୋର୍ଡର ନିଷ୍ପତ୍ତିକୁ ଖଣ୍ଡପୀଠ କାଏମ ରଖିଥିଲେ। ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା। ପରୀକ୍ଷା ବାତିଲ ଯୋଗୁ ତ୍ରୁଟି ସହ ସମ୍ପୃକ୍ତ ନ ଥିବା କେତେଜଣଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିବ ଏହା ନିଃସନ୍ଦେହ। ଏହାକୁ ଆଳ କରି ପରୀକ୍ଷା ବାତିଲ ନିଷ୍ପତ୍ତିକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀ ସରକାରଙ୍କ ପରୀକ୍ଷା ବାତିଲ ନିଷ୍ପତ୍ତିକୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ରଦ୍ଦ କରିଦେଇଥିଲେ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶସ୍ଥ ରବି ଓ ଶୁକ୍ର ପ୍ରଭାବରେ ଏକାଧାରରେ ଅର୍ଥଲାଭ ସାଙ୍ଗକୁ ବନ୍ଧୁ ସମ୍ପର୍କରୁ ଖୁସି ରହିବେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାମରେ ଶୁଭ ସୂଚନା ପାଇବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେଇପାରେ। ଅନିଦ୍ରାଜନିତ କ୍ଲେଶ ଭୋଗିବାକୁ ପଡ଼ିପାରେ।

**ବୃଷ**
ଶୁକ୍ରଙ୍କ ସୁପ୍ରଭାବରୁ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଦୁଃଖ ଭରି ରହିଥିଲେ ମଧ୍ୟ ମନ କଥା ପ୍ରକାଶ କରିପାରିବେ ନାହିଁ। ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି।

**କର୍କଟ**
ଆଜି ଅପେକ୍ଷାକୃତ ଅସୁବିଧା ଭୋଗିଲେ ମଧ୍ୟ କାମ ଅଟକିବ ନାହିଁ। ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷାକରିବା କ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଆଶା କରିପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ**
ଆଲୋଚନା କାଳରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା**
ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବ୍ୟବସାୟରେ ମତାନ୍ତର ଦେଖାଦେଇପାରେ। ମଧ୍ୟାହ୍ନରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖ ଭ୍ରମଣ ଯୋଗ ରହିଛି।

**ତୁଳା**
ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା**
ଦୀର୍ଘ ଦିନରୁ ସ୍ଥଗିତ କାମକୁ ପୂରା ଦମରେ କରିଚାଲିବେ। ଅଧସ୍ତନ କର୍ମଚାରୀଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବହୁତ ଦିନରୁ ଚେଷ୍ଟା କରୁଥିବା ମୂଲ୍ୟବାନ ଦ୍ରବ୍ୟଟି ଆଜି ଲାଭ ହୋଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାର ଆଶା ରହିଛି।

**ଧନୁ**
ଅନ୍ୟମାନଙ୍କ ସାହାଯ୍ୟ ଲାଭ ହେତୁ କାମ ହାସଲ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। ବାରମ୍ବାର କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଏଣୁ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି।

**ମକର**
ବିଭିନ୍ନ ଦିଗରୁ ନିର୍ଯ୍ୟାତିତ ହେଲେ ମଧ୍ୟ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ବନ୍ଧୁଙ୍କ ସହଯୋଗରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଳମ୍ବରେ ହେଲେ ମଧ୍ୟ କାମ ଠିକ୍ ଭାବେ ସମ୍ପନ୍ନ ହେବ।

**କୁମ୍ଭ**
କର୍ମକ୍ଷେତ୍ର ଓ ପରିବାରର ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ ବ୍ୟବସାୟରେ ନୂତନ ଦିଗନ୍ତ ସୃଷ୍ଟି ହେବ। ଦିନ ମଧ୍ୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ।

**ମୀନ**
ବହୁ ଲୋକ ଗହଣରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମନ ଭଲ ରହିଥିବା କାରଣରୁ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ। ଅପରାହ୍ନେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ ଗୁରୁବାର, ମାର୍ଚ୍ଚ ୪ ତାରିଖ, (ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ-ମାର୍ଚ୍ଚ ୪ରୁ ୧୧ ତାରିଖ) ରାଶି ନକ୍ଷତ୍ର-ବିଶାଖା/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୭ ଗତେ ଘ.୦୭।୪୧ ମଧ୍ୟେ, ଘ.୧୦।୪୮ଗତେ ଘ.୦୧।୧୮ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨।୫୦ ଗତେ ଘ. ୦୩।୩୯ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୬ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

**କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବଙ୍କୁ ଭେଟିଲେ ସତ୍ୟବ୍ରତ**

ଭୁବନେଶ୍ୱର, (ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସଚିବ ବିଦ୍ୟୁତ୍ ବିହାରୀ ସ୍ୱାଇଁଙ୍କୁ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୂଆଦିଲ୍ଲୀଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟରେ ଚାଲିଥିବା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସମ୍ପର୍କରେ ସେ କେନ୍ଦ୍ର ସଚିବଙ୍କୁ ଅବଗତ କରାଇଥିଲେ। ଓଡ଼ିଶାରେ 'ସ୍ଫୁର୍ତ୍ତି' ଯୋଜନାରେ ଆଉ ଏକ ଶିଳ୍ପାଞ୍ଚଳ କ୍ଲଷ୍ଟର ସ୍ଥାପନ ଲାଗି ଅନୁରୋଧ କରିଛନ୍ତି। ସେହିପରି ବ୍ୟାଙ୍କ ଅର୍ଥ ଲଗାଣ ପରିମାଣ ବୃଦ୍ଧି, ଶିଳ୍ପାଞ୍ଚଳରେ ଭିତ୍ତିଭୂମି ବିକାଶ କରିବା ଲାଗି କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଓଡ଼ିଶାକୁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି କେନ୍ଦ୍ର ସଚିବ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସୂଚନା ଦେଇଛନ୍ତି।

# ୨୪ ଘଣ୍ଟିଆ ଟିକାକରଣକୁ ଅନୁମତି

## ଯେକୌଣସି ସମୟରେ ଟିକା ନେଇପାରିବେ ଯୋଗ୍ୟ ହିତାଧିକାରୀ

**ନୂଆଦିଲ୍ଲୀ, ୩।୩**

କୋଭିଡ୍ ଟିକାକରଣ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୪ ଘଣ୍ଟିଆ ଟିକାଦାନକୁ ଅନୁମତି ଦେଇଛନ୍ତି। ଯୋଗ୍ୟ ହିତାଧିକାରୀ ସେମାନଙ୍କ ସୁବିଧା ଅନୁଯାୟୀ ଯେକୌଣସି ସମୟରେ ହସ୍ପିଟାଲ ବା ଟିକାଦାନ କେନ୍ଦ୍ରକୁ ଯାଇ କୋଭିଡ୍ ଟିକା ନେଇପାରିବେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି। ଟିକାଦାନ ପାଇଁ ସକାଳ ୯ରୁ ଅପରାହ୍ଣ ୫ଟା ସମୟସୀମା ହଟାଇଦିଆଗଲା ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଥିଲେ। ଏହି ସମୟ ବାଦ୍ ମଧ୍ୟ ହସ୍ପିଟାଲଗୁଡ଼ିକ ଚାହିଁଲେ ଟିକା ଦେଇପାରିବେ। ଏ ସମ୍ପର୍କରେ ରାଜ୍ୟ ସରକାର, ଘରୋଇ ଓ ସରକାରୀ ହସ୍ପିଟାଲଗୁଡ଼ିକୁ ଜଣାଇ ଦିଆଯାଇଥିବା ଭୂଷଣ କହିଥିଲେ।

ମାର୍ଚ୍ଚ ୧ରୁ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି। ଟିକା ନେବା ପାଇଁ ଲୋକଙ୍କ ମଧ୍ୟରେ ମଧ୍ୟ ବେଶ୍ ଆଗ୍ରହ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ପ୍ରଥମ ପର୍ଯ୍ୟାୟରେ ଟିକା ନେଇଥିବା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଫେବୃୟାରୀ ୧୩ରୁ ଦ୍ୱିତୀୟ ଡୋଜ୍ ଦିଆଯାଉଥିବାବେଳେ ଫେବୃୟାରୀ ୨ରୁ କୋଭିଡ୍ ସମ୍ମୁଖ ଯୋଦ୍ଧାମାନଙ୍କୁ ଟିକାଦାନ କରାଯାଉଛି। ବୁଧବାର ସକାଳ ୭ଟା ସୁଦ୍ଧା ରିପୋର୍ଟ ଅନୁଯାୟୀ ଦେଶରେ ମୋଟ ୧କୋଟି ୫୬ ଲକ୍ଷ ୨୦ ହଜାର ୭୪୯ ଡୋଜ୍ ଟିକା ଦିଆଗଲାଣି।

## କୋଭାକ୍ସିନ୍ ୮୧% ଫଳପ୍ରଦ

**ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳ**




**ହାଇଦ୍ରାବାଦ, ୩।୩:** ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଅନ୍ତରୀଣ ଫଳାଫଳ ପ୍ରକାଶ ପାଇଛି। ଏହି ଟିକା ୮୧ ପ୍ରତିଶତ ଫଳପ୍ରଦ ବୋଲି ପରୀକ୍ଷାରୁ ଜଣାପଡ଼ିଥିବା ବୁଧବାର ଭାରତ ବାୟୋଟେକ୍ ପକ୍ଷରୁ ଘୋଷଣା କରାଯାଇଛି। ଏହି ପର୍ଯ୍ୟାୟ ପରୀକ୍ଷାରେ ୨୫,୮୦୦ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ, ଯାହା କି ଭାରତରେ ସବୁଠୁ ବଡ଼ କ୍ଲିନିକାଲ ପରୀକ୍ଷା ବୋଲି କୁହାଯାଉଛି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ସହଯୋଗରେ ଭାରତ ବାୟୋଟେକ୍ କମ୍ପାନୀ କୋଭାକ୍ସିନ୍ ଟିକା ପ୍ରସ୍ତୁତ କରିଛି। ପୂର୍ବରୁ ଯେଉଁମାନଙ୍କୁ କରୋନା ସଂକ୍ରମଣ ହୋଇ ନ ଥିଲା ଟିକାର ଦ୍ୱିତୀୟ ଡୋଜ୍ ନେବା ପରେ ସେମାନଙ୍କଠାରେ କୋଭିଡ୍-୧୯ ଭୂତାଣୁ ପ୍ରତିରୋଧ କରିବାର ୮୧ ପ୍ରତିଶତ ଅନ୍ତରୀଣ ସାମର୍ଥ୍ୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ହୋଇ ନ ଥିଲେ ମଧ୍ୟ ସ୍ୱଦେଶୀ ଟିକା କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ପାଇଁ ସରକାର ଅନୁମୋଦନ କରିଥିଲେ। ଫଳରେ ଏହାର ସାମର୍ଥ୍ୟ ଓ ସୁରକ୍ଷାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଥିଲା। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାବେଳେ କୋଭାକ୍ସିନ୍ ସମେତ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡକୁ ଏଥିରେ ସାମିଲ କରାଯାଇଛି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍ସରେ କୋଭାକ୍ସିନ୍ ଟିକାର ପ୍ରଥମ ଡୋଜ୍ ନେଇଥିଲେ।

# ନାୟକ ସାର୍, ଭାଗ୍ୟଶ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ




ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଲୁ ନାୟକ ଓ ଭାଗ୍ୟଶ୍ରୀ ସାହୁଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, (ବ୍ୟୁରୋ)/ ନାଉଗାଁ, ୩।୩ (ସ୍ୱ.ପ୍ର.)**


ସମାଜ ପାଇଁ ନିଃସ୍ୱାର୍ଥପର ସେବା ଜାରି ରଖିଥିବା ଜଗତ୍‌ସିଂହପୁର ନାଉଗାଁ ବ୍ଲକ୍ ଶିଖର ପଞ୍ଚାୟତ ଅରଖକୁଦର ନାୟକ ସାର୍ ଓରଫ ସିଲୁ ନାୟକ ଓ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସରାଙ୍ଗର ଛାତ୍ରୀ ଭାଗ୍ୟଶ୍ରୀ ସାହୁଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ରାଜଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଦୁଇଜଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ। ଭାଗ୍ୟଶ୍ରୀଙ୍କୁ ସମ୍ମାନ ଜଣାଇ ରାଜ୍ୟପାଳ ଚିତ୍ରକଳା ଓ ହସ୍ତଶିଳ୍ପ (ପଟଚିତ୍ର) କ୍ଷେତ୍ରରେ ତାଙ୍କର ଅସାଧାରଣ ପ୍ରତିଭାକୁ ପ୍ରଶଂସା କରିଥିଲେ। ତାଙ୍କର ଉତ୍ସାହ, ନିଃସ୍ୱାର୍ଥପର ଭକ୍ତି ଓ ଶକ୍ତି ଅନ୍ୟମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ରାଜ୍ୟପାଳ କହିଛନ୍ତି। ବିଜୁ ପଟ୍ଟନାୟକ ଟେକ୍ନୋଲୋଜି ୟୁନିଭର୍ସିଟି ତରଫରୁ ରାଜ୍ୟପାଳ ତାଙ୍କୁ ପ୍ରମାଣପତ୍ର ସହ ୧.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

ସେହିପରି ସିଲୁ ନାୟକ ଗ୍ରାମାଞ୍ଚଳର ଯୁବକଙ୍କ ସଶସ୍ତ୍ର ବାହିନୀରେ ପ୍ରବେଶ କରିବାର ସ୍ୱପ୍ନକୁ ପୂରଣ କରିବାରେ ନିଜ ଦ୍ୱାରା ପ୍ରତିଷ୍ଠିତ 'ମହାଗୁରୁ ବାଟାଲିଅନ୍'ରେ ମାଗଣାରେ ତାଲିମ ପ୍ରଦାନ କରୁଛନ୍ତି। ତାଙ୍କର ଏହି ନିଃସ୍ୱାର୍ଥପର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ତାଙ୍କର ଏହି କାର୍ଯ୍ୟ ଅନେକଙ୍କୁ ସମାଜ ସେବାରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ବିପିୟୁଟି କୁଳପତି ଡ. ସି.ଆର୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ହେଲ୍‌ମେଟ୍ ଯାଞ୍ଚ ବେଳେ ସ୍କୁଟିରୁ ବାହାରିଲା ମାଉଜର, ୨ ଗିରଫ

**ଜଗନ୍ନାଥପ୍ରସାଦ,୩।୩(ଡି.ଏନ.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ପୋଲିସ ବୁଧବାର ହେଲ୍‌ମେଟ୍ ଯାଞ୍ଚ କରୁଥିବା ବେଳେ ଏକ ସ୍କୁଟି ଡିକିରୁ ଗୁଳିଭରା ମାଉଜର ମିଳିଥିଲା। ତଦନ୍ତ ପରେ ସ୍କୁଟି ଚଳାକ ଓ ପଛରେ ବସିଥିବା ଆରୋହୀ ଉଭୟଙ୍କ ନାଁରେ ଏକାଧିକ ମାମଲା ଥିବା ଜଣାପଡ଼ିଥିଲା। ଏ ନେଇ ନଂ. ୫୪/୨୧ରେ ମାମଲା ରୁଜୁ କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରର ମନୋଜ କୁମାର ବେହେରା ଓ ରମ୍ଭା ଥାନା ବଳରାମପଲିର ନାରାୟଣ ବେହେରା। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ମାଉଜର, ଗୁଳି, ଗୋଟିଏ ସ୍କୁଟି ଓ ଦୁଇଟି ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ପ୍ରକାଶ ଯେ, ମନୋଜ ଓ ନାରାୟଣ ସ୍କୁଟିରେ ସ୍ଥାନୀୟ ଚୋପରା ଗ୍ରାମରୁ ଜଗନ୍ନାଥପସାଦ ଅଭିମୁଖେ ଯାଉଥିବା ବେଳେ ପୋଲିସ ହେଲ୍‌ମେଟ୍ ଯାଞ୍ଚ ବେଳେ ଉଭୟଙ୍କୁ ଧରିଥିଲା।

# କ୍ୱାଲିଟି ଦିଏ ଗ୍ରାହକ ସନ୍ତୁଷ୍ଟି



ନିରବଚ୍ଛିନ୍ନ ୨୧ ବର୍ଷ ଧରି ସ୍ୱଚ୍ଛତା, ଶୁଦ୍ଧତା ଓ ଗୁଣବତ୍ତା ବଜାୟ ରଖିଥିବା 'ଭାରତ ମସଲା' ଓଡ଼ିଶାର ଅଧିକାଂଶ ରୋଷେଇ ଘରେ ଉପସ୍ଥିତି ଜାହିର କରିସାରିଛି। ଲୋକଙ୍କ ସ୍ୱାଦର ରୁଚିକୁ ଚିହ୍ନି ପାରିଥିବାରୁ ଦେଶ ବିଦେଶରେ ବି ଏହାର ଚାହିଦା କାହିଁରେ କ'ଣ। ବିଶ୍ୱସ୍ତରୀୟ ଖାଦ୍ୟ ଉତ୍ପାଦ ପ୍ରସ୍ତୁତିକୁ ଗୁରୁତ୍ୱ ଦେଉଥିବା ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିଃ ଦେଶରେ ଏକ ମଜଭୁତ ବ୍ରାଣ୍ଡ୍ ରେପୁଟେଶନ ତିଆରି କରିଛି। କଠିନ ଅଧ୍ୟବସାୟ ଓ ଗ୍ରାହକଙ୍କ ସହ ଭାବଗତ ସମ୍ପର୍କ ଯୋଗୁ ଏହା ସମ୍ଭବ ହୋଇଛି ବୋଲି କୁହନ୍ତି 'ଭାରତ ମସଲା' ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା।

**■ଭାରତ ମସଲାର ସେବା ଯୋଗାଣ କେତେ ବର୍ଷରେ ପହଞ୍ଚିଛି?**

୧୯୯୯ ମସିହାରେ ଭାରତ ମସଲାର ଜନ୍ମ। ସେବେଠାରୁ ଜାରି ରହିଥିବା ସେବାର ଧାରାକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରିବା ଦିଗରେ ଲକ୍ଷ୍ୟ ରଖିଛୁ। ଏଥିଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଉଛି।

**■ଆପଣଙ୍କ କମ୍ପାନୀ ଗ୍ରାହକଙ୍କ ମଧ୍ୟରେ କିପରି ଆଦୃତ ହେଲା?**




ମସଲା ଜଗତର ବଡ଼ ବଡ଼ ହସ୍ତୀ ଓଡ଼ିଶାରେ ପ୍ରାଧାନ୍ୟ ବିସ୍ତାର କରିଥିବା ସମୟରେ ଆମେ ସ୍ୱଳ୍ପ ମୂଲ୍ୟରେ ଉନ୍ନତ ମାନର ଉତ୍ପାଦ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥିଲୁ। ଧୀରେ ଧୀରେ ଭାରତ ମସଲାର ଉତ୍ପାଦ ଗ୍ରାହକଙ୍କ ପାଖରେ ଆଦୃତ ହେବା ସହ ଓଡ଼ିଶାର ଘରେ ଘରେ ବ୍ୟବହୃତ ହେଲା। ଉତ୍ତମ ଗୁଣବତ୍ତାର ଉତ୍ପାଦ ଓ ଗ୍ରାହକ ସନ୍ତୁଷ୍ଟି ହିଁ ଭାରତ ମସଲାକୁ ରାଜ୍ୟ ତଥା ରାଜ୍ୟ ବାହାରେ ଲୋକପ୍ରିୟ କରାଇଛି। ରାମଦାସପୁରଠାରେ ପ୍ରତିଷ୍ଠିତ କମ୍ପାନୀର କ୍ରୟୋଜେନିକ୍ ସ୍ପାଇସ୍ ପ୍ଲାଣ୍ଟ ଏବେ ଅତି ଉନ୍ନତ ମାନର ମସଲା ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛି। ପୂର୍ବ ଭାରତରେ ପ୍ରଥମ କରି ଆମେ ଏହି ବିଶ୍ୱସ୍ତରୀୟ ପ୍ଲାଣ୍ଟ କଟକରେ ସ୍ଥାପନ କରିଛୁ।

**■କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି?**

ଆମର ଆଗାମୀ ଯୋଜନା ମଧ୍ୟରେ ନୂତନ ରେଡି-ଟୁ-ଇଟ୍ ସ୍ନାକ୍ ଫୁଡ୍ ପ୍ଲାଣ୍ଟ ଓ ଶୀତଳଭଣ୍ଡାର ପ୍ରକଳ୍ପ ସାମିଲ ରହିଛି। ଏଥିପାଇଁ ରାଜ୍ୟ ସରକାର ଆମକୁ ୪.୨୦ ଏକର ଜମି ମଞ୍ଜୁର କରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ଲାଣ୍ଟ ପ୍ରଥମ ଥର ପାଇଁ ଓଡ଼ିଶାରେ ସ୍ଥାପନ ହେବ।

**■ଆପଣଙ୍କ ବ୍ୟବସାୟ ଉପରେ କରୋନାର ପ୍ରଭାବ?**

କରୋନା ମହାମାରୀ ସାରା ବିଶ୍ୱକୁ ପ୍ରଭାବିତ କରିଛି। ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ମଧ୍ୟ ଏହା କବଳିତ କରିଛି। ଆମ କମ୍ପାନୀର କଞ୍ଚାମାଲ ଆମଦାନୀ, ଉତ୍ପାଦନ, ବିକ୍ରି, କର୍ମଚାରୀଙ୍କ ଉପସ୍ଥିତି ବିଶେଷ ଭାବେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ବି ଗ୍ରାହକମାନଙ୍କ ନିକଟରେ ଆମେ ନିଜ ଉତ୍ପାଦ ପହଞ୍ଚାଇପାରିଛୁ।

**■ମସଲା ଉଦ୍ୟୋଗ ପାଇଁ ଚ୍ୟାଲେଞ୍ଜ କ'ଣ? ଏହାକୁ ସାମ୍ନା କରିବା ଲାଗି କମ୍ପାନୀ କେତେ ପ୍ରସ୍ତୁତ?**

ମସଲା ଜଗତରେ ଆମ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଲା ମହାରଥୀମାନଙ୍କ ସହ ପ୍ରତିଯୋଗିତା। ପ୍ରତ୍ୟେକ ଦିନ ନୂଆ ନୂଆ କମ୍ପାନୀ ମାର୍କେଟରେ ପ୍ରବେଶ କରୁଛନ୍ତି। ତେଣୁ ଆମେ ଆମ ବିତରକ ଓ ମାର୍କେଟିଂ ନେଟ୍‌ୱର୍କ ଓଡ଼ିଶା ତଥା ବାହାର ରାଜ୍ୟଗୁଡ଼ିକରେ ବିସ୍ତାର କରିଛୁ। ବର୍ତ୍ତମାନ ଆମ ପାଖରେ ୨୦୦୦ରୁ ଊର୍ଦ୍ଧ୍ୱ ବିତରକ ରହିଛନ୍ତି। ଆମେ ମଧ୍ୟପ୍ରାଚ୍ୟ, ନେପାଳ ଓ ମାଲେସିଆ ଭଳି ଦେଶକୁ ରପ୍ତାନି କରୁଛୁ। ଚତୁର୍ଥ ଥର ପାଇଁ ଆମ କମ୍ପାନୀକୁ ରାଜ୍ୟ ସରକାର 'ରାଜ୍ୟ ରପ୍ତାନି ପୁରସ୍କାର' ପ୍ରଦାନ କରିଛନ୍ତି।

**■ବ୍ୟବସାୟ ଜଗତରେ ପାଦ ଥାପିବାଠାରୁ ବର୍ତ୍ତମାନ ଯାଏ ଯାତ୍ରାକୁ କିଭଳି ଦେଖନ୍ତି?**

କମ୍ପାନୀର ୨୧ ବର୍ଷର ଯାତ୍ରା ଅତି ସଂଘର୍ଷମୟ ରହିଛି। ଏହି ଅଭିଜ୍ଞତା ଆମ ପାଇଁ ଶିକ୍ଷଣୀୟ ଓ ପଥ ପ୍ରଦର୍ଶକ ହୋଇଛି।

**■ଭାରତ ମସଲା କେମିତି ଆରମ୍ଭ ହୋଇଥିଲା? କେତେଜଣ ଲୋକ କମ୍ପାନୀରେ ନିଯୁକ୍ତି ପାଇଛନ୍ତି?**

କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ଦ୍ୱାରା ସ୍ଥାପିତ ଏହି ଉଦ୍ୟୋଗ ୪୦୦ଟଙ୍କା ନିବେଶରେ ଆରମ୍ଭ ହୋଇଥିଲା। ଏକଦା ୨ ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିବା କମ୍ପାନୀର ବିଭିନ୍ନ ୟୁନିଟରେ ବର୍ତ୍ତମାନ ୭୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରତ। କମ୍ପାନୀ ଏବେ ୧୦,୦୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ଦେଇଛି।

**■ସରକାରୀ ପ୍ରୋତ୍ସାହନ ମିଳୁଛି କି? କିଛି ସହାୟତା ଆଶା ରହିଛି?**

ରାଜ୍ୟ ସରକାରଙ୍କ ଉଦାର ଶିଳ୍ପନୀତି ଓ ପ୍ରୋତ୍ସାହନ ଯୋଗୁ ହିଁ ଏହି ଉଦ୍ୟୋଗ ବିଶ୍ୱସ୍ତରୀୟ ମାନକୁ ଛୁଇଁପାରିଛି। ଆମେ ରାଜ୍ୟ ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର ଋଣୀ ଓ କୃତଜ୍ଞ।

**■ଉଦ୍ୟୋଗ ବିକାଶ ଓ ନିଯୁକ୍ତି ସୃଷ୍ଟି ନେଇ ଯୁବପିଢ଼ିଙ୍କୁ କ'ଣ କହିବେ?**

ବର୍ତ୍ତମାନ ସରକାରୀ ଓ ବେସରକାରୀ ସ୍ତରରେ ଚାକିରି ଆଶା ସଙ୍କୁଚିତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଆମେ ଯୁବପିଢ଼ିଙ୍କୁ ଉଦ୍ୟୋଗ ଜଗତରେ ପାଦଦେବାକୁ ଉତ୍ସାହିତ କରୁଛୁ। ଏଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ଆଗ୍ରହ ରଖିଛୁ। ଷ୍ଟାର୍ଟଅପ୍ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ।

**■ମହାମାରୀ ଶିଳ୍ପଜଗତକୁ କ'ଣ ଶିକ୍ଷା ଦେଲା?**

କୋଭିଡ୍ ମହାମାରୀ ଡିଜିଟାଇଜେଶନ, ଭର୍ଚୁଆଲ କନ୍‌ଫରେନ୍ସ, ୱାର୍କ ଫ୍ରମ୍ ହୋମ୍, ଅନ୍‌ଲାଇନ ମାର୍କେଟିଂ, ଅନ୍‌ଲାଇନ କମ୍ୟୁନିକେଶନକୁ ଏକ ଭିନ୍ନ ସ୍ତରକୁ ପହଞ୍ଚାଇଲା। ଏହା ବେରୋଜଗାର ଏବଂ ଅସହାୟ ବ୍ୟକ୍ତିବିଶେଷଙ୍କ ଲାଗି ବିକଳ୍ପ କର୍ମସଂସ୍ଥାନର ମାର୍ଗ ପ୍ରଦର୍ଶନ କରିଛି। କରୋନା କାଳରେ ଜୀବନ ଜୀବିକା ସଙ୍କଟର ମୁକାବିଲା କରିବାକୁ ଅନେକ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ସାନିଟାଇଜର, ମାସ୍କ, ପିପିଇ ଏବଂ ହ୍ୟାଣ୍ଡୱାଶ୍ ପ୍ରସ୍ତୁତ କରି ବିକ୍ରି କରିଛନ୍ତି।

# ମହିଳାଙ୍କୁ ହତ୍ୟା, ମୁମୂର୍ଷୁ ଅବସ୍ଥାରେ ଶିଶୁକନ୍ୟା ଉଦ୍ଧାର

**ବାରିପଦା ଅଫିସ/ ବାଙ୍ଗିରିପୋଷି,୩।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଦ୍ୱାରଶୁଣୀ ଘାଟିରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେହିପରି କରଞ୍ଜିଆ ଥାନା ଅଧୀନ ଚଢ଼େଇଭୋଳ ଅଞ୍ଚଳରୁ ମୁମୂର୍ଷୁ ଅବସ୍ଥାରେ ଏକ ଶିଶୁ କନ୍ୟାକୁ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉଦ୍ଧାର ଶିଶୁକନ୍ୟା ସହ ମୃତ ମହିଳାଙ୍କ ସମ୍ପର୍କ ଥିବା ଅନୁମାନ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତନାଘନା ଚଳାଇଛି। ତେବେ ଉଭୟଙ୍କ ଡିଏନ୍‌ଏ ଟେଷ୍ଟ ହେବ ବୋଲି ଏସ୍‌ପି ପରମାର୍ ସ୍ମିଥ ପୁରୁଷୋତ୍ତମ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ଦ୍ୱାରଶୁଣୀ ଘାଟି ସୁରକ୍ଷା ପାଚେରି ଉପରେ ଜଣେ ଅଜଣା ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମୃତ ମହିଳା ଜଣକ ଧଳା ଓ ଗୋଲାପି ରଙ୍ଗର ସାଲୁଆର କମିଜ୍ ପିନ୍ଧିଥିବା ଦେଖାଯାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଅନ୍ୟତ୍ର ହତ୍ୟା କରାଯାଇ ଦ୍ୱାରଶୁଣି ଘାଟିରେ ଫିଙ୍ଗି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ବାଙ୍ଗିରିପୋଷି ଥାନାରେ ଏକ ହତ୍ୟା ମାମଲା(ନଂ.୪୪/୨୧) ରୁଜୁ ହୋଇଛି। ସେହିପରି କରଞ୍ଜିଆ ଥାନା ଚଢ଼େଇଭୋଳ ରାସ୍ତା ପାର୍ଶ୍ୱରୁ ୮/୯ବର୍ଷର ଜଣେ ଶିଶୁ କନ୍ୟାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉଭୟ ସ୍ଥାନର ଦୂରତା ୮୦ କି.ମି ବ୍ୟବଧାନରେ ହୋଇଥିବା ବେଳେ ଯୋଜନାବଦ୍ଧ ଭାବେ ଏଭଳି ଘଟଣା ଘଟାଯାଇଥିବା ଚର୍ଚ୍ଚା ଜୋର ଧରଛି। ମୃତ ମହିଳା ଓ ଉଦ୍ଧାର ଶିଶୁକନ୍ୟାଙ୍କ ପରିଚୟ ମିଳିପାରିନାହିଁ।

# ପଣବନ୍ଦୀ ଯୁବକ ସୁନ୍ଦରବନରୁ ଉଦ୍ଧାର

**ସୋର, ୩।୩(ଡି.ଏନ.ଏ.)**

**୮ଲକ୍ଷ ଟଙ୍କା ଦାବି କରିଥିଲେ ଅପହରଣକାରୀ**

**ଚାକିରି ପାଇଁ ଆସିଥିଲା ଫୋନ କଲ୍**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସାଜନପୁର ଅଞ୍ଚଳର ଜଣେ ଯୁବକଙ୍କୁ କେହି ଦୁର୍ବୃତ୍ତ ବନ୍ଧୁକ ମୂନରେ ପଣବନ୍ଦୀ କରି ୮ ଲକ୍ଷ ଟଙ୍କା ଦାବି କରୁଥିବା ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଥିଲା। ଅପହୃତଙ୍କ ସ୍ତ୍ରୀ ମଙ୍ଗଳବାର ରାତିରେ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକୁ ଆଧାର କରି ପୋଲିସ ପଣବନ୍ଦୀ ହୋଇଥିବା ଯୁବକଙ୍କୁ ପଶ୍ଚିମବଙ୍ଗ ସୁନ୍ଦରବନ ନ୍ୟାଶନାଲ ପାର୍କରୁ ଉଦ୍ଧାର କରି ସୋରକୁ ଆଣୁଥିବା ଜଣାଯାଇଛି।

ସୋର ଥାନା ସାଜନପୁର ପଞ୍ଚାୟତ କେଶପୁର ଗ୍ରାମର ତାପସ କୁମାର ମହାନ୍ତି ୮ ବର୍ଷ ହେବ ବାଙ୍ଗାଲୋରର ଏକ କ୍ୟାଣ୍ଟିନ୍‌ରେ କାମ କରୁଥିଲେ। ୧୫ଦିନ ତଳେ ତାପସ ଘରକୁ ଆସିଥିଲେ। କୋଭିଡ୍ ପାଇଁ ଗତବର୍ଷ ଭଳି ଏଥର ଲକ୍‌ଡାଉନ ହେବା ଆଶଙ୍କାରେ ଘରେ ଥିବା ବେଳେ ଗତ ୨୮ ତାରିଖରେ ଏକ ଅଜଣା ନମ୍ବରରୁ ଭଲ କାମ ଅଛି କୋଲକାତା ଆସିବା ଲାଗି ଫୋନ କଲ୍ ଆସିଥିଲା। ସେହିଦିନ ତାପସ ତୁରନ୍ତ କୋଲକାତା ଚାଲିଯାଇଥିଲେ। ପରେ ସନ୍ଧ୍ୟାରେ ତାପସଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଏକ ଅଜଣା ନମ୍ବରରୁ ତୁମ ସ୍ୱାମୀଙ୍କୁ ଅପହରଣ କରାଯାଇଛି, ୮ଲକ୍ଷ ଟଙ୍କା ଆମ ଆକାଉଣ୍ଟରେ ଦେଲେ ତୁମ ସ୍ୱାମୀଙ୍କୁ ଛାଡିବୁ ନଚେତ୍ ହତ୍ୟା କରିବୁ ବୋଲି ଖୋଲାଖୋଲି ଧମକ ଦେଇଥିଲେ। ମାର୍ଚ୍ଚ ୨ତାରିଖରେ ସେହି ନମ୍ବରରୁ ତାପସଙ୍କ ହାତଗୋଡ ବନ୍ଧାଯାଇଥିବା ସହ ବନ୍ଧୁକ ଓ ଟାଙ୍ଗିଆ ରଖି ହତ୍ୟା ଧମକ ଦିଆଯାଉଥିବାର ଏକ ଭିଡିଓ ତାଙ୍କ ମୋବାଇଲ୍‌କୁ ଆସିଥିଲା। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ସୁକାନ୍ତି ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାସହ ଭୟଭୀତ ହୋଇ ତାପସଙ୍କ ପରିବାର ଲୋକେ ଅପହରଣକାରୀ ଦେଇଥିବା ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୫୦ ହଜାର ଟଙ୍କା ଜମା କରିଥିଲେ। ଅଭିଯୋଗ ପାଇ ସୋର ଥାନାରେ ଏକ ମାମଲା (ନଂ.୯୧/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଆଇଆଇସି ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ପ୍ରତାପ କାଲୋ, ଏଏସ୍‌ଆଇ ପ୍ରଦୀପ ମହାନ୍ତି ଓ କନଷ୍ଟେବଳ ମମତା ପାତ୍ରଙ୍କ ସମେତ ଏକ ୬ଜଣିଆ ଟିମ୍ କୋଲକାତାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ତାପସଙ୍କୁ କୋଲକାତା ସୁନ୍ଦରବନ ନ୍ୟାଶନାଲ ପାର୍କ ନିକଟରେ ଥିବା ବିଲ ମଝିରେ ଏକ ନିଛାଟିଆ ଘରୁ ଉଦ୍ଧାର କରି ସୋରକୁ ଆଣୁଥିବା ଜଣାଯାଇଛି। ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ ଅପହରଣକାରୀମାନେ ଫେରାର ହୋଇଯାଇଥିଲେ।

# ଶ୍ରାଦ୍ଧବାର୍ଷିକୀ ପର୍ଯ୍ୟନ୍ତ ଜୀବନବିନ୍ଦୁ ଶିବିର

**ଭୁବନେଶ୍ୱର,୩।୩(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ ଓ ପ୍ରଣବ କୁମାର ବଳବନ୍ତରାୟ।

**■ ୫ ରେ ବିଜୁବାବୁଙ୍କ ୧୦୫ତମ ଜନ୍ମବାର୍ଷିକୀ**

**■ ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ବିଶାଳ ସାଇକେଲ ରାଲି**

ଆସନ୍ତା ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୫ ତମ ଜୟନ୍ତୀ ପାଳିତ ହେବ। ଏହି ଉପଲକ୍ଷେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏହାକୁ ସ୍ମରଣୀୟ କରିବା ସକାଶେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କଟକସ୍ଥିତ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନ ଠାରୁ ଭୁବନେଶ୍ୱର ବିମାନବନ୍ଦର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ ରାଲିର ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରାରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସକାଳ ୬ଟାରେ ଏହି ସାଇକେଲ ରାଲି କଟକରୁ ଆରମ୍ଭ ହେବ। ଏହି ସାଇକେଲ ଶୋଭାଯାତ୍ରାରେ ହଜାର ହଜାର ଯୁବ ଓ ଛାତ୍ର ଯୋଗ ଦେଇ ୧୯୩୨ରେ ବିଜୁବାବୁଙ୍କ କଟକରୁ ପେଶୱାର ପର୍ଯ୍ୟନ୍ତ ୪୫୦୦ ମାଇଲ୍ ଦୁଃସାହସିକ ସାଇକେଲ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ସାମାଜିକ ପ୍ରତିବଦ୍ଧତାକୁ ଆଗେଇ ନେବା ପାଇଁ ଓଡ଼ିଶାର ପ୍ରତ୍ୟେକ ଯୁବ ଛାତ୍ରଙ୍କ ପ୍ରେରଣାର ଉତ୍ସ, ସାହସର ସ୍ତମ୍ଭ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମାର୍ଚ୍ଚ ୫ ତାରିଖରୁ ଅପ୍ରେଲ ୧୭ ପର୍ଯ୍ୟନ୍ତ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୁଲ୍ୟରେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଉତ୍ସର୍ଗୀକୃତ ଓଡିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିରର ଆୟୋଜନ କରାଯିବ। ବୁଧବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। **–ଶ୍ରୀଅରବିନ୍ଦ**



# ଗାଈଙ୍କ କୃତ୍ରିମ ଗର୍ଭାଧାନରେ ସମସ୍ୟା



ମାନେକା ଗାନ୍ଧୀ

ଗୋରୁଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ଆର୍ଟିଫିସିଆଲ ଇନ୍‌ସିମିନେସନ(ଏଆଇ) ବା କୃତ୍ରିମ ଗର୍ଭାଧାନ ପ୍ରକ୍ରିୟା ଦେଶରେ ବହୁଳ ଭାବେ କାର୍ଯ୍ୟକାରୀ କରାଯାଉଛି। ୨୦୧୭ରେ କେନ୍ଦ୍ର ସରକାର ନ୍ୟାଶନାଲ ଡାଇରୀ ପ୍ଲାନରେ ସମସ୍ତ ଗର୍ଭଧାରଣ ଯୋଗ୍ୟ ପ୍ରାଣୀଙ୍କ ମଧ୍ୟରୁ ୩୫%ଙ୍କର କୃତ୍ରିମ ଗର୍ଭାଧାନ କରିବାକୁ ଲକ୍ଷ୍ୟ ରଖିଥିଲେ। କୃତ୍ରିମ ଗର୍ଭାଧାନ ସଂଖ୍ୟା ୨୦ ମିଲିୟନରୁ ଏବେ ୬୯.୨୯ ମିଲିୟନରେ ପହଞ୍ଚିଛି। ସରକାର ଏଆଇ ପଦ୍ଧତି ପଛରେ ଦୁଇଟି କାରଣ ରହିଛି। ପ୍ରାକୃତିକ ଉପାୟରେ ଗାଈଟି ଷଣ୍ଢଠାରୁ ଗ୍ରହଣ କରୁଥିବା ସିମେନ ବା ଶୁକ୍ର ତୁଳନାରେ ବହୁତ କମ୍ ପରିମାଣର ଶୁକ୍ର ବ୍ୟବହାର କରି ଅଧିକ ଗାଈଙ୍କ ଗର୍ଭଧାରଣ କରିବାକୁ ଏବଂ ସେମାନଙ୍କ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ଉପରେ ନିୟନ୍ତ୍ରଣ ରଖିବାକୁ ଏଆଇ ପଦ୍ଧତି ଆପଣାଇଛନ୍ତି। ଦେଖିବାକୁ ଗଲେ ପ୍ରଥମ ଲକ୍ଷ୍ୟ ଆଂଶିକ ଭାବେ ସଫଳ ହୋଇଥିବାବେଳେ ଦ୍ୱିତୀୟ ଲକ୍ଷ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଆସିଛି। ବଂଶଗତ କିମ୍ବା ସଂକ୍ରାମକ ରୋଗ ପାଇଁ ସିମେନ୍‌କୁ ଠିକ୍ ଭାବେ ଯାଞ୍ଚ ବା ପରୀକ୍ଷା କରାଯାଏନାହିଁ।

ମୋ ଜାଣିବାରେ ସିମେନ୍ ପରୀକ୍ଷା କରିବା ଲାଗି କୌଣସି କେନ୍ଦ୍ରରେ ବିଜ୍ଞାନଭିତ୍ତିକ ଉପକରଣ ନାହିଁ। ସମସ୍ତ ଅନ୍ତର୍ଜାତୀୟ ନିୟମକୁ ଅତି ଖାମଖିଆଲି ଭାବେ ଗ୍ରହଣ କରାଯାଉଛି। ଏଆଇ କେନ୍ଦ୍ରଗୁଡ଼ିକରେ ଷଣ୍ଢମାନଙ୍କଠାରୁ ସିମେନ ସଂଗ୍ରହ କରିବା ପୂର୍ବରୁ ସେମାନଙ୍କ ରୋଗ ନିରୂପଣ କରିବା ଲାଗି ପରୀକ୍ଷା କରାଯିବା ଉଚିତ। ପରେ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଦରକାର। ସେମାନଙ୍କୁ କମ୍ ଚାପରେ ଓ ସୁସ୍ଥରେ ରଖାଯିବା ଆବଶ୍ୟକ। କିନ୍ତୁ ବାସ୍ତବତା କିଛି ଭିନ୍ନ। ଷଣ୍ଢମାନଙ୍କୁ କମ୍ ଖାଇବାକୁ ଦିଆଯାଉଛି , ଚଲାବୁଲା କରିବାକୁ ଦିଆଯାଉନାହିଁ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ୱଚିତ ହେଉଛି । ଏଣୁ ସେମାନେ ଦୁର୍ବଳ ଅବସ୍ଥାରେ ରହୁଛନ୍ତି। କୃତ୍ରିମ ଉପାୟରେ ଗୋଟିଏ ଷଣ୍ଢଠାରୁ ସଂଗୃହୀତ ସଂକ୍ରମିତ ସିମେନରେ ହଜାର ହଜାର ଗାଈ ରୋଗଗ୍ରସ୍ତ ହେବା ଏବଂ ଗର୍ଭଧାରଣ କରୁଥିବା ଗାଈର ଗର୍ଭପାତ କିମ୍ବା ଭ୍ରୁଣ ସଂକ୍ରମିତ ହେବାର ଅଧିକ ଆଶଙ୍କା ରହିଛି।

ଗାଈ କ୍ଷୀରରେ ଥିବା ବ୍ରୁସେଲୋସିସ୍ (ଏକ ପ୍ରକାର ବ୍ୟାକ୍ଟେରିଆ ଜନିତ ସଂକ୍ରମଣ) ସହ ଟ୍ୟୁବରକ୍ୟୁଲୋସିସ ବା ଯକ୍ଷ୍ମା ରୋଗର ସମ୍ପର୍କ ରହିଛି। ଏହା ସିମେନ୍ ମାଧ୍ୟମରେ ହିଁ ଆସିଥାଏ। ଏପରି କି ସ୍ୱଚ୍ଛତା ପାଳନ କରୁଥିବା ଦେଶଗୁଡ଼ିକ ସମେତ ବିଶ୍ୱର ପ୍ରାୟ ସବୁ ଦେଶରେ କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ, ଏଆଇ ମାଧ୍ୟମରେ ଏହି ସବୁ ରୋଗ ବ୍ୟାପୁଛି। ନ୍ୟୁ ସାଇଣ୍ଟିଷ୍ଟ ମାଗାଜିନରେ ୨୦୨୦ରେ ଆମେରିକାନ ଆସୋସିଏଶନ ଫର୍ ଦି ଆଡ୍‌ଭାନ୍ସମେଣ୍ଟ ଅଫ୍ ସାଇନ୍ସ ପ୍ରକାଶ କରିଥିଲା ଯେ, ବ୍ଲୁଟଙ୍ଗ୍ ଡିଜିଜ୍‌ରେ ପୀଡିତ ଗୋରୁଙ୍କ ମଧ୍ୟରୁ ୯୦ ପ୍ରତିଶତ ଯାଏ ମୃତ୍ୟୁ ହେବାର ସମ୍ଭାବନା ରହିଛି। ଏହି ରୋଗ ସଂକ୍ରମିତ ସିମେନ୍ ଯୋଗୁ ହେଉଛି। ୨୦୦୬ରେ ନେଦରଲାଣ୍ଡରେ ହଠାତ ବ୍ଲୁଟଙ୍ଗ୍ ଡିଜିଜ୍ ପ୍ରକାଶ ପାଇ ୧୬ଟି ଦେଶକୁ ବ୍ୟାପିଥିଲା ଯାହାକୁ ଏକ ବ୍ୟୟବହୁଳ ଟିକାକରଣ ମାଧ୍ୟମରେ ୨୦୧୦ରେ ଶେଷ କରାଯାଇପାରିଥିଲା। କିନ୍ତୁ ୨୦୧୫ରେ ପୁଣି ଏହି ରୋଗ ଫ୍ରାନ୍ସରେ ଦେଖାଦେଇଥିଲା ଓ ଏହା ଏବେ ବି ରହିଛି। ଏହି ରୋଗର ଉତ୍ସ ଜାଣିବା ଲାଗି ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଉଭୟ ନେଦରଲାଣ୍ଡ ଏବଂ ଫ୍ରାନ୍ସରେ ଦେଖାଦେଇଥିବା ଏହି ରୋଗର ଭୂତାଣୁର ୧୫୦ଟି ନମୁନାର ଆନୁବାଂଶିକ ଉପକ୍ରମ ବା ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। ଫ୍ରାନ୍ସରେ ବ୍ୟାପିଥିବା ଭୂତାଣୁ ନେଦରଲାଣ୍ଡର ଭୂତାଣର ଜିନୋମ୍ ସମ୍ପୂର୍ଣ୍ଣ ସମାନ ରହିଥିଲା ବୋଲି ଗବେଷକମାନେ ପିଏଲ୍‌ଏସ୍‌ଓ ଜର୍ନାଲରେ ଉଲ୍ଲେଖ କରିଥିଲେ ଏବଂ ଶୀତଳୀକରଣ ବ୍ୟବସ୍ଥାରେ ବର୍ଷ ବର୍ଷ ଧରି ରଖାଯାଇଥିବା ସିମେନ୍ ମାଧ୍ୟମରେ ଏହି ଭୂତାଣୁ ଆସି ବ୍ୟାପିଥିବା ଜଣାପଡିଥିଲା।

ଦି ଓ୍ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ବା ବିଶ୍ୱ ପ୍ରାଣୀ ସ୍ୱାସ୍ଥ୍ୟ ସଂଗଠନ ସିମେନ ଦ୍ୱାରା ଫୁଟ୍ ଆଣ୍ଡ୍ ମାଉଥ ଡିଜିଜ୍,ଭେସିକୁଲାର ଷ୍ଟୋମଟିସ, ଇନ୍‌ଫେକ୍ସିୟସ ବୋଭାଇନ ରାଇନୋଟ୍ରାଚିଟିସ (ଆଇବିଆର), ବୋଭାଇନ ଭାଇରସ ଡାଇରିଆ (ବିଭିଡି) ଶପାପିଲୋମାଟୋସିସ୍, ଲେପ୍ଟୋସ୍ପାଇରୋସିସ୍, ଟ୍ୟୁବରକ୍ୟୁଲୋସିସ୍, ପାରାଟ୍ୟୁବରକ୍ୟୁଲୋସିସ, ମାଇକୋପ୍ଲାଜମା, ଆନାପ୍ଲାଜମୋସିସ୍, ବ୍ରୁସେଲୋସିସ୍, କାମ୍ପିଲୋବ୍ୟାକ୍ଟେରିଓସିସ୍ ଏବଂ ଟ୍ରିକୋମୋନିଆସିସ୍ ରୋଗ ବ୍ୟାପୁଥିବାର ପ୍ରମାଣ ପାଇଛି। ୨୦୦୪ରେ ଢାକାର ସଭରସ୍ଥିତ ସେଣ୍ଟ୍ରାଲ ଏଆଇ ଲାବୋରେଟୋରିର ୧୩୮ଟି ଷଣ୍ଢଙ୍କୁ ଟ୍ୟୁବରକ୍ୟୁଲୋସିସ୍ ବା ଯକ୍ଷ୍ମା ପରୀକ୍ଷା କରିବା ପରେ ସେମାନଙ୍କ ମଧ୍ୟରୁ ୩୮ଟି (୨୭.୫%) ଏବଂ ବ୍ରୁସେଲୋସିସ୍ ପରୀକ୍ଷାରେ ଗୋଟିଏ (୦.୭%) ଷଣ୍ଢଙ୍କଠାରେ ପଜିଟିଭ ଦେଖିବାକୁ ମିଳିଥିଲା। ସାଧାରଣତଃ ବାହାରେ ବୁଲୁଥିବା ଷଣ୍ଢଙ୍କ ତୁଳନାରେ ସିମେନ୍ ସଂଗ୍ରହ ପାଇଁ ଏଆଇ ସେଣ୍ଟରରେ ଥିବା ଷଣ୍ଢମାନଙ୍କଠାରେ ଯକ୍ଷ୍ମାର ବ୍ୟାପକତା ୪ଗୁଣ ବେଶି ବୋଲି ଗବେଷକମାନେ ପ୍ରକାଶ କରିଥିଲେ।

ଟ୍ୟୁବରକ୍ୟୁଲୋସିସ୍ ଓ ବ୍ରୁସେଲୋସିସ୍ କେବଳ ପ୍ରାଣୀମାନଙ୍କ କ୍ଷେତ୍ରରେ ସୀମିତ ରହିନାହିଁ, ଏହା ମଣିଷଙ୍କ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଛି। ଦକ୍ଷିଣ ଏସିଆ ଦେଶଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିକାଂଶ ଫାର୍ମଗୁଡ଼ିକରେ ଟ୍ୟୁବରକ୍ୟୁଲୋସିସ୍ ଦେଖାଯାଏ। ବୈଜ୍ଞାନିକମାନେ କହନ୍ତି ଯେ, ବ୍ରୁସେଲା ଆର୍ବଟସ୍ ବ୍ୟାକ୍ଟେରିଆ ଦ୍ୱାରା ବ୍ରୁସେଲୋସିସ୍ ବ୍ୟାପେ ଏବଂ ଏହି ରୋଗରେ ପୀଡିତ ଗାଈ ଏକାଧିକ ଥର ଗର୍ଭପାତର ଶିକାର ହୁଏ। ଏହାପରେ ଯଦି ବି ଗାଈ ଗର୍ଭଧାରଣ କରେ, ତେବେ ଜନ୍ମିତ ବାଛୁରି ଦୁର୍ବଳ ଓ ରୋଗଗ୍ରସ୍ତ ହୋଇଥାଏ। ଏହି ରୋଗଗ୍ରସ୍ତ ଗାଈଙ୍କ ଗର୍ଭଧାରଣ ହାର ବି ହ୍ରାସ ପାଏ। ଭେସିକ୍ୟୁଲେଟିସି ରୋଗର ବାହକ ସାଜୁଥିବା ଷଣ୍ଢଙ୍କ ଅଣ୍ଡକୋଷ ସଂକ୍ରମଣ (ଏପିଡିଡାଇମିଟିସ) ଲକ୍ଷଣ ପ୍ରକାଶ ପାଇଥାଏ। ଏହି ରୋଗଗ୍ରସ୍ତ ଷଣ୍ଢର ସିମେନରେ ଗର୍ଭଧାରଣ କରୁଥିବା ଗାଈର ଗର୍ଭାଶୟ କେତେକ ବିପଜ୍ଜନକ ବ୍ୟାକ୍ଟେରିଆ ଦ୍ୱାରା ସାଂଘାତିକ ଭାବେ ସଂକ୍ରମିତ ହୁଏ। ଏହି ରୋଗର ଲକ୍ଷଣ ବାହାରକୁ ପ୍ରକାଶ ପାଉ ନ ଥିବାରୁ ଏହାକୁ ଏଆଇ କେନ୍ଦ୍ରଗୁଡ଼ିକ କ୍ୱଚିତ ପରୀକ୍ଷା କରିଥାଆନ୍ତି।

ସେହିପରି ବ୍ୟାକ୍ଟେରିଆ ଜନିତ ସଂକ୍ରାମକ ରୋଗ ଲେପ୍‌ଟୋସ୍ପିରୋସିସ୍ ଉଭୟ ମଣିଷ ଓ ପ୍ରାଣୀଙ୍କୁ ହୋଇଥାଏ। ଏହି ରୋଗର ବ୍ୟାକ୍ଟେରିଆ ଶୀତଳୀକରଣ ବ୍ୟବସ୍ଥା ଏବଂ କ୍ରାୟୋକନଜରଭେସନ ଟେମ୍ପରେଚରରେ ରହିଥିବା ସିମେନରେ ହିଁ ରହିଥାଆନ୍ତି। ବୋଭାଇନ ହର୍ପସ ଭାଇରସ (ବିଏଚ୍‌ଭି–୧)ସାଧାରଣତଃ ଅଧିକାଂଶ କ୍ଲିନିକାଲ ଟେଷ୍ଟରେ ଜଣାପଡେନାହିଁ। ଏହା ଜନନେନ୍ଦ୍ରୀୟ, ଶ୍ୱାସକ୍ରିୟା ଏବଂ ନବଜାତ( ବାଛୁରି) ମୃତ୍ୟୁର କାରଣ ହୋଇଥାଏ ବୋଲି ୧୯୯୦ରେ ଷ୍ଟାରୋବ ଏବଂ ୨୦୦୫ରେ ଟାଙ୍କିଚି ଓ ତାଙ୍କ ସାଥୀ ଗବେଷକମାନେ ଜାଣିପାରିଥିଲେ। ପଲିମରେଶି ଚେନ୍ ରିଆକ୍ସନ( ପିସିଆର) ଦ୍ୱାରା ବିଏଚ୍‌ଭି–୧ ସଂକ୍ରମିତ ସିମେନକୁ ଚିହ୍ନଟ କରାଯାଇପାରିବ, କିନ୍ତୁ ଭାରତରେ ଏହା କରାଯାଏ ନାହିଁ। ଏପରିକି ଟିକାକରଣ ବି କ୍ୱଚିତ କରାଯାଏ। ବୋଭାଇନ ଡାଇରିଆ ଭୂତାଣୁ ( ବିଭିଡିଭି) ଭ୍ରୁଣକୁ ସଂକ୍ରମିତ କରେ ଏବଂ ଅନ୍ତନଳୀ ରୋଗର କାରଣ ହୋଇଥାଏ। ଏହି ସଂକ୍ରମଣରେ ପୀଡିତ ଗାଈଙ୍କ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଏ। ଏହା ଏଆଇ ପାଇଁ ଷଣ୍ଢଙ୍କଠାରୁ ସଂଗ୍ରହ କରାଯାଉଥିବା ସିମେନରେ ସଂକ୍ରମିତ ହୁଏ ଏବଂ ଏହା ଗାଈର ପ୍ରଜନନ କ୍ଷମତା କମାଇଦିଏ। କଲମ୍ବିଆର ୧୦୩ଟି ଫାର୍ମର ଷଣ୍ଢମାନଙ୍କ ଉପରେ ଗ୍ରିଫିଥ୍‌ଙ୍କ ଦ୍ୱାରା ୧୯୮୪ରେ କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ,୧୩.୭% ଷଣ୍ଢଙ୍କଠାରେ ଟ୍ରାଇକୋମୋନା ଫୋଏଟସ ଏବଂ ୧୫% ଷଣ୍ଢଙ୍କଠାରେ କାମ୍ପିଲୋବ୍ୟାକ୍ଟେର ଫୋଏଟସ ରହିଛି। କେବଳ ଏତିକି ନୁହେଁ ଅନ୍ୟ ସଂକ୍ରମଣକାରୀ ବ୍ୟାକ୍ଟେରିଆ ଷଣ୍ଢମାନଙ୍କଠାରେ ରହିଥିବାର ବିଭିନ୍ନ ଗବେଷଣାରୁ ସ୍ପଷ୍ଟ ହୋଇଛି। ଏହାକୁ ନେଇ ଏବେ ବିଶ୍ୱରେ ପ୍ରଶ୍ନ ଉଙ୍କିମାରିଛି। କଲମ୍ବିଆରେ ସଂଗୃହୀତ ସିମେନ କ'ଣ ଏବକାର ମାନଦଣ୍ଡ ପୂରଣ କରୁଛି? ଭାରତରେ ମଧ୍ୟ ଆମେ ଏଭଳି ପ୍ରଶ୍ନ ଉତଥାପନ କରିପାରିବା।

ଭାରତରେ ଏହିସବୁ ରୋଗ ସମ୍ପର୍କରେ ହେଉ କି ଷଣ୍ଢମାନଙ୍କର ସ୍ୱାସ୍ଥ୍ୟ ନିଶ୍ଚିତ କରିବାର ମାନଦଣ୍ଡ ପୂରଣ କରିବାରେ ହେଉ ଏବଂ ଏହାକୁ କିଭଳି ସମ୍ପାଦନ କରାଯିବ, ସେ ସମ୍ପର୍କରେ ଆମ ପ୍ରାଣୀ ଚିକିତ୍ସକମାନଙ୍କର ଜ୍ଞାନ ଅଛି କି ନାହିଁ ମୁଁ ଜାଣିବାକୁ ଚାହେଁ। ସିମେନ ସଂଗ୍ରହ,ପ୍ରୋସେସିଂ ଏବଂ ତାହାକୁ ଷ୍ଟୋର କରିବାକୁ କେଉଁ ସବୁ ସ୍ୱଚ୍ଛତାର ମାନଦଣ୍ଡ ଉପଯୋଗ କରାଯାଉଛି ତାହା ମଧ୍ୟ ଜାଣିବା ଦରକାର।

Email: gandhim@nic.in

# ସଂଯମର ମାର୍ଗ



ଡା. ଗୋପାଳ ଚନ୍ଦ୍ର ଦାଶ

ଯୋଗ ଦର୍ଶନର ରଚୟିତା ମହର୍ଷି ପତଞ୍ଜଳି। ମନ ଉପରେ ବିଜୟ ପାଇବା ହେଉଛି ଏହି ଦର୍ଶନର ଏକମାତ୍ର ଲକ୍ଷ୍ୟ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ମନକୁ ସଞ୍ଜତ କରି ନିଜକୁ ଦିବ୍ୟ ଚେତନାମୟ ପରମାତ୍ମାଙ୍କ ସହିତ ସଂଯୋଜିତ କରିବା। ସେଥିପାଇଁ ଯୋଗ ଦର୍ଶନରେ ସମାଧି ପାଦର ଦ୍ୱିତୀୟ ସୂତ୍ରରେ କୁହାଯାଇଛି– 'ଯୋଗ ଶ୍ଚିତ୍ତ ବୃତ୍ତି ନିରୋଧଃ' ଅର୍ଥାତ୍ ଚିତ୍ତ ବୃତ୍ତିର ନିରୋଧକୁ ଯୋଗ ବା ଈଶ୍ୱର ସାକ୍ଷାତ୍‌କାର ବୋଲି ଦର୍ଶାଯାଇଛି। ପତଞ୍ଜଳି ଯୋଗ ଦର୍ଶନରେ ଯୋଗର ଅର୍ଥ ସମାଧି ବୋଲି ବର୍ଣ୍ଣନା କରାଯାଇଛି। ଏହି ଯୋଗ ଦର୍ଶନର ସୂତ୍ରସଂଖ୍ୟା ୧୯୫। ଏହା ଚାରି ପାଦ ବିଶିଷ୍ଟ– ସମାଧି ପାଦ, ସାଧନ ପାଦ, ବିଭୂତି ପାଦ ଓ କୈବଲ୍ୟ ପାଦ। ଯୋଗର ଆଠ ଅଙ୍ଗ, ଅବିଦ୍ୟାଦି ପଞ୍ଚ କ୍ଲେଶର ସ୍ୱରୂପ ତଥା ତାହାର ନାଶର ଉପାୟ, ଯୋଗର ଫଳ ଓ ଈଶ୍ୱର, ଜୀବ ଓ ପ୍ରକୃତିର ସ୍ୱରୂପ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ଯୋଗାଭ୍ୟାସରୁ ପ୍ରାପ୍ତ ବିବିଧ ସିଦ୍ଧି ଓ ଶକ୍ତି ସମ୍ବନ୍ଧରେ ବିଭୂତି ପାଦରେ ବର୍ଣ୍ଣନା କରାଯାଇଛି। ଚତୁର୍ଥ ପାଦରେ ମୋକ୍ଷ ବା କୈବଲ୍ୟର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।

ପତଞ୍ଜଳି ଯୋଗ ଦର୍ଶନରେ ଯୋଗର ଅର୍ଥ ସମାଧି ବୋଲି ବର୍ଣ୍ଣନା କରାଯାଇଛି। ସମାଧି ମୁଖ୍ୟତଃ ଦୁଇ ପ୍ରକାର– ସଂପ୍ରଜ୍ଞାତ ଓ ଅସଂପ୍ରଜ୍ଞାତ। ସ୍ଥୂଳତତ୍ତ୍ୱରୁ ମହାତତ୍ତ୍ୱ ପର୍ଯ୍ୟନ୍ତ ପ୍ରାକୃତିକ ପଦାର୍ଥ ତଥା ଚେତନ ଆତ୍ମା ସମ୍ବନ୍ଧରେ ଯଥାର୍ଥ ଜ୍ଞାନକୁ ଅସଂପ୍ରଜ୍ଞାତ ସମାଧି କୁହାଯାଏ। ଯୋଗର ଏହି ସମାଧି ଅବସ୍ଥାରେ ଅବିଦ୍ୟାଦି କ୍ଲେଶ ପର୍ଯ୍ୟାପ୍ତ ମାତ୍ରାରେ ନଷ୍ଟ ହୋଇଥିଲେ ମଧ୍ୟ ସାଧକଠାରେ ସୂକ୍ଷ୍ମ କ୍ଲେଶ ରହିଥାଏ। ଯେତେବେଳେ ଈଶ୍ୱର ପ୍ରଦତ୍ତ ଜ୍ଞାନ ଦ୍ୱାରା ଜୀବାତ୍ମାର ବ୍ରହ୍ମ ସାକ୍ଷାତ୍‌କାର ହୁଏ, ସେତେବେଳେ ଜୀବାତ୍ମା ନିଜ ସ୍ୱରୂପରେ ଅବସ୍ଥାନ କରେ ଓ ତାହା ହେଉଛି ସଂପ୍ରଜ୍ଞାତ ସମାଧି ଅବସ୍ଥା। ତେଣୁ ନିର୍ଜୀବ ବା ସଂପ୍ରଜ୍ଞାତ ସମାଧି ହିଁ ଯୋଗର ଅନ୍ତିମ ଲକ୍ଷ୍ୟ। ଯୋଗ ସୂତ୍ରରେ ଈଶ୍ୱର, ଜୀବ ଓ ପ୍ରକୃତିର ସ୍ୱରୂପ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଈଶ୍ୱର ଚେତନ ସ୍ୱରୂପ। ସେ ଅବିଦ୍ୟାଦି ପଞ୍ଚକ୍ଲେଶ, ତ୍ରିବିଧ କର୍ମ, ସୁଖ–ଦୁଃଖ ଆଦି କର୍ମଫଳ, କର୍ମଫଳରୁ ଉତ୍ପନ୍ନ ସଂସ୍କାର ବାସନାରୁ ଊର୍ଦ୍ଧ୍ୱରେ ଅଟନ୍ତି। ସୃଷ୍ଟି ତତ୍ତ୍ୱକୁ ବିଚାରକୁ ନେଲେ ସାଂଖ୍ୟଦର୍ଶନ ଓ ଯୋଗ ଦର୍ଶନ ସହିତ ସାମଞ୍ଜସ୍ୟ ମିଳିଥାଏ। ସାଂଖ୍ୟ ଦର୍ଶନରେ ବର୍ଣ୍ଣନା କରାଯାଇଥିବା ପ୍ରକୃତିର ୨୪ ତତ୍ତ୍ୱକୁ ଯୋଗ ଦର୍ଶନରେ ସୂକ୍ଷ୍ମରୁ ସ୍ଥୂଳ କ୍ରମରେ ୪ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଅଲିଙ୍ଗ (ମୂଳ ପ୍ରକୃତି), ଲିଙ୍ଗମାତ୍ର (ମହାତତ୍ତ୍ୱ), ଅବିଶେଷ (ଅହଂକାର ଓ ପଞ୍ଚ ତନ୍ମାତ୍ରା) ଏବଂ ବିଶେଷ (ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚଭୂତ ଓ ମନ)। ଯୋଗ ସୂତ୍ର ଅନୁସାରେ ଜୀବାତ୍ମା ଏକ ଚେତନ ତତ୍ତ୍ୱ, ଯାହା ପରମାତ୍ମାଙ୍କଠାରୁ ଭିନ୍ନ। ପତଞ୍ଜଳି ଯୋଗସିଦ୍ଧି ପାଇଁ କ୍ରମାନ୍ୱୟରେ ଆଠଗୋଟି ସୋପାନ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି, ଯାହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ସେଗୁଡ଼ିକ ହେଲା– ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି।

ଧ୍ୟାନ ଓ ପ୍ରାଣାୟାମ ସାଧନ ପାଇଁ ଆସନର ଆବଶ୍ୟକତା ପଡ଼ିଥାଏ। ସାଧକ ଯେଉଁ ଅବସ୍ଥାରେ ସ୍ଥିର ଭାବରେ ବିନା କଷ୍ଟରେ ସୁଖର ସହିତ ବସି ପରମାତ୍ମାକୁ ଉପାସନା କରେ ତାହାକୁ ଆସନ କୁହାଯାଏ। ଯୋଗଦର୍ଶନରେ ଆସନର ଆବଶ୍ୟକତା ମାନସିକ ଶାନ୍ତି ଓ ଇନ୍ଦ୍ରିୟ ସଂଯମ ପାଇଁ ପ୍ରୟୋଗ କରାଯାଇଥାଏ। ମାତ୍ର ଅନ୍ୟ ସମସ୍ତ ଆସନକୁ ବ୍ୟାୟାମ ବା ହଠଯୋଗ କୁହାଯାଏ। ଏହା ଶାରୀରିକ ପୁଷ୍ଟି ସାଧନ ପାଇଁ କରାଯାଇଥାଏ। ସାଧକ ଯୋଗାସନରେ ବସି ନିଜର ଶ୍ୱାସ ପ୍ରଶ୍ୱାସର ଗତି ଉପରେ ଯେଉଁ ନିୟନ୍ତ୍ରଣ ଆଣେ ତାହାକୁ ପ୍ରାଣାୟାମ କୁହାଯାଏ। ପ୍ରାଣାୟାମ ଦ୍ୱାରା ଏକାଗ୍ରତା ସୃଷ୍ଟି ଓ ଇନ୍ଦ୍ରିୟ ବଶୀକରଣ ହୋଇଥାଏ; ଯାହାକୁ ପ୍ରତ୍ୟାହାର କୁହାଯାଏ। ଧାରଣା, ଧ୍ୟାନ ଓ ସମାଧିକୁ ଏକତ୍ର ଅଭ୍ୟାସ କରାଯାଇଥାଏ; ଯାହାକୁ ଯୋଗୀ ଭାଷାରେ ସଂଯମ କୁହାଯାଏ। ଯୋଗୀ ସଂଯମରେ ଅଭ୍ୟସ୍ତ ହେଲେ ସମାଧି–ଜନ୍ୟ ପ୍ରଜ୍ଞା ପ୍ରକଟିତ ହୋଇଥାଏ ଓ ଯୋଗୀକୁ ଈଶ୍ୱର କୃପା ପ୍ରାପ୍ତ ହୁଏ; ଯାହା ମୋକ୍ଷ ପ୍ରାପ୍ତିର ମାର୍ଗକୁ ସୁଗମ କରିଥାଏ। ଅନ୍ତରଙ୍ଗ ସାଧନରୁ ପ୍ରାପ୍ତ ବିଭୂତିକୁ ସଂପ୍ରଜ୍ଞାତ ସମାଧି କୁହାଯାଏ। ସମାଧି ଅବସ୍ଥାରେ ଯୋଗୀର ଚିତ୍ତ–ବୃତ୍ତି ନିରୋଧ ହୋଇ ଈଶ୍ୱର ସାକ୍ଷାତ୍‌କାର ହୋଇଥାଏ।

ପତଞ୍ଜଳି ଯୋଗ ଦର୍ଶନରେ ଚିତ୍ତ ବା ମନର ୫ ଗୋଟି ଅବସ୍ଥା (କ୍ଷିପ୍ର, ମୂଢ଼, ବିକ୍ଷିପ୍ତ, ଏକାଗ୍ର, ନିରୁଦ୍ଧ) ଓ ବୃତ୍ତିର ୫ ଗୋଟି ସ୍ୱରୂପ (ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ଚିନ୍ତା, ସ୍ମୃତି) ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ବୃତ୍ତି ସମ୍ବନ୍ଧରେ ଜ୍ଞାନ ତଥା ମନ ଉପରେ ବିଜୟ ପାଇଁ ପରାମର୍ଶ ଦିଆଯାଇଛି। ମନକୁ ନିୟନ୍ତ୍ରଣ କରି ବାହ୍ୟ ଜଗତରୁ ଅପସାରିତ କରି ଅନ୍ତର୍ମୁଖୀ କଲେ ସାଧକର ସତ୍ତ୍ୱଗୁଣ ବୃଦ୍ଧି ହୋଇଥାଏ ଓ ଆତ୍ମା ସାକ୍ଷାତ୍‌କାର ହୁଏ। ମନକୁ ନିୟନ୍ତ୍ରଣ ପାଇଁ ଯୋଗ ଶାସ୍ତ୍ରରେ ୩ ଗୋଟି ମାର୍ଗ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଲା– ବିବେକ, ବୈରାଗ୍ୟ ଓ ଅଭ୍ୟାସ। ବିବେକ ଅର୍ଥ– ଈଶ୍ୱର, ଜୀବ ଓ ପ୍ରକୃତି ସମ୍ବନ୍ଧରେ ଜ୍ଞାନ। ନୈଶ୍ୱର ସଂସାର ପ୍ରତି ବୀତସ୍ପୃହ ହେବା ବୈରାଗ୍ୟ ତଥା ମନ, ବାଣୀ ଓ ଶରୀର ଦ୍ୱାରା ଏକାଗ୍ର ଓ ନିରୋଧ କରିବାର ପ୍ରଯତ୍ନକୁ ଅଭ୍ୟାସ କୁହାଯାଏ। ସାଧନାର ପଥକୁ ସୁଗମ କରିବା ପାଇଁ ଅଭ୍ୟାସ ନିୟମିତ, ଅବିରତ, ଦୀର୍ଘକାଳ, ଶ୍ରଦ୍ଧାପୂର୍ବକ, ଜ୍ଞାନର ସହିତ ବ୍ରହ୍ମଚର୍ଯ୍ୟ ଓ ତିତୀକ୍ଷାର ସହ ପାଳନ କରିବା ଆବଶ୍ୟକ। ଯୋଗ ମନୁଷ୍ୟ ଜୀବନର ଅଭିନ୍ନ ଅଙ୍ଗ। ବେଦ ଗର୍ଭର ସ୍ୱାଧ୍ୟାୟରୁ ମହର୍ଷି ପତଞ୍ଜଳି ଲୁପ୍ତପ୍ରାୟ ଯୋଗ ରହସ୍ୟକୁ ଉଜ୍ଜୀବିତ କରିଛନ୍ତି। ସେ ଆତ୍ମ ସାକ୍ଷାତ୍‌କାରକୁ ଯୋଗ ବା ସମାଧି ବୋଲି ଦର୍ଶାଇଛନ୍ତି। ।

ସେବାନିବୃତ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ,
ପୂର୍ବତଟ ରେଲ୍‌ୱେ, ଭୁବନେଶ୍ୱର
ମୋ: ୦୬୭୪୩୫୫୩୬୬୭

## ଏଇ ଭାରତରେ

ସେବା କରିବାର ନିଷ୍ଠା ସମ୍ମୁଖରେ ଅର୍ଥର ମୂଲ୍ୟ କିଛି ନୁହେଁ, ଯାହା ପ୍ରମାଣ କରିଛନ୍ତି ଶଶାଙ୍କ ମୋଧିଆ। ସେ ଆମେରିକାର ଇଣ୍ଟରନ୍ୟାଶନାଲ ହେଲ୍‌ଥକେୟାର କମ୍ପାନୀ ବକ୍ସର ଇଣ୍ଟରନ୍ୟାଶନାଲରେ ଚାକିରି କରିଥିଲେ। ଏହାକୁ ଛାଡ଼ି ସେ ଏବେ ଗ୍ରାମାଞ୍ଚଳରେ ରୋଗୀ ସେବାରେ ଲାଗିଛନ୍ତି। କିଡ୍‌ନୀ ଡାଏଲିସିସ କରୁଛନ୍ତି ଓ ତାହା ପୁଣି ଅଧା ଦାମ୍‌ରେ। କିଡ୍‌ନୀ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇ ଦେବା ଲାଗି ସେ ୨୦୧୯ରେ ଦି ରିନାଲ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ମୁଖ୍ୟତଃ ଦ୍ୱିତୀୟ ଏବଂ ତୃତୀୟ ସ୍ତରରେ ଥିବା କିଡ୍‌ନୀ ରୋଗୀଙ୍କ ପାଇଁ ଏହି ସେବା ଉପଲବ୍ଧ ହେଉଛି। ଲକ୍‌ଡାଉନ ସମୟରେ ଡାଏଲିସିସ ପାଇଁ ସମସ୍ୟାରେ ଥିବା ରୋଗୀମାନଙ୍କ ଲାଗି ସେ ଦେବଦୂତ ସାଜିଥିଲେ । ୩୯ ବର୍ଷୀୟ ଶଶାଙ୍କ ୟୁନିଭର୍ସିଟି ଅଫ ଟେକ୍ସାସରେ ବାୟୋମେଡିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସେଠାରେ ବକ୍ସର ଇଣ୍ଟରନ୍ୟାଶନାଲରେ କାର୍ଯ୍ୟ କରୁଥିଲେ। ଏବେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସେବା ଯୋଗାଇ ଦେବାରେ ଆର୍ଥିକ ସମସ୍ୟା ଉପୁଜିଥିଲେ ବି ସେ ରୋଗୀମାନଙ୍କଠାରୁ ଗ୍ରହଣ କରୁଥିବା ଅଧା ଫି'ରେ ସବୁ ଖର୍ଚ୍ଚ ତୁଲାଉଛନ୍ତି। ଶଶାଙ୍କଙ୍କୁ ନେଫ୍ରୋଲୋଜିଷ୍ଟ ଡା. ଧନଞ୍ଜୟ ଓକଲ୍‌କର ସହଯୋଗ କରୁଛନ୍ତି। ପ୍ରାୟ ୫୦% ରୋଗୀ ମୁମ୍ବାଇଠାରୁ ୧୦୦କି.ମି. ଦୂରରେ ରହିଛନ୍ତି। ସେମାନଙ୍କୁ ବି ସେ ନିୟମିତ ସେବା ଯୋଗାଇ ଆସୁଛନ୍ତି। କେବଳ ମୁମ୍ବାଇର ଆଖପାଖ ଗ୍ରାମାଞ୍ଚଳ ନୁହେଁ, ବରଂ ଠାଣେ, ପୁଣେ, ନାସିକ, ନାଗପୁରର ସହରତଳି ଅଞ୍ଚଳର ରୋଗୀମାନେ ତାଙ୍କ ଦ୍ୱାରା ଉପକୃତ ହେଉଛନ୍ତି। ଏବେ ୨୦ଟି କେନ୍ଦ୍ରରେ ଶତାଧିକ ରୋଗୀଙ୍କ ଡାଏଲିସିସ କରାଯାଉଥିବାବେଳେ ଆଗକୁ ୧୦୦୦ କେନ୍ଦ୍ରରେ ୧୦,୦୦୦ ରୋଗୀଙ୍କ ପାଇଁ ଉକ୍ତ ସେବା ଉପଲବ୍ଧ କରାଇବାର ଯୋଜନା ରଖିଛନ୍ତି ଶଶାଙ୍କ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୬

- ଜେରୁଜେଲମର ଏକ ବସ୍‌ରେ ଇସଲାମୀୟ ଆତ୍ମଘାତୀ ବାହିନୀ ଦ୍ୱାରା ବିସ୍ଫୋରଣ କରାଯିବା ଦ୍ୱାରା ୨୮ ଜଣ ଲୋକ ନିହତ।
- ଦ୍ୱୈତ ଟିକସ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବାକୁ ଚୀନ ଓ ବାଂଲାଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ପି.ଏ. ସାଙ୍ଗମାଙ୍କ ଦ୍ୱାରା କଟକ ଆକାଶବାଣୀ କେନ୍ଦ୍ର ପରିସରରେ ରାଜ୍ୟର ପ୍ରଥମ ଏଫ୍.ଏମ୍. ଚ୍ୟାନେଲ ଉଦ୍‌ଘାଟିତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | | | D | | | 4 | | 1 | 7 | A | | |
| 7 | | A | 5 | | 3 | | | 0 | | | | | B | |
| | | | | | | 5 | | 1 | | B | | 7 | C | |
| | | | | B | | | 3 | 8 | C | D | | | 2 | |
| 5 | 6 | | | 0 | | | | | | E | | | | 1 |
| | | | | | | | E | | | | 5 | 3 | 9 | |
| | | | 2 | | 6 | A | 9 | 7 | | | | | 1 | |
| 2 | | | | 8 | B | | | | 0 | 6 | E | 5 | | |
| | | | 0 | | | D | | | | 7 | B | | | 2 |
| | | 6 | 9 | | | | | | 3 | A | | E | D | |
| 3 | | 9 | | | | 2 | 5 | | 7 | | | C | | |
| | | | | | | | 7 | 6 | | 5 | D | | | |
| 6 | | | | | 7 | | | D | | | 1 | 2 | 4 | |
| | | 2 | 8 | | 1 | 0 | | | | | | D | | E |
| | | | | | | | | | | 3 | C | 1 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 5 | 7 | 2 | E | 6 | 0 | 9 | D | B | 3 | 8 | 4 | C |
| 6 | 4 | 7 | D | B | 0 | A | 8 | C | 2 | 9 | 5 | 3 | 1 | E |
| C | E | 3 | 4 | 8 | 9 | 7 | 2 | D | A | 0 | 1 | 5 | B | 6 |
| 2 | 0 | 8 | 5 | A | 6 | 1 | 3 | B | C | 4 | E | 7 | D | 9 |
| 9 | B | D | C | 1 | 3 | 4 | 5 | E | 6 | 8 | 7 | A | 0 | 2 |
| B | 1 | 9 | 0 | 4 | D | 8 | 6 | A | E | 3 | 2 | C | 7 | 5 |
| 5 | 8 | C | E | 7 | 1 | B | 4 | 2 | 0 | D | 9 | 6 | 3 | A |
| D | 2 | A | 9 | 6 | 5 | C | 7 | 3 | 8 | 1 | B | 4 | E | 0 |
| 4 | 6 | 0 | 2 | 3 | A | E | 9 | 1 | 5 | 7 | C | B | 8 | D |
| 3 | 7 | E | 8 | C | B | 0 | D | 5 | 4 | 6 | A | 2 | 9 | 1 |
| 0 | 3 | 4 | 6 | 9 | 2 | 5 | 1 | 8 | 7 | C | D | E | A | B |
| E | D | 1 | B | 5 | C | 9 | A | 4 | 3 | 2 | 8 | 0 | 6 | 7 |
| A | 9 | 6 | 3 | D | 8 | 2 | E | 7 | B | 5 | 0 | 1 | C | 4 |
| 7 | C | 2 | 1 | E | 4 | 3 | B | 0 | 9 | A | 6 | D | 5 | 8 |
| 8 | 5 | B | A | 0 | 7 | D | C | 6 | 1 | E | 4 | 9 | 2 | 3 |

ଗତକାଲିର ଉତ୍ତର

# ପୀଡ଼ିତାଙ୍କ ବିଡ଼ମ୍ବିତ ଭାଗ୍ୟ



ଡ. ବାସନ୍ତୀ ମହାନ୍ତି

ଆମ ସାମାଜିକ ପୃଷ୍ଠଭୂମିରେ ନାରୀଟିଏ ଯଦି ପୀଡ଼ିତା ବିଶେଷତଃ ଯଦି ପୁରୁଷର ଅସୌଜନ୍ୟ ଆଚରଣର ଶିକାର ହୋଇଥାଏ ଅଦାଲତର ନ୍ୟାୟ ମିଳିଲେ ସୁଦ୍ଧା ସେ ସାମାଜିକ ନ୍ୟାୟ ପାଏ ନାହିଁ। ଅବିବାହିତା ହୋଇଥିଲେ ତା' ବିବାହ ପାଇଁ ସମସ୍ୟା ସୃଷ୍ଟି ହୁଏ, ବିବାହିତା ହୋଇଥିଲେ ତାକୁ ଶାଶୁଘରେ କ୍ୱଚିତ୍ ସମ୍ମାନଜନକ ସ୍ଥାନ ମିଳେ। ବାପଘର ଲୋକେ ମଧ୍ୟ ତାକୁ ଗ୍ରହଣ କରିବାକୁ ପଶ୍ଚାତପଦ ହୁଅନ୍ତି। ନିଜେ ଯଦି ସ୍ୱାବଲମ୍ବନଶୀଳ ନୁହେଁ ତା' ପାଇଁ ଲୋଡ଼ାହୁଏ ସରକାରୀ କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଆଶ୍ରୟସ୍ଥଳ। ଗଳ୍ପ ଉପନ୍ୟାସ ଚଳଚ୍ଚିତ୍ର ଆଦିରେ ମଧ୍ୟ ଲେଖକ କିମ୍ବା ନିର୍ଦ୍ଦେଶକ ଏମାନଙ୍କ ଶେଷ ପରିଣତି ଆତ୍ମହତ୍ୟା ବୋଲି ପ୍ରଦର୍ଶିତ କରିଥାନ୍ତି, ସତେଯେମିତି ପୀଡ଼ିତାମାନଙ୍କର ବଞ୍ଚିବାର ଅଧିକାର ନାହିଁ। ସମାଜର ଅନ୍ୟମାନେ ତା' ପାଖରେ ସ୍ୱଚ୍ଛନ୍ଦ ହୋଇପାରନ୍ତି ନାହିଁ କି ସେ ଅନ୍ୟମାନଙ୍କ ପାଖରେ ସ୍ୱାଭାବିକ ହୋଇପାରେ ନାହିଁ। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ଏ ପ୍ରକାର ସମସ୍ୟା ନାହିଁ। ଆମ ଦେଶ ପରି ସେମାନଙ୍କ ଦେଶରେ ମଧ୍ୟ ନାରୀ ପ୍ରତି ଅଶୋଭନୀୟ ଆଚରଣ ଅତ୍ୟନ୍ତ ଗର୍ହିତ ଅପରାଧ। ସହମତି ନ ଥିଲେ କେହି ଯଦି ନାରୀକୁ ଶାରୀରିକ ସମ୍ପର୍କ ପାଇଁ ନିବେଦନ କରେ ତେବେ ତାହା ଅପରାଧ ପର୍ଯ୍ୟାୟଭୁକ୍ତ ହୁଏ। ଅପରାଧୀକୁ କଠିନ ଦଣ୍ଡ ଦିଆଯାଇଥାଏ। କିନ୍ତୁ ପୀଡ଼ିତାର ସାମାଜିକ ସମ୍ମାନ କ୍ଷୁଣ୍ଣ ହୁଏ ନାହିଁ। ମାତ୍ର ଆମ ଦେଶରେ ସମ୍ପୂର୍ଣ୍ଣ ଓଲଟା। ଦୁଷ୍କର୍ମକାରୀ ଦଣ୍ଡ ଭୋଗିସାରିବା ପରେ ଘରସଂସାର କରି ସମ୍ମାନର ସହ ବଞ୍ଚିପାରେ କିନ୍ତୁ ପୀଡ଼ିତା ନିର୍ଦ୍ଦୋଷ ଥାଇ ବି ସର୍ବସ୍ୱ ହରାଇଥାଏ। ଯେତେଦିନ ପର୍ଯ୍ୟନ୍ତ ଆମ ସମାଜରୁ ଏ ପ୍ରକାର ମାନସିକତାର ଅନ୍ତ ନ ହୋଇଛି, ନାରୀର ସୁରକ୍ଷା ବିପନ୍ନ ହୋଇ ରହିଥିବ। ସାମାଜିକ ସମ୍ମାନ ଭୟରେ ସେ ପୁରୁଷ ପାଖରେ ଭୟାର୍ତ୍ତ ହୋଇ କାଳ କାଟୁ ଥିବ। ଆମ ଦେଶରେ ନାରୀର ଶାରୀରିକ ପବିତ୍ରତା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ନାରୀ କେବଳ କାମନା ପ୍ରପୀଡ଼ିତ ପୁରୁଷର ଅସୌଜନ୍ୟ ଆଚରଣର ଶିକାର ହୁଏନାହିଁ। କୌଣସି କାରଣରୁ ନାରୀର ଆତ୍ମପ୍ରତ୍ୟୟ କ୍ଷୁଣ୍ଣ କରିବାର ଥିଲେ ତା ଶରୀର ପ୍ରତି ଆକ୍ରମଣ ହୋଇଯାଏ। ଆଜିର ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ନାରୀଟିଏ ନିଜ ଦକ୍ଷତାରେ ପୁରୁଷକୁ ଅତିକ୍ରମ କରିଯିବାର ଆଶଙ୍କା ଉପୁଜିଲେ ତା' ଗତିରୋଧ କରିବା ପାଇଁ ତା' ପ୍ରତି ଅସଦାଚରଣ କରିବାଠାରୁ ବଳି ବଡ଼ ଉପାୟ ପୁରୁଷ ପାଖରେ ଆଉ କିଛି ନାହିଁ।

ଏହିପରି ଜଣେ ମହିଳାଙ୍କୁ ଆମେ ଅତୀତରେ ଭେଟିଥିଲୁ ଗଣମାଧ୍ୟମଗୁଡ଼ିକରେ। ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ହାସଲ କରିଥିବା ଉଚ୍ଚଶିକ୍ଷିତା ମହିଳା ଜଣକ ସେ ସମୟରେ ଥିଲେ ବହ୍ନିକନ୍ୟା। ଅନ୍ୟାୟ ଅତ୍ୟାଚାରକୁ ସାହସର ସହ ମୁକାବିଲା କରିବାର ସକଳ ସାମର୍ଥ୍ୟ ଥିଲା ତାଙ୍କର। ସ୍ୱାମୀ ଓ ସ୍ୱାମୀଗୃହର ଅନ୍ୟାନ୍ୟ ସଦସ୍ୟଙ୍କର ତାଙ୍କ ପ୍ରତି ହେଉଥିବା ନିର୍ଯାତନାକୁ ପ୍ରତିବାଦ କରିଥିଲେ। ନ୍ୟାୟ ପାଇଁ ଆଇନର ଆଶ୍ରୟ ନେବା ଲାଗି ଯେଉଁ ଆଇନଜୀବୀଙ୍କ ସହାୟତା ଲୋଡ଼ିଥିଲେ ତାଙ୍କର ଲୋଲୁପ ଦୃଷ୍ଟିର ଶିକାର ହେବାପରି ବିରଳ ଘଟଣା ଘଟିଥିଲା ତାଙ୍କ ଜୀବନରେ। ନ୍ୟାୟ ପାଇଁ ତାଙ୍କ ବିରୋଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରିଥିଲେ। ଜଣେ ନାରୀର ଏତେ ବଡ଼ ସ୍ପର୍ଦ୍ଧା! ଏତେ ବଡ଼ ବଡ଼ ଲୋକଙ୍କ ବିରୋଧରେ ସେ ସ୍ୱର ଉତ୍ତୋଳନ କରିବ? ତାଙ୍କ ଉପରେ ହୋଇଯାଇଥିଲା ସଣ୍ଢୁଆଶୀ ଆକ୍ରମଣ। ତାଙ୍କୁ ଅନେକ ପ୍ରତିକୂଳ ପରିସ୍ଥିତିର ଶିକାର ହେବା ପାଇଁ ପଡିଥିଲା। କେସ୍ ଉଠେଇନେବା ପାଇଁ ନାନାବିଧ ଉପାୟ ପ୍ରଦର୍ଶନ କରାଯାଇଥିଲା। ଘରକୁ ଟେକାପଥର ପଡ଼ିବାଠାରୁ ଜୀବନରେ ମାରିଦେବାର ଧମକ ପର୍ଯ୍ୟନ୍ତ। ସେ କିନ୍ତୁ ହାର୍ ମାନି ନ ଥିଲେ। ଶେଷରେ ସର୍ବଶେଷ ଅସ୍ତ୍ର ପ୍ରୟୋଗ କରାଯାଇଥିଲା। ଏହାପରେ ନା ରହିବ ବାଉଁଶ ନା ବାଜିବ ବଂଶୀ। ତାଙ୍କ ସାମାଜିକ ସମ୍ମାନ କ୍ଷୁଣ୍ଣ କରାଯାଇଥିଲା। ଆତ୍ମପ୍ରତୀୟହୀନ ହୋଇ ମରିମରି ବଞ୍ଚିବାକୁ ସେ ବାଧ ହୋଇଥିଲେ। ଏହା ସେ ସର୍ବସମ୍ମୁଖରେ ପ୍ରେସ୍‌ମିଟ୍ ମାଧ୍ୟମରେ ସ୍ୱୀକାର କରିଛନ୍ତି।

ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ଅପରାଧୀକୁ ଧରିବା ପାଇଁ ଯଦି ଏତେ ଦୀର୍ଘକାଳ ଲାଗିଯାଏ, ନ୍ୟାୟ ପାଇଁ ଆହୁରି କେତେ କାଳ ଲାଗିଯିବ କିଏ କହିବ? ଘଟଣାଟିର ପ୍ରେକ୍ଷାପଟରେ ଯେଉଁମାନେ ଥିଲେ ବୋଲି ଅଭିଯୋଗ ହେଉଥିଲା ସେମାନଙ୍କ ମଧ୍ୟରୁ ଅନେକ ମରିହଜି ଗଲେଣି। ଆଧାର କାର୍ଡ ବିନା ଯେଉଁଠି ଜୀବନ ବଞ୍ଚିବା କଷ୍ଟକର, ସମ୍ପୃକ୍ତ ଅପରାଧୀ କେଉଁ ଆଧାରରେ ଏତେ କାଳ ଧରି ଜୀବନ ନିର୍ବାହ କରୁଥିଲା, କେଉଁ ଅଦୃଶ୍ୟ ହାତ ତାକୁ ଅଭୟ ପ୍ରଦାନ କରୁଥଲା, ତାହା ମଧ୍ୟ ସନ୍ଦେହ ସୃଷ୍ଟିକାରୀ। ତେବେ କେଉଁ ରାଜନୈତିକ ଦଳର କୁଟ କୌଶଳର ଶିକାର ହୋଇ ଜଣେ ଉଦୀୟମାନ ମହିଳାଙ୍କ ଜୀବନ ଏପରି ବିପର୍ଯ୍ୟସ୍ତ ହୋଇପଡ଼ିଲା ତାହା ଆମ ଆଲୋଚନାର ପ୍ରସଙ୍ଗ ନୁହେଁ। ଆମର ବକ୍ତବ୍ୟ ହେଉଛି ପୀଡ଼ିତାଙ୍କ ପ୍ରତି ଆମର ସାମାଜିକ ଦୃଷ୍ଟି କୋଣ।

ଆମ ଦର୍ଶନ ଅନୁସାରେ ଆତ୍ମା କୌଣସି ପାର୍ଥିବ ପ୍ରସଙ୍ଗସହ ଜଡ଼ିତ ହୁଏ ନାହିଁ। ପାଞ୍ଚ ନାରୀଙ୍କୁ ଆମେ ଅତି ପବିତ୍ର ଓ ସତୀ ତାଲିକାଭୁକ୍ତ କରିଛୁ, ଯେଉଁମାନଙ୍କର ଶରୀର କଳୁଷିତ କିନ୍ତୁ ଆତ୍ମା ନୁହେଁ। ଏସବୁ ସତ୍ତ୍ୱେ ନାରୀମାନଙ୍କ ପାଇଁ ଆମେ ସ୍ୱତନ୍ତ୍ର ନିୟମ କରିଛୁ, ଯାହା ପୁରୁଷ ପାଇଁ ପ୍ରଯୁଜ୍ୟ ନୁହେଁ। ସ୍ୱାମୀ ବ୍ୟତିରେକେ ଅନ୍ୟ କେହି ସ୍ପର୍ଶ କଲେ (ଇଚ୍ଛାରେ ବା ଅନିଚ୍ଛାରେ) ସେ ଅସତୀ ହୋଇଯାଏ ଓ ରୌରବ ନର୍କ ଭୋଗକରେ ବୋଲି ନାରୀକୁ ଭୟଭୀତ କରି ରଖାଯାଇଛି। ସମାଜ ତାକୁ ପତିତା ବୋଲି ଆଖ୍ୟା ଦେଇ ନାନାବିଧ ଲାଞ୍ଛନା ଦେଇଥାଏ। ଶୁଭକାମରେ ତାକୁ ଦୂରେଇ ରଖାଯାଏ। ସେଥିପାଇଁ ସେ ତା' ପ୍ରତି ହୋଇଥିବା ଅଶୋଭନୀୟ ଆଚରଣକୁ ଅନେକ ସମୟରେ ଗୋପନୀୟ କରି ରଖେ।

ନାରୀଟିଏ ଦୁର୍ଭାଗ୍ୟବଶତଃ ଏମିତି କିଛି ଅଘଟଣର ଶିକାର ହେଲେ ତାକୁ ଗୋପନ ନ ରଖି ନ୍ୟାୟ ପାଇଁ ଲଢୁ। ଏଥିପାଇଁ ପରିବାର ଓ ଆତ୍ମୀୟସ୍ୱଜନ ତାକୁ ଉତ୍ସାହିତ କରନ୍ତୁ। ତା'କୁ ନୈତିକ ସାହସ ଦିଅନ୍ତୁ। ଚୋର ଡକାୟତମାନେ ସମ୍ପତ୍ତି ଲୁଣ୍ଠନ କଲେ ଯେପରି ଲୁଣ୍ଠିତ ବ୍ୟକ୍ତିର ମର୍ଯ୍ୟାଦା କ୍ଷୁଣ୍ଣହୁଏ ନାହିଁ। ଲୁଣ୍ଠନକାରୀ ଦଣ୍ଡିତ ହୁଅନ୍ତି, ନାରୀ କ୍ଷେତ୍ରରେ ମଧ୍ୟ ଠିକ୍ ସେହି ମାନସିକତା ପୋଷଣ କରିବା ଉଚିତ। ନାରୀ ଅଶୋଭନୀୟ ଆଚରଣର ଶିକାର ହେଲେ ପତିତା ହୋଇଯାଏ ନାହିଁ। ନାରୀମାନଙ୍କ ପାଇଁ ଏ ଶବ୍ଦ ଅତ୍ୟନ୍ତ ଅପମାନଜନକ। ଏ ଶବ୍ଦର ପ୍ରୟୋଗକୁ ଧର୍ତ୍ତବ୍ୟ ଅପରାଧ ବୋଲି ଗ୍ରହଣ କରାଯାଉ। ଅତୀତରେ ଯେଉଁ ଭୁଲ୍ ସମାଜ କରିଥିଲା ତା'ର ପୁନରାବୃତ୍ତି ନ ହେଉ। ଆମ ପାରମ୍ପରିକ ଚିନ୍ତାଧାରାରେ ପରିବର୍ତ୍ତନ ନ ଆସିଲେ ନାରୀମାନଙ୍କ ଦୁର୍ଦ୍ଦଶାର ଅନ୍ତ ହେବନାହିଁ। ପ୍ରତ୍ୟେକ ନାରୀ ହୃଦବୋଧ କରନ୍ତୁ ବ୍ୟକ୍ତିତ୍ୱ ସାବ୍ୟସ୍ତ କରିବା ପାଇଁ ଶରୀର ନୁହେଁ, ଆତ୍ମିକ ବିଭବର ଆବଶ୍ୟକତା ରହିଛି। ସମାଜ ଏଥିପାଇଁ ତାକୁ ପ୍ରୋତ୍ସାହନ ଦେଉ। ମରି ମରି ବଞ୍ଚିବା ପରିବର୍ତ୍ତେ ପୁରୁଷର ଅପକର୍ମକୁ ଦେହରୁ ଧୂଳିଝାଡ଼ିବା ପରି ଝାଡ଼ିଦେଇ ନ୍ୟାୟ ପାଇଁ ଲଢ଼ିବାକୁ ଆମେ ଆମ ଝିଅବୋହୂଙ୍କୁ ଉତ୍ସାହିତ କରିବା। ଦୁଷ୍କର୍ମକାରୀ ପୁରୁଷଟିଏ ଯଦି ସମାଜରେ ମଥାଟେକି ବଞ୍ଚିପାରୁଛି ନିର୍ଦ୍ଦୋଷ ଥାଇ ବି ପୀଡ଼ିତାଟିଏ କାହିଁକି ମଥାନତ କରି ବଞ୍ଚିବ? ଲାଞ୍ଛିତ ହେବ?

ପୀଡ଼ିତାମାନଙ୍କୁ ଦୟା, ଅନୁକମ୍ପା, ସହାନୁଭୂତି ପ୍ରଦର୍ଶନ କରିବାର ବେଳ ଆଉ ନାହିଁ। ପାରମ୍ପରିକ ଦୃଷ୍ଟିକୋଣର ମୂଳୋତ୍ପାଟନ କରି ତା'ର ଆତ୍ମପ୍ରତ୍ୟୟ ବୃଦ୍ଧି କରିବା ନିହାତି ଜରୁରୀ। କ୍ରମବର୍ଦ୍ଧିଷ୍ଣୁ ପୁରୁଷର ଅସୌଜନ୍ୟ ଆଚରଣକୁ ସମ୍ମୁଖୀନ ହେବା ପାଇଁ ଏହାହିଁ ବର୍ତ୍ତମାନ ଆମର ବଡ଼ ଅସ୍ତ୍ର।

୨୧୩ ସି–ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ– ୯୪୩୭୦୩୩୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ସାଇବର ଅପରାଧ ବଢୁଛି

ମହାଶୟ,

ସାରା ଦେଶରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ବିଭିନ୍ନ ଉପାୟରେ କୌଶଳକ୍ରମେ ନିଜ ଆକାଉଣ୍ଟରୁ ଟଙ୍କା ଉଠାଇପାରୁଛନ୍ତି। କୌଣସି ଫୋନକୁ ମେସେଜ୍ କିମ୍ବା ସୂଚନା ପାଇଲେ ଗୋପନୀୟ ତଥ୍ୟ ନ ଦେବା ଆବଶ୍ୟକ। ମିଥ୍ୟା ପ୍ରଲୋଭନର ଶିକାର ହୋଇ ସର୍ବସ୍ୱ ହରାଇବାକୁ ପଡ଼ିଥାଏ। ଏଥିପ୍ରତି ସର୍ବସାଧାରଣରେ ସଚେତନ ରହିବା ଉଚିତ। ଏପରି କି ଲଟେରି ଉଠିବା କିମ୍ବା ଟଙ୍କା ପଠାଇଲେ ଆକର୍ଷଣୀୟ ପୁରସ୍କାର ପାଇବା ସୂଚନା ଶୁଣନ୍ତୁ ନାହିଁ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଳି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।

–(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହସ୍ତକ୍ଷେପ କଲେ କେନ୍ଦ୍ର ସରକାର

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

- ତଦନ୍ତ ରିପୋର୍ଟ ଦେବେ ମୁଖ୍ୟ ବନ ସଂରକ୍ଷକ
- ଭିତରକନିକା ଜୈବବିବିଧତା ସଙ୍କଟରେ
- ପ୍ରଧାନମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଲେଖିଥିଲେ କ୍ଷିତୀଶ

କେନ୍ଦ୍ରାପଡ଼ା ଅଫିସ,୩।୩

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦରେ କେନ୍ଦ୍ର ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ (ଏନଭାଇରନମେଣ୍ଟ, ଫରେଷ୍ଟ ଆଣ୍ଡ କ୍ଲାଇମେଟ ଏକ୍ସଚେଞ୍ଜ) ମନ୍ତ୍ରଣାଳୟ ହସ୍ତକ୍ଷେପ କରିଛନ୍ତି। ଭିତରକନିକା ଜୈବବିବିଧତା ଉପରେ ଏହାର କି ପ୍ରଭାବ ପଡିବ ସେ ସମ୍ପର୍କରେ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ଓଡ଼ିଶା ମୁଖ୍ୟ ବନ ସଂରକ୍ଷକଙ୍କୁ ଗତ ୧୯ ତାରିଖରେ ବିଭାଗୀୟ ଚିଠି ଆସିଛି। ଭଦ୍ରକର ନୂଆହାଟରେ ପ୍ରସ୍ତାବିତ ଏହି ପାନୀୟ ଜଳ ପ୍ରକଳ୍ପ ବନ୍ଦ ପାଇଁ ସହରର ଖଡିଅଙ୍ଗସ୍ଥ କ୍ଷୀତିଶ କୁମାର ସିଂହ ଗତ ଜାନୁୟାରୀ ୩ରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆବେଦନ କରିଥିଲେ। କେନ୍ଦ୍ର ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ଅଭିଯୋଗ (ଗ୍ରୀଭାନ୍ସ ନଂ-୯/୨୧)କୁ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସିଂହ କୁହନ୍ତି, ଜାତୀୟଉଦ୍ୟାନ ଭିତରକନିକା ବିଶ୍ୱସ୍ତରରେ ରାମସାର ସାଇଟ୍ ଭାବେ ପରିଚୟ ଲାଭ କରିଛି। ଏଠାରେ ଥିବା ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ସହ ଏସିଆର ଦ୍ୱିତୀୟ ସର୍ବବୃହତ୍ ହେନ୍ତାଳବଣ ରହିଛି। ଏହି ପ୍ରାକୃତିକ ହେନ୍ତାଳବଣ ସାମୁଦ୍ରିକ ପ୍ରାଚୀର ଭାବେ ପରିଗଣିତ ହୋଇଥାଏ। ଏହାର କେତେକ ଗୁଣ ପାଇଁ ସୁନାମିର ଢେଉ ମଧ୍ୟ ନିଷ୍କ୍ରିୟ ହୋଇଥାଏ। ତେବେ ହେନ୍ତାଳବଣ ବୃଦ୍ଧି ପାଇଁ ଲୁଣା ଓ ମଧୁର ଜଳର ଆବଶ୍ୟକତା ଅଛି। ଭଦ୍ରକ ଜିଲାର ନୂଆହାଟଠାରେ ପ୍ରସ୍ତାବିତ ଜଳ ପ୍ରକଳ୍ପ ପାଇଁ ବରୁଣାଡିହାଠାରେ ଖରସ୍ରୋତା ନଦୀରୁ ଦୈନିକ ୧୪୬ ମିଲିୟନ ଲିଟର ପାଣି ନିଆଯିବ। ଯାହାର ପ୍ରଭାବ ହେନ୍ତାଳବଣ ବୃଦ୍ଧିକୁ ରୋକିବା ସହିତ ଜାତୀୟ ଜଳପଥ ୫ ଉପରେ ପ୍ରଭାବ ପକାଇବ। ଗ୍ରୀଭାନ୍ସ ଲେଟରରେ ସେ ଉଲ୍ଲେଖ କରିଛନ୍ତି, ନୂଆହାଟଠାରୁ ମାତ୍ର ୨ କିଲୋମିଟର ଦୂରରେ ବୈତରଣୀ ନଦୀ ଅଛି। ତେବେ ପାନୀୟ ଜଳ ପ୍ରକଳ୍ପ ପାଇଁ ଏହି ନଦୀଜଳ ଲୁଣା ହେତୁ ଉପଯୋଗୀ ହୋଇନାହିଁ। ଖରସ୍ରୋତାରୁ ପ୍ରକଳ୍ପ ପାଇଁ ମଧୁର ପାଣି ଉତ୍ତୋଳନ ହେଲେ ବୈତରଣୀ ନଦୀର ଦଶା ଭୋଗିବାକୁ ପଡିବ ବୋଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ସର୍ଭେ ରିପୋର୍ଟରେ ଉଲ୍ଲେଖ ହୋଇଛି। ଏଥିପାଇଁ ପ୍ରସ୍ତାବିତ ଜଳ ପ୍ରକଳ୍ପର ପାଣିଉଠା ସ୍ଥାନ ବରୁଣାଡିହା ଓ ନୂଆହାଟ ସମେତ ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାର ୧୯୨ ରାଜସ୍ୱ ଗ୍ରାମକୁ ଇକୋ ସେନସେଟିଭ ଜୋନରେ ରଖାଯାଇଛି। ଜାତୀୟଉଦ୍ୟାନର ବିଭିନ୍ନ ଅବକ୍ଷୟକୁ ଲକ୍ଷ୍ୟ କରାଯାଇ ଆଇୟୁସିଏନ୍ ପକ୍ଷରୁ ଭିତରକନିକାକୁ ରେଡ ଡାଟା ବୁକ୍‌ରେ ରଖାଯାଇଛି। ସେହିପରି ଖରସ୍ରୋତା ମଧ୍ୟ ଦେଇ ଜାତୀୟ ଜଳପଥ ୫ ପ୍ରକଳ୍ପର କାର୍ଯ୍ୟ ଚାଲିଛି। ଏହି ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଜଳ ଉତ୍ତୋଳନ ହେଲେ ଆଗାମୀ ଦିନରେ ଜାହାଜ ଚଳାଚଳ କରିପାରିବ ନାହିଁ। ଯାହା ଦେଶର ପରିବହନ ରାଜସ୍ୱରେ ଅବନତି ହେବ ବୋଲି ଅଭିଯୋଗକାରୀ ସିଂହ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଖରସ୍ରୋତା ନଦୀର ମଧୁର ଜଳକୁ ଭଦ୍ରକର ୪ ବ୍ଲକ ଅଞ୍ଚଳରେ ପାନୀୟ ଜଳ ରୂପେ ବ୍ୟବହାର ପାଇଁ ରାଜ୍ୟ ସରକାର ବସୁଧା ଯୋଜନାରେ ୮୯୨ କୋଟି ଟଙ୍କା ବ୍ୟୟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହାକୁ ପ୍ରାୟ ବର୍ଷେ ହେବ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି।

## ସଂକ୍ଷେପରେ

### ଭିସୁଟ୍‌ରୁ ଉଠିଲା କୋଭିଡ୍ କଟକଣା



**ସମ୍ବଲପୁର,୩।୩ (ବ୍ୟୁରୋ):** ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରୁ ବୁଧବାରଠାରୁ କୋଭିଡ୍ କଟକଣାକୁ ଉଠାଇ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଛି। ମଙ୍ଗଳବାର ୨୫ ଛାତ୍ରୀଛାତ୍ରଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ପଷ୍ଟୀକରଣ ଦେଇଥିଲେ। ଏହାପରେ ଜିଲା ପ୍ରଶାସନ ଏଭଳି ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷେ ଭିସୁଟ୍ ଦାୟିତ୍ୱରେ ଥିବା କୁଳପତି ବିବି ପତି କହିଛନ୍ତି, ଭିସୁଟ୍‌କୁ ଆଶ୍ୱସ୍ତି ମିଳିଛି। ଆଗକୁ କିଭଳି କ୍ଲାସ ହେବ ସେ ନେଇ ଖୁବ୍‌ଶୀଘ୍ର ବୈଠକ କରି ସ୍ଥିର କରାଯିବ। ସୂଚନାଯୋଗ୍ୟ, ଭିସୁଟ୍‌ରେ ୨୫ ଛାତ୍ରୀଛାତ୍ରଙ୍କ କୋଭିଡ୍ ପଜିଟିଭ ଥିବା ନେଇ କର୍ତ୍ତୃପକ୍ଷ ୨୬ ତାରିଖରେ ସୂଚନା ଦେଇଥିଲେ। ଏହାକୁ ନେଇ ୨୭ରେ ପ୍ରଶାସନ ପକ୍ଷରୁ ଭିସୁଟ୍ ପରିସରରେ ଥିବା ୧୧ ହଷ୍ଟେଲକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା। ବୁର୍ଲାର ଜାଗୃତି ବିହାର କଲୋନୀ ଅନ୍ତର୍ଗତ ବ୍ଲକ -ଡ଼ିର ୫ ଓ ୬ ଏବଂ ଏହା ସଂଲଗ୍ନ ବ୍ଲକ -ଡ଼ିର ୭, ୮ ଓ ସି ଟାଇପ ବ୍ଲକର କ୍ୱାର୍ଟର୍ସକୁ ବଫର ଜୋନ ଭାବେ ଘୋଷଣା କରାଯାଇଥିଲା। ଏହି କଟକଣାକୁ ପ୍ରଶାସନ ଉଠାଇଦେଇଛି।

### ଦୁର୍ଘଟଣା ନେଲା ୩ ଜୀବନ, ଜଣେ ଗୁରୁତର

**ସମ୍ବଲପୁର, ୩।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲି ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ହୀରାକୁଦ ଥାନା ଚକ୍ରବର୍ତ୍ତିପଡାର ଆଶିଷ ମହାନ୍ତି (୨୬), ବଲାଙ୍ଗୀର ଜିଲା ଟାଉନ ଥାନା ଅନ୍ତର୍ଗତ ବିଭୂତିପଡାର ନବୀନ ମୁଣ୍ଡା (୨୯) ଓ ଝାରସୁଗୁଡ଼ା ଜିଲା ତଲିଭଟାର ପ୍ରକାଶ କୁମାର ଦାଶ (୨୫)। ହୀରାକୁଦ ଥାନା ପଡାର ସଚିନ ସିନ୍ଧିଆ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ.୧୨୧/୨୧ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆଶିଷଙ୍କ ମାମୁ ଜ୍ୟୋତିଷ ମହାନ୍ତିଙ୍କ ଅଭିଯୋଗ କ୍ରମେ, ଆଶିଷ ଓ ତାଙ୍କ ସାଙ୍ଗ ନବୀନ, ପ୍ରକାଶ, ସଚିନ ଦୁଇଟି ବାଇକ୍ (ଓଡି୧୫ଏଲ-୩୦୮୧, ଓଡି୧୫କେ-୪୧୭୨)ରେ ସମ୍ବଲପୁରରୁ ଘରକୁ ଫେରୁଥିଲେ। ସେହି ସମୟରେ ବରେଇପାଲି ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଟ୍ରକ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ଟ୍ରାଫିକ୍ ସମସ୍ୟା ଓ ଭାରିଯାନ ଅଟକି ରହୁଥିବାରୁ ଦୁର୍ଘଟଣା ଘଟିଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପଟେ ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି ଯେ, ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ପୋଲିସ ପକ୍ଷରୁ ଚେଷ୍ଟା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଆହତ ସଚିନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## କୋଟିଆ ବିବାଦ: ସୁପ୍ରିମକୋର୍ଟ ପୂର୍ବତନ ବିଚାରପତିଙ୍କ ପରାମର୍ଶ ଲୋଡ଼ିଲେ ରାଜ୍ୟ ସରକାର

ଭୁବନେଶ୍ୱର,୩।୩(ବ୍ୟୁରୋ)

କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଛି। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ରାଜ୍ୟ ସରକାର ଏ ନେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.କେ. ପଟ୍ଟନାୟକଙ୍କଠାରୁ ଆଇନଗତ ସହାୟତା ଲୋଡ଼ିଛନ୍ତି। ଏହି କ୍ରମରେ ସମସ୍ତ ପ୍ରକାର ତଥ୍ୟ ପ୍ରମାଣ ନେଇ ନୂଆଦିଲ୍ଲୀ ଗସ୍ତ କରି ଜଷ୍ଟିସ୍ ପଟ୍ଟନାୟକଙ୍କୁ ଅବଗତ କରାଇବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତିଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସକାଶେ ଜିଲାପାଳଙ୍କ ସହ ନୂଆଦିଲ୍ଲୀ ଗସ୍ତ କରିବାକୁ ଅତିରିକ୍ତ ସରକାରୀ ଓକିଲ ସୁମନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଛି। କୋରାପୁଟ ଜିଲା ପଟାଙ୍ଗି ବ୍ଲକ ଅଧୀନରେ ଥିବା କୋଟିଆ ଅଞ୍ଚଳ ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଆବେଦନ କରିବା ପରେ ଆନ୍ଧ୍ର ପକ୍ଷରୁ ଜବାବ ଦାଖଲ କରାଯାଇଥିଲା। ଉକ୍ତ ଜବାବର ପ୍ରତି ଜବାବ ଦାଖଲ କରିବାକୁ ନିକଟରେ ସର୍ବୋଚ୍ଚ ଅଦାଲତ ଓଡ଼ିଶାକୁ ୪ ସପ୍ତାହ ସମୟ ଦେଇଛନ୍ତି।

## ନିରପେକ୍ଷ ନିଷ୍ପତ୍ତି ନିଅ: ମୁଖ୍ୟ ଶାସନ ସଚିବ

**ଓଏଏସ୍ ଶିକ୍ଷାନବିଶଙ୍କୁ ପରାମର୍ଶ**

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଲୋକମାନଙ୍କ ସହ ସିଧାସଳଖ କଥା ହେବା, ସହୃଦୟତାର ସହ ସେମାନଙ୍କ କଥା ଶୁଣିବା ଏବଂ ନିରପେକ୍ଷ ନିଷ୍ପତ୍ତି ନେଇ କାର୍ଯ୍ୟ କରିବା ପାଇଁ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଶିକ୍ଷାନବିଶଙ୍କୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ ଯୋଗଦେଇ କହିଲେ, କୋଭିଡ୍ ସମୟରେ ଶିକ୍ଷାନବିଶମାନେ କ୍ଷେତ୍ରସ୍ତରରେ କରିଥିବା କାର୍ଯ୍ୟ ପ୍ରଶଂସନୀୟ। ଏଥିପାଇଁ ସେମାନେ ପ୍ରଶଂସାର ପାତ୍ର। ବୃତ୍ତିଗତ ଜୀବନର ଆରମ୍ଭରୁ ସମସ୍ତେ ମହାମାରୀ ପରିଚାଳନା ଅଭିଜ୍ଞତା ହାସଲ କରିଛନ୍ତି। ଏହାକୁ ଭବିଷ୍ୟତରେ ସମ୍ଭାବ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ସମାଧାନରେ ସଫଳ ଭାବେ ପ୍ରୟୋଗ କରାଯାଇପାରିବ। ଅନ୍ୟାନ୍ୟ କ୍ୟାଡର ଅପେକ୍ଷା ଓଏଏସ୍ ଅଧିକାରୀଙ୍କ କାର୍ଯ୍ୟାଧାରା ଏପରି ହେବା ଉଚିତ, ଯାହାକୁ ସାଧାରଣ ନାଗରିକ ଅନୁଭବ କରିପାରିବେ। ଏହାଦ୍ୱାରା ବ୍ୟବସ୍ଥା ଉପରେ ସେମାନଙ୍କ ଭରସା ଆସିବ। କାର୍ଯ୍ୟରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ତ୍ୱରିତ ପଦକ୍ଷେପ ମାଧ୍ୟମରେ ବୃତ୍ତିଗତ ଜୀବନକୁ ସଫଳ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

## ଏମ୍‌ଜିଏନ୍‌ଆରଇଜିଏସ୍: ବଲାଙ୍ଗୀରର ସଫଳତା

ବଲାଙ୍ଗୀର ଅଫିସ, ୩।୩



ଅଦାବାହାଲ ଗ୍ରାମପଞ୍ଚାୟତର ଘଣ୍ଟସଗଡା ଗ୍ରାମର ଭୁବନେଶ୍ୱର ଛୁରାଙ୍କ ପରିବାର।

**■ ୩ଶହ ଦିନର କାମ ପାଇ ଭୁବନେଶ୍ୱର ଛୁରାଙ୍କ ପରିବାର ରେକର୍ଡ କଲେ**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ) ରେ ବଲାଙ୍ଗୀର ଜିଲାର ଗୋଟିଏ ପରିବାର ସମଗ୍ର ରାଜ୍ୟରେ ପ୍ରଥମ କରି ୩୦୦ ଦିନର କାର୍ଯ୍ୟ କରି ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟିଟିଲାଗଡ ବ୍ଲକ ଅଦାବାହାଲ ଗ୍ରାମପଞ୍ଚାୟତ ଘଣ୍ଟସଗଡା ଗ୍ରାମର ଭୁବନେଶ୍ୱର ଛୁରାଙ୍କ ପରିବାର ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ୪ ସଦସ୍ୟ ବିଶିଷ୍ଟ ଭୁବନେଶ୍ୱରଙ୍କ ପରିବାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏଭଳି ରେକର୍ଡ ପ୍ରତିଷ୍ଠା କରିବା ପରେ ପଞ୍ଚାୟତିରାଜ ବିଭାଗ ମୁଖ୍ୟ ସଚିବ ଡି.କେ. ସିଂ, ସ୍ପେଶାଲ ପ୍ରୋଜେକ୍ଟ ଡାଇରେକ୍ଟର ଅରିନ୍ଦମ ଡାକୁଆ ବୁଧବାର ଏହି ରେକର୍ଡ ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ସ୍ୱାଇଁ ସୂଚନା ଦେଇଛନ୍ତି ଯେ, ବଲାଙ୍ଗୀର ଜିଲାରେ ଏମଜିଏନ୍‌ଆରଇଜିଏସ ଯୋଜନାରେ ୩୩,୨୩୭ ପରିବାର ଏପର୍ଯ୍ୟନ୍ତ ୧୦୦ ଦିନର କାର୍ଯ୍ୟ କରିସାରିଛନ୍ତି। ଏହାସହିତ ଜିଲାର ୨୫୬୧ ପରିବାରଙ୍କୁ ୨୦୦ ଦିନର କାମ ଯୋଗାଇ ଦିଆଯାଇଛି। ସମଗ୍ର ଜିଲାରେ ଏହି ଯୋଜନାରେ ଏପର୍ଯ୍ୟନ୍ତ ୧ କୋଟି ୧୩ ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇସାରିଛି। ଏବେ ଜିଲାର ୬ଟି ଦାଦନପ୍ରବଣ ବ୍ଲକ୍‌ରେ ୩୦୮ ଟଙ୍କାର ଦୈନିକ ମଜୁରିରେ ୩୦୦ଦିନର କାମ ଯୋଗାଇ ଦିଆଯାଉଥିବାରୁ ଏହା ପ୍ରକାରାନ୍ତରେ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଉଥିବା ଦାଦନ ଶ୍ରମିକଙ୍କୁ ଆକୃଷ୍ଟ କରିବ। ଏହା ଜିଲାର ବେରୋଜଗାରୀ ସମସ୍ୟାକୁ ମଧ୍ୟ ଦୂର କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ଶିକ୍ଷକ

ସୋନପୁର/ଅମରପାଲି, ୩।୩(ନି.ପ୍ର./ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଥରଘାଟ ୟୁପି ସ୍କୁଲର ସହକାରୀ ଶିକ୍ଷକ ସନ୍ତୋଷ ସାହୁଙ୍କ ବାସଭବନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି । ସକାଳ ଠାରୁ ଭିଜିଲାନ୍ସ ବିଭାଗର ଟିମ୍ ଶିକ୍ଷକ ସନ୍ତୋଷଙ୍କ କେଞ୍ଜିରିଆପାଲିସ୍ଥିତ ପୈତୃକ ଘର ଓ ଏବେ ରହୁଥିବା ଲାଡୁରପେଟ(ବାଘମାରୀ) ବାସଭବନରେ ଏକକାଳୀନ ଚଢାଉ କରିଥିଲେ । ଲାଡୁରପେଟରେ ଦୁଇ ମହଲା କୋଠା ସହ ୧୦ଟି ଦୋକାନ ଗୃହ ରହିଛି । ତନଖି ସମୟରେ ଶିକ୍ଷକ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧ କୋଟି ୮୬ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି । ପ୍ରକାଶ ଯେ, ସନ୍ତୋଷ ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସାରା ଶର୍ମାଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥୀ ସେଠୀ, ମାରିୟାନ୍ସ ମିଞ୍ଜଙ୍କ ନେତୃତ୍ୱରେ ଟିମ୍ ଏକକାଳୀନ ସମ୍ପତ୍ତିର ଯାଞ୍ଚ କରିଥିଲେ । ବିଭାଗ ପକ୍ଷରୁ ପ୍ରଦତ୍ତ ସମ୍ପତ୍ତି ତାଲିକା ଅନୁଯାୟୀ ସନ୍ତୋଷଙ୍କ କେଞ୍ଜିରିଆପାଲିସ୍ଥିତ ଦୁଇ ମହଲା କୋଠା ଓ ଲାଡୁରପେଟରେ ଥିବା ଦୁଇ ମହଲା କୋଠା ଏବଂ ଦୋକାନ ଗୃହର ମୂଲ୍ୟ ୧ କୋଟି ୭୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ତାଙ୍କ ନିକଟରୁ ନଗଦ ୨ ଲକ୍ଷ ୯ ହଜାର ଟଙ୍କା, ୫୫୩ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର ଜବତ ହୋଇଛି। ସେହିପରି ଶିକ୍ଷକଙ୍କ ନାମରେ ବିଭିନ୍ନ ସ୍ଥାନରେ ୧୦ଟି ପ୍ଲଟ ଓ ଗୋଟିଏ ଚାରିଚକିଆ ଯାନ ରହିଛି । ଏହାଛଡା ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଠାବ ହୋଇଛି ।

## ଋତୁସ୍ରାବର ସମସ୍ୟା ସମାଧାନ କରିବ 'ପ୍ରୀତି'

**ଯୁବ ଇଞ୍ଜିନିୟରଙ୍କ ନୂତନ ଉଦ୍ଭାବନ**

ଯାଜପୁର ଅଫିସ,୩।୩



ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରୀତି ସୁଦନଙ୍କୁ ହୃଦାନନ୍ଦ ପୃଷ୍ଟି ନିଜ ପ୍ରକଳ୍ପ ବିଷୟ ଉପସ୍ଥାପନ କରୁଛନ୍ତି ।

ଋତୁସ୍ରାବ ପାଇଁ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଯାଜପୁର ଜିଲା ଦାନଗଦୀ ବ୍ଲକ ଟୋଲକାନି ଗ୍ରାମର ଯୁବ ଇଞ୍ଜିନିୟର ଏକ ନୂତନ ପ୍ରକଳ୍ପ ଉଦ୍ଭାବନ କରିଛନ୍ତି। ଏହି ପ୍ରକଳ୍ପକୁ 'ପ୍ରୀତି' ବୋଲି ନାମକରଣ କରାଯାଇଛି। ଅନ୍‌ଲକ୍ ସ୍କାଇଲ୍ସର ଫାଉଣ୍ଡର ହୃଦାନନ୍ଦ ପୃଷ୍ଟି (ଏ ଷ୍ଟୁଡେଣ୍ଟ ଅଫ୍ ୨୦୨୦ ପାସ୍ ଆଉଟ) ନେତୃତ୍ୱରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପରିକଳ୍ପନାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମେତ ନୂଆଦିଲ୍ଲୀରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରୀତି ସୁଦନ ଓ ଅନ୍ୟ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଉକ୍ତ ପ୍ରକଳ୍ପ ଭାରତରେ ଏକ ଐତିହାସିକ ପଦକ୍ଷେପ ଏବଂ ଏହା ସବୁ ଶୌଚାଳୟରେ ଲାଗୁ ହେଲେ ମହିଳାଙ୍କୁ ଆଉ ଋତୁସ୍ରାବ ଓ ଅନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନି ବୋଲି ହୃଦାନନ୍ଦ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ବିଷୟରେ ରାଜ୍ୟର ସବୁ ଜିଲାପାଳଙ୍କୁ ପତ୍ର ଲେଖାଯାଇ ଅବଗତ କରାଯାଇଛି। ଉକ୍ତ ପ୍ରକଳ୍ପରେ ଋତୁସ୍ରାବ ଗୋଟିଏ ସମସ୍ୟା ନୁହଁ, ଭଲ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ବୋଲି ଦର୍ଶାଯାଇଛି। ସର୍ବସାଧାରଣ ଶୌଚାଳୟ, ସ୍କୁଲ, କଲେଜ, ବସଷ୍ଟାଣ୍ଡ ଆଉ ଟ୍ରେନ ଷ୍ଟେଶନ ଭଳି ସ୍ଥାନରେ ଏହାର ଉପଯୋଗ ହୋଇ ପାରିବ। ଏହି ପ୍ରକଳ୍ପରେ ଏକ ହାପିନେସ କିଟ୍ ରହି। ଯେଉଁଥିରେ ସାନିଟାରି ପ୍ୟାଡ୍, ସାନିଟାଇଜର, ଟିସୁ, କଟନ୍ ଆଦି ରହିବ। ଶୌଚାଳୟଗୁଡିକରେ ସ୍ୱଚ୍ଛ ପାଣି ଯୋଗାଣ ସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ରହିବ ବୋଲି ହୃଦାନନ୍ଦ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଗରେ ମତ ରଖିଥିଲେ।

## କରୋନା ବେଳେ ବିଏମ୍‌ସିର ଖର୍ଚ୍ଚରେ ଜାଲିଆତି

**ଆରଟିଆଇ ତଥ୍ୟରୁ ଆଇନଜୀବୀଙ୍କ ଅଭିଯୋଗ**

**ଭିଜିଲାନ୍ସ ତଦନ୍ତ ଦାବି**

ବ୍ରହ୍ମପୁର ଅଫିସ,୩।୩



କୋଭିଡ୍-୧୯ ମହାମାରୀ ବେଳେ ବ୍ରହ୍ମପୁର ସହରରେ ଲକ୍‌ଡାଉନ୍, ଶଟଡାଉନ୍ ଓ ରାତ୍ରିକାଳୀନ କର୍ଫ୍ୟୁ ହୋଇଥିଲା। ସେହି ସମୟରେ କଣ୍ଟେନମେଣ୍ଟ ଜୋନ୍ ପାଇଁ ବ୍ୟାରିକେଡ୍ କରାଯିବା ଏବଂ ଗୋରୁ, ଷଣ୍ଢ, କୁକୁର ଓ ଅନ୍ୟ ଜୀବଜନ୍ତୁଙ୍କୁ ଖାଦ୍ୟ ଦେବା ଲାଗି ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମକୁ ବିପୁଳ ପରିମାଣର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଥିଲା। ହେଲେ ଖର୍ଚ୍ଚର ହିସାବରେ ତାଳମେଳ ରହୁ ନ ଥିବାରୁ ଜାଲିଆତି କରାଯାଇଥିବା ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘ ପ୍ରାକ୍ତନ ସମ୍ପାଦକ ପୀତବାସ ପଣ୍ଡା ବୁଧବାର ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ବା ଭିଜିଲାନ୍ସ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ନ ହେଲେ ଏହାର ପ୍ରତିବାଦରେ ସଚେତନ ଲୋକଙ୍କୁ ମେଳି କରି ଆନ୍ଦୋଳନ ସୂତ୍ରପାତ କରାଯିବାକୁ ଚେତାବନୀ ଦେଇଛନ୍ତି।

ଧରିତ୍ରୀକୁ ପଣ୍ଡା କହିଛନ୍ତି, ଉପରୋକ୍ତ ବିଷୟ ନେଇ ସୂଚନା ଅଧିକାର ଆଇନ ବଳରେ ସେ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତାଙ୍କୁ ଯେଉଁ ତଥ୍ୟ ମିଳିଛି ତାହା ବିଭ୍ରାନ୍ତିକର। ଗୋରୁଗାଈ, ଷଣ୍ଢ, ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଣ ଲାଗି ନିଗମକୁ ସରକାର ୭ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ଦେଇଥିଲେ। ଦୈନିକ ୧୦ ହଜାର ଟଙ୍କା ଖର୍ଚ୍ଚ କରି ରନ୍ଧାଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଥିଲା। ୩୩ ଦିନ ଖାଦ୍ୟ ଯୋଗାଇବାକୁ ଅବଧି ରଖାଯାଇଥିଲା। ସୁମଙ୍ଗଲମ୍ ନାମକ ଲକ୍ ହୋଟେଲକୁ ଦାୟିତ୍ୱ ଦିଆଯାଇଥିବା ତଥ୍ୟରେ କୁହାଯାଇଛି। ସେହି ହୋଟେଲ ପ୍ରତିଦିନ ଏ ବାବଦରେ ୮ ହଜାର ଟଙ୍କା ଲେଖାଏ ନେଇଥିବା ବିଏମ୍‌ସି ଦର୍ଶାଇଛି। ୩୩ ଦିନରେ ୩ ଲକ୍ଷ ୨୧ ହଜାର ୩୧୫ ଟଙ୍କା ପୈଠ ହୋଇଛି। ପୀତବାସଙ୍କ କହିବା ପ୍ରକାରେ ଖାଦ୍ୟଯୋଗାଣ ପାଇଁ ସରକାରୀ ନିୟମାନୁସାରେ ଟେଣ୍ଡର କିମ୍ବା ଜୀବଜନ୍ତୁଙ୍କୁ ବଣ୍ଟାଯିବାର ପ୍ରଚାର ଓ ପ୍ରସାର ହୋଇନଥିଲା। ଅପରପକ୍ଷରେ ଦୈନିକ ୮ ହଜାର ଟଙ୍କା ହିସାବରେ ୩୩ ଦିନର ବିଲ୍ ବାବଦରେ ୨ ଲକ୍ଷ ୬୪ ହଜାର ହେବା କଥା। କିନ୍ତୁ ୩ ଲକ୍ଷ ୨୧ ହଜାର ୩୧୫ ଟଙ୍କା ଦିଆଯାଇଥିବା ତଥ୍ୟରେ ଦର୍ଶାଯାଇଥିବାରୁ ହିସାବ ଗୋଳମାଳ ସହ ଜାଲିଆତି ହୋଇଥିବା ସନ୍ଦେହ ଘେରକୁ ଆସିଛି।

ସେହିପରି ମହାନଗରର ୧୫ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ବାଉଁଶ ବ୍ୟାରିକେଡ୍ କରିବା ପାଇଁ ସରଧା ନାମକ ଏକ ଇଭେଣ୍ଟକୁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ଦୁଇ ପର୍ଯ୍ୟାୟରେ ୮ ଲକ୍ଷ ୪୨ ହଜାର ୬୦୧ ଟଙ୍କା ନେଇଥିବା ଆରଟିଆଇ ତଥ୍ୟରେ ବିଏମ୍‌ସି ପକ୍ଷରୁ କୁହାଯାଇଛି। ଆବଶ୍ୟକ ମୁତାବକ ବାଉଁଶ କିଣା ନ ଯାଇ ଭଡ଼ା ବାବଦରେ ବିପୁଳ ପରିମାଣର ଟଙ୍କା ଦିଆଯାଇଥିବାରୁ ଏହା ଅପବ୍ୟୟ ହୋଇଥିବା ପଣ୍ଡା ସୂଚାଇଛନ୍ତି। ତେଣୁ ଉପରୋକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଜାଲିଆତି ରହସ୍ୟ ପଦାକୁ ଆସିବ ବୋଲି ପଣ୍ଡା କହିଛନ୍ତି।

OFFICE OF THE PRINCIPAL
GOVT. COLLEGE, SUNDARGARH
WALK-IN-INTERVIEW
No. 972 (B.Ed.) Date: 03.03.2021
A Walk-in-Interview for engagement of teaching personnel for 2 years B.Ed. self-financing course will be held on 13.03.2021 between 11 A.M. to 5 P.M. in the Department of B.Ed., New Building of this College for the details please visit College website www.govtcollegesundargarh.org.
Sd./- Principal
Govt. College, Sundargarh

CORRIGENDUM
In partial modification of this Office Bid Identification No. CHHB-02/2020-21, the Class of contractor two Projects namely "Construction of AWC Building at Pipalbahal-2 & Jagadamunda" with Approximate Value of Work Rs.14.9 Lakhs at Sl. No. 1 & 2 is rectified as 'C & D' instead of 'B & C'.
Sd./- Block Development Officer, Chhendipada

OFFICE OF THE PRINCIPAL
CHATRAPUR WOMEN'S DEGREE COLLEGE
CHATRAPUR - 761020, GANJAM
No. 246/cwc/21 Dated: 3.3.2021
SHORT QUOTATION CALL NOTICE
Sealed quotations are invited from intending registered firms/ agencies for supply of laboratory equipments for Education, Home Science and Psychology subjects and for improvement of laboratory infrastructure by 09.03.2021 by 5.00 P.M. For further details and detailed quotation call notice, the bidders are advised to visit and contact the College Office of Chatrapur Women's Degree College, Chatrapur during the office hours from 10.00 A.M. to 5.30 P.M. on all working days.
Sd./- Principal I/c-cum-Secretary
Chatrapur Women's Degree College
Chatrapur, Ganjam

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ



Bansal Tower B Wing, Bangalore, Karnataka-400021.
9485687401
8901064681

ZILLA SWASTHYA SAMITI, GANJAM
Advt. No. 4076 Date: 03.03.2021
ADVERTISEMENT
Applications are invited from eligible candidates for the Post of **Medical Officer, SNCU, Medical Officer, DEIC, Programme Officer-Mental Health, Medical Officer, NPCDCS, Block Data Manager, Nutritionist-cum-Counselor (NRC) under NHM**.
The eligibility Criteria, Vacancy & monthly remuneration & application form for the above Post can be downloaded from district website. Interested candidates may log on to **https://ganjam.nic.in** for detail. Eligible candidates fulfilling the eligibility criteria are to apply in the prescribed application form to the undersigned by Regd. Post/Speed Post on or before **20.03.2021 by 5.00 P.M.** with all relevant self attested documents. The undersigned is not responsible for any postal delay. Application received after due date will be rejected.
The undersigned reserves the right to cancel/reject any or all the applications without assigning any reason thereof.
Sd./- CDM & PHO, Ganjam

OFFICE OF THE DISTRICT MAGISTRATE AND COLLECTOR, SUBARNAPUR
(DISTRICT CHILD PROTECTION UNIT)
No. 132 ADVERTISEMENT Dated: 02.03.21
No. g-41: Applications are invited from eligible candidates in the prescribed application form for the following post initially for a period of 11 months. The posts may be extended or curtailed further by the DCPU depending on the performance review. Applicant must have the essential qualification along with adequate experience. Eligible candidates may submit their applications complete in every respect address to the District Child Protection Officer, Dist. Child Protection Unit, Collectorate, Subarnapur, At/P.O.- Sonepur, Dist.- Subarnapur latest by 5 P.M. on Dt.22.03.2021 through Speed Post/Registered Post only. Application received after due date will be rejected. The applicants who have applied earlier reference to Advtg No. 669 Dtd.21.11.2017 of DCPU section need not to apply again.
**Details of contractual staffs to be engaged for Juvenile Justice Board, Sonepur.**
**1. Minimum Qualification, Remuneration and Experience in respect of the Post.**

| Sl. No. | Name of the Post with Qualification and Salary | Qualification | Age as on 01.01.2017 | Experience | Weightage |
|---|---|---|---|---|---|
| 1 | Assistant-cum-DEO. (Rs.9,000/-) | 1. Graduate in any discipline with PGDCA from a recognized University or Institution | 21-35 years of age | 2 years experience in relevant field | Written - 60%, Career - 30%, Experience - 10% |

The details along with the application form is available in the district website of Subarnapur district at **(http://www.subarnapur.nic.in)**.
Sd./- District Magistrate & Collector, Subarnapur
OIPR-24193/11/0001/2021

**ମେଣ୍ଢାଖାଇ ପାହାଡ଼ରେ ନିଆଁ**
ହିଞ୍ଜିଳିକାଟୁ,(ଡି.ଏନ୍.ଏ.)-ହିଞ୍ଜିଳିକାଟୁ ମେଣ୍ଢାଖାଇ ପାହାଡ଼ରେ ବୁଧବାର ନିଆଁ ଲାଗିବା ଫଳରେ ବ୍ୟାପକ ଗଛ ପୋଡ଼ି ନଷ୍ଟ ହୋଇଛି। କେହି ଜାଣିଶୁଣି ନିଆଁ ଲଗାଇ ଦେଉଥିବା ଅଭିଯୋଗ ହେଉଛି। ପ୍ରକାଶଯେ, କିଛି ଦିନ ତଳେ ଅନୁରୂପ ଭାବେ ପାହାଡ଼ର ରେଗିଡ଼ି ସାହିକୁ ଲାଗି ରହିଥିବା ଅଂଶରେ ନିଆଁ ଲାଗିଥିଲା। ପୁଣି ବୁଧବାର ପାହାଡ଼ରେ ନିଆଁକୁ ନେଇ ବୃକ୍ଷପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବୁଧବାର ନିଆଁକୁ ଅଗ୍ନିଶମ ବିଭାଗ, ବନ ବିଭାଗ ଓ ସ୍ଥାନୀୟ ଯୁବଗୋଷ୍ଠୀ ମିଳିତ ଭାବେ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଜେଜେବିରେ ହାଜର ହେଲେ ୨ ନାବାଳକ

**ବ୍ରହ୍ମପୁର ଅଫିସ,୩।୩**-ଏକ ଆକ୍ରମଣ ମାମଲାରେ ଟାଉନ ଥାନା ପୋଲିସ ୨ ନାବାଳକଙ୍କୁ ଧରିଛି। ମାମଲା ନମ୍ବର ୩୩/୨୧ରେ ସେମାନଙ୍କୁ ବୁଧବାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡ(ଜେଜେବି)ରେ ହାଜର କରିଛି। ଜେଜେବି ନିର୍ଦ୍ଦେଶରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୂର୍ବରୁ ପୋଲିସ ଏହି ମାମଲାରେ ୮ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାରୁ ପ୍ରକାଶ, ଗତ ୨୮ ତାରିଖ ରାତିରେ ବୃନ୍ଦାବନ ବେହେରା ନାମକ ଜଣେ ବ୍ୟକ୍ତି ଫାଷ୍ଟ ମିଲିଟାରୀ ଲାଇନ୍ ଦେଇ ଘରକୁ ଫେରୁଥିଲେ। କୌଣସି ଏକ କାରଣକୁ କେନ୍ଦ୍ରକରି ସେଠାରେ ଠିଆ ହୋଇଥିବା କେତେକ ଯୁବକ ତାଙ୍କ ସହ ଝଗଡା କରିଥିଲେ। ସେଠାରେ ବୃନ୍ଦାବନଙ୍କୁ ସଂଘବଦ୍ଧ ଭାବେ ସମ୍ପୃକ୍ତ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ଆହତଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ନିଷ୍ଟ ଛାତ୍ରଙ୍କୁ ଆକ୍ରମଣ

**ଗୋପାଳପୁର,୩।୩**-ଗୋଳନ୍ଥରା ଥାନା ପାଲୁର୍ ହିଲ୍ ସ୍ଥିତ ନିଷ୍ଟ ମହାବିଦ୍ୟାଳୟର ଜଣେ ଛାତ୍ରଙ୍କୁ ବୁଧବାର ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ୍ କହିବାନୁଯାୟୀ, ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ଜଣକ କଲେଜ ବାହାରକୁ ଯିବା ସମୟରେ କେତେଜଣ ସ୍ଥାନୀୟ ଲୋକ ହଠାତ୍ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ଛାତ୍ର ଜଣକୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ତେବେ କେଉଁ କାରଣରୁ ଆକ୍ରମଣ କରାଗଲା ତାହା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ୧୦ମ ଓ ଯୁକ୍ତ ୨ର ସାର୍ଟିଫିକେଟ୍ ନ ମିଳିବା ପ୍ରତିବାଦରେ ଗତ ସୋମବାର ଛାତ୍ରୀଛାତ୍ରମାନେ ଅନୁଷ୍ଠାନ ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠ ଭାଙ୍ଗାରୁଜା କରିଥିଲେ। ତେବେ ଶିକ୍ଷାନୁଷ୍ଠାନରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗିଥିବାରୁ ୨ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି।

### ନାବାଳିକା ଅପହରଣ ମାମଲା: ଅପହର୍ତ୍ତା ଗିରଫ

**ବ୍ରହ୍ମପୁର ଅଫିସ,୩।୩**-ବ୍ରହ୍ମପୁର ସଦର ଥାନା ପୋଲିସ କଟକ ବିଡାନାସୀ କୃଷକ ବଜାରରୁ ଜଣେ ଅପହୃତା ନାବାଳିକାଙ୍କୁ ମଙ୍ଗଳବାର ଉଦ୍ଧାର କରିଥିଲା। ଏହାସହିତ ଅପହରଣକାରୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ଗୁହାଳସାହିର କୁନା ନାଇକ। ମାମଲା ନଂ. ୧୬୦/୨୦ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପରେ କୋର୍ଟ ନିର୍ଦ୍ଦେଶରେ କୁନାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଉଦ୍ଧାର ନାବାଳିକା ଜଣଙ୍କ ଗର୍ଭବତୀ ଥିବା ବେଳେ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳିକା ତାଙ୍କ ପରିବାର ସହ ବିଶାଖାପାଟଣାରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସେଠାରେ କୁନା ମଧ କାମ କରୁଥିଲେ। ସେଠାରେ କୁନା ନାବାଳିକାଙ୍କୁ ଭଲ ପାଉଥିଲେ। ଗତ ଲକ୍‌ଡାଉନ୍ ସମୟରେ ନାବାଳିକା ଜଣଙ୍କ ନିଜ ପରିବାର ସହ ଗାଁକୁ ଫେରିଥିଲେ। ହେଲେ ଗତ ଜୁନ୍ ୨ରେ କୁନା ସଦର ଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ଗାଁକୁ ଆସି ତାକୁ ଅପହରଣ କରି ନେଇଥିଲେ।

# ସିଟି ବସ୍‌ରେ ରହୁନି କୋଭିଡ୍ କଟକଣା

**ବ୍ରହ୍ମପୁର ଅଫିସ୍,୩।୩**

କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଷ୍ଟ୍ରେନ୍ କାୟାବିସ୍ତାର କରିବା ଆରମ୍ଭ କରିଛି। ଫଳରେ ନୂଆ ସଂକ୍ରମଣ ମଧ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନ୍‌ରେ ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଯାତ୍ରୀବାହୀ ବସ୍‌ରେ ଗାଇଡ୍‌ଲାଇନ୍ ସଂପୂର୍ଣ୍ଣ ଭାବେ ବେଲଗାମ୍ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।

ବସ୍‌ଗୁଡ଼ିକରେ ମାସ୍କ ପିନ୍ଧି ପ୍ରବେଶ କରିବା ପାଇଁ ପୋଷ୍ଟର ଲଗାଯାଇଛି। କିନ୍ତୁ କେହି ଏହା ମାନୁନାହାନ୍ତି। ଏପରି କି ଗାଇଡ୍‌ଲାଇନ୍‌କୁ ଅନୁକରଣ କରି କମ୍‌ସଂଖ୍ୟକ ଯାତ୍ରୀ ଯାତାୟାତ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହାକୁ ବେଖାତିର କରି ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟାତ କରୁଛନ୍ତି। ତାହା ବି


ମାସ୍କ ପିନ୍ଧି ନ ଥିବା ଯାତ୍ରୀ।

**■ ପିନ୍ଧୁନାହାନ୍ତି ମାସ୍କ, ସାମାଜିକ ଦୂରତାକୁ ଫୁ**
**■ ୨୬ଟି ବସ୍‌ର ସରିଛି ଟେଣ୍ଡର ଅବଧି**

ପୁଣି ବିନା ସାମାଜିକ ଦୂରତାରେ ବସୁଛନ୍ତି। ଏଥିସହ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ମାସ୍କ ପରିଧାନ କରୁ ନ ଥିବା ବେଳେ ୟୁନିଫର୍ମ ମଧ ପିନ୍ଧୁ ନ ଥିବା ନଜର ରହିଛି। ବିଡିଏ ପକ୍ଷରୁ ଡ୍ରାଇଭର୍ ଓ କଣ୍ଡକ୍ଟରଙ୍କୁ ତାଗିଦ୍ କରାଯାଉଥିଲେ ସୁଦ୍ଧା ଏହାକୁ ଖାମଖିଆଲ୍ କରୁଛନ୍ତି। ଅନ୍ୟପଟେ ମାସ୍କ ଓ ସାମାଜିକ ଦୂରତା ରକ୍ଷା ନ କରିବାରୁ ଜିଲାରେ କରୋନାର ଦ୍ୱିତୀୟ ସଂକ୍ରମଣ ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଏଥିସହ ପ୍ରତ୍ୟେକ ବସ୍‌ରେ ୨୮ଟି ସିଟ୍ ରହିଥିବା ବେଳେ ତାଠାରୁ ତଦୂର୍ଦ୍ଧ୍ୱ ସଂଖ୍ୟକ ଯାତ୍ରୀ ଯାତାୟାତ କରୁଛନ୍ତି। ଫଳରେ ବସ୍‌ରେ ସାମାଜିକ ଦୂରତା ରହୁ ନାହିଁ। ଯାହାକି ସଂକ୍ରମଣ ବୃଦ୍ଧିର ଅନ୍ୟ ଏକ କାରଣକୁ ଏଡ଼ାଇ ଦିଆଯାଇ ନ ପାରେ।

ପ୍ରକାଶ ଯେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ୨୦୧୪ରେ ସିଟି ବସ୍ ସେବା ଆରମ୍ଭ କରାଯାଇଥିଲା। କରୋନା ମହାମାରୀ ସମୟରେ ସିଟି ବସ୍ ସେବା ସଂପୂର୍ଣ୍ଣ ଭାବେ ଠପ୍‌ହୋଇ ପଡ଼ିଥିଲା। ଫଳରେ ବିଡିଏକୁ ନାନା କ୍ଷତି ସହିବାକୁ ପଡ଼ିଥିଲା। ବର୍ତ୍ତମାନ ସଂକ୍ରମଣର ସ୍ଥିତିରେ ସୁଧାର ଆସିଥିବା ବେଳେ ବିଡିଏ ପକ୍ଷରୁ ବର୍ତ୍ତମାନ କମ୍ ସଂଖ୍ୟକ ରୁଟ୍‌ରେ ବସ୍ ଚଳାଚଳ ଆରମ୍ଭ ହୋଇଛି। ବର୍ତ୍ତମାନ ବିଡିଏ ପକ୍ଷରୁ ୩୨ ବସ୍ ଯାତାୟାତ କରୁଛି। ଏଥିମଧ୍ୟରୁ ୨୬ଟି ବସ୍‌ର ଟେଣ୍ଡର ଅବଧି ୨୦୨୦ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ବେଳେ ଅନ୍ୟ ୬ ଟିର ଟେଣ୍ଡର ଅବଧି ୨୦୨୩ ଫେବୃୟାରୀ ୮ ପର୍ଯ୍ୟନ୍ତ ରହିଛି।

ତଥ୍ୟ ମୁତାବକ, ଗୋଟିଏ ବସ୍‌ର ଟେଣ୍ଡର ହେବା ପରେ ଏହାର କାର୍ଯ୍ୟକାଳ ୫ ବର୍ଷ ଯାଏ ରହିଥାଏ। ତେବେ ଟେଣ୍ଡର ଅବଧି ବୃଦ୍ଧି ନେଇ ବିଡିଏର କ୍ଷମତା ରହିଥିବା ବେଳେ ରାଜ୍ୟ ସରକାରଙ୍କ ସୁପାରିସ ଆବଶ୍ୟକ। ସରକାରଙ୍କ ଅନୁମତି ପରେ ଟେଣ୍ଡର ଅବଧି ବୃଦ୍ଧି କରାଯିବ ବୋଲି ବିଡିଏ ସଚିବ ସସ୍ମିତ ରାଉତ ସୂଚନା ଦେଇଛନ୍ତି। ବର୍ତ୍ତମାନ ନୂଆକରି ୧୦ବସ୍ ରହିଛି। ଏହାର ଟେଣ୍ଡର ହୋଇ ନାହିଁ। ରୁଟ୍ ନିର୍ମାଣ ହେବା ପରେ ନୂଆ ବସ୍‌ଗୁଡ଼ିକର ଟେଣ୍ଡର କରାଯିବ। ଏଥିସହ ଆଗାମୀ ଦିନରେ ସଂକ୍ରମଣରେ ଯଦି କୌଣସି ପ୍ରଭାବ ଦେଖା ନ ଯାଏ ତେବେ ରୁଟ୍ ସଂଖ୍ୟା ଆହୁରି ବୃଦ୍ଧି କରାଯିବ। ତେବେ ବସ୍ ମଧ୍ୟରେ ମାସ୍କ ଓ ସାମାଜିକ ଦୂରତା ରକ୍ଷା କରିବା ଦିଗରେ ଯାତ୍ରୀମାନେ ସଚେତନ ହେବା ଆବଶ୍ୟକ। ଏଥିସହ ଯେଉଁ ଡ୍ରାଇଭର ଓ କଣ୍ଡକ୍ଟରମାନେ ୟୁନିଫର୍ମ ପିନ୍ଧୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜେଲ ଗଲେ ବାପ, ପୁଅ

**ବଧୂହତ୍ୟା ଘଟଣା**

**ବ୍ରହ୍ମପୁର ଅଫିସ,୩।୩**

ବ୍ରହ୍ମପୁର ବଡବଜାର ଥାନା ପୋଲିସ ବୁଧବାର ଏକ ଯୌତୁକଜନିତ ବଧୂହତ୍ୟା ଘଟଣାର ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀନୃସିଂହ ସାହି ୭ମ ଲେନ୍‌ର ଏ.ପ୍ରମୋଦ ପାତ୍ର ଓ ତାଙ୍କ ପୁଅ ଏ.ସରୋଜ ପାତ୍ର। ମାମଲା ନଂ. ୫୪/୨୧ରେ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପରେ ଏସ୍‌ଡିଜେଏମ୍ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଅନ୍ୟପଟେ ମୃତ ଇତିସ୍ମିତାଙ୍କ ୭ମାସର ଶିଶୁ କନ୍ୟାକୁ ତାଙ୍କ ଅଜା ଗ୍ରହଣକରି ନେଇଛନ୍ତି ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ୨୦୧୯ ଜୁଲାଇ ୭ରେ ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ମହାରଣା ସାହିରେ ରହୁଥିବା ଏ.ବିଜୟ କୁମାର ପାତ୍ରଙ୍କ ଝିଅ ଏ.ଇତିସ୍ମିତାଙ୍କୁ ଲକ୍ଷ୍ମୀନୃସିଂହ ସାହିର ସରୋଜ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହା ପରେ ଇତିସ୍ମିତାଙ୍କୁ ତାଙ୍କ ଶ୍ୱଶୁରଘର ଲୋକ ଅଧିକ ଯୌତୁକ ଦାବିକରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ।

# ଗଞ୍ଜାମରେ ଚାଷୀଙ୍କୁ ଉଦ୍ୟୋଗୀ କରିବା ଲକ୍ଷ୍ୟ

**ଛତ୍ରପୁର,୩।୩ (ଡି.ଏନ୍.ଏ.)**

ଚାଷୀର ଜୀବିକାକୁ ଆଦର୍ଶ କୃଷି ଉଦ୍ୟୋଗୀରେ ପରିଣତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲା ପ୍ରଶାସନ ପ୍ରେରଣାରେ ଗ୍ରାମାଞ୍ଚଳରେ କୃଷିର ରୂପାନ୍ତରଣ (ତାରା) କାର୍ଯ୍ୟକ୍ରମ ଉପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି, ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟସମ୍ପଦ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ସଂରକ୍ଷଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଭାଗର ବୈଷୟିକ ଓ ସରକାରୀ କାର୍ଯ୍ୟକ୍ରମର ସମନ୍ୱୟରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ପାରମ୍ପରିକ ଚାଷରୁ ଚାଷୀ କିପରି ଉଦ୍ୟୋଗୀ ହୋଇପାରିବ ସେଥିପ୍ରତି ବିଭାଗଗୁଡ଼ିକ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ କୃଷିର ରୂପାନ୍ତରଣ କାର୍ଯ୍ୟକ୍ରମ ଠିକ ଭାବେ ଚାଷୀଙ୍କ ନିକଟରେ ପହଞ୍ଚାଇବା ଏବଂ ଚାଷୀର ଆୟ ବୃଦ୍ଧି


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଜିଲାର ପ୍ରତି ଗ୍ରାମ ପଞ୍ଚାୟତରେ ୧୦ ଜଣ ଲେଖାଏ ଚାଷୀଙ୍କୁ ଚିହ୍ନଟ କରି ଏହି ବିଭାଗ ମାଧ୍ୟମରେ ଆୟ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହ କୃଷି ସମ୍ପର୍କିତ ସମସ୍ତ ବିଭାଗ ସମନ୍ୱୟ ରକ୍ଷାକରି କାମ କଲେ ଚାଷର ଉନ୍ନତି ହୋଇପାରିବ ବୋଲି କହିଥିଲେ। କିଷାନ କ୍ରେଡିଟ କାର୍ଡ, ମିଶନ ଶକ୍ତି, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ଚାଷୀ ମାନଙ୍କ ନିମନ୍ତେ ବିବିଧ କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ସ୍ୱରୋଜଗାର ଯୋଜନାରେ ଗୁହାଳ ନିର୍ମାଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ଉପରେ ଜିଲାପାଳ ଗୁରୁତ୍ୱ ଦେବା ସହ ସମସ୍ତ ଯୋଜନା ଗୁଡ଼ିକ ଯେପରି ଲୋକାଭିମୁଖୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ହତ୍ୟା ମାମଲା: ଶାଶୁଙ୍କୁ ୭ ବର୍ଷ ଜେଲ

**ଆସିକା,୩।୩(ଡି.ଏନ.ଏ.)**

ଆସିକା ଥାନା ଜୟପୁର ଗ୍ରାମରେ ଘଟିଥିବା ଏକ ଯୌତୁକଜନିତ ବଧୂହତ୍ୟା ମାମଲାର ବିଚାର କରି ବୁଧବାର ଆସିକା ଅତିରିକ୍ତ ଦୌରାଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତ ଶାଶୁ ସୁବାସିନୀ ଭଞ୍ଜଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୬ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହା ଅନାଦେୟ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଉଲ୍ଲେଖ କରିଛନ୍ତି। ୨୦୧୧ ଫେବ୍ରୁଆରୀ ୨୭ ତାରିଖରେ ବଧୂ ବୈଜୟନ୍ତୀଙ୍କର ତାଙ୍କ ଶାଶୁଘରେ ମୃତ୍ୟୁ ଘଟିଥିଲା। ଅଧିକ ଯୌତୁକ ପାଇଁ ଭଉଣୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ ବୋଲି ବୈଜୟନ୍ତୀଙ୍କ ଭାଇ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏକାଦଶୀ ଗ୍ରାମର ବୁଲୁ ମହାନ୍ତି ଆସିକା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୪୩/୧୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ବୈଜୟନ୍ତୀଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ବିରୋଧରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। ସେମାନେ ଅଦାଲତରେ ହାଜର ହେଉ ନ ଥିବା ନେଇ ଅଦାଲତ ପକ୍ଷରୁ ୱାରେଣ୍ଟ ଜାରି ହୋଇଥିଲା। ପୋଲିସ ଗତ ଫେବୃଆରୀ ୪ ତାରିଖରେ ଅଭିଯୁକ୍ତ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ବିରୋଧରେ ଆସିଥିବା ଅଭିଯୋଗର ବିଚାର ପରେ ଦଣ୍ଡବିଧାନ ହୋଇଛି। ଅଭିଯୁକ୍ତ ଶ୍ୱଶୁର ଓ ସ୍ୱାମୀ ଏବେ ବି ଫେରାର୍ ଅଛନ୍ତି।

# ଟିକା ନେଲେ ବ୍ରହ୍ମପୁର ଏମ୍‌ପି


ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଟିକା ନେଉଛନ୍ତି।

**ବ୍ରହ୍ମପୁର ଅଫିସ୍,୩।୩**

କରୋନା ସଂକ୍ରମଣକୁ ରୋକିବା ଦିଗରେ ଜିଲା ପ୍ରଶାସନ ବେଶ୍ ସଜାଗ ରହିଛି। ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣା ମଧ ଜାରି କରାଯାଇଛି। ଏଥିସହ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଟିକାକରଣ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବରିଷ୍ଠ ନାଗରିକମାନେ ମଧ କୋଭିଡ୍ ଟିକା ନେବା ଆରମ୍ଭ କରିଛନ୍ତି। ବୁଧବାର ସହରର ଗୁଡ୍‌ଶେଡ୍ ରୋଡ଼ ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଟିକା ନେଇଛନ୍ତି। ବରିଷ୍ଠ ନାଗରିକମାନେ ଟିକା ନେବା ପାଇଁ ଏମ୍‌ପି ପରାମର୍ଶ ଦେଇଛନ୍ତି। ଟିକାକୁ ନେଇ କୌଣସ ଭୟ କରିବାର ନାହିଁ, ସମସ୍ତେ ଟିକା ଗ୍ରହଣ କରିବାକୁ ସେ କହିଥିଲେ। ବରିଷ୍ଠ ନାଗରିକମାନେ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ନିଜର ନାମ ପଞ୍ଜୀକରଣ କରିବାର ବ୍ୟବସ୍ଥା ରହିଛି। ଏହି ଟିକାକରଣରେ ସ୍ୱାସ୍ଥ୍ୟ କେନ୍ଦ୍ରର ଡା.କୁମୁଦ ଚନ୍ଦ୍ର ଦାଶଙ୍କ ସମେତ ମୀନାକ୍ଷୀ ଦେବୀ, କରୁଣା କୁମାର ଦାଶ, ନଳିନୀକାନ୍ତ ପାଣିଗ୍ରାହୀ ଓ ପି.ଗୋପାଳ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

**ବ୍ରହ୍ମପୁର ଅଫିସ୍/କୁକୁଡ଼ାଖଣ୍ଡି,୩।୩**

ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ବାର୍ଷିକ ଉତ୍ସବ ଓ ଶିଷ୍ୟ ଉପନୟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ଓ ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ଡା.ବିମଳ କୁମାର ପଣ୍ଡାଙ୍କ ଦ୍ୱାରା ନୂତନ ଛାତ୍ରୀଛାତ୍ରଙ୍କର ଶିଷ୍ୟ ଉପନୟନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ମଳୟ ମିଶ୍ର ଓ ସମ୍ମାନିତ ଅତିଥି ଶ୍ୟାମ ସୁନ୍ଦର ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡା. ବିମଳ କୁମାର ପଣ୍ଡା ଆୟୁର୍ବେଦର ଉପକାରିତା ସହିତ କରୋନା ମୁକାବିଲା ପାଇଁ ଆୟୁର୍ବେଦ ଚିକିତ୍ସା ଅବଦାନ ସମ୍ବନ୍ଧରେ ନୂତନ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବିଏମ୍‌ସି କମିଶନର ଡା.ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦାର ଅନୁଷ୍ଠାନର ସାମୂହିକ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ସଂସଦ ସଭାପତି ରାଜେଶ୍ ସାହୁ, ସମ୍ପାଦକ ସତ୍ୟନାରାୟଣ ପାଲ୍, ଅଧ୍ୟକ୍ଷ ଖୁଣ୍ଟିଆ ଓ ଛାତ୍ର ସଂସଦ ମୁଖ୍ୟ ଉପଦେଷ୍ଟା ଡା. ବିମଳ କୁମାର ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠାନର କୁଳ ଗୀତଗାନ କରି ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ରର ଗାୟିକା ଅସୀମା ପଣ୍ଡା ଯୋଗଦାନ କରି ସଙ୍ଗୀତ ପରିବେଷଣ କରିଥିଲେ।

## ଜଳିଗଲା ଶାଗୁଆନ, ଆମ୍ବ ଗଛ

**ବୁଗୁଡ଼ା,୩।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କଞ୍ଚୁରୁ ଗ୍ରାମର ଆନିକଟ ନିକଟରେ ଥିବା ଏକ ଫାର୍ମରେ ନିଆଁ ଲାଗି ବୁଧବାର ମୂଲ୍ୟବାନ ଶାଗୁଆନ ଓ ଆମ୍ବଗଛ ସହ ପାଞ୍ଚ ଭରଣର ପାଳ ଗଦା ଜଳିଯାଇଛି। କଞ୍ଚୁରୁ ଗ୍ରାମର ବିପ୍ର ଚରଣ ପାତ୍ରଙ୍କ ଫାର୍ମରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ବୁଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଫାର୍ମରେ ଥିବା ଦେଢଶହରୁ ଊର୍ଦ୍ଧ୍ୱ ଗଛ ପୋଡିଯାଇଥିଲା।

# ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

**ରମ୍ଭା/ଗଞ୍ଜାମ,୩।୩**

ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ଅଧୀନସ୍ଥ ବାଲିବଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ବିଡିଓ ବିଶ୍ୱଜିତ ରାୟ, ମୁଖ୍ୟବକ୍ତା ଭାବେ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ରମ୍ଭାର ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କାର୍ଯ୍ୟ ପାଇଁ ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କୁ ରମ୍ଭା ବନାଞ୍ଚଳ ଓ ବନ୍ୟପ୍ରାଣୀ ତରଫରୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା, ବନପାଳ ଜିତେନ୍ଦ୍ର ନାୟକ, ସବିତା ପ୍ରଧାନ, ବନରକ୍ଷୀ ଗୌରାଙ୍ଗ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ଇଚ୍ଛାଶକ୍ତି ଅଭାବରୁ ଚିନିଶିଳ୍ପ ଦୁରବସ୍ଥା ବଢ଼ିଛି

**ଆସିକା,୩।୩(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତି ଅଭାବରୁ ଆସିକା ସମବାୟ ଚିନିଶିଳ୍ପର ଦୁରବସ୍ଥା ବଢ଼ିବାରେ ଲାଗିଛି। ଏହି କାରଖାନା ଚାଷୀଙ୍କ ହିତ ଲାଗି କୌଣସି କାର୍ଯ୍ୟ କରିପାରୁ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ବୁଧବାର ସେ ଆସିକା ଚିନିଶିଳ୍ପ ପରିଦର୍ଶନ କରିବା ଅବସରରେ ଶ୍ରମିକ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେ ରାଜ୍ୟ ସରକାରଙ୍କୁ ସ୍ୱର୍ଗତ ବିଜୁବାବୁଙ୍କ ଜନ୍ମଭୂମି ଗଞ୍ଜାମ ଜିଲାରେ ଶିଳ୍ପର ପୁନରୁଦ୍ଧାର ପାଇଁ ବିଜୁଜୟନ୍ତୀରେ ଜଣେ ଦକ୍ଷ ଅଧିକାରୀଙ୍କୁ ଏଠାରେ ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ଏଥିସହ କାରଖାନାର ସ୍ପିରିଟ ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, କୃଷି ବିଶ୍ୱ ବିଦ୍ୟାଳୟ ସହ ସମନ୍ୱୟ ସ୍ଥାପନ ପୂର୍ବକ ଅଞ୍ଚଳରେ ଅଧିକ ଆଖୁଚାଷ


ଭାଜପା ରାଜ୍ୟ ସଭାପତିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ।

କରାଇ କାରଖାନାକୁ ଉଦଜୀବିତ କରିବା ନିମନ୍ତେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଥିଲେ। ଆସିକା ଚିନିଶିଳ୍ପ ଅତିଥି ଭବନ ଠାରେ ଧରାକୋଟ ବ୍ଲକର କେତେକ ପଞ୍ଚାୟତର କର୍ମୀ ଅନ୍ୟଦଳରୁ ଆସି ଭାଜପାରେ ଯୋଗ ଦେଇଥିବା ଘୋଷଣା କରିଥିଲେ। ଭାଜପା ରାଜ୍ୟ ସଭାପତି ମହାନ୍ତିଙ୍କ ଗସ୍ତ ବେଳେ ରାଜ୍ୟ ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତ, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସଂପାଦକ କାଳନ୍ଦି ସାମଲ, ରାଜ୍ୟ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଅରୁଣ ପଣ୍ଡା, ରଞ୍ଜନ ପୋଲାଇଙ୍କ ସମେତ ଘୁମୁସର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ମୁଖ୍ୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

**ଦିଗପହଣ୍ଡି,୩।୩ (ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ଓ କାର୍ଯ୍ୟରେ ଅବହେଳା ଯୋଗୁ ବୁଧବାର ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଦ୍ମନାଭପୁର ଓ କଇଠଡା ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ସ୍ଥାୟୀ ଡାକ୍ତର ଏବଂ କର୍ମଚାରୀ ନାହାନ୍ତି। ଫାର୍ମାସିଷ୍ଟଙ୍କ ବ୍ୟତୀତ ଅବସ୍ଥାପିତ ଆୟୁଷ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନେ ପ୍ରତିଦିନ ବିଳମ୍ବରେ ପହଞ୍ଚୁଛନ୍ତି। ବୁଧବାର ସକାଳେ ମଧ ପଦ୍ମନାଭପୁରର ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଧରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ନଥିଲା। ସେହିପରି ଆଖପାଖ ଗ୍ରାମର ବହୁ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶରେ ଫେରିଥିବାରୁ ଗ୍ରମାବାସୀ ଉତ୍ତ୍ୟକ୍ତ ହୋଇ ମୁଖ୍ୟ ପାଟକରେ ତାଲା ପକାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ମେଡ଼ିକାଲରେ ପଦ୍ମନାଭପୁର ଗ୍ରାମର ରାମାରାଓ ପାତ୍ର ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେବାରୁ ବୁଧବାର ଭୋର୍‌ରେ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଫଳରେ ସକାଳ ପ୍ରାୟ ୯ ଯାଏ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତରଙ୍କ ଦେଖା ନ ଥିଲା। କିଛି ସମୟ ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିବା ଚତୁର୍ଥଶ୍ରେଣୀ କର୍ମଚାରୀ ପହଞ୍ଚି ଥିଲେ। ଉତ୍ତ୍ୟେଜନ ବଢ଼ିବା ପୂର୍ବରୁ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ସେଠାରେ ପହଞ୍ଚି ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବମକୋଇ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ

**ପଦ୍ମନାଭପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ**



ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଛି।

ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁ ଟେସନରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଫାର୍ମାସିଷ୍ଟ ପଠାଇଛନ୍ତି। ଉତ୍ତେଜନା ପ୍ରଶମିତ ହେବାପରେ ମେଡିକାଲରେ ନିଯୁକ୍ତ ଥିବା ଡାକ୍ତର ମୋନାଲିସା ବେହେରା ପହଞ୍ଚିଥିଲେ।

**ମହାପ୍ରସାଦ ଦେଇ ଟିକାକରଣ**

ଛତ୍ରପୁର(ଡି.ଏନ.ଏ)-ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ବରିଷ୍ଠ ନାଗରିକମାନଙ୍କୁ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରଦାନ କରି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏ ନେଇ ବରିଷ୍ଠ ନାଗରିକମାନେ ଉତ୍ସାହିତ ଥିବା ଦେଖାଯାଇଥିଲା। ଗଦାଧର ନାୟକ, ସୁବାସ ଚନ୍ଦ୍ର ଜେନା, ନରହରି ନାୟକଙ୍କୁ ପର୍ଯ୍ୟାୟକ୍ରମେ ରୂପେଶ ପାଣିଗ୍ରାହୀ ଟିକା ପ୍ରଦାନ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଟିକାକରଣ କରାଯାଇଛି। ପରେ ନାଗରିକମାନଙ୍କୁ ନେଇ ବିଶ୍ୱ ଶ୍ରବଣ ଦିବସ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀଙ୍କ ସହଯୋଗରେ ପାଳନ କରାଯାଇଥିଲା।



## ସଂକ୍ଷେପରେ

### ଅଗ୍ନି ବିପନ୍ନ ପରିବାରକୁ ସହାୟତା



ଭଞ୍ଜନଗର,୩।୩(ଡି.ଏନ.ଏ.)- ଭଞ୍ଜନଗର ତହସିଲ ଅନ୍ତର୍ଗତ ବାରୁଡ଼ାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୮ଟି ପରିବାରର ୧୬ ବଖରା ଜଳିଯାଇଥିଲା। ବୁଧବାର ନିଗମାନନ୍ଦ ଏଜ୍ୟୁକେଶନ ସେଣ୍ଟର କର୍ମକର୍ତ୍ତା ଚିନ୍ମୟ ବେବର୍ତ୍ତା, ପ୍ରଭାତୀ ମଞ୍ଜରୀ ବେହେରା ଏବଂ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲର ଏନ୍‌ସିସି ଶିକ୍ଷକ ଶଙ୍କର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଭେଟି ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ସେହିଭଳି ରାଜସ୍ୱ ବିଭାଗ ପକ୍ଷରୁ ମଧ ସରକାରୀ ସହାୟତା ଯୋଗାଇ ଦିଆଯାଇଛି।

**ଧାନର ଅଭାବୀ ବିକ୍ରି**

# ରଦ୍ଦ ହେଉଛି ଟୋକନ୍, ବଢୁନି ଟାର୍ଗେଟ

ଛତ୍ରପୁର,୩।୩(ଡି.ଏନ.ଏ.)

ଚଳିତ ମାସ ୩୧ ତାରିଖରେ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟା ବନ୍ଦ ହେବ। ଜିଲାର ୫୬ ହଜାର ଚାଷୀ ଏବେବି ଧାନ ବିକି ପାରିନାହାନ୍ତି। ଟାର୍ଗେଟ ବୃଦ୍ଧି ହେଉ ନ ଥିବା ଏବଂ ଟୋକନ୍ ଅବଧି ମଧ୍ୟରେ ଧାନ କିଣାଯାଉ ନ ଥିବାରୁ ଜିଲାରେ ଧାନର ଅଭାବି ବିକ୍ରି ଲାଗି ରହିଛି। ଫଳରେ ଜିଲାରେ ଶତପ୍ରତିଶତ ପ୍ରକୃତ ଚାଷୀ ଧାନ ବିକ୍ରି କରିବା ନେଇ ସନ୍ଦେହ ସୃଷ୍ଟି କରିଛି। ଜିଲାରେ ପ୍ରର୍ଯ୍ୟାପ୍ତ ପରିମାଣରେ ଧାନକିଣା ଟାର୍ଗେଟ ଆସୁ ନ ଥିବାରୁ ମଣ୍ଡିରୁ ଧାନ ଉଠିପାରୁନାହିଁ। ଫଳରେ ଏବେ ବହୁ ଚାଷୀଙ୍କ ଟୋକନ ରଦ୍ଦ ହେଉଛି। ଜିଲାରେ ୧ଲକ୍ଷ ୩୯ ହଜାର ୬୪୮ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ମାତ୍ର ୮୩୨୯୦ ଚାଷୀ ଧାନ ସରକାରୀ ମଣ୍ଡିରେ ଧାନ ବିକ୍ରି କରିପାରିଛନ୍ତି। ଜିଲାରେ ଆହୁରି ୫୬ ହଜାର ଚାଷୀ ଧାନବିକ୍ରି କରିପାରି ନାହାନ୍ତି। ଜିଲାକୁ ୫ ପ୍ରର୍ଯ୍ୟାୟରେ ୪୧ଲକ୍ଷ ୧୬ ହଜାର ୪୭୭ କୁଇଣ୍ଟାଲ ଧାନ କିଣିବା ନେଇ ଟାର୍ଗେଟ ଆସିଥିଲା। ବର୍ତ୍ତମାନସୁଦ୍ଧା ୪୦ଲକ୍ଷ ୬୮୮ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ହୋଇସାରିଛି। ସେହିପରି ଛତ୍ରପୁର ମଣ୍ଡଳ ସମବାୟ ସମିତି ସହକାରୀ ନିବନ୍ଧକଙ୍କ ଅଧୀନରେ ୮ ବ୍ଲକରେ ୪୫୪୨୦ ଜଣ ଚାଷୀ ଧାନବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୨୬୧୪୦ ଚାଷୀ ୧୧ ଲକ୍ଷ ୬୪ ହଜାର ୨୬୫.୧୧ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରି ଥିବା ଏଆରସିଏସ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ତୁଳନାରେ କମଧାନ କିଣା ଯାଇଛି। ଗତବର୍ଷ ୧୩ ଲକ୍ଷ ୮୭ ହାଜର ୮୪୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଛତ୍ରପୁର ସବ୍‌ଡିଭିଜନରେ ୧୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଅବଧି ସରିଯାଇଥିବା ଜଣାପଡିଛି।

ଏନେଇ ଏଆରସିଏସ୍ ଡି.ଗନପତିଙ୍କୁ ପଚାରିବାରେ ଯେଉଁମାନଙ୍କ ଟୋକନ ଅବଧି ସରିଯାଇଛି ସେମାନଙ୍କ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଥିଲେ। ସେହିପରି ଛତ୍ରପୁର ବ୍ଲକ ଅଧୀନ ପୋଟଲାମପୁରର ସୁବାସ ସେଠୀ, ରଞ୍ଜୁ ନାହାକ, ଲମ୍ବୋଦର ନାୟକ, ନିରଞ୍ଜନ ନାୟକଙ୍କ ଟୋକନ ଅବଧି ସରିଯାଇଥିଲେ ବି ସେମାନଙ୍କ ଧାନ ଉଠାଯାଇ ନ ଥିବାରୁ ଶେଷରେ ବାଧ ହୋଇ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସି ମୁଖ୍ୟ ସିଏସ୍‌ଓଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି।

**୩ ଦିନରେ ଧାନ ନ ଉଠିଲେ ଧାରଣା**

ଛତ୍ରପୁର ବ୍ଲକ ଅଧୀନ ରୁକୁଣିଗାଁ ସୋସାଇଟି ପକ୍ଷରୁ ଚାଷୀଙ୍କ ଧାନକିଣା ଧିମା ରହିଛି। ଆସନ୍ତା ୩ ଦିନ ମଧ୍ୟରେ ପଞ୍ଜୀକୃତଙ୍କ ଧାନକିଣା ନ ଗଲେ ଧାରଣା ଦେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବୁଧବାର ସୋସାଇଟିର ଜଣେ ସଦସ୍ୟ ସନ୍ତୋଷ କୁମାର ମିଶ୍ର ଓ ଚାଷୀମାନେ ସିଏସ୍‌ଓ ଏବଂ ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରୁକୁଣିଗାଁ ସୋସାଇଟି ଦ୍ୱାରା ୨୩୪ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିଲେ। ମାତ୍ର ଧାନକିଣା ପ୍ରକ୍ରିୟାର ଅଢେଇ ମାସ ପରେ ବି ମାତ୍ର ୧୧୨ ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ୫ ହଜାର କୁଇଣ୍ଟାଲ ଧାନ କିଣାଯାଇଥିବା ସୋସାଇଟି ସଭ୍ୟ କହିଛନ୍ତି।

# ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର



ଉପସ୍ଥିତ ସମବାୟ ସମ୍ପାଦକ।

ବେଗୁନିଆପଡ଼ା,୩।୩(ଡି.ଏନ୍.ଏ.)

ଧାନ କ୍ରୟ ସମସ୍ୟା ନେଇ ବେଗୁନିଆପଡ଼ା ବ୍ଲକର ୨୧ ସେବା ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକମାନେ ସ୍ଥାନୀୟ ବିଡିଓ ବେଦବର ପ୍ରଧାନ ଓ ଯୋଗାଣ ଅଧିକାରୀ ରୀନାରାଣୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଜୀକୃତ ହୋଇ ନ ଥିବା ଚାଷୀମାନଙ୍କ ଧାନ ରାଜସ୍ୱ ନିରୀକ୍ଷକ ଓ କୃଷି ଗ୍ରାମ ସେବକଙ୍କ ଦ୍ୱାରା ଯାଞ୍ଚ ସରିଥିଲେ ମଧ ଚାଷୀଙ୍କ ଧାନ ସମିତିରେ ଟାର୍ଗେଟ ନଥିବାରୁ ଧାନ କିଣା ଯାଉ ନାହିଁ। ଫଳରେ ଚାଷୀଙ୍କ ଟୋକନ କଟିଯାଉଛି। ଅନ୍ୟପକ୍ଷରେ ଚାଷୀମାନେ ଅମଳ କରି ରଖିଥିବା ଧାନ ବିକ୍ରି ନ ହେବାରୁ ବାଧ ହୋଇ କମ ଦରରେ ଦଲାଲଙ୍କୁ ବିକ୍ରୟ କରିବା ପାଇଁ ବାଧ ହେଉଛନ୍ତି ବୋଲି ସମ୍ପାଦକ କହିଛନ୍ତି। ତେବେ ତୁରନ୍ତ ଟାର୍ଗେଟ ଦେଇ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଦାବି ପତ୍ରରେ ବିଡିଓଙ୍କୁ ଜଣାଇଛନ୍ତି।

## ଆକ୍ରମଣ ମାମଲାରେ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୩।୩-ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳରେ ହୋଇଥିବା ଏକ ଆକ୍ରମଣ ମାମଲାର ଶୁଣାଣି କରି ଉପଯୁକ୍ତ ପ୍ରମାଣ ଅଭାବରୁ ଏସ୍‌ଡିଜେଏମ୍ ୪ ଯୁବକଙ୍କୁ ବୁଧବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବିଜିପୁରର ନରସିଂହ ସେଠୀ, ବୀରୁ ବେହେରା, କାଳିଆ ବେହେରା ଓ ସାଗର ପାତ୍ର। ୨୦୧୩ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଜିପୁରର ଶିଶିର ଦାସଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ଟାଉନ୍ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ୪ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରଭାକର ସାବତ ମକଦ୍ଦମା ପରିଚାଳନା କରିଥିଲେ।

## ଅଭିଯୁକ୍ତ ଗିରଫ, ଭୁବନେଶ୍ୱରରେ ଲୁଚିଥିଲେ

ଭୁବନେଶ୍ୱର,୩।୩(ବ୍ୟୁରୋ)

**ବଳାତ୍କାର ପରେ ହତ୍ୟା ଉଦ୍ୟମ ମାମଲା**

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ଛୁରିରେ ବେକକୁ କାଟି ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ ହୋଇଛନ୍ତି। ସେ ହେଲେ ହିଞ୍ଜିଳିକାଟୁ ସାନସାହିର ବିଶ୍ୱନାଥ ପାଣିଗ୍ରାହୀ। ଘଟଣା ପରେ ବିଶ୍ୱନାଥ ଭୁବନେଶ୍ୱର ଚାଲିଆସି ସୁନ୍ଦରପଦାରେ ଲୁଚିଥିଲେ। ଗଞ୍ଜାମ ପୋଲିସର ସୂଚନା ଆଧାରରେ ଏୟାରଫିଲ୍ଡ଼ ଥାନା ପୋଲିସ ତାଙ୍କୁ ଧରିଛି। ପରେ ତାଙ୍କୁ ହିଞ୍ଜିଳିକାଟୁ ଥାନାକୁ ହସ୍ତାନ୍ତର କରାଯାଇଛି। ଗତ ଫେବୃଆରୀ ୨୭ରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିଲା। ବିଶ୍ୱନାଥ ଉକ୍ତ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ସେ ଚିତ୍କାର କରିବାରୁ ଧରାପଡ଼ିବା ଭୟରେ ଯୁବତୀଙ୍କ ବେକରୁ ଏକ ଧାରୁଆ ଛୁରିରେ କାଟି ଫେରାର ହୋଇଯାଇଥିଲେ। ଏ ନେଇ ହିଞ୍ଜିଳିକାଟୁ ଥାନାରେ ମାମଲା ରୁଜୁହେବା ସହ ଅଭିଯୁକ୍ତକୁ ଧରିବାକୁ ପୋଲିସ ତଦନ୍ତ ଚଳାଇଥିଲା। ରାଜ୍ୟର ସମସ୍ତ ଥାନାକୁ ଅଭିଯୁକ୍ତଙ୍କ ଫଟୋ ପଠାଯାଇଥିଲା। ତେବେ ଧରାପଡ଼ିଥିବା ଅଭିଯୁକ୍ତ ବିଶ୍ୱନାଥଙ୍କୁ ପଚରାଉଚରା ପରେ ପୂରା ଘଟଣାର ପର୍ଦ୍ଦାଫାଶ ହୋଇଛି। ଘଟଣାଘଟାଇ ସେ ବସ୍‌ରେ ଭୁବନେଶ୍ୱର ଚାଲିଆସି ସୁନ୍ଦରପଦାରେ ରହି ଲେବର କାମ କରୁଥିଲେ। ତାଙ୍କ ସମ୍ପର୍କରେ ଏୟାରଫିଲ୍ଡ ଥାନା ଅଧିକାରୀ ଦୀପକ ମିଶ୍ର ସୂଚନା ପାଇବା ପରେ ଉକ୍ତ ଫଟୋ ଧରି ସେ ରହୁଥିବା ସ୍ଥାନରେ ଚଢ଼ାଉ କରିଥିଲେ। ଫଟୋ ମେଳ ଖାଇବାରୁ ତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ସେ ସବୁକଥା ମାନିଥିଲେ।

## ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୩।୩(ଡି.ଏନ.ଏ.)

ଆନ୍ଧ୍ରରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ଗତ ରବିବାର ଅଟୋ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ଗ୍ରାମର ଅଘରି ବିଶ୍ୱାଳ। ଅଘରି ମାସେ ହେବ ଆନ୍ଧ୍ରପ୍ରଦେଶର କଲ୍ୟାଣପୁର ଅଞ୍ଚଳରେ ଶ୍ରମିକ ଭାବେ ବିଲଡିଂ କାମ କରିବାକୁ ଯାଇଥିଲେ। ରବିବାର ଅପରାହ୍ନରେ କାମ ସାରି ଅଟୋରେ ଫେରୁଥିବା ବେଳେ ରାସ୍ତାରେ ଅଟୋ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ଥିବା ଅନ୍ୟ ଶ୍ରମିକଙ୍କ ସହ ଅଘରି ଗୁରୁତର ହୋଇଥିଲେ। ତାଙ୍କୁ ନିକଟସ୍ଥ ଡ଼ାକ୍ତରଖାନାକୁ ନିଆଯାଇଥିଲେ ମଧ ସେଠାରେ ଡ଼ାକ୍ତର ଅଘରିଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଗତ ମଙ୍ଗଳବାର ରାତିରେ ଗାଁକୁ ଆସିଥିଲା। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ମା ଭାନୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ରାଜସ୍ୱ ଅଧିକାରୀ ମୀନକେତନ ଶବର ଓ ଅନ୍ୟ ରାଜସ୍ୱ କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରବି ସେଠୀ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା, ୫୦ କିଲୋ ଚାଉଳ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରମିକଙ୍କ ଶ୍ରମିକ କାର୍ଡ ନଥିବାରୁ ସହାୟତା ପାଉନାହାନ୍ତି।

# ଜାତୀୟ ରାଜପଥ କାମ ବିଳମ୍ବ

ଦାରିଙ୍ଗବାଡ଼ି,୩।୩ (ଡି.ଏନ.ଏ)

ଦାରିଙ୍ଗବାଡ଼ି ଦେଇ ଗୋପାଳପୁର-ରାଇପୁରକୁ ସଂଯୋଗୀକରଣ ରାସ୍ତା ସଂପ୍ରସାରଣ ଚାଲିଛି। ବାଲିଗୁଡ଼ାଠାରୁ ଦାରିଙ୍ଗବାଡ଼ି ପର୍ଯ୍ୟନ୍ତ ଏହି ୫୯ନଂ ଜାତୀୟ ରାଜପଥ ସଂପ୍ରସାରଣ କରାଯାଉଥିବା ବେଳେ ବହୁ ସ୍ଥାନରେ ରାସ୍ତା ଖୋଳଯାଇଛି। ବିଶେଷକରି କରି ଦଢ଼ିକ୍ଲିୟୁ ରାସ୍ତା, ମୁଣ୍ଡାନାଭୁ ନଦିକଟ ଘାଟି ରାସ୍ତା ଦୀର୍ଘଦିନ ହେଲା ଖୋଳା ଯାଇଥିଲେ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏକାଧିକ ସ୍ଥାନରେ ବାଇପାସ ରାସ୍ତା ଓ କେଉଁଠି କେବଳ ଗୋଡି ପକାଇ ଠିକା ସଂସ୍ଥା କାମ ସାରୁ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦାରିଙ୍ଗବାଡ଼ି ଓକିଲ ସଂଘ ସ୍ଥାନୀୟ ଥାନାରେ ଅଭିଯୋଗ କରିଛି। କୋର୍ଟ ରୋଡ଼କୁ ସଂଯୋଗ କରୁଥିବା ରାସ୍ତାରେ ଏଭଳି ସମସ୍ୟା ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘ ସଭାପତିପ୍ରଦୀପ କୁମାର ସାହୁ, ସମ୍ପାଦକ ଇନ୍ଦ୍ରମଣୀ ପ୍ରଧାନ, ଉମେଶ କର, ଦିଲୀପ କୁମାର ବଳିଆରସିଂ, ରାମ ଚନ୍ଦ୍ର ବେହେରା, ମନୋଜ କୁମାର ପଣ୍ଡା ପ୍ରମୁଖ ଥାନାରେ ପହଞ୍ଚି ଆଇଆଇସି କୌଶିକ ମାଝିଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା (ନଂ.୪୫/୨୧) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି କହିଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଥାନାରେ ଅଭିଯୋଗ କରାଯାଇଥିବା ବରିଷ୍ଠ ସକିଲ ଉମେଶ କର ନିଜ ପ୍ରତିକ୍ରିୟାରେ କହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

**ଥାନାରେ ଓକିଲ ସଂଘର ଅଭିଯୋଗ**

## ଅର୍ଥାଭାବ: ତାମିଲନାଡୁରୁ ଆସିପାରୁନି ମୃତଦେହ

ପାରଳାଖେମୁଣ୍ଡି,୩।୩ (ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି କଣ୍ଡରା ସାହିର ସନ୍ତୋଷ ଧବଳଙ୍କ ଏକ ଦୁର୍ଘଟଣାରେ ତାମିଲନାଡୁରେ ମୃତ୍ୟୁ ଘଟିଥିଲା। ହେଲେ ଅର୍ଥ ଅଭାବ ଯୋଗୁ ମୃତଦେହ ଗାଁକୁ ଅଣାଯାଇପାରୁ ନାହିଁ। ଏ ନେଇ ସନ୍ତୋଷଙ୍କ ସ୍ତ୍ରୀ ସ୍ୱାତୀ ସ୍ଥାନୀୟ ବିଧାୟକ ଓ ଗଜପତି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ କିଛିଦିନ ତଳେ ସନ୍ତୋଷ କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ। ସେଠାରେ ତିନିଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିବା ପରିବାରକୁ ଖବର ଆସିଥିଲା। ହେଲେ ଅର୍ଥ ଅଭାବରୁ ସ୍ୱାମୀର ମୃତଦେହ ଆଣିପାରୁ ନ ଥିବାରୁ ସ୍ୱାତୀ ଜିଲା ପ୍ରଶାସନ ଓ ସରକାର ସାହାଯ୍ୟ କରନ୍ତୁ ବୋଲି ଗୁହାରି କରିଛନ୍ତି। ସେପଟେ ସନ୍ତୋଷଙ୍କ ମୃତଦେହ ଆଣିବା ପାଇଁ ପାରଳାଖେମୁଣ୍ଡି ବିଧାୟକ ମଧ ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ଅନୁରୋଧ କରିଛନ୍ତି।

# ଠିକାସଂସ୍ଥା ବିରୋଧରେ ତେଜୁଛି ଅସନ୍ତୋଷ

ଫୁଲବାଣୀ ଅଫିସ,୩।୩

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ଜ୍ୟବସ୍ତୁ ପରିଚାଳନାରେ ବ୍ୟାପକ ଦୁର୍ନୀତି ପାଇଁ ଠିକା ସଂସ୍ଥା ଗ୍ରୁପ ନଂ.୫ ସିକ୍ୟୁରିଟି ସର୍ଭିସ ନାମରେ ଶ୍ରମ ବିଭାଗରେ ମାମଲା ବିଚାରାଧୀନ ରହିଛି। ଏହାପରେ ବି ସଂସ୍ଥାକୁ ପୁଣି ଅନ୍ୟ ଏକ ଟେଣ୍ଡର ମିଳିଛି। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଏମଜିଏନ୍‌ଆରଇଜିଏସ୍‌ରେ ସହକାରୀ ପଦବୀ ପୂରଣ ପାଇଁ ସଂସ୍ଥା ଟେଣ୍ଡର ପାଇଛି। ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ଖାଲିଥିବା ପଦବୀ ଏହି ସଂସ୍ଥା ଜରିଆରେ ପୂରଣ ହେବ। ସଂସ୍ଥା ଟେଣ୍ଡର ପାଇବା ପରେ ଜିଲାର ଏଜେଣ୍ଟ ପ୍ରତ୍ୟେକ ଆଶାୟୀଙ୍କଠାରୁ ଦେଢ଼ ଲକ୍ଷ ଲେଖାଏ ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଛି। କେତେଜଣଙ୍କ ପାଖରୁ ଟଙ୍କା ନିଆଯାଇଥିବା ବେଳେ ଅନ୍ୟମାନଙ୍କୁ ଟଙ୍କା ନ ଦେଲେ ନିଯୁକ୍ତି ନାହିଁ ବୋଲି ମିଳୁଛି। ଟଙ୍କା ଜିଲାର ପଦସ୍ଥ ଅଧିକାରୀମାନେ ନେବେ ବୋଲି କହି ଏଜେଣ୍ଟ ଜଣକ ବ୍ଲାକମେଲ କରୁଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଜଳ ବିଭାଜିକାରେ କାମ କରି କାର୍ଯ୍ୟରୁ ଅନ୍ତର ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ଏସ୍‌ପି ଭିନୀତ ଅଗ୍ରୱାଲଙ୍କୁ ଭେଟି ଏଜେଣ୍ଟଙ୍କ ଗିରଫ ଦାବି କରିଛନ୍ତି। ସେହିପରି ଜିଲା ଡିଆର୍‌ଡିଏ ପିଡି ବିଶ୍ୱରଞ୍ଜନ ନାୟକଙ୍କୁ ଭେଟି ସଂସ୍ଥାର ଟେଣ୍ଡର ବାତିଲ କରିବା ପାଇଁ ଦାବି କରାଯାଇଥିବା ପୂର୍ବତନ ଡବ୍ଲ୍ୟୁଏମଟି ତଥା ଆଶାୟୀ ପ୍ରାର୍ଥୀ ପ୍ରଶାନ୍ତ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ ଜିଲା ଜଳ ବିଭାଜିକା(ୱାଟର ସେଡ)ରେ ଡବ୍ଲ୍ୟୁଏମ୍‌ଟି (ୱାଟର ସେଡ ମ୍ୟାନେଜମେଣ୍ଟ ଟିମ୍ ଲିଡର) ଭାବେ ୪୨ ଜଣ କାମ କରୁଥିଲେ। ଗତ କିଛି ବର୍ଷ ହେବ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏବେ ସେସବୁ ପଦବୀରେ ରହିବା ପାଇଁ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଦିଆଯିବ। କାର୍ଯ୍ୟ କରୁଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଟେଣ୍ଡରରେ ନିର୍ଦ୍ଦେଶ ରହିଛି।

**ଏସ୍‌ପିଙ୍କୁ ଭେଟିଲେ ଚାକିରି ଆଶାୟୀ**

## ଜଳିଗଲା ୩୦ ବସ୍ତା ଧାନ

ବେଗୁନିଆପଡା, ୩।୩ (ଡି.ଏନ୍.ଏ.)

କଞ୍ଚଣାଠାରୁ କୋଦଳା ମୁଖ୍ୟ ରାସ୍ତାର ଖରଖରି ନଦୀ ନିକଟ ପଡ଼ିଆରେ ବୁଧବାର ଅଗ୍ନିକାଣ୍ଡ ଘଟି ଉଲ୍ଲାରାମ ସାହୁଙ୍କ ୩୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ ଜଳିଯାଇଛି। ଧାନ ବିଲ ନିକଟରେ ହୋଇଥିବା ଲକ୍ଷାଧିକ ଟଙ୍କାର ପରିବା ଚାଷ ପୋଡ଼ି ଯିବା ପୂର୍ବରୁ କୋଦଳା ଦମକଳବାହୀନ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

# ଦର୍ଶକଙ୍କୁ ହସାଇଲେ ପ୍ରଜ୍ଞାନ, ଶଙ୍କର

ପୁରୁଷୋତ୍ତମପୁର,୩।୩ (ଡି.ଏନ.ଏ.)



ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

**ଜଉଗଡ଼ ମହୋତ୍ସବ ଉଦ୍‌ଯାପିତ**

ପୁରୁଷୋତ୍ତମପୁର ବ୍ଲକର ପାଣ୍ଡିଆ ଗ୍ରାମରେ ତିନି ଦିନ ଧରି ଚାଲିଥିବା ଐତିହାସିକ ଜଉଗଡ଼ ମହୋତ୍ସବର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଡିଓ ବିଜୟ କୁମାର ବେହେରାଙ୍କ ଆବାହକତ୍ୱରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପୌରୋହିତ୍ୟ କରିଥିବା ବେଳେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କଲେ ଜଉଗଡ ବିଶ୍ୱ ସ୍ତରରେ ପହଞ୍ଚି ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେସ ରାୟ, ପିଡି ସିନ୍ଧେ ଦତ୍ତା ତ୍ରେୟ ଭାଉସାହେବ, ଅତିରିକ୍ତ ଜିଲାପାଳ କୋବିନ୍ଦ୍ର ସାହୁ, ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଭି କିର୍ତ୍ତୀଭାସନ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଅଧୀକ୍ଷକ ସୁନିଲ କୁମାର ପପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗଦେଇ ଥିଲେ। ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳି ନୃତ୍ୟ ସଂସଦର କଣ୍ଢେଇ ନୃତ୍ୟ ଓ ମୟୂରଭଞ୍ଜର ଛଉ ନୃତ୍ୟ ଦର୍ଶକଙ୍କ ମନୋ ମୋହିଥିଲା। ଏଥିସହ ଓଡିଶୀ, ଆଦିବାସୀ ଆଦି ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡିଆ ସିନେ କଳାକାର ଏଲିନା ଓ ସ୍ୱରାଜ ଦର୍ଶକଙ୍କୁ ନଚାଇ ଥିବା ବେଳେ ହାସ୍ୟ ଅଭିନେତା ପ୍ରଜ୍ଞାନ ଓ ଶଙ୍କର ଦର୍ଶକଙ୍କୁ ହସାଇ ଥିଲେ।

GOVERNMENT OF ODISHA

**OFFICE OF THE PANCHAYAT SAMITI, TELKOI**

At/P.O.- Telkoi, Dist.- Keonjhar, Pin- 758019 (ODISHA)

E Mail-ori-telkoi@nic.in

No.544/Dt.03.03.2021

**RE-TENDER CALL NOTICE NO.-01/TELKOI/2020-21**

The Block Development Officer, Telkoi invites sealed percentage rate bid tender on behalf of Governor of Odisha from registered and eligible Civil Contractors of the State P.W.D. (R&B)/Water Resources/Rural Works / M.I./C.P.W.D. for the following work eventually to be drawn up in the P.W.D. P1 form in conformity with the detailed Re-Tender Call Notice.

| Sl. No. | Name of the work | Amount put to tender in rupees | Cost of tender paper (in Rs.) | E.M.D. in Rupees (1%) | Time for completion of the work in months | Class of contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Const. of A.W.C. Building at Bimala, G.P. Bimala | 11,12,017.02 | 6,000.00 | 11,120.00 | 04 months | D & C |
| 02 | Const. of A.W.C. Building at Tangiri, G.P. Bimala | 11,12,016.43 | 6,000.00 | 11,120.00 | 04 months | D & C |
| 03 | Const. of A.W.C. Building at Badakumundu, G.P. S.N. Purgoda | 10,87,136.49 | 6,000.00 | 10,875.00 | 04 months | D & C |
| 04 | Const. of A.W.C. Building at Similipal G.P. Talapada | 11,02,475.39 | 6,000.00 | 11,025.00 | 04 months | D & C |
| 05 | Const. of A.W.C. Building at Malanda, G.P. Akula | 10,93,309.62 | 6,000.00 | 10,935.00 | 04 months | D & C |
| 06 | Const. of A.W.C. Building at Bisamunda, G.P. Karadangi | 11,08,645.00 | 6,000.00 | 11,086.00 | 04 months | D & C |
| 07 | Const. of A.W.C. Building at Khetramunda, G.P. Karadangi | 11,08,645.00 | 6,000.00 | 11,086.00 | 04 months | D & C |
| 08 | Const. of A.W.C. Building at Sridharpur, G.P. Karadangi | 11,08,645.00 | 6,000.00 | 11,086.00 | 04 months | D & C |
| 09 | Const. of A.W.C. Building at Samanali, G.P. Karadangi | 11,08,645.00 | 6,000.00 | 11,086.00 | 04 months | D & C |
| 10 | Const. of A.W.C. Building at Nuagarh, G.P. Deuladiha | 11,08,645.00 | 6,000.00 | 11,086.00 | 04 months | D & C |
| 11 | Const. of A.W.C. Building at Deuladiha-III, G.P. Deuladiha | 11,08,645.00 | 6,000.00 | 11,086.00 | 04 months | D & C |
| 12 | Const. of A.W.C. Building at Kadapada, G.P. Deuladiha | 11,08,645.00 | 6,000.00 | 11,086.00 | 04 months | D & C |
| 13 | Const. of A.W.C. Building at Madhyapur, G.P. Deuladiha | 11,08,645.00 | 6,000.00 | 11,086.00 | 04 months | D & C |

**SALE OF TENDER PAPER**

1. The tender papers (including Tender Call Notice, Approved Tender Schedule & DTCN) will be available in the official website http//:www.kendujhar.nic.in from Dt.04.03.2021 to 19.03.2021 upto 1.00 P.M. and can be downloaded from the website.
2. The tenderer must pay non-refundable service charges as mentioned against col.04 the above work including GST in shape of Bank Draft from any Nationalized Bank payable to Telkoi drawn in favour of BDO, Telkoi or else the tender paper will be rejected.
3. Bidders are requested to submit the bid document along with the deposit the requisite non-refundable fees as mentioned in column-04 in shape of Demand Draft and prepared on or before last date of sale of tender paper and submit the same along with the bid keeping in a separate envelope marks cost of tender documents.
4. The tender paper will be received by registered post/ speed post only up to 5.30 P.M. till date 19.03.2021 in working day sealed tender paper must be accompanied with attested copies of valid Contractor Licence, GST Clearance Certificate, Pan Card, No Relation Certificate, Non-refundable service charges, EMD @1% of the amount put to tender in shape of NSC/KVP/POTD/Deposit of any schedule bank duly pledged in favour of the BDO, Telkoi and an affidavit regarding the authenticity of the documents produced without which the tender paper is liable for rejection. The tenderer must write in capital letter (TENDER PAPER) on the right site top corner of the envelope containing the tender documents.
5. The tender paper shall be opened by the BDO, Telkoi/his authorised officer in presence of the tenderers or their authorized agents on the schedule date and time as mentioned below.

A. Date of sale of tender paper : Dt.04.03.2021 to 19.03.2021 upto 01.00 P.M.
B. Last date of receipt of tender paper : 19.03.2021 till 5.30 P.M. in working days.
C. Date and time of opening of tender paper: 22.03.2021 at 11.00 A.M.

6. Transfer of adjustment of EMD and ISD amount with other works will not be entertained.
7. The SC/ST bidders willing to avail the benefits allowed by Govt. to ST/SC candidates must furnish the XEROX COPY OF CASTE CERTIFICATE and Affidavit at the time of submission of tender documents.
8. The engineer bidders seeking exemption of EMD mut submit their Original Licence at the time of opening of tender papers failing which the tender is liable for rejection.
9. The authrority will not be responsible for any postal delay even if despatched before due date.
10. The successful tender quoting less than the amount put to tender has to deposit the differential amount i.e. (Tender Schedule amount- (Minus) his / her tendered amount) in shape of NSC/KVP/POTD/Deposit receipt of any Nationalized Bank duly pledged in favour of the BDO, Telkoi at the time of agreement.
11. The authority reserves the right to reject any / all tenders without assigning any reason thereof.

**Sd./- Block Development Officer, Telkoi**

# ଡବ୍ଲ୍ୟୁଟିସି ଫାଇନାଲ ଲକ୍ଷ୍ୟରେ ଭାରତ

ଅହମଦାବାଦ,୩।୩(ପି.ଟି.)

ସ୍ଥାନୀୟ ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁରୁବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଥିବା ଭାରତର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି ଓ ଜବରଦସ୍ତ ଫର୍ମରେ ମଧ୍ୟ ରହିଛି। ଏହି ମ୍ୟାଚ୍ ଜିତି ଭାରତ ୩-୧ରେ ସିରିଜ ବିଜୟୀ ହେବା ସହ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ନ୍ୟୁଜିଲାଣ୍ଡ ଫାଇନାଲରେ ପହଞ୍ଚି ସାରିଥିବା ବେଳେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚକୁ ଅତିକମ୍‌ରେ ଡ୍ର ରଖିପାରିଲେ ଫାଇନାଲ ଟିକେଟ୍ ହାସଲ କରିବ। ତେବେ ଇଂଲଣ୍ଡ ଭାରତକୁ ଏହି ଟେଷ୍ଟ ହରାଇଲେ ଅଷ୍ଟ୍ରେଲିଆ ପାଇଁ ଏହା ଆଶୀର୍ବାଦ ସଦୃଶ ହେବ। କାରଣ ଭାରତ ହାରିଲେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିବ।

ମ୍ୟାଚ୍ ଡ୍ର ରଖିବାର ବିକଳ୍ପ ଥିଲେ ମଧ୍ୟ ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ପୂର୍ବଭଳି ଆକ୍ରମଣାତ୍ମକ ଖେଳି ଜାରି ରଖିବେ ଓ ରକ୍ଷଣାତ୍ମକ ଖେଳିବାକୁ ଚାହିଁବେ ନାହିଁ। ଡିଫେନ୍ସିଭ ଖେଳ ବେଳେ ବେଳେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥାଏ ଓ ଏକଥା ଦୁହେଁ ହୃଦୟଙ୍ଗମ କରିଥିବେ। ଏଠାରେ ଖେଳାଯାଇଥିବା ପିଙ୍କ୍ ବଲ୍ ତଥା ତୃତୀୟ ଟେଷ୍ଟ ମ୍ୟାଚ୍‌ର ପିଚ୍‌କୁ ନେଇ ଏ ପର୍ଯ୍ୟନ୍ତ ବିବାଦ ଥମିନାହିଁ। ପାଖାପାଖି ଦେଢ଼ଦିନରେ ଭାରତ ଏହି ଟର୍ଣ୍ଣିଂ ଟ୍ରାକ୍‌ରେ ଇଂଲଣ୍ଡକୁ ହରାଇଥିଲା। ସ୍ପିନ୍‌କୁ ସୁହାଉଥିବା ଏହି ଉଇକେଟରୁ ଭାରତୀୟ ସ୍ପିନରମାନେ ଖାସ୍ କରି ଅକ୍ଷର ପଟେଲ ଫାଇଦା ଉଠାଇ ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ।

ଚତୁର୍ଥ ଟେଷ୍ଟର ଉଇକେଟ ତଥା ପିଚ୍ ମଧ୍ୟ ସମାନ ମନେହେଉଥିବା କଥା ଭାରତୀୟ ଉପଅଧିନାୟକ ଅଜିଙ୍କ୍ୟ



ଇଂଲଣ୍ଡ ଖେଳାଳିମାନେ ପିଚ୍ ନିରୀକ୍ଷଣ କରୁଛନ୍ତି।

## ଆଜିଠାରୁ ଅନ୍ତିମ ଟେଷ୍ଟ

ରାହାନେ ଓ ଇଂଲଣ୍ଡର ଜ୍ୟାକ କ୍ରଲି କହିଛନ୍ତି। ତେବେ ପିଙ୍କ୍ ବଲ୍ ତୁଳନାରେ ନାଲି ବଲ ସେତେଟା ମାରାତ୍ମକ ହେବ ନାହିଁ। ପୁଣି ଦିବାରାତ୍ର ନ ହୋଇ ଏହି ମ୍ୟାଚ୍ ଦିନରେ ଖେଳାଯିବ। ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ ଦଳ ମଧ୍ୟରେ ଅପେକ୍ଷାକୃତ ଏକ ସକାରାତ୍ମକ ସଂଘର୍ଷ ଦେଖିବାକୁ ମିଳିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଇଂଲଣ୍ଡ ସିରିଜ ଅମୀମାଂସିତ ରଖିପାରିବ। ତେବେ ହାରିଲେ ଭାରତ ସିରିଜ ବିଜୟରୁ ବଞ୍ଚିତ ହେବ ଓ ତା'ର ଡବ୍ଲ୍ୟୁଟିସି ଫାଇନାଲ ଖେଳିବା ସ୍ୱପ୍ନ ଧୂଳିସାତ୍ ହେବ। ତେଣୁ ଭାରତ ପାଇଁ ଏହି ମ୍ୟାଚ୍ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ବହନ କରୁଛି। ଜଣେ କ୍ୱାଲିଟି ଓ ପ୍ରଲିଫିକ୍ ଟେଷ୍ଟ ଅଧିନାୟକ ହୋଇଥିଲେ ମଧ୍ୟ କୋହଲି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ସଫଳତା ହାସଲ କରିପାରିନାହାନ୍ତି ବୋଲି ସ୍ୱୀକାର କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଇଭେଣ୍ଟଗୁଡିକରେ ଅଧିନାୟକ ଭାବେ ଧୋନୀ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଛନ୍ତି। ତେବେ କୋହଲି ଏହି ଦୃଷ୍ଟିକୋଣରୁ ପଛରେ ରହିଛନ୍ତି। ତେଣୁ ନିଜର ପୂର୍ବ ତ୍ରୁଟି ସୁଧାରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିବା ସହ ଟେଷ୍ଟ ମେସ୍ ହାସଲ କରି କୋହଲି ଏକ ସ୍ୱର୍ଣ୍ଣିମ ଛାପ ଛାଡିଯିବାକୁ ଚାହିଁବେ।

ସ୍ପିନ୍‌କୁ ସୁହାଇବାକୁ ଥିବା ଏହି ଟ୍ରାକ୍‌ରେ କୋହଲି ନିଶ୍ଚିତ ଭାବେ ତାରକା ସ୍ପିନର ଅକ୍ଷର ଓ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନଙ୍କ ଉପରେ ନିର୍ଭର କରିବେ। ଏହି ଦୁଇ ସ୍ପିନର ଏ ପର୍ଯ୍ୟନ୍ତ ସିରିଜରେ ୪୨ଟି ଉଇକେଟ ହାସଲ କରିଛନ୍ତି। ପ୍ରଥମ ୩ଟି ଟେଷ୍ଟରେ ୬୦ଟି ଉଇକେଟରୁ ଭାରତୀୟ ସ୍ପିନରମାନେ ୪୯ଟି ଉଇକେଟ ଅକ୍ତିଆର କରିଛନ୍ତି। ଏଥିରୁ ଚତୁର୍ଥ ଟେଷ୍ଟ ଉଇକେଟ କିପରି ହେବ ତାହା ସ୍ପଷ୍ଟ ଭାବେ ଅନୁମାନ କରିହେଉଛି। ସ୍ପିନରମାନଙ୍କ ବିରୋଧରେ କୋହଲିଙ୍କ କୌଣସି ଅଭିଯୋଗ ନିଶ୍ଚିତ ଭାବେ ନାହିଁ। ତେବେ ସାରା ସିରିଜରେ ବ୍ୟାଟ୍ସମ୍ୟାନମାନେ ନିରାଶ କରିଛନ୍ତି। ଗତ ୪ଟି ଇନିଂସରେ ଇଂଲଣ୍ଡ ନିହାତି ଖରାପ ବ୍ୟାଟିଂ କରିବାରୁ ଭାରତ ଫାଇଦା ହାସଲ କରିଛି।

୩ଟି ମ୍ୟାଚ୍‌ରୁ ରୋହିତ ଶର୍ମା ୨୯୬ ରନ ସଂଗ୍ରହ କରିଥିବା ବେଳେ ଅଶ୍ୱିନ ୧୭୬ ରନ ସଂଗ୍ରହ କରିଛନ୍ତି। ଚିପକ୍‌ର କଷ୍ଟକର ପିଚ୍‌ରେ ଅଶ୍ୱିନ ଶତକ ହାସଲ କରି ସାରା ବିଶ୍ୱକୁ ନିଜର ବ୍ୟାଟିଂ ଦକ୍ଷତା ପ୍ରତିପାଦନ କରିଥିଲେ। ଟର୍ଣ୍ଣିଂ ଟ୍ରାକ୍‌ରେ ରୋହିତଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନ ଆଶାନୁରୂପ ସଫଳତା ପାଇପାରି ନାହାନ୍ତି। ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ କୋହଲି ତାଙ୍କ ପ୍ରକୃତ ଖେଳ ପ୍ରଦର୍ଶନ କରିପାରିନାହାନ୍ତି। ସେହିପରି ୩ଟି ଟେଷ୍ଟ ଖେଳି ରାହାନେ, ଚେତେଶ୍ୱର ପୂଜାରା ଓ ଶୁବମନ ଗିଲ୍ କେବଳ ଗୋଟିଏ ଇନିଂସରେ ଚମକ ଦେଖାଇଛନ୍ତି।

ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏହି ମ୍ୟାଚ୍ ଖେଳିବେନି। ତାଙ୍କ ସ୍ଥାନରେ ଅଭିଜ୍ଞ ଉମେଶ ଯାଦବଙ୍କୁ ସୁଯୋଗ ମିଳିବ। ଉପମହାଦେଶୀୟ ପିଚ୍‌ରେ ଉମେଶ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତେବେ ତାଙ୍କୁ ମହମ୍ମଦ ସିରାଜ କିମ୍ବା ଇଶାନ୍ତ ଶର୍ମା ସହଯୋଗ କରିବେ କି ନା ତାହା ଟସ୍ ପରେ ଜଣାପଡିବ।

ଅପରପକ୍ଷରେ ଇଂଲଣ୍ଡ ପାଇଁ ଦୁର୍ବଳ ଚୟନ ପ୍ରକ୍ରିୟା କାଳ ହୋଇଛି। ପ୍ରଥମ ଟେଷ୍ଟରେ ଦ୍ୱିଶତକ ହାସଲ କରିବା ସହ ଜୋ ରୁଟ୍ ଏ ପର୍ଯ୍ୟନ୍ତ ୩୩୩ ରନ ସଂଗ୍ରହ କରିଛନ୍ତି। ସେହିପରି ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଏ ପର୍ଯ୍ୟନ୍ତ ୧୪୬ ରନ ସଂଗ୍ରହ କରିଛନ୍ତି। ଜ୍ୟାକ ଲିଚ୍‌ଙ୍କୁ ବାଦ୍ ଦେଲେ ଦଳରେ ଦ୍ୱିତୀୟ ସ୍ପେଶାଲିଷ୍ଟ ସ୍ପିନର ନାହାନ୍ତି। ତେବେ ଅଧିନାୟକ ଜୋ ରୁଟ୍ କାମଚଳା ସ୍ପିନର ଭାବେ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଗତ ମ୍ୟାଚ୍‌ରେ ସେ ୮ ରନ ଦେଇ କ୍ୟାରିୟରର ଶ୍ରେଷ୍ଠ ୫ ଉଇକେଟ ଅକ୍ତିଆର କରିଛନ୍ତି। ଲିଚ୍ ମଧ୍ୟ ୧୬ ଉଇକେଟ ହାସଲ କରି ବେଶ୍ ସଫଳ ହୋଇଛନ୍ତି। ସ୍ପିନ୍ ଟ୍ରାକ୍‌ରେ ସେ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି। ଡୋମ୍ ବେଶ୍ ପ୍ରଥମ ଟେଷ୍ଟରେ ଭଲ ପ୍ରଦର୍ଶନ କରିଥିଲେ ଓ ଏହି ମ୍ୟାଚ୍‌ରେ ଏହାକୁ ଦୋହରାଇବେ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ (ଉଇକେଟକିପର), ୱାଶିଂଟନ ସୁନ୍ଦର, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଇଶାନ୍ତ ଶର୍ମା, ଉମେଶ ଯାଦବ, ମହମ୍ମଦ ସିରାଜ, ରିଦ୍ଧିମାନ ଶାହା (ଉଇକେଟକିପର), ମୟଙ୍କ ଅଗ୍ରୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ ଓ ଲୋକେଶ ରାହୁଲ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଡୋମିନିକ ବେସ୍, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜ୍ୟାକ କ୍ରଲି, ବେନ୍ ଫୋକ୍ସ(ଉଇକେଟକିପର), ଓଲି ଷ୍ଟୋନ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ୍।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ଭେନ୍ୟୁ: ନରେନ୍ଦ୍ର ମୋଦି ଷ୍ଟାଡିୟମ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

# ଦ୍ୱିତୀୟ ସ୍ଥାନରେ ରାହୁଲ ସ୍ଥିର, କୋହଲିଙ୍କ ଉନ୍ନତି

**ଦୁବାଇ,୩।୩ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଅଧିନାୟକ ବିରାଟ କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ରାହୁଲ ୮୧୬ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡର ଡେଭିଡ୍ ମଲାନ ୯୧୫ ପଏଣ୍ଟ ହାସଲ କରି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ତେବେ କୋହଲି ୬୯୭ ପଏଣ୍ଟ ହାସଲ କରିଛନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟରେ ରହିଛନ୍ତି। ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ଚତୁର୍ଥ ସ୍ଥାନକୁ ଖସିଛନ୍ତି। ଦକ୍ଷିଣ ଆଫ୍ରିକାର ଭାନ ଡେର ଡୁସେନ ଗୋଟିଏ ସ୍ଥାନ ଉପରକୁ ଉଠି ପଞ୍ଚମରେ ରହିଛନ୍ତି। ପ୍ରଥମ ଦୁଇଟି ଟି୨୦ ମ୍ୟାଚ୍ ପରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିମାନେ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି କରିଛନ୍ତି। ନ୍ୟୁଜିଲାଣ୍ଡ ବାମହାତୀ ବ୍ୟାଟ୍ସମ୍ୟାନ ଡେଭନ କନ୍‌ୱେ ଦମ୍‌ଦାର ପ୍ରଦର୍ଶନ କରି ୪୬ଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ରହିଛନ୍ତି। ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ୩ଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ୍ ୭୭ଟି ସ୍ଥାନ ଉପରକୁ ଉଠି ୧୧୦ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମାଥ୍ୟୁ ୱେଡ୍ ୧୧୮ ତମ ସ୍ଥାନକୁ ଉନ୍ନତି କରିଛନ୍ତି। ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୫ଟି ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆଫଗାନ ସ୍ପିନର ରସିଦ୍ ଖାଁ ୭୩୬ ପଏଣ୍ଟ ପାଇ ଶୀର୍ଷରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ତାବରେଜ ସାମ୍‌ସି, ଆଫଗାନିସ୍ତାନର

**ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍**

ମୁଜିବ ଉର ରହମାନ, ଇଂଲଣ୍ଡର ଆଦିଲ ରସିଦ ଓ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ପ୍ରଥମ ୫ଟି ସ୍ଥାନ ଅଧିକାର କରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ କୌଣସି ଭାରତୀୟ ସ୍ଥାନ ପାଇନାହାନ୍ତି। ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠରେ ରହିଛନ୍ତି। ସେହିପରି ମିଚେଲ ସାଣ୍ଟନର ୨ଟି ସ୍ଥାନ ଉପରକୁ ଉଠି ସପ୍ତମ, ଇସ୍ ସୋଧି ୩ଟି ସ୍ଥାନ ଉପରକୁ ଉଠି ୧୧ ଓ ଟ୍ରେଣ୍ଟ ବୋଲ୍ଟ ୨୪ଟି ସ୍ଥାନ ଉପରକୁ ଉଠି ୪୯ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଝେ ରିଚାର୍ଡସନ ଟପ୍ ୧୧୫ରେ ପ୍ରବେଶ କରିଛନ୍ତି।





ବିରାଟ କୋହଲି ଓ ଲୋକେଶ ରାହୁଲ।

# ଦୁଇ ଦିନରେ ଜିମ୍ବାୱେ ଜିତିଲା



ପ୍ରଥମ ଟେଷ୍ଟ ବିଜୟୀ ଜିମ୍ବାୱେ ଦଳ।

ଆବୁଧାବି,୩।୩

ସ୍ଥାନୀୟ ଶେଖ ଜାଏଦ୍ ଷ୍ଟାଡିୟମରେ ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଜିମ୍ବାୱେ ମାତ୍ର ୨ ଦିନ ମଧ୍ୟରେ ୧୦ ଉଇକେଟରେ ବିଜୟୀ ହୋଇଛି। ପ୍ରଥମ ଇନିଂସରେ ୧୦୫ ରନର ଶତକୀୟ ପାଳି ଖେଳିଥିବା ଜିମ୍ବାୱେ ବ୍ୟାଟ୍ସମାନ ସିନ୍ ୱିଲିୟମ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହ ଜିମ୍ବାୱେ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

ଟସ୍ ଜିତି ଆଫଗାନିସ୍ତାନ ପ୍ରଥମ ଇନିଂସରେ ୪୭ ଓଭରରେ ୧୩୧ ରନକରି ଅଲଆଉଟ ହୋଇଥିଲା। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ୭୨ ଓଭରରେ ୨୫୦ ରନକରି ଅଲଆଉଟ ହେବା ସହ ୧୧୯ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଆଫଗାନିସ୍ତାନ ଦ୍ୱିତୀୟ ଇନିଂସରେ ୧୩୫ ରନକରି ଆଉଟ ହୋଇଥିଲା। ଫଳରେ ଜିମ୍ବାୱେ ସମ୍ମୁଖରେ ମାତ୍ର ୧୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜିମ୍ବାୱେ ବିନା କ୍ଷତିରେ ୩.୨ ଓଭରରେ ୧୭ ରନକରି ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୩୧। ଜିମ୍ବାୱେ ପ୍ରଥମ ଇନିଂସ- ୭୨ ଓଭରରେ ୨୫୦। ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ- ୪୫.୩ ଓଭରରେ ୧୩୫। ଜିମ୍ବାୱେ ଦ୍ୱିତୀୟ ଇନିଂସ- ୩.୨ ଓଭରରେ ୧୭/୦।

# ଓଡ଼ିଶା ଟିଟି ଦଳ ଘୋଷିତ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ଚଳିତମାସ ୭ରୁ ୧୬ ପର୍ଯ୍ୟନ୍ତ ୮୨ତମ ଜାତୀୟ ଜୁନିୟର ଓ ୟୁଥ୍ ଟେବୁଲ ଟେନିସ (ଟିଟି) ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟ ଦଳ ଗୁରୁବାର ଇନ୍ଦୋର ଯାତ୍ରା କରିବ।

**ଓଡ଼ିଶା ଦଳ:** ବାଳିକା-ସ୍ୱେତା ପି. ଦଳାଇ, ନନ୍ଦିନୀ ବିଶ୍ୱାଳ, ସିକ୍ରିତି ଭଗତ। ବାଳକ-ଏମ. ଈଶ୍ୱର ରାଓ, ତୁହିନ ବାରିକ, ଏସ.ଆର.ପତି, ଜି. ଓମ୍‌ପ୍ରକାଶ, ମୋହିତ ବେହୁରା, ଏ. ସନ୍ତୋଷ ପ୍ରୀତମ୍, ନକୁଳ ଜମୁଳା। କୋଚ୍ ଓ ମ୍ୟାନେଜର: ସହିଦ ହୋସେନ। ଅନ୍ତର୍ଜାତୀୟ ଅମ୍ପାୟର: ଜୀବନ ବଲ୍ଲଭ ସାମଲ, ଆର. କ୍ରିଷ୍ଣା କୁମାର। ଅମ୍ପାୟର: ଶୁଭଶ୍ରୀ ପତି।

# ସ୍ପାନିଶ୍ ବକ୍ସିଂ: କ୍ୱାର୍ଟରରେ ମନୀଷ

ନୂଆଦିଲ୍ଲୀ,୩।୩(ପି.ଟି.)

ସ୍ପେନ୍‌ର କାଷ୍ଟେଲାନୋଠାରେ ଚାଲିଥିବା ବୋକ୍ସାମ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଭାରତୀୟ ବକ୍ସର ମନୀଷ କୌଶିକ ୬୩ କେ.ଜି. ବର୍ଗ ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନ୍‌ଶିପ ବ୍ରୋଞ୍ଜ୍ ପଦକ ବିଜେତା ମନୀଷ ସ୍ପେନ୍‌ର ଆମାରି ରାଞ୍ଜୋଆନଙ୍କୁ ବୁଧବାର ୫-୦ରେ ହରାଇ ଏହି ସଫଳତା ପାଇଛନ୍ତି। କ୍ୱାର୍ଟରରେ ସେ ଦୁଇଥର ଏସିଆନ ରୌପ୍ୟ ପଦକ ହାସଲ କରିଥିବା କାଜାଖସ୍ଥାନର ସୁଫିଉଲିନ୍ ଜାକିରଙ୍କୁ ଭେଟିବେ।

ମନୀଷ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଜୋର୍ଡାନରେ ଅନୁଷ୍ଠିତ ଏସିଆନ କ୍ୱାଲିଫାୟର୍ସରେ ସେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ। ବୁଧବାର ୬ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ମେରି କମ୍ ୫୧ କେ.ଜି. ବର୍ଗରେ ଇଟାଲୀର ଜିଓର୍ଡାନା ସୋରେଣ୍ଟିନୋଙ୍କ ବିପକ୍ଷରେ କ୍ୱାର୍ଟର ଫାଇନାଲରେ ଅନ୍ୟ ୫ଜଣଙ୍କ ସହ ଅଭିଯାନ ଆରମ୍ଭ କରିବେ। ୮ଜଣ ପୁରୁଷ ଓ ୬ ଜଣ ମହିଳା ବକ୍ସରଙ୍କୁ ନେଇ ଏକ ୧୪ ଜଣିଆ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି। ଏଥିରେ ୯ଜଣ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଏହି ୩୫ତମ ସଂସ୍କରଣରେ ସବୁ ୧୪ ବକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଭେଣ୍ଟରେ ରୁଷିଆ, ଆମେରିକା, ଇଟାଲୀ, କାଜାଖସ୍ଥାନ ଓ ସ୍ପେନ ସମେତ ୧୭ଟି ଦେଶରୁ ବକ୍ସରମାନେ ଅଂଶଗ୍ରହଣ କରିଛନ୍ତି।

# ଟିକା ନେଲେ ଆଶୀର୍ବାଦ



**ଭୁବନେଶ୍ୱର,୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା କଟକର ସିଟି ହସ୍ପିଟାଲରେ କୋଭିଡ୍-୧୯ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। ଏହି ଟିକା ନେବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି କ୍ରମରେ ସେ ଦେଶର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱାସ୍ଥ୍ୟ କର୍ମୀମାନଙ୍କ ଅବଦାନ ଯୋଗୁ ଦେଶ ତଥା ଦେଶବାସୀ ସୁରକ୍ଷିତ ରହୁଛନ୍ତି ବୋଲି ସେ କହିଛନ୍ତି।

# ସନ୍ଦୀପ ମେମୋରିଆଲ ଟେନିସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୂଳ ରିସର୍ଟରେ ବୁଧବାରଠାରୁ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ଟେନିସ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ଦୀପଙ୍କ ପିତା ଜେ. ମହାପାତ୍ର ଓ ଖୋର୍ଦ୍ଧା ଜିଲ୍ଲା ଟେନିସ୍ ଆସୋସିଏସନ ସମ୍ପାଦକ ଅସିତ ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ୧୬ ବର୍ଷରୁ କମ୍ ବାଳକ, ୧୬ ବର୍ଷରୁ କମ୍ ବାଳିକା ଏବଂ ପୁରୁଷ ଡବଲ୍ସରେ ମ୍ୟାଚ ଖେଳା ଯାଉଛି। ଓଡ଼ିଶା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟର ୧୦୦ରୁ ଅଧିକ ଖେଳାଳି ଏଥିରେ ଭାଗ ନେଇଛନ୍ତି। ପ୍ରତିଯୋଗିତା ପାଇଁ ୧,୭୦,୦୦୦ ଟଙ୍କାର ବଜେଟ ରଖାଯାଇଛି। ପୁରୁଷ ସିଙ୍ଗଲ୍ସ ଚାମ୍ପିୟନଙ୍କୁ ଟ୍ରଫି ସହିତ ସର୍ବାଧିକ ୩୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍‌ଙ୍କୁ ୧୫,୦୦୦ ଟଙ୍କା ମିଳିବ। ପୁରୁ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ କୁମାର ଅନୁରାଗ ସରନ, ଅଭିଲାଷ ମିଶ୍ର, ଆଦିତ୍ୟ ମହାପାତ୍ର, ସତୀର୍ଥ ପଟ୍ଟନାୟକ, ଷ୍ଟିଭେନ ଅଙ୍କିତ ଏକ୍କା, ସନ୍ତୋଷ କୁମାର ମଲିକ, ମେଧିର ଗୋୟଲ, ପ୍ରତ୍ୟୁଷ ମହାନ୍ତି,ଗାବିନ୍ଦ ବିଶ୍ୱାସ, ପ୍ରଣେଶ ସାହୁ, ଆଦିତ୍ୟ ଶତପଥୀ, ଆଶିଷ କୁମାର ପରିଡ଼ା, ବିବେକ ମହାନନ୍ଦ ପ୍ରମୁଖ ବିଜୟ ହାସଲ କରିଛନ୍ତି।




ସନ୍ଦୀପ ମେମୋରିଆଲ୍ ଟେନିସ୍ ଉଦ୍‌ଘାଟନ ଅବସରରେ ଖେଳାଳିମାନେ ଅତିଥିଙ୍କ ସହ।

# ଅଗରଙ୍କୁ ୬ ଉଇକେଟ: ଅଷ୍ଟ୍ରେଲିଆ ବିଜୟୀ

ୱେଲିଂଟନ,୩।୩(ଏପି)

ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ, ଅଧିନାୟକ ଆରୋନ ଫିଞ୍ଚଙ୍କ ଦମ୍‌ଦାର ବ୍ୟାଟିଂ ଓ ପରେ ଆଷ୍ଟନ ଅଗରଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ତୃତୀୟ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବୃହତ୍ ୬୪ ରନରେ ପରାସ୍ତ କରିଛି। ସ୍ଥାନୀୟ ୱେଷ୍ଟପ୍ୟାକ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ ହାରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭.୧ ଓଭରରେ ୧୪୪ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୧ରେ ଅଗ୍ରଣୀ ବଜାୟ ରଖିଛି। ଫଳରେ ସିରିଜ ଜୀବନ୍ତ ରହିଛି। ୩୦ ରନ ବ୍ୟୟ କରି ମୂଲ୍ୟବାନ ୬ ଉଇକେଟ ଅକ୍ତିଆର କରି କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲିଆ ସ୍ପିନର ଆଷ୍ଟନ ଅଗର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୯ ରନ ଟାର୍ଗେଟର ପିଛା କରି ଘରୋଇ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଆତ୍ମସମର୍ପଣ କରିଥିଲା। ଦଳର ୬ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୪୩, ଡେଭନ କନ୍‌ୱେ ୩୮, ଗ୍ଲେନ ଫିଲିପ୍ସ ୧୩, ମାର୍କ ଚାପ୍‌ମ୍ୟାନ ୧୮, କାଏଲ ଜେମିଶନ ୧୧ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଗରଙ୍କ ୬ ଉଇକେଟ ସଫଳତାକୁ ବାଦ୍ ଦେଲେ ରିଲେ ମେରେଡିଥ୍ ୨ ଓ ଅଭିଜ୍ଞ ସ୍ପିନର ଆଡାମ ଜାମ୍ପା ଓ କେନ୍ ରିଚାର୍ଡସନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଆଷ୍ଟନ୍ ଅଗରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମାଥ୍ୟୁ ୱେଡଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୱେଡ୍ ୫ ରନକରି ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ଫିଞ୍ଚ୍ ୪୪ ବଲରୁ ୮ ଚୌକା ଓ ୨ ଛକା ସହ ୬୯ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ଜୋଶ ଫିଲିପ୍ ୨୭ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ଦ୍ରୁତ ୪୩ ରନ ସଂଗ୍ରହ କରିଥିଲେ। ଫିଞ୍ଚ୍ ଓ ଫିଲିପ୍ ସ୍ପିନର ଇସ୍ ସୋଧିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମ୍ୟାକ୍ସୱେଲ ମାତ୍ର ୩୧ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୫ ଛକା ସହ ଦ୍ରୁତ ୭୦ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରି ଟିମ୍ ସୌଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମାର୍କସ ଷ୍ଟୋଇନିସ ୯ ଓ ମିଚେଲ ମାର୍ଶ ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ସୋଧି ୨, ସୌଦି ଓ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୨୦୮/୪ (ଫିଞ୍ଚ୍- ୬୯, ମ୍ୟାକ୍ସୱେଲ- ୭୦, ଫିଲିପ- ୪୩, ସୋଧୀ- ୨/୩୨, ସୌଦି- ୧/୩୭, ବୋଲ୍ଟ- ୧/୩୯)। ନ୍ୟୁଜିଲାଣ୍ଡ ୧୭.୧ ଓଭରରେ ୧୪୪ ଅଲ୍‌ଆଉଟ୍ (ଗୁପ୍ଟିଲ- ୪୩, କନ୍‌ୱେ- ୩୮, ଅଗର- ୬/୩୦, ମେରେଡିଥ- ୨/୪୨,)

**ପରୀ ହତ୍ୟା ଘଟଣା: ହାଇକୋର୍ଟ ଗଲେ କଲେଜ ଛାତ୍ର**

**ନୟାଗଡ଼ ଅଫିସ:** ପରୀ ହତ୍ୟା ଘଟଣା ଚିଲଡ୍ରେନ କୋର୍ଟରେ ବିଚାରଧୀନ ରହିଛି । ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ନାବାଳକ କଲେଜ ଛାତ୍ର ବାଳ ସୁଧାର ଗୃହରେ ଅଛନ୍ତି । ଏଭଳିସ୍ଥଳେ କଲେଜ ଛାତ୍ରଙ୍କୁ ନ୍ୟାୟ ପାଇଁ ତାଙ୍କ ଓକିଲ କଲେଜ ଛାତ୍ରଙ୍କ ପକ୍ଷରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

# ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ: ୩ ଗିରଫ

**ଭଦ୍ରକ ଅଫିସ, ୩।୩**



ଜବତ ବ୍ରାଉନସୁଗାର, ମୋବାଇଲ ଓ ଟଙ୍କା।

ଭଦ୍ରକ ଜିଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଧୂଷୁରୀ ପୋଲିସ ସହାୟତାରେ ବୁଧବାର ୨୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବାଇକ୍‌ରେ ଚାଲାଣ ହେଉଥିବା ବେଳେ ପୂର୍ବରୁ ଛକିଥିବା ପୋଲିସ ଟିମ୍ ଆରଡ଼ି ରାସ୍ତାର ଉଚ୍ଚପଦା ଛକଠାରେ ଗାଡ଼ିକୁ ଅଟକାଇଥିଲେ ହେଁ ଅସୁରାଳି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ନିକଟରେ ୩ ବ୍ୟବସାୟୀଙ୍କୁ କାବୁ କରି ସେମାନଙ୍କଠାରୁ ୨୬୫ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ୩ ଜଣଙ୍କୁ ପୋଲିସ ଗିରଫ କରିଛି।

ବ୍ରାଉନସୁଗାର ଚାଲାଣ ହେଉଥିବା ନେଇ ପ୍ରଥମେ ଧୂଷୁରୀ ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ପୂର୍ବାହ୍ନ ୧୧ଟାରୁ ଭଦ୍ରକ ଆରଡ଼ି ରାସ୍ତାର ଉଚ୍ଚପଦା ଛକ ନିକଟରେ ଜଗି ରହିଥିଲା। ୩ ଅଭିଯୁକ୍ତ ଏକ ସ୍କୁଟରରେ ବ୍ରାଉନସୁଗାର ନେଇ ଧୂଷୁରୀ ଅଭିମୁଖେ ଯାଉଥିଲେ। ଏହି ଟିମ୍ ସେମାନଙ୍କୁ ଧରି ଯାଞ୍ଚ କରିବାରୁ ଏକ ପଲିଥିନରେ ବ୍ରାଉନସୁଗାର ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷରୁ ଅଧିକ ହେବ ବୋଲି ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା ଟାଉନ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ୩ ବ୍ୟବସାୟୀ ହେଲେ ଧୂଷୁରୀ ଥାନା ଖପରପଦା ଅଞ୍ଚଳର ମଣିଭଦ୍ର ସାହୁ, ଗ୍ରାମାଞ୍ଚଳ ଥାନା ଚୁନିଦା ଅଞ୍ଚଳର ନିରାକାର ଜେନା ଓ ତ୍ରିଲୋଚନ ଦାସ। ମଣିଭଦ୍ର ନିକଟରୁ ୨୨,୮୦୦ ଟଙ୍କା, ୧୦ ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି, ନିରାକାରଠାରୁ ୭୬୦୦ ଟଙ୍କା, ମୋବାଇଲ, ବ୍ଲେଡ୍, କଇଁଚି, କାଗଜ ଏବଂ ତ୍ରିଲୋଚନ ନିକଟରୁ ମୋବାଇଲ, ୧୪ ଶହ ଟଙ୍କା, କଇଁଚି ଓ ବ୍ରାଉନସୁଗାର ପ୍ୟାକେଟ ପାଇଁ ଥିବା କାଗଜ ଜବତ ହୋଇଛି। ଏ ନେଇ ଧୂଷୁରୀ ଥାନାରେ ଏକ ମାମଲା (ନଂ. ୩୭/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

# ମା'ର ପରିଚୟ ପାଇଁ ସୁଭଦ୍ରାଙ୍କୁ ମାଡ଼

**କେନ୍ଦ୍ରାପଡ଼ା ଅଫିସ, ୩।୩**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ବରକୋଳିଖିଳା ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅନୁପ୍ରବେଶକାରୀ ଓଡ଼ିଶା ମାଟିରେ ପ୍ରବେଶ କରି ନିଜର ଦୌରାତ୍ମ୍ୟ ଦେଖାଇଛନ୍ତି। ମା'ର ପରିଚୟ ନ ଦେବାରୁ ଗାଁର ସୁଭଦ୍ରା ରାୟଙ୍କୁ ମାଡ ମରାଯାଇଛି। ସୁଭଦ୍ରାଙ୍କୁ ସ୍ୱାମୀ ବିକାଶଙ୍କ ସମେତ ବାଂଲାଦେଶୀ ଅନୁପ୍ରବେଶକାରୀ ଅମିତ୍ ରାୟ ମାଡ ମାରିଛନ୍ତି। ସୁଭଦ୍ରା ଗୁରୁତର ହୋଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ସହ ଜମ୍ବୁ ସାମୁଦ୍ରିକ ଥାନାରେ ସେମାନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅନୁପ୍ରବେଶକୁ ନେଇ ଉପୁଜିଥିବା ଏହି ବିବାଦର ସମାଧାନ ପରିବର୍ତ୍ତେ କ୍ରମଶଃ ଜଟିଳ ରୂପ ନେବାରେ ଲାଗିଛି। ଭୋଟ ବ୍ୟାଙ୍କ ପାଇଁ ରାଜନେତା ଓ ପ୍ରଶାସନ ଚୁପ ରହୁଥିବାରୁ ଅନୁପ୍ରବେଶ କେନ୍ଦ୍ରାପଡ଼ା ଜିଲାରେ ବଢି ଚାଲିଛି। ଏହାକୁ ରୋକିବାକୁ ସରକାରୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଜିଲା ପ୍ରଶାସନ ଚୁପ ହୋଇ ବସି ରହୁଛି। ଜିଲାର ଉପାନ୍ତ ଅଞ୍ଚଳରେ ବାଂଲାଦେଶୀଙ୍କ ଅନୁପ୍ରବେଶ ବଢି ଚାଲିଥିବାରୁ ଦେଶର ସୁରକ୍ଷା ପାଇଁ ନାଗରିକ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେଉ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଚିକିତ୍ସିତ ହେଉଥିବା ସୁଭଦ୍ରା କହିଛନ୍ତି, ଏକଦା ସେ ମାଲକାନଗିରି ଜିଲାରେ ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେଠାରେ ରହୁଥିବା ବିକାଶ ରାୟଙ୍କ ସଂସ୍ପର୍ଶରେ ଆସି ତାଙ୍କୁ ବିବାହ କରିଥିଲେ। ବିବାହ ପରେ ମାଲକାନଗିରିରୁ ଆସି ମହାକାଳପଡ଼ା ବ୍ଲକ ବରକୋଳିଖିଳା ଗ୍ରାମରେ ଦୀର୍ଘବର୍ଷ ହେଲା ରହି ଆସୁଛନ୍ତି। ବିକାଶ ହେଉଛନ୍ତି ବାଂଲାଦେଶୀ। ତାଙ୍କର ବାଂଲାଦେଶ ଅରଖେଲ ଗାଁରେ ଘର ଅଛି। ବିକାଶଙ୍କ ଭାଇଙ୍କ ପୁଅ ଅମିତ ଏଠାରେ ରହିବାକୁ ଆସି ସୁଭଦ୍ରାଙ୍କୁ ମା'ର ପରିଚୟ ଦେବାକୁ ବାଧ୍ୟ କରୁଛନ୍ତି। ଏଥିରେ ସମ୍ମତ ନ ହେବାରୁ ଦୁଇବର୍ଷ ପୂର୍ବେ ସ୍ୱାମୀ ବିକାଶ, ଅମିତ ସୁଭଦ୍ରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏ ନେଇ ତତ୍କାଳୀନ ଜିଲାପାଳଙ୍କୁ ଅବଗତ ପରେ ଅମିତଙ୍କ ବାଂଲାଦେଶୀ ପାସପୋର୍ଟଠାରୁ ଆରମ୍ଭ କରି ଭାରତର ଭୋଟ ପରିଚୟପତ୍ରକୁ ଜବତ କରାଯାଇଥିଲା। ତେବେ ଦୁଇବର୍ଷର ବ୍ୟବଧାନ ପରେ ଅମିତ ଦୁଇଦିନ ତଳେ ବରକୋଳିଖିଳାରେ ରହିବାକୁ ଆସିଛନ୍ତି। ଏ ନେଇ ପ୍ରତିବାଦ ପରେ ବିକାଶ ଓ ଅମିତ ଦୁହେଁ ସୁଭଦ୍ରାଙ୍କୁ ମାଡ ମାରି ରକ୍ତାକ୍ତ କରିଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାକୁ ଇତିମଧ୍ୟରେ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି।

**ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟ**

- ଭୋଟ୍ ବ୍ୟାଙ୍କ ସାଜିଛନ୍ତି ବାଂଲାଦେଶୀ
- ଦେଶ ସୁରକ୍ଷା ପାଇଁ ନାଗରିକ ଚିହ୍ନଟ ଜରୁରୀ

ବୁଦ୍ଧିଜୀବୀ ପ୍ରତାପ କୁମାର ତ୍ରିପାଠୀ, ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ବିଭୂତିଭୂଷଣ ରାଉତ, ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ ଘଟଣା ଏବେ ବଢ଼ିଚାଲିଛି। ଯାହା ଜିଲା ସହ ଦେଶର ସୁରକ୍ଷା ପ୍ରତି ବିପଦ ସାଜିଛି। ରାଜନେତାଙ୍କ ଭୋଟ ବ୍ୟାଙ୍କ ହୋଇଥିବା ଅନୁପ୍ରବେଶକରୀଙ୍କ ପ୍ରସଙ୍ଗରେ ଜିଲା ପ୍ରଶାସନ କୌଣସି କାରଣରୁ ନୀରବ ରହୁଛି। ବଙ୍ଗଭଙ୍ଗ ଯୁଦ୍ଧ ସମୟରେ କେନ୍ଦ୍ରାପଡ଼ା ଜିଲାରେ ୧୨୩୭ ବାଂଲାଦେଶୀଙ୍କୁ ଶରଣାର୍ଥୀ ଭାବେ ରହିବାକୁ ଅନୁମତି ଦିଆଯାଇଥିଲା। ଏବେ ବଙ୍ଗଭାଷୀଙ୍କ ସଂଖ୍ୟା ଲକ୍ଷାଧିକ ହୋଇଛି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ୨୦୦୫ରେ ଜିଲାରେ ଥିବା ୧୫୫୧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ସହ ଦେଶାନ୍ତର ନୋଟିସ୍ ହୋଇଥିଲା। ଏହାକୁ ବିରୋଧ କରି ନୋଟିସ୍‌ପ୍ରାପ୍ତ ବ୍ୟକ୍ତିମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ଫେବୃୟାରୀରେ ଉଚ୍ଚ ନ୍ୟାୟାଳୟ ଶୁଣାଣି କରି ୧୫ ବର୍ଷ ପୂର୍ବର ଦେଶାନ୍ତର ନୋଟିସକୁ ରଦ୍ଦ କରିଛନ୍ତି। ତେବେ ଜିଲାରେ ଅନୁପ୍ରବେଶ ବଢ଼ି ଚାଲିଥିବାରୁ ଦେଶର ସୁରକ୍ଷା ପାଇଁ ଭାରତୀୟ ନାଗରିକଙ୍କ ଚିହ୍ନଟ ଜରୁରୀ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ କହିଛନ୍ତି, ସୁଭଦ୍ରାଙ୍କ ନିର୍ଯାତନା ଘଟଣା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ନାଗରିକ ଚିହ୍ନଟ ସମ୍ପର୍କରେ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରାଯିବ ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ସୁଭଦ୍ରାଙ୍କ ଅଭିଯୋଗର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ୭ ବର୍ଷ ଜେଲ

**କେନ୍ଦୁଝର, ୩।୩(ଡି.ଏନ୍.ଏ.):** କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ବିଶ୍ୱଜିତ ମହାନ୍ତି ବୁଧବାର ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ୭ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୨ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପାଟଣା ଥାନା ଆହାରପଡ଼ା ଗ୍ରାମର ଗୋବିନ୍ଦ ମୁଣ୍ଡା ତାମିଲନାଡୁରେ ରହି କାର୍ଯ୍ୟ କରୁଥିଲେ। ୨୦୧୮ ମାର୍ଚ୍ଚ ୧ ତାରିଖରେ ସେ ଘରକୁ ଆସିଥିଲେ। ପରଦିନ ଚରିତ୍ରକୁ ସନ୍ଦେହ କରି ଗୋବିନ୍ଦ ଟାଙ୍ଗିଆ ଏବଂ ଇଟାରେ ଛେଚି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପାଟଣା ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୯୬/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

**ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ**
**ବିଜ୍ଞାପନ ସଂଖ୍ୟା-୩୪୯ ତାରିଖ:୦୨।୦୩।୨୦୨୧**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି ଅଧୀନରେ ନାୟକାଣୀଡିହି ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର ୨୪ ଗୋଟି ଦୋକାନ ଘରଗୁଡିକୁ ଇଚ୍ଛୁକ ବ୍ୟବସାୟୀମାନଙ୍କୁ ମାସିକ ଭଡ଼ା ସୂତ୍ରରେ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହିତ ଭଦ୍ରକ ଜିଲ୍ଲା website www.bhadrak.nic.inରେ ମଧ୍ୟ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତିବିଶେଷ ଦୋକାନ ଘର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବେଦନ କରିପାରିବେ। ଦୋକାନ ଘର ଆବଣ୍ଟନ ସମ୍ପର୍କରେ ବଜାର କମିଟି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଓ ବଜାର କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ। ପୂର୍ବରୁ ଦରଖାସ୍ତ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ପୁନର୍ବାର ଦରଖାସ୍ତ କରିବାର ଆବଶ୍ୟକତା ନାହିଁ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

**TENDER CALL NOTICE**

Sealed tenders are invited from the Registered Companies/ Agencies / Tender & individuals for disposal of condemned Govt. Vehicles of 19 (Nineteen) Nos. only available under administrative control of the undersigned. The details of vehicles with Registration No., Make & Model, Engine No., Chassis No. & the location of vehicle along with term & conditions are published in the district website i.e. www.ganjam.nic.in.

Sd./- Chief Dist. Medl. & Public Health Officer, Ganjam

**Office of the Executive Engineer**
**Earth Dam Sub-Division**
**At/P.O.- Chitrakonda, Dist.-Malkangiri**
**E-mail: executiveengineereddckd@gmail.com**
**Quotation Call Notice No.01/2020-21**

Sealed quotation(s) in plain paper are invited by the Executive Engineer, Earth Dam Division, Chitrakonda to procurement of the following materials the work Procurement of 30 HP Submersible Pump set for the year 2020-21.

**Details list of work**

| Sl. No. | Description of items | Unit | Quantity |
|---|---|---|---|
| 1 | Supplying and commissioning of 30 HP submersible pump set of repute make including transportation charges. | No. | 1 No. |
| 2 | Supply of control panel suitable for 30 HP submersible pump set of reputed make along with commissioning. | No. | 1 No. |

From the registered firms/agencies of equivalent grade/ SSI Units for supply of the above materials which will be received by the undersigned upto 12.30 P.M. on or before dt.04.03.2021 and will be opened on the same day at 1.00 P.M. in presence of the quotationers or their authorized agents who ever may be present.

In addition to be above, attested copies of valid Regd. Certificate/PAN Card, GST Certificate should be furnished along with the quotation. The lowest quotationer will supply the above materials after receipt of purchase order from the undersigned.

The authority reserves all rights to reject any or all the quotations without assigning any reason thereof.

**Terms and conditions**

1. The quotation(s) should be accompanied with copies of valid Regd. Certificate/PAN Card issued by the Commercial Tax Officer/GST Certificate.
2. Delivery: The materials should be delivered within 07 days of receipt Purchase Order.
3. Taxes: As applicable.
4. Consignee: Sub-Divisional Officer, Earth Dam, Sub-Division No.II, Chitrakonda.
5. The rate of materials should be including of transportation charges, loading and unloading charges.
6. Any defect found within six months should be rectified by the agency at his own cost.
7. Payment: Payment will be made after due satisfactory of the work by the Engineer-in-Charge and subject to availability of fund from Govt.

Sd./- (Er. K.P. Nath)
Executive Engineer, Earth Dam Divn., Chitrakonda

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No. RDM-LAA-BLS-0040-2018/7079/R&DM Dated: 12 FEB 2020

No. III-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ବରୀ, ଥା: ନୀଳଗିରି ନଂ. ୯୩, ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୬୫୮ ତା୨୦।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୧୮୬୪ ତା୧୦।୦୧।୨୦୨୦ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବରୀ, ଥା: ନୀଳଗିରି ନଂ. ୯୩, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବରୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫୯.୩୨ | ଏ.୩୫.୯୭ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୧୨।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ
(ଅଭୟ କୁମାର ନାୟକ)
OIPR-24001/14/0202/2021

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No. RDM-LAA-BLS-0043-2018/4612/R&DM Dated: 28 JAN 2020

No. III-24: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ଗୋବିନ୍ଦପୁର, ଥା: ରେମୁଣା ନଂ. ୧୨୪, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୫୩୪୩ ତା୨୦।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୩୮୩ ତା୦୨।୦୧।୨୦୨୦ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଗୋବିନ୍ଦପୁର, ଥା: ରେମୁଣା ନଂ. ୧୨୪, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସୋରୋ ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବିନ୍ଦପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୮.୬୩ | ଏ.୩୦.୩୬ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୪।୧୨।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ
(ଅଭୟ କୁମାର ନାୟକ)
OIPR-24001/14/0216/2021

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No. RDM-LAA-BLS-0037-2018/3319/R&DM Dated: 18 JAN 2020

No. III-21: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ଗୋପୀନାଥପୁର, ଥା: ନୀଳଗିରି ନଂ. ୭୧, ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୬୨୮ ତା୨୦।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୧୦୨୬ ତା୦୬।୦୧।୨୦୨୦ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଗୋପୀନାଥପୁର, ଥା: ନୀଳଗିରି ନଂ. ୭୧, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋପୀନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨୩.୪୭ | ଏ.୧୫.୨୩ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ନୀଳଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୯।୧୨।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ
(ଅଭୟ କୁମାର ନାୟକ)
OIPR-24001/14/0213/2021

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No. RDM-LAA-BLS-0044-2018/4936/R&DM Dated: 31 JAN 2020

No. III-19: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ଖରିଦିଗ ମୁଖୁରା, ଥା: ରେମୁଣା ନଂ. ୧୧୧, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୫୩୪୯ ତା୨୦।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୧୩୪୪ ତା୦୭।୦୧।୨୦୨୦ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଖରିଦିଗ ମୁଖୁରା, ଥା: ରେମୁଣା ନଂ. ୧୧୧, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖରିଦିଗ ମୁଖୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୪.୨୦ | ଏ.୭.୨୯ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବାଲେଶ୍ୱର, ତହସିଲ: ରେମୁଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୨।୧୨।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ
(ଅଭୟ କୁମାର ନାୟକ)
OIPR-24001/14/0211/2021


ସ୍ତ୍ରୀଙ୍କୁ ନିର୍ଯାତନା ପୁରୁଷତ୍ୱ ନୁହେଁ: ଓୱାଇସି

ଆୟେଶାଙ୍କ ଆତ୍ମହତ୍ୟା ଉପରେ ପ୍ରତିକ୍ରିୟା ରଖିଛନ୍ତି ଏଆଇଏମ୍ଆଇଏମ୍ ଏମ୍ପି ଅସାଦୁଦ୍ଦିନ ଓୱାଇସି। ଗୁଜରାଟର ଏକ ସଭାରେ ଯୌତୁକ ଲୋଭୀଙ୍କୁ ନିନ୍ଦା କରି ସେ କହିଛନ୍ତି, ସ୍ତ୍ରୀଙ୍କ ଉପରେ ଅତ୍ୟାଚାର ପୁରୁଷପଣିଆ ନୁହେଁ। ଯେ କେହି ଏପରି କରୁଛନ୍ତି, ସେମାନଙ୍କ ପୁରୁଷ ହେବାର ଯୋଗ୍ୟତା ନାହିଁ। ଇସ୍ଲାମରେ ଯୌତୁକ ଭଳି ଶବ୍ଦ ଆଦୌ ନାହିଁ। ଯୌତୁକ ନିର୍ଯାତନାର ଶିକାର ହେଉଥିବା ମହିଳା ଆଇନର ସହାୟତା ନିଅନ୍ତୁ।



## ସଂକ୍ଷେପରେ

### ଟିକା ପ୍ରମାଣପତ୍ରରେ ମୋଦିଙ୍କ ଫଟୋ




### ଫେରାଦ ହେଲା ଟିଏମ୍ସି


**ନୂଆଦିଲ୍ଲୀ, ୩।୩:** ବିଭିନ୍ନ କେନ୍ଦ୍ରୀୟ ଯୋଜନାର ବିଜ୍ଞାପନ ଏବଂ କୋଭିଡ୍ ଟିକାକରଣ ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଛପାଯାଇଥିବାରୁ ଏହା ବିରୋଧରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍ସି) ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରସ୍ଥ ହୋଇଛି। ବୁଧବାର ଟିଏମ୍ସିର ଏକ ପ୍ରତିନିଧି ଦଳ ଇସିଙ୍କୁ ଭେଟି ସରକାରୀ କଳ ପ୍ରଧାନମନ୍ତ୍ରୀଙ୍କ ଫଟୋର ଅପବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ଏଭଳି ଫଟୋ ବ୍ୟବହାର ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ଟିଏମ୍ସି କହିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ମାର୍ଚ୍ଚ ୨୭ରୁ ୮ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଠାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ପେଟ୍ରୋଲ ପମ୍ପଗୁଡ଼ିକରେ କେନ୍ଦ୍ରୀୟ ଯୋଜନା ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥାଇ ବିଜ୍ଞାପନ ହୋର୍ଡିଂ ଲଗାଯାଇଥିବାରୁ ସେଗୁଡ଼ିକୁ ତୁରନ୍ତ ହଟାଇବା ଲାଗି ରାଜ୍ୟ ମନ୍ତ୍ରୀ ଫିର୍ହାଦ ହାକିମ୍ କହିଥିଲେ। ନିର୍ବାଚନ ତାରିଖ ଘୋଷଣା ପରେ ବି କୋଭିଡ୍ ଟିକାକରଣ ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଛପାଯାଉଥିବା ଟିଏମ୍ସି ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରିଏନ୍ ଅଭିଯୋଗ କରିଥିଲେ।

### ଏୟାରବେସ୍‌ରେ ରକେଟ ମାଡ଼

**ବାଗଦାଦ, ୩।୩:** ଆମେରିକା ନେତୃତ୍ୱାଧୀନ ମିଳିତ ସୈନ୍ୟବାହିନୀ ବ୍ୟବହାର କରୁଥିବା ଇରାକ୍‌ର ଏକ ଏୟାରବେସ୍ ଉପରେ ବୁଧବାର ୧୦ ରକେଟ ମାଡ଼ ହୋଇଛି। ସକାଳ ୭ଟା ୨୦ରେ ଅନ୍‌ବର ପ୍ରଦେଶରେ ଥିବା ଆଇନ୍ ଅଲ୍-ଆସାଦ ଏୟାରବେସ୍ ଉପରେ ରକେଟ ମାଡ଼ ହୋଇଥିଲା। ଏୟାରବେସ୍‌ଠାରୁ ୮ କି.ମି. ଦୂର ଅଲ୍ ବାଗଦାଦି ଅଞ୍ଚଳରୁ ଜଳିଯାଇଥିବା ଏକ ଟ୍ରକ୍ ମିଳିଛି। ରକେଟ ମାଡ଼ କରିବାରେ ଉକ୍ତ ଟ୍ରକ୍‌କୁ ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରାଯାଇଥିଲା।

# ଏମର୍ଜେନ୍ସି ଭୁଲ୍ ଥିଲା

୧୯୭୫ ଜୁନ୍ ୨୫ରୁ ୧୯୭୭ ମାର୍ଚ୍ଚ ୨୧ ଏକୋଇଶ ମାସର ଅବଧି। ଏହି କାଳଖଣ୍ଡରେ ସୃଷ୍ଟି ହୋଇଥିଲା ସ୍ୱାଧୀନ ଭାରତର ସବୁଠୁ କଳଙ୍କିତ ଓ ବିବାଦୀୟ ଅଧ୍ୟାୟ। ଏହାକୁ ରଚିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ଦେଶବ୍ୟାପୀ ଜାରି କରିଥିଲେ ଜରୁରିକାଳୀନ ପରିସ୍ଥିତି। ସମ୍ବିଧାନର ଅନୁଚ୍ଛେଦ ୩୫୨ ଅନୁସାରେ ତତ୍କାଳୀନ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲୀ ଅହମ୍ମଦ ଆନୁଷ୍ଠାନିକ ଭାବେ ଏମର୍ଜେନ୍ସି ଘୋଷଣା କରିଥିଲେ। ଉକ୍ତ ସମୟରେ ପ୍ରେସ୍ ସ୍ୱାଧୀନତାକୁ ଛଡ଼ାଇ ନିଆଯାଇଥିଲା, ନେତାମାନଙ୍କୁ ଜେଲ୍‌ରେ ଭରି ଦିଆଯାଇଥିଲା। ସବୁଠି ଥିଲା ମାନବାଧିକାର ଉଲ୍ଲଂଘନର ଗଦା ଗଦା ଦୃଷ୍ଟାନ୍ତ। ଭାରତୀୟ ଗଣତନ୍ତ୍ରର କଳାଯୁଗ ବିବେଚନା କରାଯାଉଥିବା ଏମର୍ଜେନ୍ସିରେ ଯେଉଁ ଦମନଲୀଳା ଚାଲିଥିଲା ତାକୁ ନେଇ ଇନ୍ଦିରା କ୍ଷମା ମାଗିଥିଲେ ୧୯୭୮ ଜାନୁୟାରୀ ୨୪ରେ ମହାରାଷ୍ଟ୍ରର ଏକ ସଭାରେ।


January 24, 1978, Forty Years Ago: Indira's Apology

Addressing a large public meeting in Yavatmal (Maharashtra), Mrs Gandhi said even if others, who were responsible for the mistakes and excesses were not willing to own up, she would own the responsibility for those mistakes as well.

ଆମେରିକାର କୋର୍ନେଲ ୟୁନିଭର୍ସିଟି ପ୍ରଫେସର ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୌଶିକ ବସୁଙ୍କୁ ମଙ୍ଗଳବାର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ୱାୟନାଡ୍ ଏମ୍ପି ରାହୁଲ ଗାନ୍ଧୀ ଏକ ସାକ୍ଷାତ୍କାର ଦେଇଛନ୍ତି। ଏଥିରେ ସେ ଏକାଧିକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ନିଜ ମତ ରଖିଛନ୍ତି। ରାହୁଲ କହିଛନ୍ତି, ସେ କଂଗ୍ରେସର ଆଭ୍ୟନ୍ତରୀଣ ଗଣତନ୍ତ୍ର ସପକ୍ଷରେ ଅଛନ୍ତି, ଯାହା ଭାରତର ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲା ଏବଂ ଦେଶକୁ ସମ୍ବିଧାନ ଓ ସମାନତା ଦେଇଛି।


କୌଶିକ ବସୁ

**ନୂଆଦିଲ୍ଲୀ,୩।୩**

ଏମର୍ଜେନ୍ସି ଏକ ଭୁଲ୍। କଂଗ୍ରେସ ପକ୍ଷରୁ ଜାରି ଜରୁରିକାଳୀନ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ଭୁଲ୍ ପଦକ୍ଷେପ ଥିଲା। କିନ୍ତୁ କଂଗ୍ରେସ କେବେହେଲେ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦଖଲକୁ ନେବା ପାଇଁ ଉଦ୍ୟମ କରି ନ ଥିଲା। ଆମର ଚିନ୍ତାଧାରା ଆମକୁ ସେପରି କରିବାକୁ ଦିଏ ନାହିଁ। ଯଦି ବି ଆମେ କେବେ ସେପରି କିଛି କରିବୁ ଆମେ ପାରିବୁ ନାହିଁ। ଏହା ହେଉଛି ଗାନ୍ଧୀ ପରିବାରର ଜଣେ ସଦସ୍ୟଙ୍କ ବିରଳ ସ୍ୱୀକାରୋକ୍ତି। କିନ୍ତୁ ଆର୍‌ଏସ୍‌ଏସ୍ ଆଜି ଯାହା କରୁଛି, ତା'ଠାରୁ ଏମର୍ଜେନ୍ସି ସମୟ ମୌଳିକ ରୂପେ ଭିନ୍ନ ଥିଲା ବୋଲି ମଙ୍ଗଳବାର ଏକ ସାକ୍ଷାତ୍କାର ଅବସରରେ ଆମେରିକାର କୋର୍ନେଲ ୟୁନିଭର୍ସିଟି ପ୍ରଫେସର କୌଶିକ ବସୁଙ୍କ ସହ ଭର୍ଚୁଆଲ ଆଲୋଚନା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ରାହୁଲଙ୍କ ଏହି ମନ୍ତବ୍ୟ ଜାତୀୟ ରାଜନୀତିର ତାପମାତ୍ରା ବଢ଼ାଇଦେଇଛି। ଏହା ପୂର୍ବରୁ ୨୦୧୯ ସାଧାରଣ ନିର୍ବାଚନ ବେଳେ ମଧ୍ୟ ରାହୁଲ ଏକ ସାକ୍ଷାତ୍କାରରେ ଏର୍ଜେନ୍ସିକୁ ଭୁଲ୍ ବୋଲି ମାନିଥିଲେ। ଜେଜେମା'ଙ୍କ ଭୁଲ ପାଇଁ ସେ କ୍ଷମା ମାଗିଥିଲେ।

ଭାଜପା-ଆର୍‌ଏସ୍‌ଏସ୍‌କୁ ଟାର୍ଗେଟ କରିବାକୁ ଯାଇ ରାହୁଲ କହିଛନ୍ତି, ଏବେ ସେମାନେ ଭାରତରେ ଯାହା କରୁଛନ୍ତି, ତାହା ଜରୁରୀ ପରିସ୍ଥିତି ସମୟଠାରୁ ସମ୍ପୂର୍ଣ୍ଣ ଅଲଗା। ସାମ୍ବିଧାନିକ ସଂସ୍ଥାଗୁଡ଼ିକରେ ସେମାନେ ନିଜ ଲୋକଙ୍କୁ ଭର୍ତ୍ତି କରୁଛନ୍ତି। ନ୍ୟାୟପାଳିକା, ପ୍ରେସ୍, ଅମଲାତନ୍ତ୍ର ଓ ନିର୍ବାଚନ କମିଶନ ସବୁ ସଂସ୍ଥାରେ ସେମାନେ ଆର୍‌ଏସ୍‌ଏସ୍ ଲୋକଙ୍କୁ ରଖୁଛନ୍ତି। ଯଦି ବି ଆମେ ଭାଜପାକୁ ନିର୍ବାଚନରେ ଜିତୁ ଆମେ ସେମାନଙ୍କ ଲୋକଙ୍କୁ ହଇରାଣ କରିବୁ ନାହିଁ। ସାମ୍ବିଧାନିକ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥାଗତ ସନ୍ତୁଳନ ଥିବାରୁ ଆଧୁନିକ ଗଣତନ୍ତ୍ର କାର୍ଯ୍ୟ କରିପାରୁଛି। ସେହି ସ୍ୱାଧୀନତାକୁ ଏବେ ଆକ୍ରମଣ କରାଯାଉଛି। ଏହି ଅବସରରେ ରାହୁଲ ମଧ୍ୟପ୍ରଦେଶରେ କଂଗ୍ରେସ ସରକାରର ପତନ ପୂର୍ବ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସହ ତାଙ୍କର ଏକ କଥୋପକଥନକୁ ସ୍ମରଣ କରିଛନ୍ତି। ସେତେବେଳେ କମଲନାଥ ରାହୁଲଙ୍କୁ କହିଥିଲେ ଯେ ତାଙ୍କ ସରକାରର ବରିଷ୍ଠ ଅଧିକାରୀମାନେ ତାଙ୍କ କଥା ଶୁଣିବେ ନାହିଁ। କାରଣ ସେମାନେ ଆର୍‌ଏସ୍‌ଏସ୍ ଲୋକ। ସେମାନଙ୍କୁ ଯାହା କରିବାକୁ କୁହାଯିବ ମାନିବେ ନାହିଁ। ଏହା ହେଉଛି ମୌଳିକ ଭିନ୍ନତା ଯାହା ଏବେ ଚାଲିଛି। ୧୯୯୧ ମେ'ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ବେଳେ ସେ କିପରି ଅନୁଭବ କରୁଥିଲେ ବୋଲି ରାହୁଲଙ୍କୁ ପ୍ରଫେସର କୌଶିକ ବସୁ ପ୍ରଶ୍ନ କରିଥିଲେ। ଉତ୍ତରରେ ରାହୁଲ କହିଥିଲେ, ବାପାଙ୍କ ହତ୍ୟା ପରେ ମୁଁ ବୁଝିପାରିଥିଲି ହିଂସା କ'ଣ। ବାପା ସେତେବେଳେ ଅନେକ ତତ୍ତ୍ୱ ବିରୋଧରେ ଲଢ଼େଇ କରୁଥିଲେ। ତେଣୁ ତାଙ୍କ ମୃତ୍ୟୁ ଆସନ୍ନ ବୋଲି ସେ ଜାଣିପାରିଥିବା ରାହୁଲ କହିଛନ୍ତି।


ଭାରତରେ ଗଣତନ୍ତ୍ରର ତଣ୍ଟି ଚିପାଯାଉଛି: ରାହୁଲ ଗାନ୍ଧୀ




ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏମର୍ଜେନ୍ସି ନିଷ୍ପତ୍ତିକୁ ପ୍ରଥମ ଥର ପାଇଁ ଏତେ ଖୋଲାଖୋଲି ଭାବେ ଭୁଲ୍ ପଦକ୍ଷେପ ବୋଲି ମାନିଛନ୍ତି ତାଙ୍କ ନାତି ରାହୁଲ ଗାନ୍ଧୀ। ତେବେ ଜରୁରିକାଳୀନ ପରିସ୍ଥିତି ସାମ୍ପ୍ରତିକ ଦୃଶ୍ୟପଟରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥିଲା। କାରଣ କଂଗ୍ରେସ କେବେହେଲେ ଦେଶର ସଂସ୍ଥାଗତ ଢାଞ୍ଚାକୁ ଦଖଲ ପାଇଁ ଉଦ୍ୟମ କରି ନ ଥିଲା। ଏବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱାଧୀନ ସଂସ୍ଥାଗୁଡ଼ିକୁ କବ୍‌ଜା କରିବାରେ ଲାଗିଛି ବୋଲି କଂଗ୍ରେସ ନେତା ରାହୁଲ ଅଭିଯୋଗ ଆଣିଛନ୍ତି।

" ଆର୍‌ଏସ୍‌ଏସ୍ ହେଉଛି ବିଶ୍ୱର ସର୍ବବୃହତ୍ ସ୍କୁଲ। ଏହାର ଅଭିମୁଖ୍ୟ ବୁଝିବା ପାଇଁ ରାହୁଲ ଗାନ୍ଧୀଙ୍କୁ ବର୍ଷ ବର୍ଷ ଲାଗିଯିବ।


ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

ପୌର ଉପନିର୍ବାଚନ

### ଏଏପିକୁ ସଫଳତା

**ନୂଆଦିଲ୍ଲୀ, ୩।୩:** ଦିଲ୍ଲୀ ପୌର ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଏଏପି)କୁ ସଫଳତା ମିଳିଛି। ୫ଟି ଆସନରୁ ୪ଟି ଅରବିନ୍ଦ କେଜରିୱାଲଙ୍କ ଏଏପି ଦଖଲକୁ ଯାଇଥିବାବେଳେ ଅନ୍ୟଟିରେ କଂଗ୍ରେସ ବିଜୟ ଲାଭ କରିଛି। ଭାଜପା ଏହି ଉପନିର୍ବାଚନରେ ଖାତା ଖୋଲିପାରିନାହିଁ। ଏହାକୁ ନେଇ ଏଏପି କାର୍ଯ୍ୟକର୍ତ୍ତା ଭାଜପାକୁ 'ଜୟ ଶ୍ରୀରାମ' କହି ଉପହାସ କରିଛନ୍ତି। ଗତ ରବିବାର ଉତ୍ତର ଶାଲିମାରବାଗ୍, କଲ୍ୟାଣପୁରି, ତ୍ରିଲୋକେପୁରୀ, ରୋହିଣି-ସି ଏବଂ ଚୌହାନ ନଗରରେ ଏହି ଉପନିର୍ବାଚନ ହୋଇଥିଲା। ଚୌହାନ ନଗରକୁ ଛାଡ଼ି ଅନ୍ୟ ସମସ୍ତ ଆସନରେ ଏଏପି ବିଜୟୀ ହୋଇଛି।

### ବେଆଇନ ବାଲି ଖନନ ଏନ୍‌ଜିଟି ନିର୍ଦ୍ଦେଶନାମା ଜାରି

**ନୂଆଦିଲ୍ଲୀ, ୩।୩**

ନଦୀଶଯ୍ୟାରୁ ବେଆଇନ ବାଲି ଖନନକୁ ନିୟନ୍ତ୍ରଣ କରିବା ଲାଗି ଆବଶ୍ୟକ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଏକାଧିକ ଆବେଦନ ଉପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ପରିବେଶ ମନ୍ତ୍ରଣାଳୟକୁ ଏକାଧିକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେତେକ ଆବେଦନ ୭ ବର୍ଷ ହେଲା ବିଚାରାଧୀନ ଥିଲା। ସ୍ଥାୟୀ ବାଲି ପରିଚାଳନା ଗାଇଡ୍‌ଲାଇନ, ୨୦୧୬କୁ କଡ଼ାକଡ଼ି ପାଳନ କରିବା ଲାଗି ଏନ୍‌ଜିଟି ଅଧ୍ୟକ୍ଷ ଆଦର୍ଶ କୁମାର ଗୋୟଲଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏସ୍ଇଆଇଏଏ (ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ)ଙ୍କ ନେତୃତ୍ୱ ଓ ସମନ୍ୱୟରେ ୫ ଜଣିଆ କମିଟି ବିଭିନ୍ନ ସମୟରେ ଅନୁଧ୍ୟାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାତୀୟ ସ୍ତରରେ ବର୍ଷକୁ ଅନ୍ତତଃ ଥରେ ପରିବେଶ ସଚିବଙ୍କ ଦ୍ୱାରା ଏବଂ ଖଣି ଓ ଜଳଶକ୍ତି ମନ୍ତ୍ରଣାଳୟର ସଚିବ ତଥା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସମୀକ୍ଷା କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ।



ମ୍ୟାନ୍‌ମାରରେ ସାମରିକ ଶାସନକୁ ବିରୋଧ କରି ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ମ୍ୟାନ୍‌ମାର ଶରଣାର୍ଥୀ।

### ୬ ବିକ୍ଷୋଭକାରୀଙ୍କୁ ଗୁଳିକରି ହତ୍ୟା

**ୟାଙ୍ଗୁନ୍, ୩।୩**

ମ୍ୟାନ୍‌ମାର ସୁରକ୍ଷା ବଳ ବୁଧବାର ୬ ଜଣ ବିକ୍ଷୋଭକାରୀଙ୍କୁ ଗୁଳି କରି ହତ୍ୟା କରିଥିବା ଖବର ପ୍ରକାଶ ପାଇଛି। ଗତ ମାସରେ ମ୍ୟାନ୍‌ମାର ସେନା ବିଦ୍ରୋହ ବଳରେ ଗଣତନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ହଟାଇ କ୍ଷମତା ଦଖଲ କରିଥିଲା। ଏହା ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନକୁ ଦମନ କରିବା ଲାଗି ସାମରିକ ଶାସକ ବଳ ପ୍ରୟୋଗ କରୁଛନ୍ତି। ବିଭିନ୍ନ ସହରରେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ସେମାନଙ୍କ ଉପରକୁ ଗୁଳି ଚଳାଇବା ସହ ଲୁହବୁହା ବାଷ୍ପ ଓ ରବର ବୁଲେଟ ମାଡ଼ କରୁଛି। ମିଙ୍ଗ୍‌ୟାନରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଜଣେ ୧୪ ବର୍ଷର ବାଳକ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିବା ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଅନ୍ୟ ସହରରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ପୋଲିସ ଦମନଲୀଳା ସତ୍ତ୍ୱେ ବିକ୍ଷୋଭକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଗତ ରବିବାର ପୋଲିସ କାର୍ଯ୍ୟାନୁଷ୍ଠାନରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

### ପ୍ରାର୍ଥିତ୍ୱ ପ୍ରତ୍ୟାହାର କଲେ ନୀରା ଟଣ୍ଡନ

**ୱାଶିଂଟନ, ୩।୩(ପି.ଟି.)**

ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡନଙ୍କୁ ହ୍ୱାଇଟ୍‌ହାଉସ ଅଫିସ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ବଜେଟ (ଓଏମ୍‌ବି)ର ନିର୍ଦ୍ଦେଶିକା ଭାବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମନୋନୀତ କରିଥିଲେ। ତେବେ ନିଜ ଦଳ ଡେମୋକ୍ରାଟ ସମେତ ରିପବ୍ଲିକାନ ସିନେଟରମାନେ ଏହାକୁ ଦୃଢ଼ ବିରୋଧ କରିବାରୁ ନୀରା ତାଙ୍କର ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିନେଇଛନ୍ତି। ବାଇଡେନ୍‌ଙ୍କୁ ଏହା ପ୍ରଥମ ଝଟ୍‌କା ବୋଲି କୁହାଯାଉଛି।

ନୀରା ପୂର୍ବରୁ କରିଥିବା ବିବାଦୀୟ ଟୁଇଟ୍ ପାଇଁ ତାଙ୍କୁ ବିରୋଧ କରାଯାଇଥିଲା। ତାଙ୍କ ସୋସିଆଲ ମିଡିଆ ବ୍ୟବହାରକୁ ନେଇ ସିନେଟ ସଦସ୍ୟମାନେ ତାଙ୍କ ପ୍ରତିନିଧିତ୍ୱ ବିରୋଧରେ ଭୋଟ ଦେବେ ବୋଲି ଘୋଷଣା କରିଥିଲେ। ଗତବର୍ଷ ନଭେମ୍ବରରେ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବା ପରେ ନୀରା ହଜାରେରୁ ଊର୍ଦ୍ଧ୍ୱ ଟୁଇଟ୍‌କୁ ହଟାଇ ଦେଇଥିଲେ, ଯାହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। 'ସେଣ୍ଟର ଫର୍ ଆମେରିକାନ ପ୍ରୋଗ୍ରେସ୍' ନାମକ ଥିଙ୍କ୍ ଟ୍ୟାଙ୍କର ଅଧ୍ୟକ୍ଷ ଥିବା ନୀରାଙ୍କ ନିଯୁକ୍ତିକୁ ସିନେଟ ଅନୁମୋଦନ କରିଥିଲେ ସେ ଆମେରିକା ଅର୍ଥନୀତିର ମୁଖ୍ୟ ପଦବୀରେ ଅଧିଷ୍ଠିତ ହେବା ସହ ରାଷ୍ଟ୍ରପତି ବାଇଡେନ୍‌ଙ୍କ କାର୍ଯ୍ୟସୂଚୀ ପାଇଁ ପ୍ରସ୍ତାବିତ ବଜେଟ୍ ପ୍ରସ୍ତୁତିର ଦେଖାରଖା କରିଥାନ୍ତେ। ଓଏମ୍‌ବି ହ୍ୱାଇଟ୍ ହାଉସରେ ବଜେଟ ପ୍ରସ୍ତୁତିର ଦାୟିତ୍ୱ ନେବା ସହ ନୂଆ ନୀତି ନିୟମ ପ୍ରଣୟନରେ ମୁଖ୍ୟ ଭୂମିକା ନିଭାଇଥାଏ। ନୀରାଙ୍କ ପ୍ରାର୍ଥିତ୍ୱ ପ୍ରତ୍ୟାହାରକୁ ବାଇଡେନ୍ ଗ୍ରହଣ କରିଛନ୍ତି।



### ରାଜନୀତି ଛାଡ଼ିଲେ ଶଶିକଳା



**ଚେନ୍ନାଇ, ୩।୩**

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଏଡିଏମ୍‌କେ ନେତ୍ରୀ ଭି.କେ. ଶଶିକଳା ରାଜନୀତି ଛାଡ଼ିବା ସହ ସାଧାରଣ ଜୀବନରୁ ଦୂରେଇ ଯାଇଛନ୍ତି। ଏକ ଦୁର୍ନୀତି ମାମଲାରେ ୪ ବର୍ଷ ଜେଲ୍‌ରେ ରହିବା ପରେ ଗତ ଜାନୁୟାରୀରେ ସେ ମୁକୁଳିଥିଲେ। ସେ ସକ୍ରିୟ ରାଜନୀତିକୁ ଫେରିବେ ବୋଲି ବିଶ୍ୱାସ କରାଯାଉଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଘନିଷ୍ଠ ବାନ୍ଧବୀ ଶଶିକଳା ବୁଧବାର ଏକ ପତ୍ରରେ ଲେଖିଛନ୍ତି, କ୍ଷମତା କିମ୍ବା ପଦବୀ ପ୍ରତି ତାଙ୍କର କେବେ ବି ଲାଳସା ନ ଥିଲା। ରାଜନୀତିଠାରୁ ଦୂରେଇ ଗଲେ ମଧ୍ୟ ଜୟଲଳିଥାଙ୍କ ପାର୍ଟି ବିଜୟୀ ହେଉ ଏଥିପାଇଁ ପ୍ରାର୍ଥନା କରିବେ।

# ଆତ୍ମହତ୍ୟାରେ ଶେଷ ଯୌତୁକ ଯନ୍ତ୍ରଣା

### ହସିହସି ନଦୀକୁ ଡେଇଁଥିଲେ ଆୟେଶା

ପ୍ରେମ କରି ପରିବାର ସହମତିରେ ଆରିଫ୍‌ଙ୍କ ହାତ ଧରିଥିଲେ ଆୟେଶା। ହେଲେ ଯୌତୁକ ରୂପୀ ରାକ୍ଷସ କବଳରେ ପଡ଼ି କଲବଲ ହୋଇଥିଲା ତାଙ୍କ ଜୀବନ। ସ୍ୱାମୀ ଆରିଫ୍‌ଙ୍କ ଲୋଭ, ଦାବି ପୂରଣ କରିବାକୁ ପ୍ରାଣପ୍ରଣେ ଚେଷ୍ଟା କରିଥିଲେ ହେଁ ଏଥିରେ ବିଫଳ ହୋଇଥିଲେ ଆୟେଶାଙ୍କ ମାତାପିତା। ଯୌତୁକ ଯନ୍ତ୍ରଣାରେ ଜୁଡ଼ୁବୁଡ଼ୁ ହୋଇ ମାତାପିତାଙ୍କ ଶାନ୍ତି ଓ ସ୍ୱାମୀଙ୍କୁ ସ୍ୱାଧୀନ ଛାଡ଼ି ଦେବାକୁ ସେ ବାଛିନେଇଥିଲେ ଆତ୍ମହତ୍ୟାର ରାସ୍ତା। କେବଳ ଏତିକି ନୁହେଁ, ହସହସ ମୁହଁରେ ଦୁଃଖ ଲୁଚାଇ ସାବରମତୀ ନଦୀକୁ ଡେଇଁ ପଡ଼ି ଜୀବନ ହାରିବା ବେଳର ଭିଡିଓ କରିଛନ୍ତି ଆୟେଶା। ସୋସିଆଲ ମିଡିଆରେ ଭିଡିଓ ସାମ୍ନାକୁ ଆସିବା ପରେ ଗିରଫ ହୋଇଛନ୍ତି ଆରିଫ୍ ଖାନ।

### ସ୍ୱାମୀ ଆରିଫ୍ ଖାନ ଗିରଫ

**ଅହମଦାବାଦ, ୩।୩:** ଗତ ଫେବୃୟାରୀ ୨୫ରେ ସାବରମତୀ ନଦୀକୁ ଲମ୍ଫ ମାରି ଆତ୍ମହତ୍ୟା କରିଥିଲେ ଗୁଜରାଟ ଅହମଦାବାଦର ଆୟେଶା। ଏହା ପୂର୍ବରୁ ସେ ଏକ ଭିଡିଓ କରିଥିଲେ। ଭିଡିଓରେ ସେ କହିଥିଲେ, 'ଯଦି ସେ ମୋଠାରୁ ମୁକ୍ତି ଚାହାଁନ୍ତି ତେବେ ତାଙ୍କୁ ତାହା ମିଳିବା ଦରକାର। ମୁଁ ଆଲ୍ଲାଙ୍କୁ ଭେଟିବାକୁ ଯାଉଥିବାରୁ ଖୁସି। କେଉଁଠାରେ ମୋ ଭୁଲ୍ ରହିଗଲା ତାହା ଆଲ୍ଲାଙ୍କୁ ପଚାରିବି। ହୁଏତ ମୋ ନିୟତିରେ କିଛି ତ୍ରୁଟି ରହିଯାଇଛି। ମୁଁ ଖୁସି ଅଛି। ଆଲ୍ଲାଙ୍କ ନିକଟରେ ଅନୁରୋଧ କରିବି ଯେ ସେ ଆଉ କେବେ ବି ତାଙ୍କୁ ମଣିଷର ମୁହଁ ନ ଦେଖାନ୍ତୁ।' ଏହା ପରେ ସେ ହସହସ ମୁହଁରେ ନଦୀକୁ ଡେଇଁ ପଡ଼ିଥିଲେ। ଆତ୍ମହତ୍ୟା ପୂର୍ବରୁ ସେ ମା'ବାପାଙ୍କୁ ଫୋନ ମଧ୍ୟ କରିଥିଲେ। ସୁଇସାଇଡ୍ ବେଳର ଭିଡିଓ ସାମ୍ନାକୁ ଆସିବା ପରେ ତାହା ଯୌତୁକ ନିର୍ଯାତନାଜନିତ ଆତ୍ମହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଛି। ସମ୍ପର୍କୀୟଙ୍କ ବାହାଘରକୁ ଯାଇଥିବାବେଳେ ଘଟଣା ବାବଦରେ ଜାଣି ଆୟେଶାଙ୍କ ସ୍ୱାମୀ ଆରିଫ୍ ଖାନ ଫେରାର ହୋଇଯାଇଥିଲେ। ରାଜସ୍ଥାନର ପାଲିରୁ ପୋଲିସ ଆରିଫଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଗୁଜରାଟ ପୋଲିସ ଆରିଫ୍‌ଙ୍କୁ ଅହମଦାବାଦସ୍ଥିତ ଏକ କୋର୍ଟରେ ହାଜର କରାଇ ୩ ଦିନିଆ ରିମାଣ୍ଡରେ ନେଇଛି।



### 'ମରିଯା, ଭିଡିଓ ପଠାଇବୁ'

ଆୟେଶା ମରିଯାଆନ୍ତୁ ବୋଲି ଆରିଫ୍ ଚାହୁଁଥିଲେ ଏବଂ ବାରମ୍ବାର ତାଙ୍କୁ ମରିଯିବାକୁ କହୁଥିଲେ। ପୂର୍ବରୁ ଆୟେଶା ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଆରିଫ୍‌ଙ୍କୁ ବାରମ୍ବାର କଲ୍ କରୁଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିଲେ। ଯଦି କେବେ ଫୋନ ଉଠାଉଥିଲେ କହୁଥିଲେ, ତୁ ମରିଯା। ମରିବା ସମୟ ଭିଡିଓ ପଠାଇବୁ। ଆୟେଶା ଏଥିରେ ବ୍ୟଥିତ ହୋଇ ଶେଷରେ ହସି ହସି ଜଳସମାଧି ନେବାକୁ ସ୍ଥିର କଲେ। ମୃତ୍ୟୁ ପରେ ମଧ୍ୟ ଆରିଫ୍‌ଙ୍କୁ ଦୋଷ ନ ଦେବାକୁ ଆୟେଶା ନିଜ ପରିବାର ଲୋକଙ୍କୁ କହିଥିଲେ। ଏହା ବ୍ୟତୀତ ରାଜସ୍ଥାନର ଅନ୍ୟ ଜଣେ ଯୁବତୀଙ୍କ ସହ ଆରିଫ୍‌ଙ୍କ ପ୍ରେମ ସମ୍ପର୍କ ଥିଲା ବୋଲି ମଧ୍ୟ ଅଭିଯୋଗ ରହିଛି।

### ପ୍ରେମ ବିବାହ କରିଥିଲେ

୨୩ ବର୍ଷୀୟା ଆୟେଶା ରାଜସ୍ଥାନର ଜାଲୋରଠାରେ ରହୁଥିବା ଆରିଫ୍‌ଙ୍କୁ ପ୍ରେମ କରୁଥିଲେ। ୨୦୧୮ରେ ପରିବାର ସହମତିରେ ଉଭୟଙ୍କ ବିବାହ ହୋଇଥିଲା। ଜାଲୋରସ୍ଥିତ ଏକ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ପିତା ବାବୁ ଖାନଙ୍କ ସହ ଆରିଫ୍ କାମ କରୁଥିଲେ। ବାହାଘର ପରେ ଆରିଫଙ୍କ ସମେତ ତାଙ୍କ ଘର ଲୋକେ ଆୟେଶାଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ମାରପିଟ୍ ସହି ନ ପାରି ଆୟେଶା ଅହମଦାବାଦ ପଳାଇ ଆସୁଥିଲେ। ଟଙ୍କା ଦେଲେ ଝିଅକୁ ଶାଶୁ ଘରକୁ ପଠାଇବାକୁ ଆରିଫ୍ ଆୟେଶାଙ୍କ ମାତାପିତାଙ୍କୁ କହୁଥିଲେ। ଦାବି ମୁତାବକ ଯୌତୁକ ଦେବା ପରେ ଆରିଫ୍ ଆୟେଶାଙ୍କୁ ଘରକୁ ନେଉଥିଲେ।



# ରେନୋ କାଇଗରର ଡେଲିଭରି



ଭୁବନେଶ୍ୱର,୩।୩

ରେନୋ ଇଣ୍ଡିଆ ପକ୍ଷରୁ ଏହାର ନୂଆ କାଇଗର ମଡେଲ ବଜାରରେ ବର୍ତ୍ତମାନ ଉପଲବ୍ଧ ହେଉଛି। ଏହି ଯାନଟିକୁ କମ୍ପାନୀ ଡେଲିଭରି ଦେବା ଆରମ୍ଭ କରିଛି। ସାରା ଦେଶରେ ୧୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଏହି ଯାନ ଡେଲିଭରି ଦିଆଯାଇଥିବା ସୂଚନା ମିଳିଛି। କମ୍ପାନୀର ସିଇଓ ଭେଙ୍କଟରାମ ମାମିଲାପାଲେ ଗ୍ରାହକଙ୍କୁ ଯାନର ଚାବି ହସ୍ତାନ୍ତର କରିଛନ୍ତି। ଏହି ମଡେଲଟି କିଛିଦିନ ତଳେ ସାରା ଦେଶରେ ବଜାର ପ୍ରବେଶ କରାଯାଇଥିଲା। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୫.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ମଡେଲଟିକୁ କମ୍ପାନୀର ଡିଲରଶିପ ଏବଂ ୱେବ୍‌ସାଇଟକୁ ଯାଇ ଗ୍ରାହକ ଏହାର ବୁକିଂ କରିପାରିବେ। ଏହା ୪ଟି ଟ୍ରିମ୍‌ରେ ଉପଲବ୍ଧ। ଏଥିରେ ଏଲ୍‌ଇଡି, ଡିଆର୍‌ଏଲ, ସି ଆକାରର ସିଗନେଚର, ଏଲ୍‌ଇଡି ଲ୍ୟାମ୍ପ ସହିତ ୪୦.୬୪ ସେମିର ହ୍ୱିଲ, ରୁଫ୍ ରେଲ୍ ବାର୍ ଏବଂ ଡୁଆଲ ଟୋନ ବିକଳ୍ପ ସମସ୍ତ ଟ୍ରିମ୍‌ରେ ଆସୁଛି। ଆକର୍ଷଣୀୟ ଡୁଆଲ ଟୋନ୍ କମ୍ବିନେସନ ସହିତ ରେନୋ କାଇଗରରେ ୬ଟି ଆକର୍ଷଣୀୟ ବଡି କଲର ରହିଛି। ସେହିଭଳି ସ୍ୱତନ୍ତ୍ର ଆଥ୍‌ଲେଟିକ ଡିଜାଇନ, ଅର୍ବାନ ଆଧୁନିକତା, ଆକର୍ଷଣୀୟ ମସ୍କୁଲାର ବଡ଼ି ରହିଛି ଯାହାକି ଦୃଢ଼ତା ଓ ଡାଇନାମିଜିମ ପ୍ରଦାନ କରିବାକୁ ସକ୍ଷମ ହେବ। ଏଥିରେ ଥିବା ସ୍ମାର୍ଟ କ୍ୟାବିନ ଟେକ୍ନୋଲୋଜି, ଫଙ୍କସନାଲିଟି ଓ ପର୍ଯ୍ୟାପ୍ତ ସ୍ଥାନ ପ୍ରଦାନ କରିବ। ୧.୦ ଲିଟରର ଟର୍ବୋ ଇଞ୍ଜିନ ଦ୍ୱାରା କାର୍ଯ୍ୟଦକ୍ଷତା ଏବଂ ଇନ୍ଧନ କ୍ଷମତା ମଧ୍ୟରେ ଉତ୍କୃଷ୍ଟ ସନ୍ତୁଳନ ରକ୍ଷା କରିଥାଏ। ଭାରତୀୟ ବଜାରକୁ ଧ୍ୟାନରେ ରଖି ଯାନଟିକୁ ବିକଶିତ କରାଯାଇଛି ବୋଲି ସିଇଓ ମାମିଲାପାଲେ ସୂଚନା ଦେଇଛନ୍ତି।




ରେନୋ ଭୁବନେଶ୍ୱର ଶୋ'ରୁମ୍‌ରେ ଏହି ଯାନଟିକୁ ବୁଧବାର ଡେଲିଭରି ଦିଆଯାଇଛି। ପ୍ରାୟ ୧୨ଜଣ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗାଡ଼ିର ଚାବି ହସ୍ତାନ୍ତର କରାଯାଇଥିଲା। ଗାର୍ଗସନ ଅଟୋମୋବାଇଲ୍ସର ବରିଷ୍ଠ ଅଧିକାରୀମାନେ ଏଠାରେ ଉପସ୍ଥିତ ଥିଲେ।

# ସ୍ଥାୟୀ ଜମା ସୁଧହାରର ସମୀକ୍ଷା ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER^CM, CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ସେଣୁ ଆମର ପ୍ରିୟ ପାଠକକୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରିପାରିବେ।

■ ମୋର ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍‌ରେ କିଛି ଟଙ୍କା ରହିଛି। କିନ୍ତୁ ଏଥିରେ ସୁଧହାର କମିଯାଇଛି। ମୁଁ ବିଶେଷ ରିସ୍କ ସ୍କିମ୍‌ରେ ନିବେଶ କରିବାକୁ ଚାହୁଁନାହିଁ। କିଛି ସ୍କିମ୍ ଅଛି କି ଯାହା ବ୍ୟାଙ୍କ ସ୍ଥାୟୀ ଜମାଠାରୁ ଭଲ ସୁଧହାର ପ୍ରଦାନ କରୁଛି?
– ମାଳତୀ ମିଶ୍ର, ନୟାଗଡ଼

◆ ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍‌ରେ ନିବେଶ ନିରାପଦ ଏବଂ ସ୍ଥାୟୀ ସୁଧହାର ଯୋଗୁ ଅଧିକାଂଶ ଭାରତୀୟ ଏଭଳି ସ୍କିମରେ ନିବେଶ କରିଥାନ୍ତି। ହେଲେ ବର୍ଷକୁ ବର୍ଷ ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍‌ର ସୁଧହାର କମ୍ ହେଉଛି। ବର୍ତ୍ତମାନ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ୩ ବର୍ଷର ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର ବାର୍ଷିକ ୫.୩୦% ରହିଛି। ଏହା ପୂର୍ବ ବର୍ଷ ତୁଳନାରେ ବହୁତ କମ୍। ଯଦି ଆପଣ ସବୁବେଳେ ନିଜ ମୂଳଧନର ସୁରକ୍ଷା ସହିତ ସ୍ଥାୟୀ ଜମା ସୁଧହାର ଆଶାକରି ବ୍ୟାଙ୍କ ସ୍ଥାୟୀ ଜମାରେ ନିବେଶ କରନ୍ତି ତେବେ ଏହି କମ୍ ସୁଧହାର ଆପଣଙ୍କୁ ନିଶ୍ଚିତ ଭାବେ ଭଲ ଲାଗିବ ନାହିଁ। ଯଦି ଆପଣ ବରିଷ୍ଠ ନାଗରିକ ଓ ବ୍ୟାଙ୍କ ସ୍ଥାୟୀ ସୁଧ ରାଶି ଆୟ ଉପରେ ନିର୍ଭର କରୁଥାନ୍ତି ତେବେ ଏ କ୍ଷେତ୍ରରେ କମ୍ ସୁଧ ମିଳିବ।

ବ୍ୟାଙ୍କର ସ୍ଥାୟୀ ଜମା ସୁଧହାର ପ୍ରାୟତଃ ପରିବର୍ତ୍ତନ ହୋଇଥାଏ ; ଯାହାକି ପଲିସି ରେଟ୍ ଅନୁଯାୟୀ ହୋଇଥାଏ। କୌଣସି ବ୍ୟାଙ୍କ ସ୍ଥାୟୀ ଜମା କରିବା ପୂର୍ବରୁ ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର ସମ୍ପର୍କରେ ସମୀକ୍ଷା କରିବା ନିହାତି ଜରୁରୀ। ଯେପରି ୧୦ ହଜାର ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ଉପରେ ୦.୫% ସୁଧହାର ବିଶେଷ ତଫାତ ରହିବ ନାହିଁ। କିନ୍ତୁ ୧୦ ଲକ୍ଷ ଟଙ୍କାର ସ୍ଥାୟୀ ଜମା କ୍ଷେତ୍ରରେ ଏହାର ପ୍ରଭାବ ଅଧିକ ରହିବ। ଆପଣ ଅଧିକ ସୁଧରାଶି ପାଇବେ। ଏଠାରେ ରହିଥିବା ଟେବୁଲକୁ ଦେଖିଲେ ବୁଝିପାରିବେ ଯେ, ବିଭିନ୍ନ ବ୍ୟାଙ୍କର ସ୍ଥାୟୀ ଜମା ସୁଧହାର କିପରି ଅଲଗା ଅଲଗା ରହିଛି।

### ସବୁଠାରୁ ଅଧିକ ସୁଧହାର–୫ ବର୍ଷ ସ୍ଥାୟୀ ଜମା ସ୍କିମ

| | |
|---|---|
| ଜନସ୍ମଲ ଫାଇନାନ୍ସ ବ୍ୟାଙ୍କ | ୭% ସୁଧହାର–୫ ବର୍ଷ ବ୍ୟାଙ୍କ ସ୍ଥାୟୀଜମା |
| ଡାକଘର ୫ ବର୍ଷ ଟର୍ମ ଡିପୋଜିଟ୍ | ୬.୭୦% ସୁଧହାର– ୫ ବର୍ଷ ସ୍ଥାୟୀଜମା |
| ଇକ୍ୱିଟାସ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ | ୬.୪୦% ସୁଧହାର–୫ ବର୍ଷ ସ୍ଥାୟୀଜମା |
| ଦେନା ବ୍ୟାଙ୍କ | ୬.୩୦% ସୁଧହାର–୫ ବର୍ଷ ସ୍ଥାୟୀଜମା |
| ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ | ୫.୮୦% ସୁଧହାର–୫ ବର୍ଷ ସ୍ଥାୟୀଜମା |
| ଭାରତୀୟ ଷ୍ଟେଟ୍ ବ୍ୟାଙ୍କ | ୫.୪୦% ସୁଧହାର–୫ ବର୍ଷ ସ୍ଥାୟୀଜମା |
| ଡାକଘର ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ | ୬.୮୦% ସୁଧହାର–୫ ବର୍ଷ ସ୍ଥାୟୀଜମା |

ଅଧିକ ଟଙ୍କା ନିବେଶ ଉପରେ ଏକ ତୁଳନାତ୍ମକ ବାର୍ଷିକ ସୁଧହାରକୁ ଦୃଷ୍ଟି ଦେବା ମଧ୍ୟ ଜରୁରୀ। ମନେରଖନ୍ତୁ, ବ୍ୟାଙ୍କ ସ୍ଥାୟୀ ଜମା ସୁଧ ଆୟ ଉପରେ ଆୟକର ପ୍ରଭାବ ରହିଥାଏ। ଆପଣ ହୁଏତ ବ୍ୟାଙ୍କ ସ୍ଥାୟୀ ଜମା କ୍ଷେତ୍ରରେ ଅଧିକ ସମୀକ୍ଷା ନ କରି ନିବେଶ କରିଦେଇପାରନ୍ତି। ଅଧିକ ଟଙ୍କା ନିବେଶ କରିବା କ୍ଷେତ୍ରରେ କ୍ଷତି ଆପଣଙ୍କୁ ହିଁ ହେଉଛି। ଆପଣଙ୍କୁ କମ୍ ସୁଧରାଶି ଆୟ ମିଳୁଛି। ପ୍ରତ୍ୟେକ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଆର୍ଥିକ ଯୋଜନା ହେଉ କିମ୍ବା କିଛି ଟଙ୍କା ନିବେଶ କରିବା କ୍ଷେତ୍ରରେ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ଫାଇନାନ୍ସିଆଲ ପ୍ଲାନରଙ୍କ ପରାମର୍ଶ ନେଇପାରିବେ। ପରାମର୍ଶ ନେଇ ନିଜ ଅର୍ଥକୁ ନିବେଶ କରିବା ଉଚିତ ହେବ।

■ କେବେଠାରୁ ଭବିଷ୍ୟତ ପେନ୍‌ସନ ଲାଗି ସଞ୍ଚୟ କରିବା ସୁବିଧା ହେବ?
– ସୋମନାଥ ସାହୁ, ରାଉରକେଲା

◆ ପ୍ରାୟତଃ ଅଧିକାଂଶ ଭାରତୀୟ ଯୁବକ ବୟସରେ ଅବସରକାଳୀନ ପାଣ୍ଠି ଗଠନ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ। ଅନେକେ ଭାବି ନିଅନ୍ତି ଯେ, ଅବସରକାଳୀନ ପାଣ୍ଠି ଗଠନ କରିବାକୁ ବହୁତ ବର୍ଷ ବାକି ଅଛି। କିନ୍ତୁ ଏହା ଏକ ଭ୍ରାନ୍ତଧାରଣା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନରେ ଅନେକ କିଛି ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବାକୁ ପଡିଥାଏ। କିନ୍ତୁ ଏସବୁ ଆର୍ଥିକ ଲକ୍ଷ୍ୟ ମଧ୍ୟରୁ ଅବସରକାଳୀନ ପାଣ୍ଠି ଆର୍ଥିକ ଲକ୍ଷ୍ୟ ହାସଲ ସବୁଠାରୁ ମୁଖ୍ୟ ଏବଂ ପ୍ରମୁଖ ଆର୍ଥିକ ଲକ୍ଷ୍ୟ। ଅବସରକାଳୀନ ପାଣ୍ଠି ଗଠନ ଲାଗି ସଞ୍ଚୟ ଆପଣଙ୍କ ଲାଗି ଅଗ୍ରାଧିକାର କାର୍ଯ୍ୟ ହେବା ଉଚିତ। ଯେତେ ଶୀଘ୍ର ସମ୍ଭବ ଆପଣ ସଞ୍ଚୟ କରିବା ଆରମ୍ଭ କରନ୍ତୁ। ଆପଣଙ୍କ ପ୍ରଥମ ମାସର ରୋଜଗାର ଟଙ୍କାରୁ ହିଁ ସଞ୍ଚୟ କରିବା ଆରମ୍ଭ କରନ୍ତୁ।

# ତନିସ୍କରେ ନୂଆ ରେଞ୍ଜର ହୀରା ଗହଣା

ଭୁବନେଶ୍ୱର,୩।୩

ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ନୂଆ ରେଞ୍ଜର ଗହଣା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରରେ କମ୍ପାନୀ ସ୍ୱତନ୍ତ୍ର ଭାବେ ଗ୍ରାହକଙ୍କ ଲାଗି ହୀରା ଗହଣା କଲେକ୍ସନ ଆରମ୍ଭ କରିଛି। ଏହା 'ଇକିଶ କା ସଗୁନ' ପଦକ୍ଷେପ ଅନ୍ତର୍ଗତ ଉନ୍ମୋଚନ କରାଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିସ୍କ ଷ୍ଟୋରରେ ବିଜନେସ ଆସୋସିଏଟ ମାନିକ ହଂସ ଏବଂ ତନିସ୍କ ଏବିଏମ୍ ଆକାଶ ଦାସ ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ ଗ୍ରାହକଙ୍କ ଲାଗି ହୀରା ଗହଣା ଉପରେ ଅଫର ପ୍ରଦାନ କରାଯାଉଛି। ଗ୍ରାହକ ହୀରା ଗହଣାର ମୋଟ ମୂଲ୍ୟ ଉପରେ ପ୍ରାୟ ୨୧% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ସେହିଭଳି ଭୁବନେଶ୍ୱରରେ ହୀରା ଗହଣା କ୍ରୟ ଟ୍ରେଣ୍ଡ ସମ୍ପର୍କରେ ମଧ୍ୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ସୂଚନା ମୁତାବକ, ସଲିଟାୟର୍ସ ଗହଣା ଏକ ଟ୍ରେଣ୍ଡ ସେଟର ଭାବେ ଉଭା ହୋଇଛି। ୪୦ରୁ ୬୦ ବର୍ଷ ବୟସର ମହିଳା ଏକ ବଡ ସମ୍ଭାର ସହ ବଡ ଏବଂ ବୋଲ୍ଡ ହୀରା କକ୍‌ଟେଲ ଗହଣାକୁ ପସନ୍ଦ କରୁଛନ୍ତି। ଗହଣାକୁ କେବଳ ବିବାହ ନୁହେଁ ଅନ୍ୟ ସାମାଜିକ ସମାବେଶରେ ମଧ୍ୟ ବ୍ୟବହାର କରାଯାଉଛି।





## ତହସିଲ କାର୍ଯ୍ୟାଳୟ, କିଶୋରନଗର, ଜିଲ୍ଲା- ଅନୁଗୋଳ

### ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୭୫୨/ତା୦୧.୦୩.୨୦୨୧

(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ତତ୍‌ପରବର୍ତ୍ତୀ (ସଂଶୋଧିତ) ଆଇନ ଅନୁଯାୟୀ)

No. F-111:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କିଶୋରନଗର ତହସିଲ ଅନ୍ତର୍ଗତ ଆମ୍ବପାଳ ମୋରମ ଲଘୁ ଖଣିଜ ଖାଦାନକୁ ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୦–୨୧ ଆର୍ଥିକ ବର୍ଷଠାରୁ ୨୦୨୪–୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଅତ୍ର କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୩୪୨/ ତା୨୭.୦୧.୨୦୨୧ରିଖ ମୁତାବକ ଦରଖାସ୍ତ ଆହ୍ୱାନ କରାଯାଇଥିଲା । କିନ୍ତୁ କୌଣସି ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିନଥିବାରୁ ପୁନର୍ବାର ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଉତ୍ସର ବିବରଣୀ, ଦରଖାସ୍ତ ଗ୍ରହଣ କରିବା ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଅନୁଗୋଳ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ଟେଣ୍ଡର ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କିଶୋରନଗର ତହସିଲଦାରଙ୍କ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟଦିବସରେ (ସକାଳ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ) ଯୋଗାଯୋଗ କରିପାରିବେ ।

| କ୍ର. ସଂ. | କେସ୍ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ବାର୍ଷିକ MGQ (Mining Plan ଅନୁଯାୟୀ in CUM) |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | ୨୧୦/ ୨୦୧୯–୨୦ | ଆମ୍ବପାଳ ମୋରମ ଖଣି | ଆମ୍ବପାଳ | ୬୦୦୦ |

OIPR-24086/11/0001/2021
ସ୍ୱା./- ତହସିଲଦାର, କିଶୋରନଗର



No.B-788:-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE

e-mail ID- supenger_rbjyp@yahoo.co.in; Phone No.- 06854-231528; Fax No.- 06854-231528

### INVITATION FOR BIDS (IFB)

Bid Identification No. S.E.J.C. (R&B)- 19/2020-21

No. 725 Date: 26.02.2021

| | | |
|---|---|---|
| 1. | Name of the work: | BUILDING WORKS |
| 2. | Total No. of Works: | 03 (Three) Nos. |
| 3. | Estimated Cost: | Rs.351.78 Lakhs to 389.07 Lakhs. |
| 4. | Period of completion: | 09 (Nine) Months to 10 (Ten) Months. |
| 5. | Bid Cost | Rs.10,000/- Each |
| 6. | Class of Contractor | "A", & 'Special' Class. |
| 7. | Date & time of availability of bid document in the portal: | From 10.00 hours of 08.03.2021 to 17.00 hours of 22.03.2021 |
| 8. | Last date / Time for receipt of bids in the Portal: | 17.00 hours of 22.03.2021 |
| 9. | Opening date of Bid: | 10.00 hours of 23.03.2021 |
| 10. | Name and address of the Officer Inviting Bid: | Superintending Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellaton of tender can also be seen in the said website only.

Sd./- Superintending Engineer, Jeypore (R&B) Circle, Jeypore
OIPR-34108/11/0016/2021



## ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

### ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ ପରିବର୍ତ୍ତେ ସିଧାସଳଖ ଟଙ୍କା ପ୍ରଦାନ (DBT) ଯୋଜନା – ୨୦୨୦

No. N-76: ଓଡ଼ିଶା ସରକାର ୨୦୧୩ ମସିହାରୁ ଆରମ୍ଭ କରି ବିଗତ ୬ବର୍ଷ ଧରି ଦ୍ୱାଦଶ ଶ୍ରେଣୀ ମେଧାବୀ CHSE(O) ଛାତ୍ରଛାତ୍ରୀମାନଙ୍କୁ ବିନା ମୂଲ୍ୟରେ ଲାପ୍‌ଟପ୍ ବଣ୍ଟନ କରିଆସୁଛନ୍ତି। ୨୦୧୯–୨୦ ଶିକ୍ଷାବର୍ଷରେ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଚଳିତ ବର୍ଷ (୨୦୨୦–୨୧)ରେ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଲାପ୍‌ଟପ୍ ପରିବର୍ତ୍ତେ ସିଧାସଳଖ ଅର୍ଥ ସ୍ଥାନାନ୍ତର (Direct Benefit Transfer - DBT) ମାଧ୍ୟମରେ ଟ.୩୦,୦୦୦/–ଙ୍କା ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବ। ଉକ୍ତ ଟଙ୍କା ଦ୍ୱାରା ଛାତ୍ରଛାତ୍ରୀମାନେ ତାଙ୍କ ମନ ମୁତାବକ ଲାପ୍‌ଟପ୍, ଡେସ୍କଟପ୍, ଟାବ୍‌ଲେଟ୍ କିଣିପାରିବେ। ଏହାଦ୍ୱାରା ସେମାନଙ୍କୁ ଆଉ ନୋଡାଲ ସେଣ୍ଟରକୁ ଲାପ୍‌ଟପ୍ ସଂଗ୍ରହ କରିବାକୁ ଯିବାକୁ ପଡ଼ିବ ନାହିଁ। ମେଧାବୀ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ପଦ୍ଧତିର ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ୍ www.dhe.odisha.gov.inରେ ଉପଲବ୍ଧ ଅଟେ। ଏହାକୁ ଆଧାର କରି ମେଧାବୀ ଛାତ୍ରଛାତ୍ରୀମାନେ ଉକ୍ତ ଯୋଜନାର ଲାଭ ନେବା ପାଇଁ ଆସନ୍ତା ତା୧୮।୦୩।୨୦୨୧ରିଖ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗକୁ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

ସ୍ୱା./– ଅତିରିକ୍ତ ଶାସନ ସଚିବ
OIPR-11001/11/0039/2021



Department of Water Resources
ODISHA COMMUNITY TANK DEVELOPMENT MANAGEMENT SOCIETY
## ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
7th Floor, Rajiv Bhawan, Bhubaneswar - 751001
Ph.: 0674-2512421, E-Mail: spuoiipcra.od@gov.in

Invitation for Expression of Interest for Engagement of Consultancy Services

Date: 01.03.2021 OIIPCRA-EoI-03/2021

No. A-636: Project Director, Odisha Community Tank Development and Management Society (OCTDMS), DoWR invites Expression of Interest from eligible Consultancy Firms for the following consultancy services for Odisha Integrated Irrigation for Climate Resilient Agriculture (OIIPCRA) Project .

1. **Farmers Producer Company (FPC) level support Organization** (For Business Planning, Aggregation, Primary Processing and Local Market Linkage)
2. **Agribusiness Support Organization** (For Partnership with institutional buyers and value chain Development & agro-Marketing of FPCs).

Eligible consultancy firms with desired qualification and experience as per details of "EoI" & Terms of Reference (ToR) available in Govt. website **www.odisha.gov.in** & **www.dowrodisha.gov.in** under link advertisement may apply. "EoI" document must be delivered in the address given below by speed post / registered post addressed to Project Director, OCTDMS, 7th Floor, Rajiv Bhawan, Bhubaneswar-751001, Odisha. Submission of "EoI" in any other mode is not acceptable. The consultancy firms may participate either in one or multiple consultancy services based on their respective eligibility criteria set forth in ToRs. The last date for receipt of is 30th April-2021 upto15:00 hours. It will be opened on the same day at 15:30 hours. The Selection Procedure will be governed by World Bank Procurement guidelines of QCBS method.

The authority reserves the right to cancel the process of selection of consultants without assigning any reason thereof. The authority in no way will be responsible for any postal delay.

Sd./- Project Director, OCTDMS
OIPR-32234/11/0009/2021



## OFFICE OF THE NAC, BALIMELA

Lr. No. 0518/21/NAC Dtd.01.03.2021

### QUOTATION CALL NOTICE

No. C-568: Sealed quotations are hereby invited from experience and CAG empanelled CA firms for following assignments "for compilation of accounts and preparation of Balance Sheet of Balimela NAC for the financial year 2017-18 to 2019-20 by engaging accountant professional".

The CA firms should fulfill the following conditions.

1. The firm must have CAG empanelled CA firms.
2. The firm must have GST registration.
3. The firm should have not less than 8 article/audit clerck.
4. The firm should have its head quarters/branch in the State of Odisha, so as to ensure timely completion of the assignment.
5. The firm having experience in finalization of Municipal Accounts before will be preference.

The firm should submit quotation along with the Registration Certificate, PAN Card, GST Registration Certificate, Document of CAG empanelled CA firm before the undersigned on or before 09.03.2021 at 5.00 P.M. by Registered Post/Speed Post and will be opened on 10.03.2021 at 11.00 A.M. in the Office Chamber of Executive Officer in presence of quotationers or their authorised representatives. The firm will quote professional fees for compilation of accounts and preparation of Balance Sheet and other financial statement of Balimela NAC for the FY 2017-18 to 2019-20 The undersigned reserve the right to reject any or all quotations without assigning any reason therein.

Sd./- Executive Officer, Balimela NAC
OIPR-13140/11/0001/2021



## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel: 06792-252703; Website: www.baripadamunicipality.in;
e-mail: baripadam.hud@nic.in

ପତ୍ର ସଂଖ୍ୟା 1199/ଟ୍ୟାକ୍ସ ତା2।3।21ରିଖ

### ନିଲାମ ଇସ୍ତାହାର

No. C-566:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ବାରିପଦା ପୌରପାଳିକା ଅଧୀନରେ ଥିବା ରାତ୍ରି ବିଶ୍ରାମାଗାର (Night Shelter)କୁ ଆଗାମୀ ୨୦୨୧–୨୨ଠାରୁ ୨୦୨୩–୨୪ (୩ ବର୍ଷ) ପାଇଁ କଉମୁଦ ନିବିଦା (Bid) ଆହ୍ୱାନ କରାଯାଉଅଛି । ଉକ୍ତ ରାତ୍ରି ବିଶ୍ରାମାଗାରର ନିଲାମ ପ୍ରକ୍ରିୟା ନିମନ୍ତେ ସର୍ବସାଧାରଣ/ବାରିପଦା ପୌରପାଳିକା ଦ୍ୱାରା ପଞ୍ଜୀକୃତ ହୋଇଥିବା ଇଚ୍ଛୁକ ଆଞ୍ଚଳିକ ମହିଳା ମହାସଂଘ (WALF)/ ଗୋଷ୍ଠୀଭିତ୍ତିକ ସଂଗଠନ (CBO) ଓ କିନ୍ନର ସଂଘ ଅଂଶଗ୍ରହଣ କରିପାରିବେ । ବାରିପଦା ପୌରପାଳିକା ତରଫରୁ ରାତ୍ରି ବିଶ୍ରାମାଗାରର Up-set Price ଟ.୩,୩୦,୦୦୦.୦୦ ଧାର୍ଯ୍ୟ କରାଯାଇଅଛି । ପୌରପାଳିକା ଦ୍ୱାରା ପ୍ରଦତ୍ତ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୫.୦୩.୨୦୨୧ରିଖ ଦିବା ୩ ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ରାତ୍ରି ବିଶ୍ରାମାଗାର Up-set Price ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ ନୁହଁନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ୧୫.୦୩.୨୦୨୧ରିଖ ଦିବା ୪ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ନିଲାମ କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ ।

ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ କାର୍ଯ୍ୟାଳୟ ୱେବ୍‌ସାଇଟ୍– **www.baripadamunicipality.in**ରେ ଓ କାର୍ଯ୍ୟାଳୟ ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

Sd./- Executive Officer, Baripada Municipality
OIPR-13078/11/0021/2021






obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)
'e' PORCUREMENT NOTICE

CAD-1421
BID IDENTIFICATION NO.47/TOLL/OBCC/2020-21

| Sl. No. | Name of the R&B toll gates | Upset Price (In Rs.) | E.M.D. (In Rs.) | Cost of bid document (In Rs.) | Operation Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Bahuda Bridge toll gate at Paralakhemundi-Berhampur Road | 10,20,000/- | 1,02,000/- | 6,000/- + 720/- (GST) | 19.05.2021 to 18.05.2022 |
| 2 | Budhaambo-Buguda Road toll gate at 0.500 K.M. of the road near Budhaambo | 26,17,800/- | 2,61,780 | 6,000/- + 720/- (GST) | 19.05.2021 to 18.05.2022 |
| 3 | Bansadhara Bridge toll gate on Gunupur-Bisamkatak Road | 37,11,999/- | 3,71,200 | 6,000/- + 720/- (GST) | 19.05.2021 to 18.05.2022 |
| 4 | Toll gate on bridge over river Ong on Sonepur - Binika - Rampur Road | 1,71,90,000/- | 17,19,000/- | 10,000/- + 1200/- (GST) | 27.05.2021 to 26.05.2022 |
| 5 | Toll gate on Ranja Bridge on Sohela- Barapali - Binika Road | 1,61,15,999/- | 16,11,600/- | 10,000/- + 1200/- (GST) | 01.06.2021 to 31.05.2022 |
| 6 | Surubalijore Bridge toll gate on Subalaya-Dharmasala Road | 15,15,999/- | 1,51,600/- | 6,000/- + 720/- (GST) | 01.06.2021 to 31.05.2022 |
| 7 | Mahanadi bridge toll gate near Sonepur on Sambalpur - Sonepur Road | 1,79,79,179/- | 17,97,918/- | 10,000/- + 1200/- (GST) | 01.06.2021 to 31.05.2022 |
| 8 | Onder Bridge toll gate on Bangamunda- Chand Tora Road | 53,11,115/- | 5,31,112/- | 10,000/- + 1200/- (GST) | 01.06.2021 to 31.05.2022 |

1. Date and time for online bidding for the above toll gate starts from 10.00 A.M. of dt.04.03.2021 to 11.00 A.M. of dt.16.03.2021 and will be opened at 11.30 A.M. of dtd.16.03.2021. 2. Further details can be seen from the website https://tendersodisha.gov.in

OIPR-34123/11/0005/2021
Sd./- OFFICER ON SPECIAL DUTY



## ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ, ବୀରମିତ୍ରପୁର
ପୌରପାଳିକା କାର୍ଯ୍ୟାଳୟ, ବୀରମିତ୍ରପୁର – ୭୭୦୦୩୩
## OFFICE OF THE BIRMITRAPUR MUNICIPALITY, BIRMITRAPUR
Municipality Office, Birmitrapur - 770033, E-mail: biramitrapurm@gmail.com

No. 701/BMPR-MUN Date: 01.03.2021

### QUOTATION CALL NOTICE

No. C-563: Sealed quotations are invited from the eligible intending firms/agenices/NGOs for supply of manpower for sanitation work, electrical work for street light maintenance, gardening, security guard and data entry operator to Birmitrapur Municipality, Dist.- Sundargarh, for the year 2020-21 & 2021-22, having valid licnece/labour licence registration certificate/PAN Card/GST Registration Certificate, EPF, ESI and minimum 2 years working experience in this field. The quotation paper will be received on or before dated 23.03.2021 upto 01.00 P.M. positively to this office by Registered Post/Speed Post or may be dropped in the specified quotation box kept at the Municipality Office & the same will be opened at 03.30 P.M. on Date 23.03.2021 in the presence of the bidder or their authorized agent if present. The documents received after the scheduled date and time will not be entertained. The Detailed Bid documents can be obtained from the Birmitrapur Municipality Office within office hours from Date 04.03.2021 to 22.03.2021 except holidays on deposit of Rs.10,000.00 (Rupees Ten thousand) only non-refundable paper cost in shape of Cash or Account Payee Demand Draft in favour of "Executive Officer, Birmitrapur Municipality" the Bid documents must be accompanied with the Quotation Paper and other prescribed documetns otherwise it will be rejected. The Quotation Call Notice also can be viewed in the district website: **http://www.sundergarh.nic.in**.

The Municipality reserved the right to reject any or all Quotation Paper without assigning any reason thereof.

Sd./- Executive Officer, Birmitrapur Municipality
OIPR-13139/11/0001/2021



## DISTRICT RURAL DEVELOPMENT AGENCY, NUAPADA

No. 673//Estt.-XX-70/2021 Date: 26.02.2021

No. CAD-1411: DRDA, Nuapada invites duly filled in applications to fill the Post of **Programme Officer** in DRDA, Nuapada on contract basis.

**DESCRIPTION**

| Name of the Post | Max. Age Limit | Monthly Consolidated Remuneration | Essential Qualification |
|---|---|---|---|
| Programme Officer | 40 years (As on 01.01.2021 & not below the age of 18 years) | Rs.17,500/- | B.E., B.Tech in IT or Computer Science/MCA pased from any Recognized University |


Last date of receipt of application form through Regd. Post/Speed Post is 26.03.2021. For other details please visit the district website i.e. **www.nuapada.nic.in**.

DRDA, Nuapada reserves the right to accept or cancel any of the applications without assigning any reason thereof.

Sd./- Collector-cum-CEO, DRDA, Nuapada
OIPR-19079/11/0001/2021

# ଏକ ଦୃପ୍ତ ସ୍ୱରର ଅବସାନ

## ପ୍ରଦକ୍ଷିଣ


ଅଭୟ ସିଂହ

ସେତେବେଳେ ସତୁରି ଦଶକରେ ଭୁବନେଶ୍ୱରରେ ସାହିତ୍ୟିକ ପାଣିପାଗ ଭିନ୍ନ ଧରଣର ଥାଏ। ଆରମ୍ଭ ହେଲା ଓଡ଼ିଆ ଦୈନିକ 'ଧରିତ୍ରୀ'। ନନ୍ଦିନୀ ଶତପଥୀ ଥାଆନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ। 'ସମାଜବାଦୀ ସୋସାଇଟି' ପକ୍ଷରୁ ଭୁବନେଶ୍ୱର ରସୁଲଗଡ଼ ନିକଟସ୍ଥ ଶିଳ୍ପାଞ୍ଚଳରୁ ପ୍ରକାଶ ପାଉଥାଏ 'ଧରିତ୍ରୀ'। ଜୟପୁର ଅଞ୍ଚଳର ବିଶିଷ୍ଟ ସାହିତ୍ୟ ସଙ୍ଗଠକ ଓ ସାହିତ୍ୟିକ ରାମନାଥ ପଣ୍ଡା ଥିଲେ ଏହାର ସମ୍ପାଦକ। ନଗେନ୍ ବେଉରିଆ ଥିଲେ ବାର୍ତ୍ତା ସମ୍ପାଦକ। ଯେହେତୁ ନନ୍ଦିନୀ ଦେବୀ ନିଜେ ଜଣେ ସାହିତ୍ୟସ୍ରଷ୍ଟା, ସେ ଦୃଷ୍ଟିରୁ ରବିବାର ପ୍ରକାଶ ପାଉଥିବା 'ଧରିତ୍ରୀ'ର ସାହିତ୍ୟ ପୃଷ୍ଠାଟି ଉଚ୍ଚକୋଟୀର ହେଉଥିଲା। ସେ ସମୟର ଦୈନିକ କାଗଜଗୁଡ଼ିକ ମଧ୍ୟରେ 'ଧରିତ୍ରୀ'ର ରବିବାସରୀୟ ସାହିତ୍ୟ ପୃଷ୍ଠାଟି ଥିଲା ସର୍ବୋତ୍ତମ। ଭଗବାନ ନାୟକ ବର୍ମା, ଯିଏ କଟକର ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଥିଲେ ଓ ନରସିଂହ ନନ୍ଦ, ଯିଏ ସେକ୍ରେଟାରିଏଟ୍ (ଏବର ଲୋକସେବା ଭବନ)ରେ ଚାକିରି କରିବା ସହିତ ଭୁବନେଶ୍ୱରର ଗୋଦାବରୀଶ ସାହିତ୍ୟ ସଂସଦ କଥା ବୁଝୁଥିଲେ, ସେ ଦୁହେଁ ମୁଖ୍ୟତଃ 'ଧରିତ୍ରୀ'ର ସାହିତ୍ୟ ପୃଷ୍ଠା ଓ ବାର୍ଷିକ ବିଶେଷାଙ୍କ ମାନ ସମ୍ପାଦନା କରୁଥା'ନ୍ତି।

୧୯୭୬ ବେଳକୁ ହୃଷୀକେଶ ମଲ୍ଲିକ 'ଧରିତ୍ରୀ'ର ରବିବାସରୀୟ ସାହିତ୍ୟ ପୃଷ୍ଠା ସମ୍ପାଦନାର ଭାର ଗ୍ରହଣ କଲେ। ବଡ଼ବଡ଼ ଲେଖିକାଲେଖକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ୍କାର, ନୂଆ ଢଙ୍ଗର ଫିଚର ସହିତ ନୂଆନୂଆ ଲେଖୁଥିବା ଲେଖକଙ୍କୁ 'ଧରିତ୍ରୀ' ପ୍ରାଧାନ୍ୟ ଦେଉଥାଏ। ସେତେବେଳେ ଯେଉଁମାନେ ନୂଆ କରି କଲମଧରି 'ଧରିତ୍ରୀ'ରେ ଲେଖୁଥିଲେ, ଆଜି ସେମାନଙ୍କ ମଧ୍ୟରୁ ଅନେକେ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ସ୍ରଷ୍ଟା। ଏହା ହିଁ ଥିଲା 'ଧରିତ୍ରୀ' ସାହିତ୍ୟ ପୃଷ୍ଠାର ବିଶେଷତ୍ୱ।

ସେହି ସମୟରେ ଆମେ କେତେଜଣ ଯୁବକ ସାହିତ୍ୟରେ ମାତିଥାଉଁ। ମୁଁ, ଅଭୟ ସିଂହ, ନିଜେ ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ଅମରେନ୍ଦ୍ର ଖଟୁଆ, ଶତ୍ରୁଘ୍ନ ପାଣ୍ଡବ, ମନମୋହନ ଦାଶ (ଏବେ ସ୍ୱର୍ଗରେ), ହୃଦାନନ୍ଦ ପାଣିଗ୍ରାହୀ, ପ୍ରବାସିନୀ ମହାକୁଡ଼ ଓ ଆହୁରି କେତେଜଣ। ଅଭୟ ଫିଚର ଲେଖୁଥିଲେ ବେଶୀ। ଆମେମାନେ କବିତା ବେଶୀ ଲେଖି ଫିଚର ଅଳ୍ପ ଲେଖୁଥିଲୁ। ମୋର ମନେଅଛି ଏବର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ହଷ୍ଟେଲର ଗୋଟିଏ କୋଠରିରେ ଉଭୟ ମୁଁ ଓ ଅଭୟ ରହୁଥିଲୁ। ପରେ ଭୁବନେଶ୍ୱର ଉପରେ ମୁଁ ଗୋଟିଏ କବିତା ଲେଖିଲି ଓ ଅଭୟଙ୍କୁ କହିବାରୁ ସେ ମଧ୍ୟ ଭୁବନେଶ୍ୱର ଉପରେ କବିତାଟିଏ ଲେଖିଲେ। ଉଭୟେ 'ଧରିତ୍ରୀ' ସାହିତ୍ୟ ପୃଷ୍ଠା ପାଇଁ ପଠେଇଲୁ। ଭଗବାନ ବାବୁ ଓ ନରସିଂହ ବାବୁ (ଉଭୟ ଏବେ ସ୍ୱର୍ଗରେ) କବିତା ଦୁଇଟିକୁ ପସନ୍ଦ କରି ପ୍ରକାଶ ପାଇଁ ଦେଇଥିଲେ ରବିବାର ସାହିତ୍ୟ ପୃଷ୍ଠାରେ। ଦୁଇଟି କବିତା ଦୁଇପଟେ ରହିଲା ଓ ଉପରେ ଛୋଟ ହେଡିଂ ଦିଆଗଲା– 'ଗୋଟିଏ ଶୀର୍ଷକ ଦୁଇଟି କବିତା।'

ଏହିପରି ନୂଆ ଢଙ୍ଗରେ 'ଧରିତ୍ରୀ'ର ସାହିତ୍ୟ ପୃଷ୍ଠା ପ୍ରକାଶ ପାଇ ଖୁବ୍ ଆଦୃତ ଥିଲା। 'ରବିବାସରୀୟ' ସାହିତ୍ୟ ପୃଷ୍ଠାର କାଟ୍‌ତି ଏତେ ବେଶୀ ଥିଲା ଯେ, ଶନିବାର ସନ୍ଧ୍ୟାରେ ପାଠକ ଓ ଲେଖକମାନେ ବସ୍‌ଷ୍ଟାଣ୍ଡ ଓ ପତ୍ରିକା ଦୋକାନରେ 'ଧରିତ୍ରୀ' ପାଇଁ ଧାଡ଼ି ଲଗାଉଥିଲେ। ଛାତ୍ରଜୀବନର ସେହି ସାହିତ୍ୟିକ ପ୍ରବୃତ୍ତି ପରେ ବୃତ୍ତିରେ ପରିଣତ ହୋଇଛି। ମାତ୍ର ଅଭୟ କିମ୍ବା ମୁଁ ବଙ୍ଗାଳୀ ଲେଖକ ଓ କବିଙ୍କ ପରି ସେହି ବୃତ୍ତିରୁ ବଞ୍ଚିବା ପାଇଁ ବିଶେଷ କିଛି ଅର୍ଜନ କରିପାରିନାହୁଁ, ଏହା ହିଁ ଦୁର୍ଭାଗ୍ୟ ଓଡ଼ିଆ ଲେଖିକା ଓ ଲେଖକମାନଙ୍କର।

> ଅଭୟ ଥିଲେ ସତୁରି ଦଶକର ଓଡ଼ିଆ ସାହିତ୍ୟରେ ଏକ ଅଭୀକ ଉଚ୍ଚାରଣ। ଯାହା ସତ୍ୟ, ତାହା ପ୍ରକାଶ କରିବାକୁ ତାଙ୍କର ଲେଖନୀ ତାଙ୍କ ଜୀବଦ୍ଦଶାରେ କଦାପି କୁଣ୍ଠିତ ନ ଥିଲା। ଲେଖକ ଭାବେ ସେ ସଦାସର୍ବଦା ଥିଲେ ବେସାଲିସ୍। ଖୁବ୍ ଏକଲା ଓ ନିଃସଙ୍ଗ ଥିଲା ସାହିତ୍ୟରେ ତାଙ୍କର ବାଟ ଚାଲିବା।

ଅଭୟ ଥିଲେ ସତୁରି ଦଶକର ଓଡ଼ିଆ ସାହିତ୍ୟରେ ଏକ ଅଭୀକ ଉଚ୍ଚାରଣ। ଯାହା ସତ୍ୟ, ତାହା ପ୍ରକାଶ କରିବାକୁ ତାଙ୍କର ଲେଖନୀ ତାଙ୍କ ଜୀବଦ୍ଦଶାରେ କଦାପି କୁଣ୍ଠିତ ନ ଥିଲା। ଲେଖକ ଭାବେ ସେ ସଦାସର୍ବଦା ଥିଲେ ବେସାଲିସ୍। ଖୁବ୍ ଏକଲା ଓ ନିଃସଙ୍ଗ ଥିଲା ସାହିତ୍ୟରେ ତାଙ୍କର ବାଟ ଚାଲିବା। ଶେଷ ଜୀବନରେ ସେ ସମାଜ ଓ ସମୟଠୁଁ ଖାପ୍‌ଛଡ଼ା ହୋଇ ପଡ଼ିଥିଲେ, ନିଜର ଅମଣିଆପଣ ପାଇଁ। ଏପରି ହୋଇଥିଲା ଯେ ଜୀବନର ଅନ୍ତିମ ସମୟ ତାଙ୍କର ଲୋକମେଳରୁ ଦୂରବର୍ତ୍ତୀ ହୋଇ ଜରାନିବାସରେ କଟିଥିଲା। ତାଙ୍କର ଗଦ୍ୟ ଲେଖା, ବିଶେଷକରି ସ୍ତମ୍ଭ ରଚନା ଓଡ଼ିଆ ସାହିତ୍ୟରେ ବିରଳ ଥିଲା। ସେ ଥିଲେ ନିଜ ସମୟର ଜଣେ ଦୂରଦ୍ରଷ୍ଟା ସମ୍ପାଦକ, 'ସଚିତ୍ର ବିଜୟା'ର ସମ୍ପାଦନା ତା'ର ପ୍ରମାଣ।

'ସଚିତ୍ର ବିଜୟା'ର ଏକ ସଂଖ୍ୟାରେ 'ମୋ' ବାପାଙ୍କୁ ମୁଁ ଯେପରି ଜାଣେ' ଶୀର୍ଷକ ଏକ ସ୍ତମ୍ଭରେ ନନ୍ଦିନୀ ଦେବୀ ତାଙ୍କ ବାପା କାଳିନ୍ଦୀଚରଣଙ୍କ ସମ୍ପର୍କରେ ଲେଖିଥା'ନ୍ତି। ତା'ର 'ଆଦ୍ୟ କଥନୀ'ରେ ଅଭୟ ଲେଖିଥିଲେ– "ଅଙ୍ଗେ ଯାହା ନିଭେଇଛି ଆତ୍ମଜୀବନୀରେ ସ୍ୱର୍ଗତ କାଳିନ୍ଦୀଚରଣ ସ୍ୱୟଂ ପ୍ରଦାନ କରିଛନ୍ତି ତାଙ୍କ ସଂଘର୍ଷମୟ ସାହିତ୍ୟିକ ଜୀବନର ସଜଳ, ସକରୁଣ ଚିତ୍ର। ବାଗ୍‌ଦେବୀଙ୍କ ବନ୍ଦନା ଗାଇଗାଇ ସାରା ଜୀବନ ନିରଭିମାନୀ, ନିରଳସ ସାରସ୍ୱତ ସାଧକଟିଏ ହୋଇ ସେ ବଞ୍ଚି ରହିଥିଲେ, ତାହାରି ଭିତରେ ହିଁ ସେ ବାହୁଡ଼ି ଗଲେ" ଇତ୍ୟାଦି। ଅଭୟ 'ପ୍ରବାହ' ନାମକ ଏକ ପତ୍ରିକା ମଧ୍ୟ ସମ୍ପାଦନା କରିଥିଲେ, ଯାହାର ଅଳ୍ପ କେତୋଟି ସଂଖ୍ୟା ପ୍ରକାଶ ପାଇବା ପରେ ପତ୍ରିକାଟି ବନ୍ଦ ହୋଇ ଯାଇଥିଲା।

ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ ତାଙ୍କର ଥିଲା ଉଲ୍ଲେଖନୀୟ ଦକ୍ଷତା। ୧୯୮୮ରେ ମୋ' ପିତାମହ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳନ ଅବକାଶରେ ତାଙ୍କର ଅଯାଚିତ ସହଯୋଗକୁ ମୁଁ ଭୁଲିପାରିବି ନାହିଁ। ୧୮ ଏପ୍ରିଲ ୧୯୫୫ରେ ଜନ୍ମିତ ଏଇ ପ୍ରତିଭାଧରଙ୍କର ଜୀବନାବସାନ ଘଟିଲା ୧୨ ଫେବୃୟାରୀ ୨୦୨୧ରେ। କାନ୍ଧଗଳା ବ୍ୟାଗ୍‌ଟିଏ ଝୁଲାଇ ତାଙ୍କ ବାଟ ଚାଲିବାର ସେ ଦୃପ୍ତତା ଏବେ ବିଦିଶିଯାଏ, ମୋ' ପରି ତାଙ୍କର ଅନେକ ସମକାଳୀନ ଓ ଉତ୍ତର–ସୂରୀଙ୍କୁ।

**ଉପସ୍ଥାପନା: ଗୁରୁକଲ୍ୟାଣ ମହାପାତ୍ର**
ମୋ: ୯୪୩୭୦୧୨୧୨୩

### ଆଜି ଓ ଆଗାମୀକାଲି

ପୁରୁଣା ବର୍ଷଟିଏ ପାହିଯିବା ଏବଂ ନୂଆବର୍ଷଟିଏ ରୋଶଣି ଜଳାଇ ଆସିବା ଏକ ଗତାନୁଗତିକ ଧାରା ହେଲେହେଁ ମଣିଷ ଜୀବନର ସୀମିତ ସମୟକାଳ ମଧ୍ୟରେ ଏହାର ତାତ୍ପର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ପୁରୁଣାପତ୍ର ଝଡ଼ିଲେ ନୂଆପତ୍ର କଅଁଳେ। ପୁରୁଣା ଦିନର ତ୍ରୁଟିବିଚ୍ୟୁତିକୁ ଡଉଲି ନୂଆ ବିଚାରଧାରାର ସଂକଳ୍ପ ଜନ୍ମନିଏ।

ପୁରୁଣା ବର୍ଷଟି ପରି ଖୁବ୍ ଶୀଘ୍ର ପାହିଯିବାକୁ ଯାଉଛି ମଧ୍ୟ ଏ ଶତାବ୍ଦୀ। କେବଳ ଶତାବ୍ଦୀ ନୁହେଁ, ଦ୍ୱିତୀୟ ସହସ୍ରାବ୍ଦ। ତୃତୀୟ ସହସ୍ରାବ୍ଦ ଏବଂ ଏକବିଂଶ ଶତାବ୍ଦୀ ପାଇଁ ବିଶ୍ୱବ୍ୟାପୀ ଏକ ସଚେତନ ପ୍ରସ୍ତୁତିବେଳେ ସବୁଠାରୁ ପ୍ରମୂର୍ତ୍ତ ହୋଇ ଉଠିଛି ଆମର ପରିବେଶଗତ ସଙ୍କଟ। ଶିଳ୍ପ ସଭ୍ୟତାର ବିଷକ୍ରିୟା, ଜନ ବିସ୍ଫୋରଣ ଏବଂ ପୁରାତନ ମୂଲ୍ୟବୋଧଗୁଡ଼ିକ ଭାଙ୍ଗି ପଡ଼ିବାର ବହୁ ବିମର୍ଶକର ଚିତ୍ର ମିଳୁଛି ଅହରହ। ସମୃଦ୍ଧି ଓ ବିକାଶ ନାମରେ ଆମେ ପୃଥିବୀର ବହୁ ଶତାବ୍ଦୀର ସଞ୍ଚିତ ଖଣିଜ ଓ ପ୍ରାକୃତିକ ସମ୍ପଦକୁ ବିପର୍ଯ୍ୟସ୍ତ କରି ପକାଇଛୁ। ଆମେ ସତେ ଯେପରି ଏଇ ପିଢ଼ିର ମଣିଷମାନେ କେବଳ ସବୁ ଉପଭୋଗ କରିବା ପାଇଁ ଅଧିକାର ପାଇଛୁ। କିନ୍ତୁ ମନେ ରଖିବାକୁ ହେବ ଯେ, ଆଗାମୀ ପିଢ଼ିର ବଂଶଧରଙ୍କଠାରୁ ଆମେ ଏ ବିଶ୍ୱକୁ ଉଧାର ଆଣିଛୁ, ତାକୁ ଅଧିକ ପରିପୂର୍ଣ୍ଣ ଓ ସମୃଦ୍ଧ କରି ତାଙ୍କ ହାତରେ ଅର୍ପିଦେବାକୁ। ଆଜି ନୂଆବର୍ଷର ସମ୍ବତ୍ସରମୟ ଅବସରରେ ଆମେ ପ୍ରତ୍ୟେକ ନିଜକୁ ମୂଲ୍ୟାୟନ କରିବାର ମୁହୂର୍ତ୍ତ ଆସିଛି– ଆମେ ଅନ୍ୟ କାହାରି ପାଇଁ ପ୍ରତିବନ୍ଧକ ହୋଇ ଛିଡ଼ା ହେଉନାହୁଁ ତ! ଏଇ ଗୋଟିଏ ପ୍ରଶ୍ନ ଆମେ ପ୍ରତ୍ୟେକେ ନିଜକୁ ପଚାରି ପାରିଲେ ଆଗାମୀକାଲିର ପୃଥିବୀ ଅଧିକ ମହିମାମୟ, ମହତ୍ତର ଓ ମହକିତ ହୋଇଉଠିବ।

### ସତ୍ତା, ସାହିତ୍ୟ ଓ ପୁରସ୍କାର

ଏ ବର୍ଷର ଜ୍ଞାନପୀଠ ପୁରସ୍କାର ପାଇଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ। ଗତବର୍ଷ ପାଇଥିଲେ କେନ୍ଦ୍ର ସଂସ୍କୃତି ବିଭାଗ ସଚିବ। ଏ ବର୍ଷର ହିନ୍ଦୀ ସାହିତ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ବ୍ୟକ୍ତି ମଧ୍ୟ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ।

ମନେହେଉଛି, ସାରସ୍ୱତ ସ୍ୱୀକୃତିମାନ ସିଂହାସନ ଆଡ଼କୁ ତରାଟି ସିଂଘାଳ ବଜାଉଛନ୍ତି; ମଣିମାଙ୍କ ସ୍ପର୍ଶ ପାଇବାକୁ ଶିହରିତ ହେଉଛନ୍ତି। ସତ୍ ସାହିତ୍ୟକୃତି ପାଇଁ ପ୍ରୋତ୍ସାହନ ଦେବାକୁ ଉଦ୍ଦିଷ୍ଟ ଏହି ପୁରସ୍କାର ପରମ୍ପରା କେମିତି ବିପନ୍ନ ଓ ବିକଳ ଦିଶୁଛି– ଏ ସମ୍ପାଦକଙ୍କୁ। ଆମର ସଚେତନ ବୁଦ୍ଧିଜୀବୀମାନଙ୍କର ପ୍ରତିକ୍ରିୟା କ'ଣ ଆମେ ଜାଣୁନାହିଁ। ବ୍ୟକ୍ତିଗତ ଅନୁଭବ କହୁଛି ଯେ ଏକ ଦୁରାରୋଗ୍ୟ ବ୍ୟାଧି ଆମର ସାହିତ୍ୟ ସଂସ୍କୃତିକୁ ସଂକ୍ରମିତ କଲାଣି ଏବଂ ତା'ର ମଞ୍ଜି ଓ ମୂଳଦୁଆ ଦୋହଲିଯାଉଛି।

ବ୍ୟାସ–ବାଲ୍ମୀକିଙ୍କ ତ୍ୟାଗ ଓ ସାଧନାରେ ପରିପୁଷ୍ଟ ଆମର ଭାରତୀୟ ସଂସ୍କୃତି ଓ ସାହିତ୍ୟ ହେଉଛି ବାଗ୍‌ଦେବୀଙ୍କର ପବିତ୍ର ପଦ୍ମବନ। ତାକୁ କୁହୁଡ଼ି ଘେରରୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ସତ୍ ସାହିତ୍ୟିକଙ୍କର ଅମୂଲ୍ୟ କର୍ତ୍ତବ୍ୟ। ଏ ଦିଗରେ ପାଠକଶ୍ରେଣୀ ସତର୍କ ନ ରହିଲେ ଆମ ଜୀବନର ଅସୂର୍ଯ୍ୟଂପଶ୍ୟା ପଙ୍କ ପୋଖରୀରେ ପଦ୍ମ ଫୁଟାଇବାର ସଂକଳ୍ପ ଓ ସମ୍ଭାବନା ରଖିଥାଆନ୍ତା ଯେଉଁ ସାହିତ୍ୟ, ସେତକ ହେବ ନିର୍ବାସିତ ଓ ନିଶ୍ଚିହ୍ନ।

*[ଜାନୁୟାରୀ ୧୯୯୫ 'ସଚିତ୍ର ବିଜୟା'ରେ ପ୍ରକାଶ ପାଇଥିଲା ଅଭୟଙ୍କର ଏହି ଲେଖା ସମ୍ପାଦକୀୟ ଭାବେ। ଏ ତା'ର ସମ୍ପାଦିତ ଅଂଶ, ନୂଆ ଶୀର୍ଷକରେ।]*

## କବିତା

### ଗୀତି–କବିତା: ମଉଳା ଫୁଲ

**ଶରତ କୁମାର ଦାଶ**

ମଉଳା ଫୁଲର କାହିଁ ଥାଏ ରଙ୍ଗ
କାହିଁ ଥାଏ ମିଠା ବାସ
କେହି କରେ ନାହିଁ ଆହା ଟିକିଏ ବି
କେହି କରେ ନାହିଁ ଆଶ ॥

ଫୁଟିଥିଲା ଯେବେ କଢ଼ିରୁ ମେଲାଇ
କୋମଳ ରଙ୍ଗ ପାଖୁଡ଼ା
ଚାଲିଗଲା ଲୋକ ଚାହୁଁଥିଲା ଦଣ୍ଡେ
ପ୍ରଶଂସାର ଧରି ତୋଡ଼ା ॥

ରଙ୍ଗ ମହକରେ ଆନନ୍ଦେ ବିଭୋର
କରୁଥିଲା ଧରାସାରା
ଭ୍ରମର ବାତୁଳ ହୋଇ ଆସୁଥିଲା
ପିଇବ ପ୍ରୀତି ମଦିରା ॥

ଧୀର ସମୀରଣେ ହିଲ୍ଲୋଳିତ ଫୁଲ
ହେଉଥିଲା ଉଲ୍ଲସିତ
ଦରଶନେ ତା'ର ଦର୍ଶକ ହୃଦୟ
ହେଉଥିଲା ପୁଲକିତ ॥

ସନ୍ଧ୍ୟା ନଇଁଲା ଫୁଲ ମଉଳିଲା
ଅନ୍ଧାର ଆସିଲା ମାଡ଼ି
ରଙ୍ଗ ଅନ୍ତର୍ହିତ ସୁଗନ୍ଧ ବିଗତେ
ଫୁଲ ଗଲା ବୃନ୍ତ ଛିଡ଼ି ॥

ଝଡ଼ିଲା ଫୁଲର ନ ଥାଏ ଆଦର
ପୂଜାରେ ନ ହୁଏ ଲୋଡ଼ା
ରଙ୍ଗ ମଉଳିଲେ ସୁଗନ୍ଧ ହଜିଲେ
ମଦଘଡ଼ା ଗଡ଼ଗଡ଼ା ॥

ମଣିଷ ଜୀବନ ଫୁଲର ଜୀବନ
କାହାଣୀଠୁ ନୁହେଁ ଭିନ୍ନ
ସଞ୍ଜ ନଇଁଲେ ଜୀବନ ଆକାଶେ
ପ୍ରାଣ ଲାଗେ ମୂଲ୍ୟହୀନ ॥

ଜୀବନ ଅଲୋଡ଼ା ହୋଇବା ଆଗରୁ
ନଦୀ କରିଦିଅ ପାରି
ଏତିକି ବିନତି ଆହେ ଲକ୍ଷ୍ମୀପତି
ଅଗତିର ଗତି ହରି ॥

ମୋ: ୯୮୬୧୦୯୨୮୩୫

### ଦରଜ

**କିଶୋର ପାଣିଗ୍ରାହୀ**

କେତେ ଦାମ୍‌ରେ ଗଲା ତୋ'ର ଆଖି ?
ତୋ' କିଡ୍‌ନୀ, କି ଲିଭର ? ?
କେହି ବି ଜାଣିନି।

କେହି ଦେଖିପାରିଲେନି,
କେତେ ଧାର ହୋଇ ଫାଟୁଥିଲା ଗୋଟେ ବାପର ମୂର୍ଦ୍ଧନା,
କେତେ ଟୁକୁରା ହେଉଥିଲା ଗୋଟେ ମାଆର କଲିଜା,
କୋଉ କୋଉ ଅଗଣାକୁ, କୋଉ କୋଉ ଦାଣ୍ଡକୁ
ଲାଗିଲା ଆଣ୍ଠୁକୁଡ଼ୀ ଦୋଷ,
କାହାର ମର୍ଦ୍ଦପଣରେ ଲାଗିଲା ହୀନବୀର୍ଯ୍ୟର ଅପଯଶ ?
କେହି ଜାଣିଲେନି।

ଫଡ୍ ଫଡ୍ ଡେଣାରୁ କେତେଟା ପର ଛିଣ୍ଡେଇବା ପରେ,
କେତେଟା ନିଃଶ୍ୱାସ ରୁନ୍ଧିହବା ପରେ
ହୁଗୁଳିଗଲେ ପିଞ୍ଜରାରୁ କାଠି,
ପିଞ୍ଜରା ଡେଇଁ ଉଡ଼ିଗଲା ଭଙ୍ଗା ଡେଣାରେ ପରୀ ;
କେହି ବି ଦେଖିପାରିଲେନି।

ଆଉ କୋଉ ନାରୀର ଆଖିରେ ଜକେଇଲା କି
ତୋ' ମାଆର ଲୁହ ?
ଆଉ କୋଉ ପୁରୁଷ ଛାତିରୁ ଉଠିଲା କି
ତୋ' ବାପାର କୋହ ? ?
ସବୁ ବାପ ତୋ' ବାପା ନୁହଁ ଲୋ !
ସବୁ ମାଆ ତୋ' ମା' ନୁହଁ,
ସବୁ ଝିଅ ତୁ' ଯାହା ନୁହଁ।

କିଏ ସତ, ପରୀର କାହାଣୀ
ନା କାହାଣୀର ପରୀ ? ?
କେହି ଜାଣିଚ କି, କିଏ ସତ ବୋଲି ?
ଅଦେଖା ସତର ଦୃଶ୍ୟମାନ ପୋଷାକ ଯେପରି,
ପରୀର ଆକାଶୀ ନୀଳ ଫ୍ରକ୍ ଦେଖାଯାଉଥିଲା
ଠିକ୍ ସେହିପରି।

ପରୀ କ'ଣ ଗୋଟେ ଗପ, ନା ଗପମାନେ ସତ
ଠିକ୍ ପରୀ ଯେଉଁପରି ?
କେହି ଜାଣିଲେନି...

ହେଲେ, ମିଳିଥିବା ତୋ' ହାଡ଼ କେଇଖଣ୍ଡରେ
ତିନି କାଠି ଜୋର ଗଡ଼ିଲାଣି, ଖେଳ ଜମିଲାଣି
ତୋତେ ଭୁଲି ଶେଷ ପାଲି, ଶେଷ ଦାନର
"କଚେ ପୋ' ବାର"କୁ
ପ୍ରଜା ଓ ପାଟକ, ମନ୍ତ୍ରୀ, ପାରିଷଦ
ଉତ୍କଣ୍ଠାରେ କାନ ଡେରିଲେଣି।

ପାଲି ଉଠିଯିବା ପରେ ବିକଳ ନିଃଶ୍ୱାସ ଅଟକି ଯିବାର
ଶେଷ କାନ୍ଦଣାଟି ତୋ'ର ଧାରେ ଧୂଆଁ ପରି
ପବନ ପେଟରେ ମିଳେଇ ଯିବଣି,
ହେଲେ, ବିବେକର ଅଦେଖା ଘାଆରୁ
ଅସନା ଦରଜ ଟିକକ ଜମାରୁ ଯିବନି।

ମୋ: ୯୪୩୮୫୫୧୦୧୦

## ପୁସ୍ତକ ପରିଚୟ

### ସ୍ମୃତି ଓ ସ୍ମାରକୀ



**କିଛି ଆଲେଖ୍ୟ, କିଛି ଅଭିବ୍ୟକ୍ତି**
**ଲେଖିକା:** ଡ. ପ୍ରତିଭା ଶତପଥୀ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୯୦/–

୨୫୦ ପୃଷ୍ଠାର ଏ ବହିଟି ଶବ୍ଦ ଓ ଅନୁଭବର ଏପରି ଏକ ପୂଜାଡାଲା, ଯାହାକୁ ଲେଖିକା ଡ. ଶତପଥୀ ସମୟର ଛୋଟଛୋଟ ଅବକାଶରେ ଲେଖିଥିବା ଆଲେଖ୍ୟରେ ସଜାଇଛନ୍ତି। 'ସ୍ମୃତି', 'ସ୍ମାରକୀ', 'ଆଲେଖ୍ୟ' ଓ 'ଅଭିବ୍ୟକ୍ତି'– ଏହିପରି ଚାରିଟି ପ୍ରଭାଗରେ ବହିଟି ବିଭକ୍ତ। ପ୍ରଥମଟି ସାରସ୍ୱତ ବ୍ୟକ୍ତିବିଶେଷ, ଯାହାଙ୍କୁ ଜୀବନରେ ଖୁବ୍ ପାଖରୁ ଲେଖିକା ଭେଟିଛନ୍ତି– ସେମାନଙ୍କ ଅନ୍ତରଙ୍ଗ ସ୍ମୃତିଚାରଣ। ଏହି ପର୍ଯ୍ୟାୟରେ ଅଛନ୍ତି ଉତ୍କଳଗୌରବ ମଧୁସୂଦନ, ପୀତାମ୍ବରୀ ଦେବୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଭୁବନେଶ୍ୱର ବେହେରା, କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ ଓ ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ। ଦ୍ୱିତୀୟଟିରେ ରହିଛି କବି ଜୟନ୍ତ ମହାପାତ୍ର, ଶ୍ରୀନିବାସ ଉଦ୍‌ଗାତା, ରମାକାନ୍ତ ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ବୀଣାପାଣି ମହାନ୍ତିଙ୍କ ସାରସ୍ୱତ ସାନ୍ନିଧ୍ୟ–ସ୍ମରଣ। ତୃତୀୟଟି ଆଲେଖ୍ୟ, ଯହିଁରେ ଅନ୍ତର୍ଭୁକ୍ତ ଲେଖିକାଙ୍କ ପ୍ରଦତ୍ତ କତିପୟ ବକ୍ତବ୍ୟ ଏବଂ ଶେଷଟି ଅଭିବ୍ୟକ୍ତି, ଯହିଁରେ ଅଛି ଆଳାପ– ତାଙ୍କ ସହ ଅନ୍ୟ କାହାକାହାର। ସମସ୍ତ ଲେଖା ପୂର୍ବରୁ ପ୍ରକାଶିତ, ଯାହାକୁ ଏକତ୍ର କରାଯାଇଛି ଏଇ ଗ୍ରନ୍ଥରେ। ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### ଗାଲିଲିଓଙ୍କ ଆଙ୍ଗୁଠି



**କବି:** ନୀଳାଦ୍ରିଭୂଷଣ ହରିଚନ୍ଦନ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ–୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୨୦/–

ବହିର 'ସାମାନ୍ୟ କଥନିକା'ରେ କବି ଲେଖିଛନ୍ତି– "ଏହା ବୋଧହୁଏ ମୋ' ଜୀବନର ଶେଷ କବିତା ସଂକଳନ। ଏହାର ଅଧିକାଂଶ କବିତା ବାସ୍ତବବାଦୀ। x x କବିତାଗୁଡ଼ିକର ନୂତନତ୍ୱ ପାଠକମାନଙ୍କ ଚିତ୍ତକୁ ସ୍ପର୍ଶ କରିପାରିବ ବୋଲି ଆଶା କରୁଛି।" ମୋଟ ୬୪ଟି କବିତା ବହିରେ ସ୍ଥାନିତ ଏବଂ ଦ୍ୱିତୀୟ କବିତାଟି ଗ୍ରନ୍ଥର ଶୀର୍ଷକ କବିତା। ଗାଲିଲିଓଙ୍କ ଆଙ୍ଗୁଠି ଏଠି ସତ୍ୟର ପ୍ରତୀକ। କବିତାର ସତ୍ୟକୁ କବିର ସମକାଳ ହୁଏତ ଭୟକରେ, ନିଜେ ପାତିଥିବା ଆସନ ଦୋହଲିଯିବାର ଆଶଙ୍କାରେ। କିନ୍ତୁ ସତ୍ୟ ତ ସତ୍ୟ, ସତ୍ୟ ଛଡ଼ା ଗତ୍ୟନ୍ତର ନ ଥାଏ କବିତାର। ପ୍ରତ୍ୟେକ କବିତାରେ କବି ଜୀବନ, ସମୟ ଓ ସମାଜର ସତ୍ୟକୁ ଶବ୍ଦ ରୂପ ଦେବାର ସଯତ୍ନ ପ୍ରଚେଷ୍ଟା କରିଛନ୍ତି। ବେଶ୍ କେତେକ କବିତାରେ ଅମାନବିକତା, ରୁକ୍ଷତା ଓ ନିଷ୍କରୁଣାର ଶିକାର ହେଉଥିବା ମଣିଷ ପାଇଁ ଦୀର୍ଘଶ୍ୱାସ ଛାଡ଼ିଛନ୍ତି କବି, ମଙ୍ଗଳ ମନାସିଛନ୍ତି ବି! 'ଟିକି ଝିଅ' କବିତାର ଏହି ପଂକ୍ତିଟି ଉପରେ ନଜର ପକାନ୍ତୁ– "ଟିକି ଝିଅ କ'ଣ ଜାଣେ, ସ୍ନେହର ହାତ ପରି ଦେଖାଯାଉଥିବା/ ହାତଗୁଡ଼ିକର ସ୍ପର୍ଶ ଏକାପରି ନୁହେଁ।/ ମଣିଷର ନିଃଶ୍ୱାସ ଭିତରେ ବି ରହିଥାଏ ସାପର ନିଃଶ୍ୱାସ,/ ଫୁତ୍‌କାର କରିଉଠେ ବେଳେବେଳେ/ ଲାଳସାସିକ୍ତ ପାଶବିକ ହିଂସ୍ରତା। (ପୃ: ୧୮–୧୯)। ଅନେକ କବିତାରେ 'ଶବ୍ଦ' ଭିତରେ କବି ସମ୍ପାଦିଛନ୍ତି ମଣିଷର ଲହୁ ଓ ଲୁହ, ଯାହା ବିଚଳିତ କରିଦିଏ ମନଯୋଗୀ ପାଠକଙ୍କୁ।

## ବୋହୂ ଆଧୁନିକା

**ମୂଳହିନ୍ଦୀ: କମଲ କାପୁର**
**ଅନୁସୃଜନ: ବିନୟ କୁମାର ଦାସ**

**ଅନୁବାଦ ଗଳ୍ପ**



କଅଁଳି ଉଠୁଥିବା ନୂଆ ପତ୍ର ପରି କୋମଳାଙ୍ଗୀ ସୁନ୍ଦରୀ ନବବଧୂ ବର ସହିତ ସ୍ୱଗୃହ ପ୍ରବେଶ ପାଇଁ ଦୁଆର ମୁହଁରେ ଛିଡ଼ା ହୋଇ ରହିଥିଲା। ବରବଧୂଙ୍କର ଗୃହପ୍ରବେଶର କିଛି ବିଧିବିଧାନ ରହିଛି। ସେତକ ନିଶ୍ଚୟ ପାଳନ କରିବାକୁ ପଡ଼ିବ। ଶାଶୁ ସୁଧାଦେବୀ ଅବଶ୍ୟ ତା'ର ସମସ୍ତ ବ୍ୟବସ୍ଥା କରିସାରିଛନ୍ତି। ବୋହୂ ଉଦ୍ଦେଶ୍ୟରେ କହିଲେ– "ମା' ଅପୂର୍ବା, ତୋ' ସାମ୍ନାରେ ଦୁଆରବନ୍ଧରେ ଚାଉଳଭରା ଶୁଭକଳସ ଥୁଆହୋଇଛି। ନିଜ ପାଦରେ ତୁ' ତାକୁ ଗଡ଼େଇ ଦେଇ ସିନ୍ଦୂରମିଶା ପାଣିରେ ତୋର ଦୁଇପାଦ ବୁଡ଼ାଇ ଚଟାଣରେ ପାଦ ଥାପିଥାପି ଏଠାରୁ ତୋ' କୋଠରି ପର୍ଯ୍ୟନ୍ତ ଚାଲିଚାଲି ଯାଆ। ସେମିତି ହେଲେ ଏ ଘରର ମାଟି ତୋତେ ଆପଣେଇ ନେବ ଏ ଘରର ଜଣେ ନୂତନ ସଦସ୍ୟା ଭାବରେ। ଏହା ହେଉଛି ବିଧି। ତୁ' ଆଉ ଡେରିକରନା ମା...।"

ଅପୂର୍ବା ତଥାପି ସେମିତି ଛିଡ଼ା ହୋଇ ରହିଲା। ତା' ତରଫରୁ କିଛି ପ୍ରତିକ୍ରିୟା ମିଳିଲା ନାହିଁ। ସୁଧାଦେବୀ ପୁଣି ଥରେ ସେଇ କଥା ଦୋହରାଇଲେ। ଏଥର ଅପୂର୍ବା ମୁଣ୍ଡ ହଲାଇ ଏମିତି ସେ କରିପାରିବ ନାହିଁ ବୋଲି ଜଣାଇଦେଲା। ଚମକି ପଡ଼ିଲେ ସମସ୍ତେ ଏମିତି ସ୍ଥିତିରେ। ଘର ପ୍ରବେଶ ହୋଇନି, ଅଥଚ ଶାଶୁଙ୍କ ଆଦେଶକୁ ବେଖାତିର! ସ୍ୱାମୀ ତା' ପାପୁଲିକୁ ଚିପି ଦେଇ ଧୀର ସ୍ୱରରେ କହିଲେ– "ମାଆ ଯାହା କହିଲେ ସେଇଆ କର ଅପୂର୍ବା। ଆମ ଘରର ରୀତିନୀତିକୁ ସମ୍ମାନ ଦେବା ତୁମର ପ୍ରଥମ କାମ।" ଅପୂର୍ବା ସ୍ୱାମୀଙ୍କ କଥା ରଖିଲା ନାହିଁ। ସେମିତି ଚୁପ୍‌ଚାପ୍ ଛିଡ଼ା ହୋଇ ରହିଲା।

ଉପସ୍ଥିତ ବନ୍ଧୁବାନ୍ଧବ, ପଡ଼ୋଶୀ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ। ନିଜନିଜ ଭିତରେ ଫୁସ୍‌ଫାସ୍ ଆରମ୍ଭ କରିଦେଲେ।

"ଇଏ କି କଥା ଲୋ ମା... ଆମ ଆଖି ଫିଟିଲା ଦିନରୁ ଆମେ ଏମିତି ଦୃଶ୍ୟ କେବେ ଦେଖିନୁ।"

"ମୁଁ ତ ପ୍ରଥମରୁ ହିଁ ଆଶଙ୍କା କରୁଥିଲି ଏମିତି କିଛି ଗୋଟାଏ ଘଟିବ। ଆରେ ସେ ହେଲା ଧନୀ ଘରର ଝିଅ, ଶିକ୍ଷିତା ଆଉ ଆଧୁନିକା ବି! ସେ କାହିଁକି ଏ ପୁରୁଣାକାଳିଆ ରୀତିନୀତିକୁ ସମ୍ମାନ ଦେବ। କାହିଁକି ମାନିନେବ ଶାଶୁଙ୍କ କଥା ?"

"ଦେଖୁନ... ସେ କେମିତି ସୁନ୍ଦରୀ! ସହରରେ ବଢ଼ିଛି। ଛଟକ ତ ଦେଖାଇବ ନିଶ୍ଚୟ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?"

"ଇଲୋ ଘରେ ନ ପଶୁଣୁ ମୁଣ୍ଡରେ ତାଳ ବାଜିଲାଣି... ଆଗକୁ କ'ଣ ହେବ କେଜାଣି ? ଆଃ, ବିଚାରୀ ଶାଶୁ!!"

ଶାଶୁ ଅପମାନିତ ହେଲେ ବି ନିଜକୁ ଥଣ୍ଡା ରଖି ସ୍ୱର ନରମେଇ କହିଲେ– "ଘରର ନିୟମକୁ ସମ୍ମାନ ଦେ' ବୋହୂ... ମୋ' ସାନକୁହା ମାନ୍। ଯା... ଆଗକୁ ପାଦ ବଢ଼ା।"

ଏଥର ମୁହଁ ଖୋଲିଲା ଅପୂର୍ବା। ଶାଶୁମା'ଙ୍କୁ ଅନାଇ କହିଲା– "ମା', ଏହି ଶୁଭକଳସରେ ଗଣେଶ ଦେବତାଙ୍କ ଆକୃତି ଅଙ୍କା ହୋଇଛି। ସେ ଆମର ଇଷ୍ଟଦେବତା। ତାଙ୍କୁ ପ୍ରତି କ୍ଷେତ୍ରରେ ପ୍ରଣାମ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ପୁଣି କଳସରେ ରହିଛି ଧାନ, ଚାଉଳ... ତାହା ତ ଅନ୍ନ ଦେବତା ମାଆ... ସେମାନଙ୍କୁ ମୁଁ ଜାଣିଶୁଣି ପାଦରେ ଆଘାତ ଦେବି ? ସେ କାମ ମୋ' ଦ୍ୱାରା ସମ୍ଭବ ହୋଇପାରିବନି ମା'। ମୋତେ କ୍ଷମା କରିଦିଅନ୍ତୁ। ପାଣିରେ ସିନ୍ଦୂର ମିଶାଯାଇଛି। ମୁଁ ତାକୁ ପାଦରେ ମାଡ଼ି ଆଗକୁ ଯିବି। ଆପଣ ଜାଣନ୍ତି ମା', ମୋ' ସ୍ୱାମୀଙ୍କ ନାମରେ ମୁଁ ସିନ୍ଦୂର ପିନ୍ଧିବି ମୋ' ସୀମନ୍ତରେ... ଯାହା ମୋ' ମଥାରେ ରହିବ, ତାକୁ ମୁଁ ପାଦରେ ଦଳିଦେବି କେମିତି ? ଏହା ମୋ' ପାଇଁ ମହାପାପ ହେବ ମା'। ଆପଣ ମୋତେ ସ୍ୱୀକାର କରିଛନ୍ତି ମାନେ ତ ଏ ଘର ବି ମୋତେ ଆପଣେଇ ସାରିଛି। ବିଧିବିଧାନ ରୀତିନୀତି ନାମରେ ଏମିତି ପାପ କାମ କରିବାକୁ ମୋତେ ଆଦେଶ ଦିଅନ୍ତୁ ନାହିଁ ମା'। ମୁଁ ମାନିପାରିବି ନାହିଁ।"

ଏତକ ଶୁଣିଲା ପରେ ସମସ୍ତେ ତଟସ୍ଥ ହୋଇଗଲେ। ବୋହୂ କଥାରେ ଦମ୍ ରହିଥିଲା। ଯୁକ୍ତିଯୁକ୍ତ କଥା କହିଛି ବୋହୂ। କେହି ଜଣେ କହୁଥିବାର ଶୁଣାଗଲା– "ବୋହୂ ଆଧୁନିକା... ହେଲେ ବିଚାରବନ୍ତ। ତା' ଚିନ୍ତାଧାରାରେ ରହିଛି ଆଧୁନିକତା।"

ମୋ: ୭୯୭୮୮୬୦୩୬୩

## କାଳକାଳକୁ

> "ସଂସ୍କାର କେବଳ ଏକ ପ୍ରଥା ବା ବିଶ୍ୱାସର ପୁନରୁଦ୍ଧାର ନୁହେଁ, ଏକ ଆଧ୍ୟାତ୍ମିକ ଜାଗରଣ ବି!"
> – ସାମୁଏଲ୍ ଫର୍ଗୁସନ



**ସାମୁଏଲ୍ ଫର୍ଗୁସନଙ୍କ** ଜନ୍ମ ୧୦ ମାର୍ଚ୍ଚ ୧୮୧୦ରେ, ଇଂଲଣ୍ଡର ବେଲ୍‌ଫାଷ୍ଟରେ ଓ ପରଲୋକ ୯ ଅଗଷ୍ଟ ୧୮୮୬ରେ ଆୟର୍ଲାଣ୍ଡର ହାଉଥ୍‌ରେ। ଊନବିଂଶ ଶତାବ୍ଦୀର ଏହି ଯଶସ୍ୱୀ କବି ଓ କଳାକାର ବୃତ୍ତିରେ ବାରିଷ୍ଟର ଥିଲେ। ଆଇରିଶ୍ ପୁରାକଳ୍ପ ଓ ଇତିହାସରେ ଥିଲା ତାଙ୍କର ଅଫୁରନ୍ତ ଆଗ୍ରହ। ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକ ମଧ୍ୟରେ ଥିଲା "ଲାମେଣ୍ଟ ଫର୍ ଦ' ଡେଥ୍ ଅଫ୍ ଥୋମାସ୍ ଡାଭିସ୍" (୧୮୪୭), "ଲେଜ୍ ଅଫ୍ ଦ' ୱେଷ୍ଟର୍ନ ଗେଲ୍ ଆଣ୍ଡ ଅଦର୍ ପୋଏମ୍‌ସ" (୧୮୬୫) ଓ "ଦ' ପୋଏଟ୍ରି ଅଫ୍ ସାର୍ ସାମୁଏଲ୍ ଫର୍ଗୁସନ" (୧୮୮୭)।

# କ୍ଲବ୍-୬୯

ସାଇବର କ୍ରାଇମ୍ ଏବେ ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି କହିଲେ ଆଦୌ ଭୁଲ ହେବ ନାହିଁ। ମୋବାଇଲ୍‌ରେ ଫେକ୍ କଲ୍ ମାଧ୍ୟମରେ ମିଠା ମିଠା



ପିଙ୍କି ପ୍ରଧାନ

କଥା କହି ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ଲାଗି କେତେକ ଗ୍ୟାଙ୍ଗ ବେଶ୍ ତତ୍ପର। ସେପରି ସମସ୍ୟାର ସମ୍ମୁଖୀନ ହୋଇ ଅସୁବିଧାର ସାମ୍ନା କରିଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଏପରି ସାମ୍ପ୍ରତିକ ଘଟଣାକୁ ନେଇ ପ୍ରସ୍ତୁତ ହୋଇଛି ୱେବ୍ ସିରିଜ୍ 'କ୍ଲବ୍-୬୯'। ଉକ୍ତ ସିରିଜ ମାଧ୍ୟମରେ ସମସ୍ତଙ୍କୁ ସାଇବର ଠକେଇ ବିଷୟରେ ସଚେତନ କରାଇବା ମୂଳ ଲକ୍ଷ୍ୟ ବୋଲି କହନ୍ତି ଏହାର ପ୍ରଯୋଜକ କୌଶିକ ଦାସ। କୌସ୍ତୁଭ ଡ୍ରିମ୍‌ୱାର୍କସ ପ୍ରା.ଲି. ଏବଂ ଆଓ ଏନ୍‌ଏକ୍ସଟି ଓଟିଟି ବ୍ୟାନରରେ ଏହି ସିରିଜ ନିର୍ମାଣ କରାଯାଇଛି, ଯାହାର ସହ ପ୍ରଯୋଜକ ଅଛନ୍ତି ଡ୍ରାଗଲାଇନ୍ କ୍ରିଏଟିଭ୍‌ସ। ପ୍ରଦୀପ ଦାଶଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ପିଙ୍କି ପ୍ରଧାନ, ଶ୍ରୁତ ଶୁଭଶ୍ରୀ, ଅମ୍ରିତା ମିଶ୍ର, ସୋନମ ଦାଶ, ଅଭିଷେକ ଗିରି ଏବଂ ଶୁଭ୍ରାଂଶୁ ନାୟକ।

**ଅପେରା ଖବର**

# ସ୍ୱର୍ଣ୍ଣ ମହଲର ସୁନା ବୋହୂ

ସେ ବୋହୂ ନୁହଁ, ସୁନା ବୋହୂ। ତା' ନୀତି ଆଦର୍ଶ, ଆଚାର ବ୍ୟବହାର ସମସ୍ତଙ୍କୁ ଏପରି ପ୍ରଭାବିତ କରିଛି ସେ ସମସ୍ତଙ୍କ ମୁହଁରେ ଯେ କେହି ବି ତାଙ୍କୁ ପ୍ରଶଂସା କରିବାକୁ ପଛାଇବ ନାହିଁ। କାରଣ ସେ ହେଉଛି 'ସ୍ୱର୍ଣ୍ଣମହଲର ସୁନା ବୋହୂ'। ଏକ ଭିନ୍ନ ଧରଣର ପାରିବାରିକ କାହାଣୀକୁ ନାଟ୍ୟରୂପ ଦେଇଛନ୍ତି ଅପେରା ସ୍ୱର୍ଣ୍ଣମହଲର ମୁଖ୍ୟ ଉପଦେଷ୍ଟା ତଥା ଅଭିନେତା, ନିର୍ଦ୍ଦେଶକ ଏବଂ ନାଟ୍ୟକାର



କାବେରୀ

କ୍ଷୀରୋଦ ସ୍ୱାଇଁ। 'ସ୍ୱର୍ଣ୍ଣ ମହଲର ସୁନା ବୋହୂ'ର ରଚନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା କ୍ଷୀରୋଦ କହନ୍ତି, 'ଏକ ଭିନ୍ନ ଧରଣର କାହାଣୀକୁ ନେଇ ନାଟକଟିଏ ଲେଖିଛି। ଏହି ନାଟକରେ ସାମ୍ପ୍ରତିକ ଘଟଣାକୁ ଏପରି ଉପସ୍ଥାପନା କରାଯାଇଛି ଯାହା ଦର୍ଶକଙ୍କୁ ଡିଫରେଣ୍ଟ ଚାର୍ମ ଦେବ।' ଚଳିତ ଯାତ୍ରା ସିଜନରେ ଏହି ଅନୁସନ୍ଧାନମୂଳକ ନାଟକ ଆଜି ବିଶ୍ୱନାଥ ମଠ, ଧାନମଣ୍ଡଳ, କଟକଠାରେ ପ୍ରଥମ ଥର ପାଇଁ ପରିବେଷିତ ହେବାକୁ ଯାଉଛି। ଅଜ୍ଜୁ-ଆପ୍ପୁ, ହାପି କର, କାବେରୀ, ମାମୁନି, ଜ୍ଞାନ ସାହୁ, ଚିତ୍ତ-ଅନିମା, ଜଗା ପଣ୍ଡା, ଅଜୟ, ପ୍ରତାପ, ଟୁନା ପ୍ରମୁଖ କଳାକାରଙ୍କୁ ଏହି ନାଟକରେ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ନିଗମ ମିଶ୍ରଙ୍କ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୁଧାଂଶୁ ପରିଡ଼ା।



କ୍ଷୀରୋଦ ସ୍ୱାଇଁ



ଦୀପିକା

# ଆଇଟମ୍ ପାଇଁ ଟେନ୍‌ସନ

ଦୀପିକା ପାଦୁକୋନଙ୍କ ଟେନ୍‌ସନ ନିକଟରେ ବଢ଼ିଯାଇଛି। କଥା କ'ଣ କି ତାଙ୍କୁ ଏକ ଅନଟାଇଟଲଡ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ହେଲେ ସେଥିରେ ଟିକେ କେଁ ରହିଯାଇଛି। କାହାଣୀ ହେଉ ଅବା ନିଜ ଭୂମିକା କେହି କାହାକୁ କମ୍ ନୁହେଁ। ହେଲେ ଏଥିରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ଦୀପିକାଙ୍କୁ ନାଚିବାକୁ ଅଫର ଦିଆଯାଇଛି। ଆଉ ଏକଥା ଶୁଣିବା ପରେ ସେ କ'ଣ କରିବେ କିଛି ଠିକ୍ କରିପାରି ନାହାନ୍ତି। ଏ ସମ୍ପର୍କରେ ଦୀପିକା କହନ୍ତି, 'ଫିଲ୍ମଟିର କାହାଣୀ ଏବଂ ସେଥିରେ ମୋ ଭୂମିକା ମୋତେ ବେଶ୍ ପ୍ରଭାବିତ କରିଛି, ହେଲେ ଏଥିରେ ଥିବା ଏକ ଆଇଟମ୍ ନମ୍ବରରେ ମୋତେ ନାଚିବାକୁ କୁହାଯାଇଛି। ଏ ନେଇ କ'ଣ ନିଷ୍ପତ୍ତି ନେବି ଜାଣିପାରୁନାହିଁ। ସେଥିପାଇଁ ଦୁଇ ସପ୍ତାହ ସମୟ ନେଇଛି। ତା' ଭିତରେ ମୁଁ ଯାହା ଫାଇନାଲ ଡିସିସନ ନେବି। ତେବେ ଏପରି ପ୍ରପୋଜାଲ୍‌ରେ ଦୀପିକା ରାଜି ହେଉଛନ୍ତି ନା ଅଫରଟିକୁ ହାତଛଡ଼ା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଶ୍ରଦ୍ଧା

# ପାପା ଦି ଗ୍ରେଟ୍

ଶ୍ରଦ୍ଧା କପୁର ଆଜି ଅଭିନୟ କ୍ଷେତ୍ରରେ ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତା' ପଛରେ ଜଣେ ବ୍ୟକ୍ତିଙ୍କର ଯଥେଷ୍ଟ ଅବଦାନ ରହିଛି। କାରଣ ସେ ତାଙ୍କ ପଛରେ ଛାଇ ପରି ରହିଛନ୍ତି। କେଉଁଠି ଭୁଲ ଭଟକା ହେଲେ ତୁରନ୍ତ ସତର୍କ କରାଇ ଦେବା ସହ ତାହାର ସମାଧାନର ବାଟ ମଧ୍ୟ ବତାଇ ଦେଉଛନ୍ତି। ତେଣୁ ସେଭଳି ବ୍ୟକ୍ତିଙ୍କୁ ପ୍ରଶଂସା କରିବାକୁ ପଛାଉ ନାହାନ୍ତି ଶ୍ରଦ୍ଧା। ସେ କିଏ ଜାଣନ୍ତି ? ତାଙ୍କର ବାପା ତଥା ବଲିଉଡ୍‌ର ବରିଷ୍ଠ ଅଭିନେତା ଶକ୍ତି କପୁର। ନିକଟରେ ଶ୍ରଦ୍ଧା ତାଙ୍କର ୩୪ତମ ଜନ୍ମ ଦିନ ପାଳନ କରିଥିଲେ। ଯେହେତୁ ବର୍ତ୍ତମାନ କୌଣସି କାର୍ଯ୍ୟକ୍ରମରେ କୋଭିଡ୍ ଗାଇଡ୍ ଲାଇନ୍ ଅନୁସରଣ କରିବାକୁ ପଡୁଛି ତେଣୁ ସେ ନିଜ ଜନ୍ମଦିନ ପାର୍ଟି ଘରେ ହିଁ ଆୟୋଜନ କରିଥିଲେ। ସାଙ୍ଗସାଥୀଙ୍କ ଗହଣରେ ଏହି ପାର୍ଟିର ସେ ଭରପୂର ମଜା ନେଇଥିଲେ। ହେଲେ ଯେତେବେଳେ କେକ୍ କାଟିବା ସମୟ ଆସିଲା ସେ ନିଜ ପାପାଙ୍କୁ ଡାକି କହିଥିଲେ ଯେ, 'ଆଜି ମୋର ୩୪ତମ ବାର୍ଥଡେ କେକ୍ ମୋ ପାପା ଦ ଗ୍ରେଟ୍ ହିଁ କାଟିବେ।' ତା'ପରେ ନିଜର ଅଭିନୟ ଜୀବନର ସଫଳତା ପଛରେ ଶକ୍ତିଙ୍କର କ'ଣ ହାତ ରହିଛି ସେ ବିଷୟରେ ନିଜ ସାଙ୍ଗମାନଙ୍କ ସମ୍ମୁଖରେ ବଖାଣିଥିଲେ।

# ପ୍ରଥମେ ନା, ପରେ ହଁ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ହେଲେ ତାଙ୍କୁ ଯେତେବେଳେ ଏହି ଅଫର ମିଳିଲା ସେ ରାଜି ହୋଇ ନ ଥିଲେ। ତା'ପରେ ତାଙ୍କ କାନରେ ଏହି ସିନେମାର ନାୟକ ସଲମାନ ଖାଁ କି ମନ୍ତ୍ର ଫୁଙ୍କିଲେ କେଜାଣି ସୋନାକ୍ଷୀ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଏ ନେଇ ସୋନାକ୍ଷୀ କହନ୍ତି, 'ବଲିଉଡ୍‌ରେ ଏଣ୍ଟ୍ରି କରିବା ସମୟର ଘଟଣାକୁ ମୁଁ କଦାପି ଭୁଲି ପାରିବି ନାହିଁ। କାରଣ ସେତେବେଳେ ମୁଁ ମୋଟୀ ଥିଲି। ଓଜନ ଅଧିକ ଥିଲା। ତେଣୁ କେମିତି ଆକ୍ଟିଂ କରିବି ସେ ନେଇ ମୁଁ ନିଜକୁ ପ୍ରସ୍ତୁତ କରିପାରି ନ ଥିଲି। ହେଲେ ମୋ ଫିଜିକାଲ ଗେଟଅପରେ ଚେଞ୍ଜ ଆଣିବା ପାଇଁ ସଲମାନ ଯେଉଁ କେତୋଟି ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ମାସ କେଇଟା ମଧ୍ୟରେ ମୁଁ ମୋ ଓଜନ ୩୦ କିଗ୍ରା କମାଇବାରେ ସକ୍ଷମ ହୋଇଥିଲି। ସେତେବେଳେ ସଲମାନ ନିଜେ ମୋତେ ଫିଜିକାଲ ଟ୍ରେନିଂ ଦେବା ସହ ଛାଇ ପରି ମୋ ପାଖରେ ରହିଥିଲେ। ଯାହାହେଉ ଶେଷରେ ମୁଁ ମୋ ସ୍ଲିମ୍ ଟ୍ରିମ୍ ମିଶନରେ ସକସେସ ହୋଇଥିଲି।' ସୂଚନାଯୋଗ୍ୟ, ସଲମାନ-ସୋନାକ୍ଷୀ ଅଭିନୀତ ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।

## ବଲିଉଡ୍ ହାଲ୍‌ଚାଲ୍



ଜାହ୍ନବୀ

- 'ହେଲେନ୍' ସିନେମାର ହିନ୍ଦୀ ରିମେକ୍ ହେବାକୁ ଯାଉଛି। ଜାହ୍ନବୀ କପୁର ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ। ଉକ୍ତ ଫିଲ୍ମର ଶୁଟିଂ ଚଳିତ ବର୍ଷ ଜୁନ୍‌ରୁ ଆରମ୍ଭ ହେବାକୁ ଯାଉଛି।
- ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ନୂଆ ସିନେମାର ନାୟିକା ସାଜିବେ ମାନୁଷୀ ଚିଲ୍ଲାର। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଭିକି କୌଶଲ।
- ନିର୍ମାଣାଧୀନ ହିନ୍ଦୀ ସିନେମା 'ବଚ୍ଚନ ପାଣ୍ଡେ'ରେ ନିଜ ଭୂମିକା ଆଉ ଗେଟଅପ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅକ୍ଷୟ କୁମାର।
- 'ଏକ ଭିଲେନ୍ ରିଟର୍ନ୍‌ସ'ର ଶୁଟିଂ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ମୋହିତ ସୂରୀ। ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦିଶା ପଟାନି।
- 'ଆର୍ଥ'ର ରିମେକ୍ ଫିଲ୍ମରେ ବବି ଦେଓଲ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ରେବତୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରରେ ସ୍ୱରା ଭାସ୍କର ଏବଂ ଜ୍ୟାକଲିନ୍ ଫର୍ନାଡିଜ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ।
- ଆକ୍ଟିଂ ପରେ ମହେଶ ତନୟା ଆଲିୟା ଭଟ୍ଟ ଏବେ ଆଉ ଏକ ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଅର୍ଥାତ୍, ସେ ଏବେ ସିନେମା ପ୍ରଯୋଜନା କରିବେ। ତାଙ୍କର ହୋମ୍ ବ୍ୟାନର ନାମ ରହିଛି 'ଇଟରନାଲ ସନସାଇନ୍ ପ୍ରଡକ୍ସନ୍‌ସ'। ଖାସ୍ କଥା ହେଲା ଏହି ବ୍ୟାନରରେ ତାଙ୍କର ସହଯୋଗୀ ପ୍ରଯୋଜକ ରହିବେ ଶାହରୁଖ ଖାଁ।



ଅର୍ଚ୍ଚିତା-ସବ୍ୟସାଚୀ

# ତୋର ମୋର ଯୋଡ଼ି ସୁନ୍ଦର

କେତେବେଳେ ସେ ଥିଲେ ଅର୍ଚ୍ଚିତାଙ୍କ ପାଉଁଜି ପାଇଁ ପାଗଳ। ପୁଣି ତାଙ୍କ ପ୍ରେମରେ ପାଗଳ ହୋଇ ସାଜିଥିଲେ ସପନର ସୌଦାଗର। ପୁଣି ସେ କହୁଥିଲେ, 'କେବେ ତମେ ନାହଁ କେବେ ମୁଁ ନାହିଁ'। କାରଣ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ପାଗଳ ପ୍ରେମୀ ଭାବରେ। ହଁ, ଏସବୁ ଘଟଣାର ସଂଯୋଗ ରହିଛି ଓଡ଼ିଆ ସିନେମାର ଅନ୍ୟତମ ଲୋକପ୍ରିୟ ଯୋଡ଼ି ସବ୍ୟସାଚୀ-ଅର୍ଚ୍ଚିତାଙ୍କର ରିଲ୍ ଲାଇଫ ସହ। ପରଦା ଉପରେ ଦୁହେଁ ଦର୍ଶକଙ୍କ ମନକୁ କେତେ ଜିଣିଛନ୍ତି ତାହା କହିବା ବାହୁଲ୍ୟ। ଆଉ ନିକଟରେ ସମସ୍ତଙ୍କୁ ଚକିତ କରି ଦୁହେଁ ସତସତିକା ସ୍ୱାମୀ-ସ୍ତ୍ରୀ ସାଜିଛନ୍ତି। କିଛି ଦିନ ପୂର୍ବେ ଏହି ଯୋଡ଼ି ରାଜସ୍ଥାନରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ନିଜର ନୂଆ ଜୀବନ ଆରମ୍ଭ କରିବା ଅବସରରେ ସବ୍ୟସାଚୀ କହନ୍ତି, 'ମୋ ପ୍ରଶଂସକ ଏବଂ ଶୁଭେଚ୍ଛୁଙ୍କୁ ସର୍‌ପ୍ରାଇଜ ଦେବାକୁ ଭାବିଥିଲି। କାରଣ ସେମାନଙ୍କର ଭଲ ପାଇବା ନିକଟରେ ମୁଁ ସବୁଦିନ ପାଇଁ ଋଣୀ ହୋଇ ରହିବି। ପୂର୍ବରୁ ଦୁହେଁ କ୍ୟାମେରା ସାମ୍ନାରେ ଆକ୍ଟିଂ କରୁଥିଲୁ। ଏବେ ରିୟଲ ଜୀବନର ଆରମ୍ଭ। ମୋର ଆଶା ସମସ୍ତଙ୍କ ଆଶୀର୍ବାଦ ବଳରେ ଆମ ବୈବାହିକ ଜୀବନ ଖୁସିରେ କଟିବ। ଅର୍ଚ୍ଚିତାଙ୍କୁ ସ୍ତ୍ରୀ ରୂପେ ପାଇ ମୁଁ କେତେ ଖୁସି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ତାଙ୍କୁ ଏତିକି କହିବି 'ତୋର ମୋର ଯୋଡ଼ି ସୁନ୍ଦର' ଆଉ ତୁମ ଖୁସିରେ ମୋ ଖୁସି।' ସୂଚନାଯୋଗ୍ୟ, ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଓ ମାଇ ଲଭ୍'ରୁ ଅର୍ଚ୍ଚିତା ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ବେଳେ ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ପାଗଳ ପ୍ରେମୀ'ରୁ ଓଡ଼ିଆ ସିନେମାରେ ଏଣ୍ଟ୍ରି କରିଥିଲେ ସବ୍ୟସାଚୀ।



ସୋନାକ୍ଷୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଗୁରୁବାର, ମାର୍ଚ୍ଚ ୪/୨୦୨୧ Berhampur, Thursday, March 4/ 2021

# ମନ ଜିତିଲେ ସ୍ନୋ ଗର୍ଲ

**ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)**

ଜମ୍ମୁ କଶ୍ମୀରର ଗୁଲମାର୍ଗରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ମନ ଜିତିଛନ୍ତି ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା। ଫେବୃୟାରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ରଞ୍ଜିତା ଆଲ୍‌ପାଇନ୍ ସ୍କି'ର ସାଲାଲମ ଓ ଜ୍ୟାଣ୍ଟ ସାଲାଲମ ବିଭାଗରେ ଭାଗ ନେଇଥିଲେ। ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ

**ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ା**

(ଆଇଟିବିପି) ଓ ଆର୍ମିର ପ୍ରଶିକ୍ଷିତ ପ୍ରତିଯୋଗୀଙ୍କ ଉପସ୍ଥିତିରେ ରଞ୍ଜିତା ଯଦିଓ ପଦକ ହାସଲ କରିପାରି ନ ଥିଲେ ତେବେ ଉପସ୍ଥିତ ସ୍ନୋ ସ୍କିୟର୍ସ ଏବଂ ଅଲିମ୍ପିଆନଙ୍କ ଦୃଷ୍ଟିଆକର୍ଷଣ କରିପାରିଥିଲେ। ଓଡ଼ିଶା ଭଳି ବରଫବିହୀନ ରାଜ୍ୟରୁ ଆସି ଅନ୍ୟ ହିମପାତ ରାଜ୍ୟ ଖେଳାଳି ଏବଂ ଆଇଟିବିପି ଓ ଆର୍ମି ପ୍ରତିଯୋଗୀଙ୍କ ସହିତ ସମକକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିପାରିଥିବାରୁ ଉପସ୍ଥିତ ଦର୍ଶକ ଓ ସ୍ନୋ ସ୍କିୟର୍ସମାନେ ରଞ୍ଜିତାଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ।

ଗୁଲମାର୍ଗର 'ମେରି ସୋଲ୍ଡର' ବିପଦପୂର୍ଣ୍ଣ ବରଫ ଖସଡ଼ାରୁ ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ସ୍କି କରି ସମସ୍ତ ପ୍ରତିବନ୍ଧକ (ଗେଟ୍)କୁ ଅନାୟାସରେ ଅତିକ୍ରମ କରି ରଞ୍ଜିତା ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ। ପ୍ରତିଯୋଗିତା ସମୟରେ ସେ ଦକ୍ଷତା ଓ ସାହସର ପରିଚୟ ଦେଇଥିଲେ। ରଞ୍ଜିତାଙ୍କ ପ୍ରଦର୍ଶନରେ ଖୁବ୍ ପ୍ରଭାବିତ ହୋଇଥିଲେ ଆଇଟିବିପିର ମୁଖ୍ୟ କୋଚ୍ ନାନକ ଚାନ୍ଦ ଠାକୁର। "ଯେଉଁ ରାଜ୍ୟରେ ବରଫ ଦେଖିବା ସ୍ୱପ୍ନ ସେଠାରୁ ଆସି ରଞ୍ଜିତା ଅତି ସୁନ୍ଦରଭାବେ ସ୍କି କରିଛନ୍ତି। ଏହାକୁ ସହଜରେ ବିଶ୍ୱାସ କରିହେଉନି। ଯଦି ରଞ୍ଜିତା ଚାହିଁବେ ତେବେ ଆଗାମୀ ଦିନରେ ଆଇଟିବିପି ପକ୍ଷରୁ ତାଙ୍କ ଟ୍ରେନିଂର ସମସ୍ତ ସୁବିଧା ଯୋଗାଇ ଦିଆଯିବାକୁ ପଦକ୍ଷେପ ନିଆଯିବ" ବୋଲି ଠାକୁର କହିଛନ୍ତି। ଓଡ଼ିଶା ସରକାର ରଞ୍ଜିତାଙ୍କ ଖେଳର ଉନ୍ନତି ପାଇଁ ନେଉଥିବା ପଦକ୍ଷେପକୁ ସେଠାରେ ଉପସ୍ଥିତ ଥିବା ଅଲିମ୍ପିଆନ ଚୁନିଲାଲ ଠାକୁର ଓ ହୀରାଲାଲ ପ୍ରମୁଖ ପ୍ରଶଂସା କରିଥିଲେ। ଏଥିପାଇଁ ଓଡ଼ିଶାକୁ ସ୍କି ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ମିଳିପାରିଛି ବୋଲି କହିଥିଲେ। ଆଲ୍‌ପାଇନ୍ ସ୍କି'ର ସାଲାଲମ ଓ ଜ୍ୟାଣ୍ଟ ସାଲାଲମ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ଆଞ୍ଚଲ ଠାକୁର ମଧ୍ୟ ରଞ୍ଜିତାଙ୍କ ପ୍ରଶଂସାରେ ଶତମୁଖ। "ଆମେ ଭାବିଥିଲୁ ରଞ୍ଜିତା ମଝିରେ ପଡ଼ିଯାଇ ବାହାରିଯାଇ ପାରନ୍ତି, ମାତ୍ର ସେ ଅତି ସୁନ୍ଦରଭାବେ ପ୍ରତିଯୋଗିତା ଶେଷ କରିପାରିଲେ। ଏହା ଆମକୁ ବିସ୍ମିତ କରିଥିଲା' ବୋଲି ଆଞ୍ଚଲ କହିଛନ୍ତି।

ଓଡ଼ିଶା ଭଳି ବରଫବିହୀନ ରାଜ୍ୟରେ ଜନ୍ମ ନେଇଥିଲେ ହେଁ ଏହି ଗେମ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ସେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବେ ବୋଲି ପ୍ରକାଶ କରିଛନ୍ତି। ଇସ୍ପାତ ସହର ରାଉରକେଲାର ରଞ୍ଜିତାଙ୍କ ମା' ଅନ୍ନପୂର୍ଣ୍ଣା ବେହେରା ଏବଂ ପିତା ରଘୁନାଥ ବେହେରା। ରଞ୍ଜିତା ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଜଣେ ସି-ସାର୍ଟିଫିକେଟଧାରୀ ମଧ୍ୟ। ପ୍ରକାଶ ଯୋଗ୍ୟ ଯେ, ଦୁଃସାହସିକ କ୍ରୀଡ଼ାପ୍ରତି ପ୍ରବଳ ଆଗ୍ରହ ରଞ୍ଜିତାଙ୍କୁ ଗ୍ରାଜୁଏଶନପରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ଟ୍ରେନିଂ ପାଇଁ ପ୍ରେରୀତ କରିଥିଲା। ୨୦୧୬ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଥମ ବିଜୁପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନରେ ରୁଦୁଗାଇରା ପର୍ବତାରୋହଣ କରିଥିବା ଅଭିଯାତ୍ରୀଙ୍କ ମଧ୍ୟରେ ରଞ୍ଜିତା ସାମିଲ ଥିଲେ। ଏଥିରେ ସେ ଭାରତୀୟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମାଉଣ୍ଟେନେରିଂ ଓ ସ୍ନୋ ସ୍କିଂ ପାଇଁ ଉଦ୍ଦିଷ୍ଟ କୋର୍ସକୁ ସଫଳତାର ସହ ଶେଷ କରିଥିଲେ। ଏହା ବ୍ୟତୀତ ସେ ହିମାଳୟରେ ଥିବା ଆମେରିକାର ସମ୍ମାନଜନକ ନ୍ୟାଶନାଲ ଆଉଟଡୋର ଲିଡରଶିପ୍ ସ୍କୁଲ ଟ୍ରେନିଂ ଆରେନାରେ ଟ୍ରିପ ଇଣ୍ଡିଆ ଲିଡର ଏବଂ ୱାଇଲ୍ଡରନେସ ଫାର୍ଷ୍ଟ ରେସ୍ପଣ୍ଡର କୋର୍ସ କରିଥିଲେ।



ଆଇଟିବିପି ମୁଖ୍ୟ କୋଚ୍ ନାନକ ଚାନ୍ଦ ଠାକୁର ଓ ବିଜେନ୍ଦ୍ର ସିଂଙ୍କ ସହ ରଞ୍ଜିତା।

## ପ୍ରତିଯୋଗିତା ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା

**▶ ଅଭିଜ୍ଞତା କିପରି ରହିଲା**

▶▶ ଅନେକ କିଛି ଶିଖିବାକୁ ମିଳିଲା। ପ୍ରଥମ ଥର ପାଇଁ ଏପରି ଏକ ବଡ଼ ପ୍ରତିଯୋଗିତାରେ ଭାଗନେଲି। କେବଳ ଯେ ଭାଗନେଲି ତା' ନୁହେଁ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳତାର ସହ ଶେଷ ମଧ୍ୟ କରିଥିଲି। ପଦକ ହାସଲ କରିପାରି ନ ଥିଲେ ହେଁ ମୋ ପ୍ରଦର୍ଶନକୁ ଅନେକ ପ୍ରଶଂସା କରିଛନ୍ତି। ଏହା ମୋତେ ଖୁବ୍ ଉତ୍ସାହିତ କରିଛି। ଆଗାମୀ ଦିନରେ ଏହା ନିଶ୍ଚିତ କାମଦେବ।

**▶ କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା**

▶▶ ପ୍ରତିଯୋଗିତାରେ ୨୦-୨୧ ବର୍ଷର ଅଭିଜ୍ଞସମ୍ପନ୍ନ ପ୍ରତିଯୋଗୀ ଥିଲେ। ସେମାନଙ୍କ ମଧ୍ୟରେ କେତେକ ଅଲିମ୍ପିକ୍ସରେ ଭାଗନେଇ ସାରିଥିଲେ ତ ଆଉ କେତେକ ବାହାର ପରିବେଶରେ ଟ୍ରେନିଂ ନେଇ ନିଜକୁ ପ୍ରସ୍ତୁତ କରିଥିଲେ। ତେଣୁ ପ୍ରତିଯୋଗିତା ବହୁତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ତେବେ ସେମାନଙ୍କ ସମକକ୍ଷ ପ୍ରଦର୍ଶନ କରିପାରିଥିବାରୁ ବିଶେଷ କରି ଟାଇମିଂରେ ମୁଁ ବହୁତ ଖୁସି।

**▶ ପ୍ରସ୍ତୁତି କେମିତି ରହିଥିଲା**

▶▶ ମୁଁ ୨୦୧୮ ଜାନୁୟାରୀରୁ ସ୍ନୋ ସ୍ପୋର୍ଟ୍ସ ପ୍ରତି ଆଗ୍ରହୀ ହୋଇଥିଲି ଏବଂ ଏଥିପାଇଁ ଅଭ୍ୟାସ ଆରମ୍ଭ କରିଥିଲି। ପ୍ରତିଯୋଗିତାର ଏକମାସ ପୂର୍ବରୁ ମୁଁ କଶ୍ମୀରରେ ଅଭ୍ୟାସକୁ ଜୋରଦାର କରିଥିଲି।

**▶ ସ୍ନୋ ସ୍ପୋର୍ଟ୍ସ ପ୍ରତି ଆଗ୍ରହ କେମିତି**

▶▶ ମୁଁ ଦୁଃସାହସିକ କ୍ରୀଡ଼ାକୁ ଭଲପାଏ। ପୂର୍ବରୁ ପର୍ବତାରୋହଣ କରିଥିବାରୁ ଥଣ୍ଡା ପରିବେଶ ସହିତ ଅଭ୍ୟସ୍ତ ଥିଲି। ଆଡ୍‌ଭେଞ୍ଚର ସ୍ପୋର୍ଟ୍ସରେ ପୁରସ୍କାର ପାଇବା ପରେ ମୁଁ ସ୍ନୋ ସ୍ପୋର୍ଟ୍ସ ପ୍ରତି ଆକର୍ଷିତ ହୋଇଥିଲି। ଗୁରୁ ସୁଶାନ୍ତ ଦାସଙ୍କ ମାର୍ଗଦର୍ଶନରେ ଆଗକୁ ବଢ଼ିଲି।

**▶ ସଫଳତାର ଶ୍ରେୟ କାହାକୁ ଦେବେ**

▶▶ ପ୍ରଥମତଃ ମା'ବାପା ଏବଂ ଗୁରୁ ସୁଶାନ୍ତ ଦାସ। ଏହା ବ୍ୟତୀତ ଜମ୍ମୁକଶ୍ମୀରସ୍ଥିତ ଜବାହର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନରିଂ ଆଣ୍ଡ ୱିଣ୍ଟର ସ୍ପୋର୍ଟ୍ସ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କୁ ମୁଁ ସଫଳତାର ଶ୍ରେୟ ଦେବାକୁ ଚାହିଁବି। ଏହା ଏକ ବ୍ୟୟବହୁଳ କ୍ରୀଡ଼ା। ରାଜ୍ୟ ସରକାରଙ୍କ ସହଯୋଗରେ ମୁଁ ଖେଲୋ ଇଣ୍ଡିଆ ଗେମ୍ସରେ ଭାଗନେଇ ପାରିଥିଲି।

**-ତପନ ସ୍ୱାଇଁ**



ପ୍ରତିଯୋଗିତା ଅବସରରେ ରଞ୍ଜିତା ବେହେରା।

# ଯଶୋଦାଙ୍କ ଡବଲ ଗୋଲ: ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ



ଦୁଇ ଅଧିନାୟିକା ସତ୍ୟବତୀ ଖାଡ଼ିଆ ଓ ବନ୍ୟା କବିରାଜଙ୍କ ମଧ୍ୟରେ ବଲ୍ ପାଇଁ ଲଢ଼େଇ।

**ଭୁବନେଶ୍ୱର,୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟ୍‌ବଲରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୩-୨ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ରାଇଜିଂ ତରଫରୁ ଯଶୋଦା ମୁଣ୍ଡା ୧୭ ଓ ୬୭ତମ ମିନିଟ୍‌ରେ ୨ଟି ଗୋଲ ସ୍କୋର କରିଥିଲେ। ତୃତୀୟ

**ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ**

ମିନିଟ୍‌ରେ ସୁଭଦ୍ରା ସାହୁ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ସ୍ପୋର୍ଟ୍ସ ହଷ୍ଟେଲ ତରଫରୁ ଗୀତା କିଷାନ ପଞ୍ଚମ ଓ ବନ୍ୟା କବିରାଜ ୨୬ ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦୁର୍ଗାମାଧମ ଆଚାର୍ଯ୍ୟ, ସୁଲତାନା ପରବୀନ, ଚନ୍ଦ୍ରକାନ୍ତ ବାରିକ, ବିଚିତ୍ର ପ୍ରଧାନ, ଦୁର୍ଗାମାଧବ ନାଏକ ଓ ସୁଦୀପ୍ତା ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ଗୁରୁବାର କ୍ୟାପିଟାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ପୋଲିସ ଓ ସାଇ ଏସ୍‌ଟିସି ପରସ୍ପରକୁ ଭେଟିବେ।

# ଭୁବନେଶ୍ୱର ଜୁନିୟର ଆନ୍ତଃକ୍ଲବ କ୍ରିକେଟ ଲିଗ୍

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଗୁରୁବାରଠାରୁ ଭୁବନେଶ୍ୱର ଜୁନିୟର ଆନ୍ତଃକ୍ଲବ କ୍ରିକେଟ ଲିଗ୍ ଆରମ୍ଭ ହେବ। ମ୍ୟାଚ ଗୁଡ଼ିକ ପାରାମାଉଣ୍ଟ ଓ ଟାଉନ୍ କ୍ଲବ ପଡ଼ିଆରେ ଖେଳାଯିବ। ଏଥିରେ ଭୁବନେଶ୍ୱରର ୧୫ଟି କ୍ଲବ ଅଂଶଗ୍ରହଣ କରିବେ। ମ୍ୟାଚ ଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ପ୍ରଗତି, ସହିଦ ସ୍ପୋର୍ଟିଂ, ଟାଉନ୍ କ୍ଲବ, ମହାରାଜା, କିଶୋର କ୍ଲବ, ରେଡ ଷ୍ଟାର, ଓସ୍କାର, ପାରାମାଉଣ୍ଟ, ରାମେଶ୍ୱର, ଏମସିସି, ଜାଗୃତି, ଶେଖର, ଏସିଏ, ବିବିସିଏ ଓ ଗ୍ରୀନ୍ସ କ୍ଲବ।




# ଜାତୀୟ ସିନିୟର ଭଲିବଲ: ପହଞ୍ଚିଲେ ୨୧ ଦଳ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)**

- କିଟ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୫ରୁ ହେବ ପ୍ରତିଯୋଗିତା
- କ୍ରମାଗତ ଦୁଇଥର ଆୟୋଜନ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ
- କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ

ରାଜ୍ୟ ଭଲିବଲ ପାଇଁ ଆଉ ଏକ ଖୁସି ଖବର। କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୬୯ତମ ଜାତୀୟ ସିନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଚଳିତ ମାସ ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଭଲିବଲ ଇତିହାସରେ ପ୍ରଥମ ଥର ଲାଗି ଓଡ଼ିଶାରେ କ୍ରମାଗତ ଦୁଇଥର ଏହି ଚାମ୍ପିୟନଶିପ୍ ହେବାକୁ ଯାଉଛି। ୬୮ତମ ଜାତୀୟ ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ମଧ୍ୟ ଗତବର୍ଷ କିଟ୍‌ରେ ଆୟୋଜନ କରାଯାଇଥିଲା। ଏଥର ଚାମ୍ପିୟନଶିପ୍‌ର ସମସ୍ତ ମ୍ୟାଚ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ କୋର୍ଟରେ ଅନୁଷ୍ଠିତ ହେବ। ଏହାର ସମସ୍ତ ମ୍ୟାଚ ସିଧା ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୨୦୦୯ରେ ୩୬ତମ ଜାତୀୟ ଭଲିବଲ୍ ଚାମ୍ପିୟନଶିପ, ୨୦୧୯ରେ ୪୧ତମ ସବ୍‌ଜୁନିୟର ଓ ଗତବର୍ଷ ୬୮ତମ ଜାତୀୟ ସିନିୟର ଆଦି ୩ଟି ଗୁରୁତ୍ୱପୂର୍ଣ୍ଣ ଭଲିବଲ ଚାମ୍ପିୟନଶିପ୍ ଆୟୋଜନ କରିବାର ସୁଯୋଗ ପାଇଥିଲା ଓଡ଼ିଶା।

ଆଗାମୀ ଜାତୀୟ ସିନିୟର ଭଲିବଲରେ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳରୁ ୧୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଖେଳାଳି ଯୋଗଦେବେ। ଏଥିରେ ବହୁ ଅର୍ଜ୍ଜୁନ ପୁରସ୍କାର ବିଜେତା ଏବଂ ଜାତୀୟ ଓ ଆନ୍ତର୍ଜାତିକ ଖେଳାଳି ମଧ୍ୟ ସାମିଲ ରହିବେ। ଏହି ସମ୍ମାନଜନକ ପ୍ରତିଯୋଗିତାରୁ ଏସିଆନ ଭଲିବଲ ଚାମ୍ପିୟନଶିପ୍ ଓ ଅନ୍ୟ ଅନ୍ତର୍ଜାତୀୟ ମିଟ୍ ପାଇଁ ଖେଳାଳି ଚୟନ କରାଯିବ। ଭାରତୀୟ ଭଲିବଲ୍ ଦଳର କୋଚ ଅର୍ଜ୍ଜୁନ ପୁରସ୍କାର ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଜି. ଇ. ଶ୍ରୀଧରନ, ଅର୍ଜ୍ଜୁନ ପୁରସ୍କାର ବିଜେତା ଡ. ଦଲେଲ୍ ସିଂ ଓ ଡ. ଜଗିର ସିଂ ରନ୍ଧୱା ଆଦିଙ୍କୁ ନେଇ ଗଠନ କରାଯାଇଥିବା ପୁରୁଷ ଭଲିବଲ ଚୟନ କମିଟି ଖେଳାଳି ଚୟନ କରିବେ। ସେହିପରି ଭାରତୀୟ ମହିଳା ଭଲିବଲ ଚୟନ କମିଟିରେ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆର ଅଜୟ ଜଙ୍ଗରା, ଦଲଜିତ ସିଂ ଓ ଭାରତୀୟ ଭଲିବଲ ମହିଳା ଦଳର କୋଚ ବୈଶାଳୀ ଫଡତାରେ ପ୍ରମୁଖ ସଦସ୍ୟ ରହିଛନ୍ତି। ଦ୍ରୋଣାଚାର୍ଯ୍ୟ ତଥା ଅର୍ଜ୍ଜୁନ ପୁରସ୍କାର ବିଜେତା ପ୍ରକାଶ ରାୟ ଏବଂ ଏ. ରାମନ୍ନା ରାଓ ଉଭୟ ଚୟନ କମିଟିର ସଂଯୋଜକ ଅଛନ୍ତି। ଚାମ୍ପିୟନଶିପ୍ ସମୟରେ ଓଡ଼ିଶା ସରକାରଙ୍କ କୋଭିଡ୍ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବ। ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଅନୁମତି କ୍ରମେ ଜମ୍ମୁ ଓ କଶ୍ମୀରର ଲଦାଖ ଦଳ ପ୍ରଥମର ଥର ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ୬୯ତମ ଜାତୀୟ ସିନିୟର ଭଲିବଲ ଆୟୋଜନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ସୁଯୋଗ ଦେଇଥିବାରୁ ଅଚ୍ୟୁତ ଭିଏଫ୍‌ଆଇକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସମସ୍ତ ଖେଳାଳି, କୋଚ ଓ ଅଫିସିଆଲ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ବୁଧବାର ସନ୍ଧ୍ୟା ସୁଦ୍ଧା ୨୧ଟି ମହିଳା ଓ ପୁରୁଷ ଦଳ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଗୁରୁବାର ସୁଦ୍ଧା ଅନ୍ୟ ସବୁଦଳ ପହଞ୍ଚିଯିବେ ବୋଲି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି।



ଜାତୀୟ ସିନିୟର ଭଲିବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ମହିଳା ଓ ପୁରୁଷ ଦଳ କର୍ମକର୍ତ୍ତାଙ୍କ ସହ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ